# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, December 14/2023 | Page 16 | ₹ 7.00

୫୦ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 21 | ମୂଲ୍ୟ₹୭/-





# ଟୀରନ୍ଦାଜ, ସ୍ପୋର୍ଟ କ୍ଲାଇମ୍ବିଂ ପାଇଁ ଏଚ୍‌ପିସି



ଭୁବନେଶ୍ୱର, ୧୩।୧୨ (ଅନିଲ ଦାସ)

ଟୀରନ୍ଦାଜ ଏବଂ ସ୍ପୋର୍ଟ କ୍ଲାଇମ୍ବିଂ ପାଇଁ ଭୁବନେଶ୍ୱରରେ ଟାଟା ଷ୍ଟିଲ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି) ସ୍ଥାପନ କରିବ। ଏ ନେଇ ବୁଧବାର ନବୀନ ନିବାସଠାରେ ରାଜ୍ୟ ସରକାର ଏବଂ ଟାଟା ଷ୍ଟିଲ ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା ଏବଂ କର୍ପୋରେଟ୍ ସର୍ଭିସେସ୍ ଟାଟା ଷ୍ଟିଲ ଲିମିଟେଡ୍ ଓ ଟାଟା ଷ୍ଟିଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନର ଅଧ୍ୟକ୍ଷ ଚାଣକ୍ୟ ଚୌଧାରୀ ଉକ୍ତ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତରେ ଟୀରନ୍ଦାଜ ହେଉଛି ଏକ ପୁରାତନ ପାରମ୍ପରିକ ଖେଳ। ଏହାକୁ ଆମେ ଟାଟା ଷ୍ଟିଲ ସହଭାଗିତାରେ ପ୍ରୋତ୍ସାହିତ କରିବୁ। ରାଜ୍ୟର ଆଦିବାସୀ ପିଲାମାନଙ୍କ ମଧ୍ୟରେ ଟୀରନ୍ଦାଜର ବହୁ ପ୍ରତିଭା ଅଛନ୍ତି। ଏହି ସେଣ୍ଟର ବହୁ ଚାମ୍ପିୟନ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଟାଟା ଷ୍ଟିଲ ସହିତ ସହଭାଗିତାରେ ଏହି

**■ ଟାଟା ଷ୍ଟିଲ, କ୍ରୀଡ଼ା ବିଭାଗ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର**
**■ ପୁରାତନ ପାରମ୍ପରିକ କ୍ରୀଡ଼ାକୁ ମିଳିବ ପ୍ରୋତ୍ସାହନ: ମୁଖ୍ୟମନ୍ତ୍ରୀ**

ପ୍ରଚେଷ୍ଟା କରାଯାଉଥିବାରୁ ଖୁସି ଅନୁଭବ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଟାଟା ଷ୍ଟିଲ ପକ୍ଷରୁ ସ୍ଥାପନ କରାଯାଇଥିବା ହକି ହାଇ ପରଫରମାନ୍ସ ସେଣ୍ଟର ଉଦାହରଣ ସୃଷ୍ଟି କରିବା ସହ ଉତ୍ସାହପ୍ରଦ ସଫଳତା ହାସଲ ଦିଗରେ ସହାୟତା କରିଛି। ଦେଶ ଓ ରାଜ୍ୟରେ ଟୀରନ୍ଦାଜ ଏବଂ ସ୍ପୋର୍ଟ କ୍ଲାଇମ୍ବିଂ କ୍ଷେତ୍ରରେ ବୃହତ୍ ସୁଯୋଗ ରହିଛି। ଏଚ୍‌ପିସି ସ୍ଥାପନ ଦ୍ୱାରା ଉକ୍ତ ବିଭାଗରେ ଖେଳାଳିମାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଆମେ ଅବଦାନ ରଖିପାରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ସେଣ୍ଟରରେ ଟୀରନ୍ଦାଜ, ସ୍ପୋର୍ଟ କ୍ଲାଇମ୍ବିଂ ସହିତ ଅଲିମ୍ପିକ୍ସ ଖେଳ ବିଷୟରେ ତାଲିମ ପ୍ରଦାନ କରାଯିବ। କ୍ରୀଡ଼ାବିତ୍‌ମାନଙ୍କୁ ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ତାଲିମ ଦେବା ପାଇଁ ଭୁବନେଶ୍ୱରଠାରେ ଓଡ଼ିଶା ଟାଟା ଟୀରନ୍ଦାଜ ଏକାଡେମୀ ଏବଂ ଓଡ଼ିଶା ଟାଟା ଷ୍ଟିଲ ଆଡ୍‌ଭେଞ୍ଚର ଫାଉଣ୍ଡେଶନ ସ୍ପୋର୍ଟ ଏକାଡେମୀ ସ୍ଥାପନ ହେବ। ଏଥିସହିତ ଉଭୟ ଏକାଡେମୀରେ ଟୀରନ୍ଦାଜ ପାଇଁ ଆଞ୍ଚଳିକ ବିକାଶ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏହି ଏଚ୍‌ପିସିରେ ଥିବା ବିଶେଷଜ୍ଞମାନଙ୍କ ଦ୍ୱାରା ଦକ୍ଷ ପ୍ରତିଭାଗୁଡ଼ିକୁ ଚିହ୍ନଟ କରାଯିବା ସହ ସେମାନଙ୍କୁ ଉତ୍ତମ ଭିତ୍ତିଭୂମି ଓ ତାଲିମ ସୁବିଧା ଯୋଗାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବେ। ଏହା ଆଶାୟୀ ଦକ୍ଷ କ୍ରୀଡ଼ାବିତ୍‌ମାନଙ୍କର ଆକାଂକ୍ଷା ପୂରଣ କରିବା ଦିଗରେ ଏକ ହବ୍ ଭଳି କାମ କରିବ। କ୍ରୀଡ଼ାବିତ୍‌ମାନେ ନିଜ ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଜରିଆରେ ଏଥିରେ ଜିମ୍‌ନାସିୟମ, ସୁଇମିଂପୁଲ ଏବଂ କଳିଙ୍ଗ ଷ୍ଟାଡିୟମରେ ଥିବା ଦେଶର ବୃହତ୍ ସାଇନ୍ସ ସେଣ୍ଟରର ମଧ୍ୟ ଉପଯୋଗ କରିପାରିବେ।

ଏହା ପୂର୍ବରୁ ହକି, ଫୁଟବଲ, ସୁଇମିଂ, ଆଥ୍‌ଲେଟିକ୍ସ, ଜିମ୍‌ନାଷ୍ଟିକ୍ସ, ସ୍ପୋର୍ଟ ସାଇନ୍ସ, ସୁଟିଂ, ୱେଟ୍‌ଲିଫ୍ଟିଂ ଭଳି ଅନେକ କ୍ରୀଡ଼ା ପାଇଁ କଳିଙ୍ଗ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଏଚ୍‌ପିସି ସ୍ଥାପନ କରାଯାଇଛି। ଏବେ ଟୀରନ୍ଦାଜ ଏବଂ ସ୍ପୋର୍ଟ କ୍ଲାଇମ୍ବିଂ ପାଇଁ ମଧ୍ୟ ସୁବିଧା ହୋଇପାରିବ।

## ରନ୍ଧନ ଗ୍ୟାସ୍ ସିଲିଣ୍ଡର ଫାଟି ଜଣେ ମୃତ

ଢେଙ୍କାନାଳ, ୧୩।୧୨ (ରତନ ନାୟାର)

ଢେଙ୍କାନାଳ ସହର ୩ନଂ. ୱାର୍ଡ କୁଞ୍ଜକାନ୍ତ ଅଞ୍ଚଳରେ ବୁଧବାର ରାତିରେ ରୋଷେଇ ବେଳେ ୨ଟି ରନ୍ଧନ ଗ୍ୟାସ ସିଲିଣ୍ଡର ଫାଟିବାରୁ ଭଡ଼ା ଘରେ ରହୁଥିବା ବୀମା କମ୍ପାନୀ ଏଜେଣ୍ଟ ଶମ୍ଭୁ ପ୍ରସାଦ ରଥ (୫୬)ଙ୍କ ମୃତ୍ୟୁ ହୋଇଛି। ଏଥିସହ ଶମ୍ଭୁ ପ୍ରସାଦଙ୍କ ଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗ୍ୟାସ୍ ଲିକ୍ କାରଣରୁ ଏପରି ଦୁର୍ଘଟଣା ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି।

## ଛାତ୍ରୀଙ୍କୁ ବଳାତ୍କାର ଘଟଣା: କଲେଜ ଅଧ୍ୟକ୍ଷ ଫେରାର

ଜୟପୁର, ୧୩।୧୨ (ପବନ ପାଣିଗ୍ରାହୀ)

ଜୟପୁର ସହରର ଏକ ଘରୋଇ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ ପଟ୍ଟନାୟକ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ମଙ୍ଗଳବାର ବଳାତ୍କାର କରିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏହାପରେ ଅଧ୍ୟକ୍ଷ ପଟ୍ଟନାୟକ ଫେରାର ହୋଇଯାଇଛନ୍ତି। ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ରହିବା ସହ ସେ ଘରେ ନ ଥିବା ସୂଚନା ମିଳିଛି। ଛାତ୍ରୀଙ୍କ ଅଭିଯୋଗକ୍ରମେ ଆଇପିସି ଦଫା ୩୭୬(ସି)ରେ କେସ୍‌ନଂ. ୩୮୮/୨୩ ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## ଏମ୍‌ଭି-୬୭ରେ ଅଜଣା ଜନ୍ତୁ ଆତଙ୍କ: ୪୦ ଛେଳି, ମେଣ୍ଢା ମୃତ

କାଳିମେଳା, ୧୩।୧୨ (ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ କୋଇମେଟଲା ପଞ୍ଚାୟତ ଏମ୍‌ଭି-୬୭ ଗ୍ରାମରେ ଅଜଣା ଜନ୍ତୁ ଆତଙ୍କ ଦେଖାଦେଇଛି। ଗ୍ରାମର ଗୋଟିଏ ରାତିରେ ୨ଜଣ ଚାଷୀ ସୁନୀଲ ହାଲ୍‌ଦାର ଓ ଅସିତ ବାରିକଙ୍କ ୪୦ରୁ ଊର୍ଦ୍ଧ୍ୱ ଛେଳି ଓ ମେଣ୍ଢାକୁ ମାରିଦେଇଛି। କେତେକ ଛେଳିମେଣ୍ଢାଙ୍କ ଅଧାଖିଆ ମୃତଦେହ ଛାଡ଼ି ଚାଲିଯାଇଛି।

# ୭୨ ଘଣ୍ଟା ଏସ୍‌ଏନ୍‌ସିୟୁରେ ରହିବ ଶିଶୁକନ୍ୟା

**ବୋର୍‌ୱେଲରୁ ଉଦ୍ଧାର ହୋଇଥିଲା**
**ପୋଲିସ ନିଜ ଆଡୁ ରୁଜୁକଲା ମାମଲା**

ସମ୍ବଲପୁର/ରେଙ୍ଗାଲି, ୧୩।୧୨
(ପ୍ରମୋଦ ବହିଦାର/ ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଲାରିପାଲି ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବୋରୱେଲ ମଧ୍ୟରୁ ମଙ୍ଗଳବାର ରାତିରେ ଉଦ୍ଧାର ହୋଇଥିବା ଶିଶୁକନ୍ୟାଟି ବର୍ତ୍ତମାନ ଭିମ୍‌ସାରରେ ଚିକିତ୍ସାଧୀନ ରହିଛି। ସ୍ୱତନ୍ତ୍ର ନବଜାତ ଶିଶୁ ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଶିଶୁକୁ ରଖାଯାଇ ଚିକିତ୍ସା କରାଯାଉଛି। ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡା. ସୁବାସ ଚନ୍ଦ୍ରଙ୍କ ନେତୃତ୍ୱରେ ଶିଶୁରୋଗ ବିଶେଷଜ୍ଞ, ଶିଶୁ ଅସ୍ତ୍ରଶଲ୍ୟ ବିଶେଷଜ୍ଞ, ସ୍ନାୟୁରୋଗ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ୫ ଜଣିଆ ଚିକିତ୍ସକ ଦଳ ଶିଶୁର ସ୍ୱାସ୍ଥ୍ୟ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାଏକ କହିଛନ୍ତ, ଶିଶୁକନ୍ୟାକୁ ମଙ୍ଗଳବାର ରାତିରେ ଅଣାଯିବାବେଳେ ତା'ର ଶରୀରର ଉତ୍ତାପ ସାଧାରଣଠାରୁ କମ୍ ରହିବା ସହ ସଂକ୍ରମଣରେ ଆକ୍ରାନ୍ତ ଥିଲା। ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଜନିତ କ୍ଷତ ରହିଛି। ୧୫ ଫୁଟ୍ ଉପରୁ ପଡ଼ିଥିବା ବେଳେ ତା'ର ଆଭ୍ୟନ୍ତରୀଣ କ୍ଷତକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ବର୍ତ୍ତମାନ ଶିଶୁକୁ କେବଳ ସାଲାଇନ୍ ଦିଆଯାଉଥିବା ବେଳେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବାରୁ ଅମ୍ଳଜାନ ସହାୟତାରେ ରଖାଯାଇଛି। ଶିଶୁକନ୍ୟାର ସ୍ୱାସ୍ଥ୍ୟରେ ବୁଧବାର ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଶିଶୁଟି ମାତ୍ର ୩୪ ସପ୍ତାହରେ ଅପରିପକ୍ୱ ଅବସ୍ଥାରେ ଜନ୍ମ ହୋଇଥିବା ବେଳେ ଓଜନ ୧ କେଜି ୬୦୦ ଗ୍ରାମ ରହିଛି। ତେଣୁ ସାଧାରଣ ଶିଶୁଠାରୁ ତା'ର ରୋଗ ପ୍ରତିଷେଧକ ଶକ୍ତି କମ୍। ଆଗକୁ ୩ରୁ ୪ ଦିନ ମଧ୍ୟରେ ଶିଶୁକନ୍ୟାର ଜଣ୍ଡିସ, ରକ୍ତ ସଂକ୍ରମଣ, ଖାଇବା ଓ ଶ୍ୱାସକ୍ରିୟା ଜନିତ ରୋଗ ଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସମ୍ଭାବନା ରହିଛି। ତେଣୁ ତାକୁ ଆହୁରି ୭୨ ଘଣ୍ଟା ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ରଖାଯିବ ବୋଲି ଡା. ନାଏକ କହିଛନ୍ତି। ଅନ୍ୟପକ୍ଷରେ ସଦର ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି, ରେଙ୍ଗାଲି ଥାନାରେ ଆଇପିସି ଦଫା ୩୦୭ରେ ପୋଲିସ ନିଜଆଡୁ ଏକ ମାମଲା (ନଂ.୨୪୭/୨୩) ରୁଜୁକରିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏହାକୁ ଗମ୍ଭୀରତାର ସହିତ ନିଆଯାଇଛି। ସେହି ଅନୁସାରେ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଲକ୍ଷ୍ମୀ ବସ୍ ପାଇଁ 'ୟୁପିଆଇ କ୍ୟୁଆର୍ କୋଡ୍' ଶୁଭାରମ୍ଭ

ଭୁବନେଶ୍ୱର, ୧୩।୧୨ (ସୁନିତ୍ ମିଶ୍ର)



ଲକ୍ଷ୍ମୀ ବସ୍‌ରେ ଯାତାୟାତ ବେଳେ କ୍ୟାଶ୍‌ଲେସ୍ ପେମେଣ୍ଟକୁ ପ୍ରୋତ୍ସାହନ ଦେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ 'ୟୁପିଆଇ କ୍ୟୁଆର୍ କୋଡ୍'ର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ସୁବିଧାରେ କ୍ୟୁଆର୍ କୋଡ୍ ସ୍କାନ୍‌କରି ଟଙ୍କା ଦେଇପାରିବେ। ଏହି ବ୍ୟବସ୍ଥାର ଶୁଭାରମ୍ଭ କରି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଓଏସ୍‌ଆର୍‌ଟିସିର ପଦକ୍ଷେପକୁ ପ୍ରଶଂସା କରିବା ସହ ଓଡ଼ିଶା ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ ବିକଶିତ ଏହି କ୍ୟୁଆର କୋଡ୍‌ର ବ୍ୟବହାର ଯାତ୍ରୀମାନଙ୍କ ଯାତାୟାତକୁ ସୁଗମ କରିବ ବୋଲି ପ୍ରକାଶ କରିଛନ୍ତି। ଓଏସ୍‌ଆର୍‌ଟିସି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ ପଟ୍ଟନାୟକ କହିଛନ୍ତି, 'ଲକ୍ଷ୍ମୀ କ୍ୟୁଆର୍ କୋଡ୍'ର ଶୁଭାରମ୍ଭ ସାର୍ବଜନୀନ ପରିବହନ ସେବା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଉଛି। ଜନସାଧାରଣଙ୍କୁ ସହଜ ଯାତ୍ରା ଅନୁଭୂତି ପାଇଁ ଡିଜିଟାଲ ସମାଧାନ ପଦ୍ଧତି ଗ୍ରହଣ ସହ ଏହା ଓଡ଼ିଶା ସରକାରଙ୍କ ୫- ଟି ରୂପାନ୍ତରଣ ଉପକ୍ରମ ସହ ସମ୍ପୂର୍ଣ୍ଣ ଭାବେ ଯୋଡ଼ିହୋଇଛି। ପରିବହନ କମିଶନର ଅମିତାଭ ଠାକୁର ଏହି ଅଭିନବ ପ୍ରୟାସ ଉପରେ ଗୁରୁତ୍ୱାରୋପକରି କହିଛନ୍ତି, ଓଏସ୍‌ଆର୍‌ଟିସି ଏବଂ ଏଚ୍‌ଡିଏଫ୍‌ସି ମଧ୍ୟରେ ଭାଗୀଦାରିତା ଏହି ପେମେଣ୍ଟ ପଦ୍ଧତିକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଲକ୍ଷ୍ମୀ କ୍ୟୁଆର୍ କୋଡ୍ ସାହାଯ୍ୟରେ ପେମେଣ୍ଟ ଦ୍ୱାରା ଯାତାୟାତ ଆହୁରି ସରଳ ହେବ। ଓଏସ୍‌ଆର୍‌ଟିସିର ସାଧାରଣ ସମ୍ପାଦକ ବିଶିକେସନ ଦେହୁରୀ ଧନ୍ୟବାଦ ଅର୍ପଣ କରିଛନ୍ତି।



ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪/୨୦୨୩ | Bhubaneswar, Thursday, December 14/2023 | ପୃଷ୍ଠା-୧

# ଭାଜପା ଏମ୍‌ପିଙ୍କ ପାସ୍‌ରେ ପଶିଲେ

ନୂଆଦିଲ୍ଲୀ,୧୩।୧୨

ବୁଧବାର ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ବର୍ଷପୂର୍ତ୍ତି ଦିନ ନବନିର୍ମିତ ସଂସଦ ଭବନର ସୁରକ୍ଷାରେ ବଡ଼ଧରଣର ବିଭ୍ରାଟ ପରିଲକ୍ଷିତ ହୋଇଛି। ମହୀଶୂରର ଭାଜପା ଏମ୍‌ପି ପ୍ରତାପ ସିମ୍ହାଙ୍କ ପାସ୍‌ରେ ଲୋକ ସଭାକୁ ପ୍ରବେଶ କରି ୨ ଜଣ ବିକ୍ଷୋଭକାରୀ ଆତଙ୍କ ଖେଳାଇଥିଲେ। ଲୋକ ସଭାର ଶୂନ୍ୟକାଳରେ ପବ୍ଲିକ୍ ଗ୍ୟାଲେରିରୁ ଉଭୟେ ହଠାତ୍ ଚାମ୍ବରକୁ ଡେଇଁ ଧାଇଁବାରେ ଲାଗିଲେ। ସେମାନେ କ୍ୟାନିଷ୍ଟର (ଡବା)ରୁ ହଳଦିଆ ଗ୍ୟାସ୍ ଛାଡ଼ିଥିଲେ। ଏଥିସହ ଚିତ୍କାର କରି ସ୍ଲୋଗାନ ଦେଇଥିଲେ 'ଏକଛତ୍ରବାଦ ଚଳିବ ନାହିଁ'। ଏମ୍‌ପିମାନେ ଉଭୟଙ୍କୁ କାବୁ କରିବା ପରେ ସୁରକ୍ଷା କର୍ମୀଙ୍କୁ ଜିମା ଦେଇଥିଲେ। ସମାନ ସମୟରେ ପାର୍ଲାମେଣ୍ଟ ପରିସର ବାହାରେ ଜଣେ ମହିଳା ଓ ଅନ୍ୟ ଜଣେ ଯୁବକ ଅନୁରୂପ ସ୍ଲୋଗାନ ଦେଇ ଗ୍ୟାସ୍ ଛାଡ଼ିଥିଲେ। ପୋଲିସ ୪ ଜଣଙ୍କୁ ଗିରଫ କରି ପଚରାଉଚରା କରୁଛି। ବାଚସ୍ପତି ଓମ୍ ବିର୍ଲା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏମ୍‌ପିମାନଙ୍କୁ ନେଇ ଜରୁରୀ ବୈଠକ କରିଛନ୍ତି।

୨ ବିକ୍ଷୋଭକାରୀ ଲୋକ ସଭାର ଡେସ୍କଗୁଡ଼ିକ ଉପରେ ଡେଇଁ 'ତାନାଶାହି ନେହିଁ ଚଲେଗା', 'ଭାରତ ମାତା କୀ ଜୟ' ଏବଂ 'ଜୟ ଭୀମ ଜୟ ଭାରତ' ସ୍ଲୋଗାନ ଉଠୁଥିବାବେଳେ ଆର୍‌ଏଲପି ସଦସ୍ୟ ହନୁମାନ ପ୍ରସାଦ ବେନିୱାଲ ଏବଂ ଅନ୍ୟ ଏମ୍‌ପିମାନେ ଉଭୟଙ୍କୁ ନିସ୍ଥୁକ ମାଡ଼ ମାରୁଥିବାବେଳର ଦୃଶ୍ୟ ଦେଖିବାକୁ ମିଳିଥିଲା। ଜେଡିୟୁ ସଦସ୍ୟ ରାମପ୍ରୀତ ମଣ୍ଡଳ କହିଥିଲେ, ବିକ୍ଷୋଭକାରୀ ଦ୍ୱୟ ନିଜ ଜୋତାରେ କ୍ୟାନିଷ୍ଟର ଆଣିଥିଲେ। ସେଥିରୁ ଦୁହେଁ ଲୋକ ସଭା ଚାମ୍ବରରେ ହଳଦିଆ ରଙ୍ଗର ଗ୍ୟାସ୍ ଛାଡ଼ିଥିଲେ। ଟିଏମ୍‌ସି ସଦସ୍ୟ ସୁଦୀପ ବନ୍ଦ୍ୟୋପାଧ୍ୟାୟ ଲୋକ ସଭାର ସୁରକ୍ଷାରେ ଏତେ ବଡ଼ ବିଭ୍ରାଟ କିପରି ହେଲା ବୋଲି ପ୍ରଶ୍ନ କରିଥିଲେ। କଂଗ୍ରେସର କାର୍ତ୍ତି ଚିଦାମ୍ବରମ୍ ଏହା ବିଷାକ୍ତ ଗ୍ୟାସ୍ ☞ପୃଷ୍ଠା–୨



୨ ବିକ୍ଷୋଭକାରୀ ବୁଧବାର ଲୋକ ସଭାରେ ପଶି କ୍ୟାନ୍‌ରୁ ଛାଡ଼ିଥିବା ହଳଦିଆ ଧୂଆଁ।

## ଗୁରୁଗ୍ରାମର ଭଡ଼ାଘରୁ ହୋଇଥିଲା ଯୋଜନା

ନୂଆଦିଲ୍ଲୀ,୧୩।୧୨

୨ ବିକ୍ଷୋଭକାରୀଙ୍କ ମଧ୍ୟରୁ ଡି. ମନୋରଞ୍ଜନ ମହୀଶୂର ଲୋକ ସଭା ନିର୍ବାଚନମଣ୍ଡଳୀର ବାସିନ୍ଦା। ସାଗର ଶର୍ମା ମନୋରଞ୍ଜନଙ୍କ ବନ୍ଧୁ ବୋଲି ଜଣାପଡ଼ିଛି। ଭାଜପା ଏମ୍‌ପି ପ୍ରତାପ ସିମ୍ହାଙ୍କ ଅନୁରୋଧ କ୍ରମେ ବୁଧବାର ୩ଟି ପାସ୍ ଜାରି କରାଯାଇଥିଲା। ଅନ୍ୟ ଜଣେ ମହିଳା ମଧ୍ୟ ଲୋକ ସଭାକୁ ଆସିଥିଲେ। ତେବେ ନିଜ ପିଲାକୁ ସାଙ୍ଗରେ ନେଇ ଆସିଥିବା ମହିଳାଙ୍କ ପାସ୍‌ରେ ତାଙ୍କ ନାମ ଉଲ୍ଲେଖ କରାଯାଇ ନ ଥିଲା। ଫଳରେ ସେ ଫେରିଯାଇଥିଲେ। ମନୋରଞ୍ଜନ ଏହି ପାସ୍ ପାଇବା ପାଇଁ ପ୍ରତାପଙ୍କ ଅଫିସରେ ୩ ମାସ ଧରି ଉଦ୍ୟମ କରିଆସୁଥିଲେ। ଏହି ଯୋଜନାବଦ୍ଧ କାଣ୍ଡରେ ମୋଟ ୬ ଜଣ ☞ପୃଷ୍ଠା–୨

# ଭିତର କଥା ବାହାରକୁ ନ ଯାଉ

ଭୁବନେଶ୍ୱର,୧୩।୧୨(ଅନିଲ ଦାସ)

୨୦୦୧ ଡିସେମ୍ବର ୧୩ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ୨୨ ବର୍ଷ ପରେ ବୁଧବାର ଲୋକ ସଭା ଭିତରେ ୨ ଜଣ ବ୍ୟକ୍ତି ଦର୍ଶକ ଗ୍ୟାଲେରିରୁ ଚାମ୍ବରକୁ ଡେଇଁ ଏମ୍‌ପିମାନଙ୍କ ଟେବୁଲ ଉପରେ ଚଢ଼ି ବାଚସ୍ପତିଙ୍କ ଆଡ଼କୁ ଯିବା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ମହୀଶୂରର ଭାଜପା ଏମ୍‌ପି ପ୍ରତାପ ସିମ୍ହା ଲୋକ ସଭା ଦର୍ଶକ ଗ୍ୟାଲେରି ପାଇଁ ବିକ୍ଷୋଭକାରୀଙ୍କୁ ପାସ୍ ଦେଇଥିଲେ। ପାର୍ଲାମେଣ୍ଟ ଭିତରକୁ ଯିବା ପୂର୍ବରୁ ଏମ୍‌ପିମାନଙ୍କୁ ଅନେକ ସୁରକ୍ଷା ବଳୟ ଦେଇ ଯିବାକୁ ପଡ଼ିଥାଏ। ଏପରିକି ଏମ୍‌ପିମାନଙ୍କୁ ଫୋନ୍, ଗାଡ଼ି ଚାବି ଆଦି ନେବା ଉପରେ ମଧ୍ୟ କଟକଣା ରହିଛି। ଏହାସତ୍ତ୍ୱେ ଗ୍ୟାଲେରି ପାସ୍ ପାଇଥିବା ଦୁଇଜଣ ବ୍ୟକ୍ତି ବିନାବାଧାରେ ପାର୍ଲାମେଣ୍ଟରେ ପ୍ରବେଶକରି ଲୋକ ସଭା ଚାମ୍ବରରେ କ୍ୟାନ୍‌ରୁ ହଳଦିଆ ଧୂଆଁ ବାହାର କରି ଆତଙ୍କ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି। ଏହାକୁ ନେଇ କେତେକ ପ୍ରଶ୍ନ ଉଠୁଛି। ଯଦି ସୁରକ୍ଷା ବ୍ୟବସ୍ଥା ଠିକ୍ ଥିଲା ତେବେ ଦର୍ଶକ ସାଜି ଯାଇଥିବା ଦୁଇ ବ୍ୟକ୍ତି ସାଙ୍ଗରେ ସ୍ମୋକ୍ କ୍ୟାନ୍ ନେଲେ କେମିତି। ସେହିପରି ଦେଶର ଗଣତନ୍ତ୍ର ବଞ୍ଚିଛି ଓ ପ୍ରତିବାଦ ମଧ୍ୟ ହେଉଛି ବୋଲି ସରକାର ଦର୍ଶାଇବାକୁ ଚାହିଁଲେ କି। ଏମିତି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଲାଣି। ସୁରକ୍ଷା ତ୍ରୁଟିକୁ ଏଡ଼ାଇ ଦର୍ଶକ ଗ୍ୟାଲେରି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହି କଟକଣା କେତେ ଦିନ ପାଇଁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଯଦି ସବୁଦିନ ପାଇଁ ହୋଇଥାଏ, ତେବେ ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ମାରାତ୍ମକ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ସଂସଦର ଉଭୟ ଭବନରେ ବିଭିନ୍ନ ପ୍ରସଙ୍ଗରେ ହେଉଥିବା ବିତର୍କ ଓ ଆଲୋଚନା ବାହାରକୁ ନ ଯାଉ ବୋଲି ସରକାର ଚାହୁଁଛନ୍ତି କି। ଲୋକଙ୍କ ମନରେ ଏଭଳି ପ୍ରଶ୍ନ ମଧ୍ୟ ଉଠିଲାଣି।

କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ପାର୍ଲମେଣ୍ଟ ଭିତରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଗମ୍ଭୀର ବିଷୟ। ଯେଉଁମାନେ ଏଭଳି କାଣ୍ଡ ଘଟାଇଲେ ଅନ୍ୟ କିଛି ବି କରି ପାରିଥାଆନ୍ତେ। ଭାଜପାର ମହୀଶୂର ଏମ୍‌ପି ଅନ୍ୟ ରାଜ୍ୟର ଲୋକଙ୍କୁ ପାସ୍ ଦେଲେ କିପରି, ତାହା ମଧ୍ୟ ମୁଁ ଜାଣିପାରୁନି। ସିକ୍ୟୁରିଟି ଯାଞ୍ଚ କରି ଛାଡ଼ିବା କଥା। ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ୩ଟି ଦ୍ୱାର ରହିଛି। ଗୋଟିଏ ଦ୍ୱାରରେ ପ୍ରଧାନମନ୍ତ୍ରୀ, ଅନ୍ୟ ଦ୍ୱାରରେ ବାଚସ୍ପତି ଓ ତୃତୀୟ ଦ୍ୱାର ଅନ୍ୟମାନଙ୍କ ପାଇଁ ରହିଛି। ତୃତୀୟ ଦ୍ୱାରରେ ଏତେ ଭିଡ଼ ହେଉଛି ଯେ ସିକ୍ୟୁରିଟି ଚେକ୍ ଠିକ୍‌ରେ ହୋଇପାରୁନାହିଁ। ତଦନ୍ତ ପରେ ଘଟଣା ବିଷୟରେ ଜଣାପଡ଼ିବ। ଦର୍ଶକ ଗ୍ୟାଲେରିକୁ ଯେଉଁମାନଙ୍କୁ ଛଡ଼ାଯାଉଛି, ସେମାନଙ୍କ ବ୍ୟାକ୍‌ଗ୍ରାଉଣ୍ଡ ଚେକ୍ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ୨୨ ବର୍ଷ ତଳେ ଆଜିର ଦିନରେ ପାର୍ଲାମେଣ୍ଟ ଉପରେ ☞ପୃଷ୍ଠା–୨

# ଫେବୃୟାରୀ ୨୦ରୁ ମାଟ୍ରିକ୍ ପରୀକ୍ଷା

**ପରୀକ୍ଷା ପରିଚାଳନାରେ ବ୍ୟବହାର ହେବ ଏଆଇ**

କଟକ, ୧୩।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚଳିତ ମାଟ୍ରିକ୍ ପରୀକ୍ଷା ୨୦୨୪ ଫେବୃୟାରୀ ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମୋଟ୍ ୫ ଲକ୍ଷ ୫୧ ହଜାର ୬୧୧ ଜଣ ଛାତ୍ରୀଛାତ୍ର ଏଥିପାଇଁ ଫର୍ମପୂରଣ କରିଛନ୍ତି। ୨୯୯୧ କେନ୍ଦ୍ରରେ ପରୀକ୍ଷା ହେବ। ପ୍ରଶ୍ନପତ୍ର ରଖିବା ନିମନ୍ତେ ୩୧୩ ନୋଡାଲ ସେଣ୍ଟର କରାଯିବ। ପରୀକ୍ଷା ସୁପରିଚାଳନା ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ପରୀକ୍ଷା ପ୍ରଥମ ଦିନ ୨୦ ତାରିଖରେ ମାତୃଭାଷା, ୨୩ରେ ଇଂଲିଶ, ୨୬ରେ ଗଣିତ, ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଓ ୪ ତାରିଖରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ହେବ। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

**ଏକାକୀ ବୃଦ୍ଧ**

# ରେଳ ପ୍ଲାଟ୍‌ଫର୍ମରେ ଭୁଶୁଡ଼ିଲା ପାଣିଟାଙ୍କି, ୩ ମୃତ

କୋଲକାତା,୧୩।୧୨(ପି.ଟି.)

ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳଷ୍ଟେଶନରେ ସଂଯୁକ୍ତ ହୋଇ ରହିଥିବା ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମ ଉପରେ ବୁଧବାର ଏକ ବୃହତ୍ ଓଭରହେଡ୍ ପାଣିଟାଙ୍କି ଭୁଶୁଡ଼ିପଡ଼ିବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ଘଟଣା ପରେ ଆହତମାନଙ୍କୁ ବର୍ଦ୍ଧମାନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କୁ ମଧ୍ୟରୁ ୨ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସୋନାରାମ ଟୁଡୁ, କାନ୍ତି ବାହାଦୁର ଏବଂ ମଫିଜା ଖାତୁନ। ଘଟଣାର କିଛି ସମୟରେ ଏକ ପାସେଞ୍ଜର ଟ୍ରେନ୍ ୨ ନମ୍ବର ପ୍ଲାଟ୍‌ଫର୍ମକୁ ଆସିବାକୁ ଥିବାରୁ ତୁରନ୍ତ ତାହାକୁ ଅନ୍ୟ ପ୍ଲାଟଫର୍ମକୁ ଦିଗ ପରିବର୍ତ୍ତନ କରାଯାଇଥିଲା। ଘଟଣାକୁ ନେଇ ରେଳୱେ ପକ୍ଷରୁ ୩ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଏହାସହ ୧, ୨ ଓ ୩ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ ଚଳାଚଳକୁ ବାତିଲ କରାଯାଇଛି।

ମୃତାହତଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଯାତ୍ରୀ। ସେମାନେ ଟ୍ରେନକୁ ଅପେକ୍ଷା କରି ପ୍ଲାଟ୍‌ଫର୍ମ ଶେଡ୍ ତଳେ ବସି ରହିଥିବାବେଳେ ଏହି ଅଘଟଣ ଘଟିଛି। ସାମାନ୍ୟ ଆହତଙ୍କୁ ଚିକିତ୍ସା କରାଯାଇ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ପୂର୍ବ ବର୍ଦ୍ଧମାନ ଜିଲା ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି। ରେଳୱେ ପକ୍ଷରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଏବଂ ସମାନ୍ୟ ଆହତଙ୍କ ନିମନ୍ତେ ୫ ହଜାର ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରାଯାଇଛି। ପଶ୍ଚିମବଙ୍ଗ ପୋଲିସର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଘଟଣାକୁ ନେଇ ଏକ ଏଫ୍‌ଆଇଆର୍ ରୁଜୁ ହେବା ସହ ଯଥାଶୀଘ୍ର ତଦନ୍ତ କରାଯିବ। ପୋଲିସ ଅଫିସରମାନେ ବର୍ଦ୍ଧମାନ ହସ୍ପିଟାଲରେ ଆହତମାନଙ୍କ ବୟାନ ରେକର୍ଡ କରୁଥିବା ସେ କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଏଚ୍.କେ. ଦ୍ୱିବେଦୀ ରେଳୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ତ ପ୍ରକାର ସହଯୋଗ ଓ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଜଣେ ପୋଲିସ ଅଧିକାରୀ କହିଛନ୍ତି, ପାଣିଟାଙ୍କିଟି ମେଟାଲ ସିଟ୍‌ରେ ତିଆରି ହୋଇଛି। ଏହାର ଠିକ୍ ଭାବେ ରକ୍ଷଣାବେକ୍ଷଣ ହେବା କଥା। ଏଠାରେ ସେଫ୍ଟି ଅଡିଟ୍ ହୋଇଛି କି ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଯଦି ଏହି ଟାଙ୍କି କଂକ୍ରିଟ୍‌ରେ ତିଆରି ହୋଇଥାନ୍ତା ତା'ହେଲେ ଅଧିକ କ୍ଷତି ଘଟିଥାନ୍ତା ବୋଲି ସେ କହିଛନ୍ତି। ସୂଚନାଥାଉ କି ୨୦୨୦ ଜାନୁୟାରୀରେ ଏହି ଷ୍ଟେଶନର ପୁରୁଣା ବିଲ୍ଡିଂର କଂକ୍ରିଟ୍ ଷ୍ଟ୍ରକଚର ଭୁଶୁଡ଼ିବାରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା।

# ରାଜ୍ୟରେ ଅନ୍‌ଲାଇନରେ ଚାଲୁଛି ଡ୍ରଗ୍ସ କାରବାର

ଭୁବନେଶ୍ୱର, ୧୩।୧୨
(ଅସମାପିକା ସାହୁ)

**ସ୍ୱିଗି ପରି ଫୁଡ୍ ଡେଲିଭରି ସଂସ୍ଥାକୁ ବ୍ୟବହାର କରାଯାଉଛି**

ଓଡ଼ିଶାରେ ଅନ୍‌ଲାଇନରେ ଡ୍ରଗ୍ସ କାରବାର ଚାଲୁଛି। ସ୍ୱିଗି ପରି ଫୁଡ୍ ଡେଲିଭରି ସଂସ୍ଥାକୁ ଡ୍ରଗ୍ସ ମଗାଇବାରେ ବ୍ୟବହାର କରାଯାଉଛି। ସେମାନେ ଯୋଗାଉଥିବା ପ୍ୟାକେଟରେ କ'ଣ ଅଛି, ତାହା ପଚାରିବାର ଅଧିକାର ସ୍ୱିଗିର ନାହିଁ। ପୂର୍ବରୁ କେବଳ ସହରରେ ଡ୍ରଗ୍ସ ମିଳୁଥିଲା। ହେଲେ ତାହା ଏବେ ଉପାନ୍ତକୁ ବ୍ୟାପିଗଲାଣି ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏ ନେଇ ନିଶାମୁକ୍ତ ଭାରତ ଅଭିଯାନ ରାଜ୍ୟ କମିଟିର ପ୍ରଥମ ରାଜ୍ୟସ୍ତରୀୟ ବୈଠକରେ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୋଲିସ କମିଶନର କହିଛନ୍ତି, ପୂର୍ବରୁ କେବଳ ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ର ଡ୍ରଗ୍ସ ନେଉଥିଲେ। ଏବେ ତାହା ସବୁ କଲେଜକୁ ବ୍ୟାପିଲାଣି। ତେବେ ଏନ୍‌ଫୋର୍ସମେଣ୍ଟ ବଢ଼ିଥିବାରୁ ପ୍ରତିବର୍ଷ ସିଜର ବଢୁଛି। ଭାରତକୁ ନିଶାମୁକ୍ତ କରିବା ପାଇଁ କମିଟିକୁ ଯୁବପିଢ଼ିଙ୍କ ସମେତ ସ୍କୁଲ କଲେଜ ଯାଇ ପିଲାମାନଙ୍କୁ ସଚେତନ କରିବାକୁ ପଡ଼ିବ ବୋଲି ପୋଲିସ କମିଶନର ପ୍ରକାଶ କରିଛନ୍ତି।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ଅନୁଷ୍ଠିତ ଏହି ରାଜ୍ୟ କମିଟି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଅଧ୍ୟକ୍ଷତା କରିଥିଲେ। ପୋଲିସ କମିଶନର ପ୍ରିୟଦର୍ଶୀ ବୈଠକରେ ଯୋଗଦେଇ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ନିଶାସେବନରୁ ବିରତ ରହିବାକୁ ବ୍ୟାପକ ହସ୍ତକ୍ଷେପର ଆବଶ୍ୟକତା ରହିଛି ବୋଲି କହିଥିଲେ। ସେ ଓଡ଼ିଶାରେ ନିଶାଦ୍ରବ୍ୟ ଜବତ ମାମଲାର ବିବରଣୀ ଉପସ୍ଥାପନା କ୍ରମେ ନିଶାଦ୍ରବ୍ୟ ସେବନକୁ ପ୍ରତିହତ କରିବା ନିମନ୍ତେ ସରକାରୀ ଓ ବେସରକାରୀ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରମୁଖ ଶାସନ ସଚିବ ସେଠୀ ବ୍ୟାପକ ସଚେତନତା ନିମନ୍ତେ ସୋସିଆଲ ମିଡିଆ ଅଭିଯାନକୁ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନରେ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ସଙ୍ଗଠନ, ଛାତ୍ର ଓ ଯୁବଗୋଷ୍ଠୀ, ଯୁବନେତୃତ୍ୱ, କ୍ରୀଡ଼ାବିତ୍ ଓ ନାଗରିକ ସମାଜର ସହଯୋଗ ଅପରିହାର୍ଯ୍ୟ ବୋଲି ସଚିବ ଉଲ୍ଲେଖ କରିଥିଲେ।

ଉଚ୍ଚଶିକ୍ଷା, ଗଣଶିକ୍ଷା, ମହିଳା ଓ ଶିଶୁବିକାଶ, ଅବକାରୀ, ପୋଲିସ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ, ରାମକୃଷ୍ଣ ମିଶନର କର୍ମକର୍ତ୍ତା, ଆଇନ୍‌ଜୀବୀ ଏବଂ ସାମାଜିକକର୍ମୀ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲାରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଚଳିତବର୍ଷ ତାହା ୩୦ଟି ଜିଲାକୁ ସମ୍ପ୍ରସାରିତ ହୋଇଛି। ୧୦ଟି ଜିଲାରେ ସଚେତନତା ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ☞ପୃଷ୍ଠା–୨



**ଆଜିର ମନ୍ତବ୍ୟ**
“କଂଗ୍ରେସ ଅମଳରେ ରାଜସ୍ଥାନରେ ମହିଳା ଓ ଦଳିତମାନେ ସର୍ବାଧିକ ଆକ୍ରମଣର ଶିକାର ହୋଇଥିଲେ। ରାଜ୍ୟର ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ଭାଜପା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ। –ପ୍ରେମଚନ୍ଦ ବୈରୱା, ରାଜସ୍ଥାନର ଭାବି ଉପମୁଖ୍ୟମନ୍ତ୍ରୀ



# ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢୋଲ ବାଜିଲା ମହୁରୀ ବାଜିଲା**
**ବାଜିଲା ଯୋଡ଼ି ମହୁରୀ**
**ଗୋରୀ ହାତ ପାନ ବଡ଼ ସୁଆଦ**
**ମନରୁ ଯିବ କି ଭୁଲି ?**

ଯାହା ସହ ଯାହା ମନ ଥରେ ମିଶିଯାଏ ସେ ତା’ ମନରେ ଘର କରିଯାଏ। ଶୟନେ ସପନେ ଜାଗରଣେ କେବଳ ତା’ରି ମୁହଁ ଦେଖାଯିବା ସହ ତା’ରି କଥା ଭାବିହେଉଥାଏ। ପ୍ରେମିକା ସ୍ମୃତିରେ ଅଧିର ହୋଇପଡୁଥିବା ପ୍ରେମିକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢାରି ପାଣି ଟାଣ ଯାଉଛି ବୋହି**
**ନିଘୋଡ଼ ନିଦରେ ପଡୁଛି ଶୋଇ।**

ବେଳେବେଳେ ବିପଦ ପଡ଼ିଥିବା ସମୟରେ କିଛି ଦାୟିତ୍ୱହୀନ ବ୍ୟକ୍ତି ନିଧଡ଼କ ହୋଇ ବସି ରହୁଥିବାର ଦେଖିବାକୁ ମିଳିଥାଏ। ବିପଦକୁ ହେୟ ମନେକରିବା ସହ ନିଜ ଭିତରେ ନିଜେ ମସ୍‌ଗୁଲ ହୋଇ ସମୟ ନଷ୍ଟ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ବିପଦ ବେଳେ ଖାମଖିଆଲ ଭାବ ଦେଖାଉଥିବା ଏପରି ଫୁଲାଫାଙ୍କିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କାର୍‌-ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ

**ସୁନ୍ଦରଗଡ଼/ ଲେଫ୍ରିପଡା, ୧୩।୧୨ (ଜୟ ନାରାୟଣ ମେଣ୍ଡୁଲି/ ଦେଶ ରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଏମ୍‌ସିଏଲ ରାସ୍ତାର ବରହାଖାଇ ଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବାଇକ୍ ଏବଂ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରେନ୍ଦ୍ର ମହାନ୍ଦିଆ ଓ ବିକାଶ ନାଏକ। ସେମାନେ ଉଜ୍ଜଳପୁର ଟିପିଡବ୍ଲ୍ୟୁର କର୍ମଚାରୀ ବୋଲି ଜଣାପଡିଛି। କ୍ଷତିପୂରଣ ଦାବି, ହମ୍ପସ ଓ ସୁରକ୍ଷାକର୍ମୀ ମୁତୟନ ପାଇଁ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି। ବିଧାୟିକା କୁସୁମ ଟେଟେ ଓ ଟାଙ୍ଗରପାଲି ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖବର ଲେଖା ହେବା ସୁଦ୍ଧା(ରାତି ୮ଟା) ଆନ୍ଦୋଳନ ଜାରି ରହିଛି।

# ଶୂନ୍ୟ ମୃତ୍ୟୁ କାର୍ଯ୍ୟକ୍ରମ ମାସଯାକ ପାଳନ କର

## ସବୁ ଜିଲାପାଳଙ୍କୁ ଚିଠି ଲେଖିଲେ ପରିବହନ ସଚିବ

**ଭୁବନେଶ୍ୱର,୧୩।୧୨(ସୁନିତ୍ ମିଶ୍ର)**

‘ଶୂନ୍ୟ ମୃତ୍ୟୁ କାର୍ଯ୍ୟକ୍ରମ’ ଚଳିତ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ଆରମ୍ଭ ସପ୍ତାହରେ ପାଳନ କରାଯାଇଥିବା ‘ଶୂନ୍ୟ ମୃତ୍ୟୁ ସପ୍ତାହ କାର୍ଯ୍ୟକ୍ରମ’ ଏକ ପ୍ରକାର ସଫଳ ହୋଇଛି। ଏହି ସପ୍ତାହ ମଧ୍ୟରେ ଦୁର୍ଘଟଣା ହାର ଏବଂ ଏଥିଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ କମିଛି। ତେଣୁ ଏହି କାର୍ଯ୍ୟକ୍ରମ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚଲାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ସବୁ ଜିଲାପାଳ, ଏସ୍‌ପି, ଡେପୁଟି କମିଶନର(ପୋଲିସ),ସିଡିଏମ୍(ଏନ୍‌ଏଚ୍‌ଏଆଇ) ଏବଂ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାଢ଼ୀ ବୁଧବାର ଉପରୋକ୍ତ ସମସ୍ତ ଅଧିକାରୀଙ୍କୁ ଚିଠି ଲେଖି କହିଛନ୍ତି, ଗତ ସପ୍ତାହରେ ଟ୍ରାଫିକ ନିୟମ କଡ଼ାକଡ଼ି କରିବା ଏବଂ ରାତ୍ରିକାଳୀନ ପାଟ୍ରୋଲିଂ ଯୋଗୁ ଏହା ସମ୍ଭବ ହୋଇପାରିଛି। ଡିସେମ୍ବର ମାସର ପାଣିପାଗ ଏବଂ ପିକ୍‌ନିକ୍ ଋତୁ ଯୋଗୁ ଅଧିକ ଗହଳି ଓ ବିପଦ ରହିଥାଏ। ଏହି ଦୃଷ୍ଟିରୁ ଚଳିତ ମାସଯାକ ଶୂନ୍ୟ ମୃତ୍ୟୁ କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଦୁର୍ଘଟଣା ମୃତ୍ୟୁ ହ୍ରାସ ପାଇପାରିବ। ତେଣୁ ପାଟ୍ରୋଲିଂ ଜାରି ରଖିବା ଦରକାର।

# ପାରାଦୀପରେ କାଉ ମଡ଼କ

**ପାରାଦୀପ,୧୩।୧୨(ଶରତ ରାଉତ)**

ପାରାଦୀପର ବିଭିନ୍ନ ସ୍ଥାନରେ ୨ ଦିନରେ ୨୫ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ବିଶେଷକରି ନେହେରୁ ବଙ୍ଗଳା ନୂଆବଜାର ଅଞ୍ଚଳରେ ମଙ୍ଗଳବାର, ବୁଧବାର ଅଧିକ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପ୍ରାଣୀଧନ ଚିକିତ୍ସକ ଡା. ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଏବେ ଶୀତ ପଡ଼ିବାରୁ କାଉ ମରି ଥାଇପାରନ୍ତି। ସେହିପରି ବାର୍ଡଫ୍ଲୁ ଭଳି ଲକ୍ଷଣ ଦେଖାଯାଇନାହିଁ। ତଥାପି ବିଭାଗ ପକ୍ଷରୁ ମୃତ କାଉଙ୍କ ସାମ୍ପୁଲ ସଂଗ୍ରହ କରି ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି।

**୨ ଦିନରେ ୨୫ କାଉ ମୃତ**








ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଲୋକ ସଭାରେ ଉପଦ୍ରବ




# ଆଇଇଡି ବିସ୍ଫୋରଣରେ ଯବାନ ଶହୀଦ

**ମାଲକାନଗିରି,୧୩।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଆଇଇଡି ବିସ୍ଫୋରଣରେ ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ଜଣେ ଯବାନ ଗୁରୁତର ହୋଇଛନ୍ତି। ଶହୀଦ ଯବାନ ଜଣକ ହେଲେ କମଲେଶ କୁମାର ସାହୁ। ଛତିଶଗଡ଼ର ନାରାୟଣପୁର ଜିଲାରେ ଥିବା ଆମଦାଇ ଖଣିକୁ ମାଓବାଦୀ ସଙ୍ଗଠନ ବିରୋଧ କରୁଛନ୍ତି। ଏହି ଖଣିର ସୁରକ୍ଷା ପାଇଁ ଯବାନମାନେ ନିୟୋଜିତ ହୋଇଛନ୍ତି। ବୁଧବାର ଯବାନମାନେ ନିଜ କର୍ତ୍ତବ୍ୟ କରୁଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇ ପରେ ଏକ ଆଇଇଡି ବୋମା ବିସ୍ଫୋରଣ କରିଥିଲେ। ଫଳରେ ସିଏଏଫ୍ ଯବାନ କମଲେଶ ଘଟଣାସ୍ଥଳରେ ଶହୀଦ ହୋଇଥିଲେ।

# ୨୦୦ କୁଇଣ୍ଟାଲ ଚାଉଳ ଗାଏବ

■ ୩ ମାସ ହେଲା ହିତାଧିକାରୀଙ୍କୁ ମିଳିନି
■ ରିପୋର୍ଟ ମାଗିଲେ ବିଡିଓ

**ହାଟଡ଼ିହୀ,୧୩।୧୨ (ଶୁଭକାନ୍ତ ନାୟକ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଧୀନ ୬ ପଞ୍ଚାୟତରେ ଗତ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ୩ ମାସର ଚାଉଳ ହିତାଧିକାରୀଙ୍କୁ ଅଦ୍ୟାବଧି ମିଳିନାହିଁ। ହିତାଧିକାରୀଙ୍କ ପାଇଁ ଆସିଥିବା ପ୍ରାୟ ୨୦୦ କୁଇଣ୍ଟାଲ ଚାଉଳ ହେରଫେର ହୋଇଥିବା ଜଣାପଡ଼ିଛି। ଏ ବାବଦରେ ଅଭିଯୋଗ ପରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ତନାଘନା ଆରମ୍ଭ କରିଛନ୍ତି। ବିଡିଓଙ୍କ ସୂଚନା ଅନୁଯାୟୀ, ବ୍ଲକ୍ ଅଧୀନ ୩୧ ପଞ୍ଚାୟତର ହିତାଧିକାରୀଙ୍କ ପାଇଁ ଚାଉଳ ଉଠାଣ ହୋଇଥିଲା। ମାତ୍ର ୬ ପଞ୍ଚାୟତର ହିତାଧିକାରୀଙ୍କୁ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମାସର ଚାଉଳ ବଣ୍ଟନ ହୋଇନି। ଏଭଳି ସ୍ଥଳେ ଆସନ୍ତା ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚ ମାସ ପାଇଁ ଆଲଟମେଣ୍ଟ ରେକର୍ଡରେ ଦସ୍ତଖତ କରାଇବାକୁ ଯୋଗାଣ ଅଧିକାରୀ ଆସିଥିଲେ। କିନ୍ତୁ ସେ ତାଙ୍କୁ ଦସ୍ତଖତ କରିବାକୁ ମନା କରିଥିଲେ। ଏଥିସହ ସବୁ ପଞ୍ଚାୟତରୁ ଗତ ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସର ଏନ୍‌ଓସି ଆଣିବା ପରେ ଦସ୍ତଖତ କରିବେ ବୋଲି କହିଥିଲେ। ତୁରନ୍ତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ହୋଇଥିବା ରିପୋର୍ଟ ଓ ଚାଉଳ ବଣ୍ଟନ କରି ନ ଥିବା ଖିଲାପକାରୀଙ୍କ ରିପୋର୍ଟ ଦେବାକୁ କହିଛନ୍ତି। ଏଥିରୁ ବ୍ୟତିକ୍ରମ ଘଟିଲେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି ବିଡିଓ ଚେତାବନୀ ଦେଇଛନ୍ତି। ଏ ନେଇ ଯୋଗାଣ ଅଧିକାରୀ ସନ୍ଦୀପ ପରିଜାଙ୍କ ମୋବାଇଲ (ନଂ. ୯୫୫୬୮୧୫୦୧୯)କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାଜପା ଏମ୍‌ପିଙ୍କ ...

ହୋଇଥାଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିବାବେଳେ ଡିଏମ୍‌କେ ସଦସ୍ୟ ଡିଏନ୍‌ଭି ସେନ୍ଥିଲ କୁମାର ‘ସୁରକ୍ଷା ସହ ସାଲିସ କରାଯାଇଛି’ ବୋଲି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ’ରେ ଉଲ୍ଲେଖ କରିଛନ୍ତି। ଟିଏମ୍‌ସି ଏମ୍‌ପି କଲ୍ୟାଣ ବାନାର୍ଜୀଙ୍କ ମତରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବଡ଼ ବଡ଼ ଭାଷଣ ଦେଉଛନ୍ତି। କିନ୍ତୁ ପାର୍ଲାମେଣ୍ଟ ଭିତରେ ସୁରକ୍ଷା ବଜାୟ ରଖିପାରୁ ନାହାନ୍ତି। ତେଣୁ ସେ ଇସ୍ତଫା ଦେବା ଜରୁରୀ।

୨୦୦୧ ଡିସେମ୍ବର ୧୩ରେ ପାର୍ଲାମେଣ୍ଟରେ ପାକିସ୍ତାନର ଲଶ୍କର-ଇ-ତୋଇବା ଏବଂ ଜୈଶ-ଇ-ମହମ୍ମଦ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୯ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ଥିଲା ଏହାର ୨୨ତମ ବର୍ଷ ପୂର୍ତ୍ତି। ଏଥିସକାଶେ ଆତଙ୍କବାଦୀଙ୍କ ସହ ଲଢ଼ି ପ୍ରାଣବଳି ଦେଇଥିବା ପାର୍ଲାମେଣ୍ଟ ସୁରକ୍ଷା ସେବା, କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଏବଂ ଦିଲ୍ଲୀ ପୋଲିସର କର୍ମଚାରୀମାନଙ୍କୁ ବାଚସ୍ପତି ଓ ଏମ୍‌ପିମାନେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଲୋକ ସଭାରେ ଶୀତ ଅଧିବେଶନର ଅଷ୍ଟମ ଦିନ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଶୂନ୍ୟକାଳ ଚାଲିଥିବାବେଳେ ଅପରାହ୍ନ ୧ଟାରେ ଉପରୋକ୍ତ ଅଭାବନୀୟ ଘଟଣା ଘଟିଗଲା। ସେତେବେଳେ ଲୋକ ସଭାରେ ଅଧକ୍ଷତା କରୁଥିବା ଭାଜପା ସଦସ୍ୟ ରାଜେନ୍ଦ୍ର ଅଗ୍ରୱାଲ ଗୃହକାର୍ଯ୍ୟକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଗୃହକାର୍ଯ୍ୟ ପୁନଃ ଆରମ୍ଭ ହେବା ପରେ ବାଚସ୍ପତି ବିର୍ଲା କହିଥିଲେ, ସମ୍ପୂର୍ଣ୍ଣ ଘଟଣାକ୍ରମର ପୁଙ୍ଖାନୁପୁଙ୍ଖ ଉଚ୍ଚସ୍ତରୀୟ ତଦନ୍ତ ଚାଲିଛି। ଏହା ପରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବିକ୍ଷୋଭକାରୀଙ୍କୁ କାବୁ କରିଥିବା ସଦସ୍ୟ, ସୁରକ୍ଷା କର୍ମୀ ଓ ଚାମ୍ବର ଷ୍ଟାଫ୍‌ଙ୍କୁ ସେ ପ୍ରଶଂସା କରିଥିଲେ।

ଲୋକ ସଭାରେ ଏପରି କାଣ୍ଡ ଭିଆଇଥିବା ୨ ବିକ୍ଷୋଭକାରୀଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେମାନେ ହେଲେ ସାଗର ଶର୍ମା ଏବଂ ଡି. ମନୋରଞ୍ଜନ। ସାଗର ମହୀଶୂର ଏମ୍‌ପି ପ୍ରତାପ ସିମ୍ହାଙ୍କ ଅତିଥି ରୂପେ ଭିଜିଟର୍ସ ଗ୍ୟାଲେରିକୁ ଆସିଥିଲେ। ସଂସଦ ବାହାରେ ସ୍ଲୋଗାନ ଦେଇଥିବା ନୀଲମ (୪୨) ଓ ଆମୋଲ ସିନ୍ଧେ (୨୫)ଙ୍କୁ ମଧ୍ୟ ଟ୍ରାନ୍ସପୋର୍ଟ ଭବନ ସମ୍ମୁଖରୁ ଗିରଫ କରାଯାଇଛି। ଡିସେମ୍ବର ୧୩ରେ ପାର୍ଲାମେଣ୍ଟ ଉପରେ ଆକ୍ରମଣ କରାଯିବ ବୋଲି ଆମେରିକାରେ ଥିବା ଖଲିସ୍ତାନୀ ଆତଙ୍କବାଦୀ ଗୁରପତଓ୍ୱନ୍ତ ସିଂ ପନ୍ନୁନ୍ ପୂର୍ବରୁ ଏକ ଭିଡିଓରେ ଧମକ ଦେଇଥିଲେ। ତେବେ ପନ୍ନୁନଙ୍କ ସହ ସଦ୍ୟ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମ୍ପର୍କ ଅଛି କି ନାହିଁ ତାହା ଜଣାପଡ଼ିନାହିଁ।

## ଗୁରୁଗ୍ରାମର ଭଡ଼ାଘରୁ ...

ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇଥିଲେ। ବିକ୍ଷୋଭକାରୀମାନେ ପରସ୍ପରକୁ ୪ ବର୍ଷ ହେଲା ଜାଣିଛନ୍ତି। ଏମାନେ ସମସ୍ତେ କିଛି ବର୍ଷ ହେଲା ଗୁରୁଗ୍ରାମର ଏକ ଭଡ଼ାଘରେ ରହୁଥିଲେ। ସେଠାରୁ ଏହି କାଣ୍ଡ ପାଇଁ ଯୋଜନା ହୋଇଥିବା ଦିଲ୍ଲୀ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସାଗର ସୋସିଆଲ ମିଡିଆରେ ନିଜ ଶେଷ ପୋଷ୍ଟରେ ଲେଖିଥିଲେ, ‘ଜିତିବା ହାରିବା ବଡ଼ କଥା ନୁହେଁ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଉଦ୍ୟମ ଜାରି ରଖିବା।’ ସେମାନେ କାହା ନିର୍ଦ୍ଦେଶରେ ଏହି କାଣ୍ଡ ଭିଆଇଛନ୍ତି ତାହା ଜାଣିବା ପାଇଁ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତନାଘନା ଚଳାଇଛନ୍ତି।

## ଭିତର କଥା ...

ଆକ୍ରମଣ ହୋଇଥିଲା। ଠିକ୍ ଆଜିର ଦିନରେ ଏଭଳି ଘଟଣା ଘଟିଛି। ପାର୍ଲାମେଣ୍ଟର ସୁରକ୍ଷାକୁ ନେଇ ମନରେ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ସୁରକ୍ଷାରେ ତିଳେ ମାତ୍ର ଅବହେଳା ହେବା କଥା ନୁହେଁ। ତଦନ୍ତ ହେବା ପରେ ଘଟଣା ବିଷୟରେ ଜଣାପଡ଼ିବ। ତେବେ ଦର୍ଶକ ଗ୍ୟାଲେରିକୁ ଯଦି ସାମୟିକ ବନ୍ଦ କରାଯାଇଥିବ ତାହାହେଲେ ଠିକ୍ ଅଛି। ମାତ୍ର ସବୁଦିନ ପାଇଁ ବନ୍ଦ ସଂସଦୀୟ ଗଣତନ୍ତ୍ର ପାଇଁ ଗ୍ରହଣୀୟ ନୁହେଁ। ପାର୍ଲାମେଣ୍ଟର କାର୍ଯ୍ୟକ୍ରମ ଦେଖିବାର ନାଗରିକମାନଙ୍କର ଅଧିକାର ଅଛି। ଦୁର୍ଘଟଣା ଘଟିଲେ ଯେ ଗାଡ଼ି ଚଳାଇବା ସମ୍ପୂର୍ଣ୍ଣ ବନ୍ଦ କରି ଦେଇହେବ ନାହିଁ। ସୁରକ୍ଷା କଡ଼ାକଡ଼ି କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ମତରେ ୨୦୦୧ ପାର୍ଲାମେଣ୍ଟ ଆକ୍ରମଣରେ ୯ଜଣଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ଏହାକୁ ଏକ ସୁରକ୍ଷା ଢିଲା ବୋଲି କୁହାଯାଇଥିଲା। ସରକାର ପ୍ରତିଶ୍ରୁତି ଦେଇଥିଲେ, ଏହାର ପୁନରାବୃତ୍ତି ହେବନାହିଁ। ସୁରକ୍ଷା ଦୃଷ୍ଟିରୁ ନୂଆ ପାର୍ଲାମେଣ୍ଟ ଭବନ ନିର୍ମାଣ କରାଯାଇଛି। ଭାଜପାର ଜଣେ ଏମ୍‌ପିଙ୍କଠାରୁ ପାସ୍ ନେଇ ଦୁଇଜଣ ବ୍ୟକ୍ତି ଲୋକ ସଭା ବାଚସ୍ପତିଙ୍କ ପୋଡିୟମ ପାଖକୁ ଯାଇପାରିଲେ। ଏହା କେବଳ ଏମ୍‌ପିଙ୍କ ପାଇଁ ନୁହେଁ, ବରଂ ସାରା ଦେଶର ସୁରକ୍ଷାକୁ ନେଇ ପ୍ରଶ୍ନଚିହ୍ନ ଲଗାଇଛି। ପାର୍ଲାମେଣ୍ଟକୁ ଦର୍ଶକ ଯିବେ। ସରକାର ଲଗାଇଥିବା କଟକଣା ତୁରନ୍ତ ପ୍ରତ୍ୟାହାର କରିବା ଦରକାର। ଭାଜପା ସରକାର ଥିବାବେଳେ ପାର୍ଲାମେଣ୍ଟ ଉପରେ ବାରମ୍ବାର ଆକ୍ରମଣ ହେଉଛି କାହିଁକି। ଏ ପ୍ରଶ୍ନର ଉତ୍ତର ଭାଜପାକୁ ଦେବାକୁ ପଡ଼ିବ। ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ନୂଆ ପାର୍ଲାମେଣ୍ଟ ଅସୁରକ୍ଷିତ ବୋଲି ପ୍ରମାଣିତ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧୀନରେ ଗୋଇନ୍ଦା ବିଭାଗ ଥିବାବେଳେ ଏଭଳି ଘଟଣା କେମିତି ଘଟିଲା ତାହା ତଦନ୍ତ ସାପେକ୍ଷ। ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ପାର୍ଲାମେଣ୍ଟରେ କ୍ଷମା ମାଗନ୍ତୁ ଏବଂ ଇସ୍ତଫା ଦିଅନ୍ତୁ। ଯେଉଁ ଭାଜପା ଏମ୍‌ପି ଦର୍ଶକ ପାସ୍ ଦେଇଥିଲେ, ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ସାରା ଦେଶର ଦୃଷ୍ଟି ଆକର୍ଷଣ କରିବା ପାଇଁ ପାର୍ଲାମେଣ୍ଟ ଭିତରେ ଅଭିଯୁକ୍ତମାନେ ଏଭଳି କାଣ୍ଡ ଭିଆଇଛନ୍ତି। ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କର ଅନ୍ୟ ସଙ୍ଗଠନ ସହ ସମ୍ପର୍କ ଅଛି କି ନାହିଁ ତାହା ଜଣାପଡ଼ିବ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେମାନେ ଏଭଳି କାଣ୍ଡ ଭିଆଇଛନ୍ତି। ଜଣେ ଏମ୍‌ପି ନିଜର ବନ୍ଧୁବାନ୍ଧବ କିମ୍ବା ପରିଚିତ ଲୋକଙ୍କୁ ପାର୍ଲାମେଣ୍ଟକୁ ଯିବା ପାଇଁ ପାସ୍ ଦେଇଥାଆନ୍ତି। କାହା ମନରେ କ’ଣ ଅଛି ତାହା ଜାଣିବା ସହଜ ନୁହେଁ। ଆଗାମୀ ଦିନରେ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ଏହା ଏକ ଛୋଟ ଘଟଣା। ପାର୍ଲାମେଣ୍ଟ ଭିତରେ ହୋଇଥିବାରୁ ଏହା ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛି। ପାର୍ଲାମେଣ୍ଟରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ରହିଛି।

## ରାଜ୍ୟରେ ଅନ୍‌ଲାଇନରେ ...

ଆୟୋଜନ ସମେତ ପ୍ରାୟ ୫ଶହ ପ୍ରମୁଖ ସ୍ୱେଚ୍ଛାସେବୀଙ୍କୁ ତାଲିମ୍ ଦିଆଯାଇଛି। ନିଶାମୁକ୍ତି ଅଭିଯାନରେ ପ୍ରଭାବୀ ଓ ଦକ୍ଷ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ ସୂଚନା ଦେଇଥିବାବେଳେ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଫେବୃୟାରୀ ୨୦ରୁ ...

ପରୀକ୍ଷା ସରିବା ପରେ ମାର୍ଚ୍ଚ ୧୫ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ କରାଯିବ। ୧୨ ଦିନ ମଧ୍ୟରେ ଖାତା ଦେଖା ଶେଷ କରାଯିବ ବୋଲି ବୁଧବାର କଟକସ୍ଥିତ ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ଛାତ୍ରୀଛାତ୍ର ମଧ୍ୟ ପରୀକ୍ଷା ଦେବେ। ରାଜ୍ୟ ମୁକ୍ତ ବିଦ୍ୟାଳୟର ୭୮୩୧ ଜଣ ପରୀକ୍ଷାର୍ଥୀ ୫୫ଟି ସେଣ୍ଟରରେ ପରୀକ୍ଷା ଦେବେ। ମଧ୍ୟମା ପରୀକ୍ଷା ପାଇଁ ୩୦୩୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୧୦୭ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଜିଲା ଶିକ୍ଷା ଅଧିକାରୀ(ଡିଇଓ), ବୋର୍ଡ ଏବଂ ନୋଡାଲ ଅଫିସର ପରୀକ୍ଷା ପରିଚାଳନା ତଦାରଖ କରିବେ। ଏଥର ପ୍ରଥମଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବ୍ୟବହାର କରାଯିବ। ସମ୍ବେଦନଶୀଳ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବ। ଏଥିସହ ୱେବ୍ କାଷ୍ଟିଂ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଉପରେ ନଜର ରଖାଯିବ। ବୋର୍ଡ କାର୍ଯ୍ୟାଳୟରେ କମାଣ୍ଡ ସେଣ୍ଟର ରହିବ। କ୍ୟାମେରା ଲାଗିଥିବା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ଗତିବିଧି ଉପରେ ବୋର୍ଡ କଡ଼ା ନଜର ରଖିବ। ଜାନୁୟାରୀ ୧୫ରୁ ୩୧ ତାରିଖ ମଧ୍ୟରେ ନିଜ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଭୋକେସନାଲ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଓସେପା ଏହି ପରୀକ୍ଷା ପରିଚାଳନା କରିବ। ଫର୍ମପୂରଣ ସମୟରେ ଛାତ୍ରୀଛାତ୍ରଙ୍କ ଫଟୋ କିମ୍ବା ଅନ୍ୟ କୌଣସି ତ୍ରୁଟି ଥିଲେ ନଭେମ୍ବର ୧୪ରୁ ୨୧ ତାରିଖ ମଧ୍ୟରେ ସଂଶୋଧନ କରିହେବ। ସ୍କୁଲର ପ୍ରଧାନ ଶିକ୍ଷକମାନେ ପରୀକ୍ଷାର୍ଥୀଙ୍କ ଅସଲ ପ୍ରମାଣପତ୍ର ନେଇ ବୋର୍ଡ କାର୍ଯ୍ୟାଳୟକୁ ଆସି ତ୍ରୁଟି ସଂଶୋଧନ କରିପାରିବେ। ଏହାପରେ ସଂଶୋଧନ ପାଇଁ ଆଉ ସୁଯୋଗ ମିଳିବ ନାହିଁ ବୋଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବୋର୍ଡ ସମ୍ପାଦକ ସୁମିତା ସରକାର ଉପସ୍ଥିତ ଥିଲେ।

### ମାର୍ଚ୍ଚ ୬ରୁ ନବମ ବାର୍ଷିକ ପରୀକ୍ଷା

୨୦୨୪ ମାର୍ଚ୍ଚ ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ହେବ। ଏଥର ପ୍ରଥମଥର ପାଇଁ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ପ୍ରିଣ୍ଟ କରି ସ୍କୁଲକୁ ପଠାଯିବ ନାହିଁ। ପରୀକ୍ଷାର ୨ ଘଣ୍ଟା ପୂର୍ବରୁ ଅନ୍‌ଲାଇନ୍‌ରେ ପ୍ରଶ୍ନପତ୍ର ପଠାଯିବ। ଏହାକୁ ଡାଉନ୍‌ଲୋଡ୍ କରି ପ୍ରିଣ୍ଟ କରାଯାଇ ପିଲାଙ୍କୁ ଦିଆଯିବ। ପୂର୍ବରୁ ଯେଉଁ ପଦ୍ଧତିରେ ପ୍ରଶ୍ନପତ୍ର ଦିଆଯାଉଥିଲା ସେ ନେଇ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଏହାକୁ ରୋକିବା ପାଇଁ ନୂତନ ବ୍ୟବସ୍ଥା କରାଯାଇଛି। ବୋର୍ଡ ୱେବ୍‌ସାଇଟ୍‌ରେ ପ୍ରଶ୍ନପତ୍ର ଉପଲବ୍ଧ ହେବ। ସ୍କୁଲ ନିଜ ଆଇଡି ଲଗ୍ ଇନ୍ କରି ପ୍ରଶ୍ନପତ୍ର ଡାଉନ୍‌ଲୋଡ୍ କରିବ ବୋଲି ଉପସଭାପତି ମହାନ୍ତି ସୂଚନା ଦେଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବାର ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ଅପରାହ୍ନରେ ପାଇବେ। ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳକୁ ଯିବା ସମ୍ଭବ ହୋଇପାରେ।

**ବୃଷ**
ଆପଣଙ୍କ ବ୍ୟସ୍ତତାକୁ ହୃଦୟଙ୍ଗମ କରି ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
ଆଜି ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁସତ୍ୟ କହି ସମ୍ପର୍କହାନି ଘଟାଇପାରନ୍ତି। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**
ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ବିଭିନ୍ନ ଯୋଜନା କରିବେ ସିନା କାର୍ଯ୍ୟତଃ ପାଦେ ମାତ୍ର ଆଗକୁ ଯାଇ ପାରିବେ ନାହିଁ। ଏଣେ ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ ରାସ୍ତା ଖୋଜି ପାଇ ପାରିବେ ନାହିଁ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିପାରନ୍ତି ମାତ୍ର ଫଳ ପାଇବେ ଓଲଟା। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କନ୍ୟା**
ଆଜି ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା**
ବିଭିନ୍ନ ପ୍ରକାରର ଚିନ୍ତା ଓ କଳ୍ପନା କରି କେବଳ ଭାବି ଭାବି ସମୟ କଟାଇବେ। ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ, ନଚେତ୍ ହଇରାଣ ହେବାକୁ ପଡିପାରେ। ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା**
ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନକରି ସଫଳ ହେବେ। ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ପଡ଼ୋଶୀଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ କୃତିତ୍ୱର ସଫଳତାରେ ଆନନ୍ଦ ଅନୁଭବ କରିବେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଆପଣଙ୍କ ଉଦ୍ଦେଶ୍ୟରେ ବନ୍ଧୁଙ୍କ ଚୁପ୍‌ଚାପ୍ କଥା ମନରେ ଛନକା ସୃଷ୍ଟିକରିବ।

**ମକର**
ଆଜି ସକାଳୁ କୌଣସି ବ୍ୟକ୍ତିଠାରୁ କିଛି ଖବର ପାଇ ବିଚଳିତବୋଧ କରିବେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଚେଷ୍ଟା କରି ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି। ପାରିବାରିକ ଅଶାନ୍ତି ଲାଗିରହିବା କାରଣରୁ ମନ ଅସ୍ଥିର ରହିବ।

**ମୀନ**
କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ଅସ୍ଥିର ରହିବ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ।

ଆଜି ମାର୍ଗଶିର ଶୁକ୍ଳ ଦ୍ୱିତୀୟା ମାଣବସା ଗୁରୁବାର ତୃତୀୟ ପାଳି, ଡିସେମ୍ବର ୧୪ ତାରିଖ। ଜାତୀୟ ଶକ୍ତି ସଂରକ୍ଷଣ ଦିବସ। ସକାଳ ଘ.୦୯।୪୬ ଗତେ ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୬ ଗତେ ଘ.୦୭।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୨ ଗତେ ଘ.୦୨।୨୩ ମଧ୍ୟେ ରାହୁ କାଳ।

# ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସାଉଥ୍ ଏସିଆ ଲାଡ୍‌ଲି ମିଡିଆ ଆୱାର୍ଡ

## ଧରିତ୍ରୀରେ ପ୍ରକାଶିତ ସ୍ତମ୍ଭ 'ଝିଅ କେବଳ ଝିଅ ନୁହେଁ' ପାଇଁ ପୁରସ୍କାର

ଭୁବନେଶ୍ୱର,୧୩।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ଲିଙ୍ଗଗତ ବୈଷମ୍ୟ ଆଧାରିତ ସ୍ତମ୍ଭ ରଚନା ପାଇଁ ସ୍ତମ୍ଭକାର ତଥା ଗବେଷକ ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଅନ୍ତର୍ଜାତୀୟ ସମ୍ମାନ ସାଉଥ୍ ଏସିଆ ଲାଡ୍‌ଲି ମିଡିଆ ଆୱାର୍ଡରେ ସମ୍ମାନିତ କରାଯାଇଛି। ମୁମ୍ବାଇର ଟାଟା ଥିଏଟର ହଲ୍‌ଠାରେ ମଙ୍ଗଳବାର ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ ବଲିଉଡ ଅଭିନେତ୍ରୀ ରଶିକା ଦୁଗଲ ଯୋଗଦେଇ ଡ. ସାହୁଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଦୈନିକ ଖବରକାଗଜ 'ଧରିତ୍ରୀ'ର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ଡ. ସାହୁଙ୍କ ଲିଖିତ 'ଝିଅ କେବଳ ଝିଅ ନୁହେଁ' ପାଇଁ ସେ ଏହି ଆୱାର୍ଡ ପାଇଛନ୍ତି। ପୁନଃ ଥଇଥାନ ଯୋଜନା କ୍ରମରେ ସରକାରୀ ଚାକିରିରେ ନିଯୁକ୍ତି ପାଇବାରେ ଭାରତୀୟ ପରିବାରରେ ଥିବା ଏକମାତ୍ର ବିବାହିତ କନ୍ୟା ସନ୍ତାନମାନେ ସମ୍ମୁଖୀନ ହେଉଥିବା



ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସାଉଥ୍ ଏସିଆ ଲାଡ୍‌ଲି ମିଡିଆ ଆୱାର୍ଡ ପ୍ରଦାନ କରାଯାଉଛି।

ସମସ୍ୟାକୁ ନେଇ ଧରିତ୍ରୀରେ ୨୦୨୨ ନଭେମ୍ବର ୨୧ରେ ପ୍ରକାଶିତ ଏହି ସ୍ତମ୍ଭ ଜୁରିମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏହାକୁ ପ୍ରଥମେ ଜାତୀୟ ପୁରସ୍କାର ଲାଗି ଚୟନ କରାଯାଇଥିଲା। ପରେ ଏହାର ଗୁରୁତ୍ୱ ଥିବାରୁ ଏହାକୁ ପୁନଶ୍ଚ ଜୁରିମାନେ ଅନ୍ତର୍ଜାତୀୟ ସମ୍ମାନ ଲାଗି ଚୟନ କରିଥିଲେ।

ରାୟଗଡ଼ାସ୍ଥିତ ବିଲେସୁ ଉଚ୍ଚ ବିଦ୍ୟାଳୟର ଟିଜିଟି ଶିକ୍ଷକ ଭାବେ କାର୍ଯ୍ୟରତ ଦ୍ୱିତୀଚନ୍ଦ୍ର ପ୍ରବୃତ୍ତିରେ ଜଣେ ଲେଖକ। ସ୍ତମ୍ଭ ଲେଖା ପାଇଁ ସେ ଅନ୍ତର୍ଜାତୀୟ ସମ୍ମାନ ପାଇବା ପରେ ତାଙ୍କର ପାଠିକାପାଠକ, ଶୁଭେଚ୍ଛୁଙ୍କୁ ଏହି ସମ୍ମାନ ସମର୍ପିତ ବୋଲି ଡ. ସାହୁ କହିବା ସହ ଧରିତ୍ରୀର ସମ୍ପାଦକ ତଥା ସମ୍ପାଦନାମଣ୍ଡଳୀ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପିପୁଲ୍‌ସ ଫାଷ୍ଟ ଏବଂ ୟୁଏନ୍‌ଏଫ୍‌ପିଏ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ବିଜ୍ଞାନମେଳାକୁ ଆସି ଦୟାନଦୀରେ ହଣ୍ଡା ମାଜିଲେ ଛାତ୍ର

କଣାସ,୧୩।୧୨
(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଅଧୀନ ଦୟାବିହାରସ୍ଥିତ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ରାତିରେ ଖାଇପିଇ ସାରିବା ପରେ କେତେକ ଶିକ୍ଷକ ଛାତ୍ରଙ୍କୁ ନେଇ ନିକଟ ଦୟାନଦୀରେ ହଣ୍ଡା ମାଜିଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟର


ଛାତ୍ରମାନେ ରାତିରେ ହଣ୍ଡା ମାଜୁଛନ୍ତି।

ପ୍ରଧାନଶିକ୍ଷକ ବିଜୟ ଜେନାଙ୍କୁ ପଚାରିବାରେ, ସେ କାହାକୁ ହଣ୍ଡା ମାଜିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। କେହି ଶିକ୍ଷକ ଦଶମ ଶ୍ରେଣୀ ଛାତ୍ରଙ୍କୁ ନେଇ ହଣ୍ଡା ମାଜିଛନ୍ତି, ସେଥିପାଇଁ ସେ ଦୁଃଖିତ ବୋଲି କହିଛନ୍ତି।

# ମାଟି ଅତଡ଼ା ଖସି ମହିଳା ମୃତ

ଉମରକୋଟ, ୧୩।୧୨
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ କାରାଗାଁ ପଞ୍ଚାୟତ ଲୋହରାଗୁଡ଼ା ଗ୍ରାମ ନିକଟରେ ରଙ୍ଗ ମାଟି ଖୋଳିବାବେଳେ ମାଟି ଅତଡ଼ା ଖସିପଡ଼ିବାରୁ ଜଣେ ମହିଳାଙ୍କର ମାଟି ତଳେ ଚାପିହୋଇ ମୃତ୍ୟୁ ହୋଇଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ କାଳିଆଗୁଡ଼ା ଗ୍ରାମର ସୋରାଦୁ ଭତ୍ରା।

ସୂଚନାନୁଯାୟୀ ଆଗକୁ ଆଦିବାସୀଙ୍କ ଦିଆଲି ପର୍ବ ରହିଛି। ଘର ଲିପିବା ନିମନ୍ତେ ରଙ୍ଗମାଟି ଆଣିବାକୁ ଚାତିବେଡ଼ା ପଞ୍ଚାୟତ ମନୁଗୁଡ଼ାର ୭ଜଣ ଓ ରତାଖଣ୍ଡିଗୁଡ଼ା ପଞ୍ଚାୟତ କାଳିଆଗୁଡ଼ାର ୬ଜଣ ମହିଳା ବୁଧବାର ଅପରାହ୍ନରେ କାରାଗାଁ ପଞ୍ଚାୟତ ଲୋହରାଗୁଡ଼ା ପାଖରେ ଥିବା ଏକ ରଙ୍ଗମାଟି ପାହାଡ଼କୁ ଯାଇଥିଲେ। ସେଠାରୁ ମାଟି ଆଣିବାବେଳେ ହଠାତ୍ ମାଟି ଅତଡ଼ା ଖସିପଡ଼ିଥିଲା। ମାଟି ତଳେ ଚାପିହୋଇ ସୋରାଦୁଙ୍କ ମୃତ୍ୟୁ ହୋଇଥିବାବେଳେ ମନୁଗୁଡ଼ା ଗ୍ରାମର ତୁଲାବତୀ ଗୌଡ଼ ଗୁରୁତର ଅଛନ୍ତି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡାବୁଗାଁ ଥାନା ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତକରି ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମୃତକଙ୍କ ସ୍ୱାମୀ ରଘୁ ଭତ୍ରା ଡାବୁଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୩୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଦେବ ପୁରୀ ପୌର ପରିଷଦ

## ୪ବର୍ଷର ଶିଶୁଙ୍କୁ କୁକୁର କାମୁଡ଼ି ମାରିବା ଘଟଣା

ପୁରୀ,୧୩।୧୨(ଅଜିତ୍ ମହାନ୍ତି)

୨୦୧୬ ଡିସେମ୍ବର ୧ରେ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ବୁଲା କୁକୁରଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ସାଢ଼େ ୪ବର୍ଷର ଶିଶୁ ପୁତ୍ରଙ୍କ ପରିବାରକୁ ନ୍ୟାୟ ମିଳିଛି। ଘଟଣା ଘଟିବାର ଦୀର୍ଘ ୭ ବର୍ଷ ପରେ ମୃତ୍ୟୁବରଣ କରିଥିବା ଶିଶୁର ପରିବାରଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ହାଇକୋର୍ଟ ପୁରୀ ପୌରପାଳିକାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପୁରୀ କୁମ୍ଭାରପଡା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ହୃଦାନନ୍ଦ ରାଉତ ଓ ତାଙ୍କ ସ୍ତ୍ରୀ ରହି ମୂଲ ଲାଗି ପରିବାର ଭରଣ ପୋଷଣ କରୁଥିଲେ। ୨୦୧୬ ଡିସେମ୍ବର ୧ରେ ତାଙ୍କ ସାଢେ ୪ବର୍ଷର ପୁଅ ଘର ନିକଟସ୍ଥ ପଡିଆଠାରେ ଖେଳୁଥିବାବେଳେ ହଠାତ୍ ତାଙ୍କ ଉପରକୁ କିଛି ବୁଲା କୁକୁର ଆକ୍ରମଣ କରିବା ସହ ଝୁଣି ପକାଇଥିଲେ। ଗୁରୁତର ଅବସ୍ଥାରେ ତାକୁ ପୁରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପୁରୀ ପୌରସଂସ୍ଥା କିଛି ଅର୍ଥ ଦେଇ ନିଜ କାମ ସାରିଦେଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୁଅର ମୃତ୍ୟୁ ପରେ ହୃଦାନନ୍ଦ ଓ ତାଙ୍କ ସ୍ତ୍ରୀ ପୁରୀ ଛାଡ଼ି ତାଙ୍କ ଗାଁକୁ ଫେରିଯାଇଥିଲେ। ଅପରପକ୍ଷରେ ଏପରି ଘଟଣା ସମ୍ପର୍କରେ ଜଣେ ଆଇନଜୀବୀ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାଖଲ କରିଥିଲେ। ଏହାର ବିଚାର କରି ଦୀର୍ଘ ୭ ବର୍ଷ ପରେ ହାଇକୋର୍ଟ ରାୟ ପ୍ରକାଶ କରିଛନ୍ତି। ମୃତ ଶିଶୁ ପୁତ୍ରର ମା'ବାପାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତି ପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ପୁରୀ ପୌରପାଳିକାକୁ ନିର୍ଦ୍ଦେଶ ଦେଇଛନ୍ତି। ରାୟ ଆସିବା ପରେ ମୃତ ଶିଶୁର ସମ୍ପର୍କୀୟ ମାଉସୀ କାଞ୍ଚନ ସ୍ୱାଇଁ କହିଛନ୍ତି, ଘଟଣା ଦିନ ଶିଶୁ ପୁତ୍ର ଏକାକୀ ଖେଳୁଥିବା ସମୟରେ ୪ ରୁ ୫ ଟି କୁକୁର ତାକୁ ବେଢ଼ିଯାଇ କାମୁଡ଼ି ଝୁଣି ପକାଇଥିଲେ। କୁକୁରଙ୍କ କବଳରୁ ପିଲାକୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ପିଲାକୁ ମୃତ ବୋଲି ଘୋଷଣା କରିଥିଲେ। ତେବେ ଉଚ୍ଚ ଅଦାଲତ କ୍ଷତିପୂରଣ ପାଇଁ ୧୦ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପିଲାଟି ବଞ୍ଚିଥାନ୍ତା ତେବେ ମା'ବାପାଙ୍କୁ ପୋଷିଥାନ୍ତା। ଆଗକୁ ଯେପରି ଏପରି ଘଟଣା ନ ଘଟିବ ସେଥିପାଇଁ ପ୍ରଶାସନ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଛନ୍ତି। ଅପରପକ୍ଷରେ ମୃତ ଶିଶୁ ପୁତ୍ର ପରିବାରକୁ ପୁରୀ ପୌରସଂସ୍ଥା ୧୦ଲକ୍ଷ ଟଙ୍କା ଦେବା ନିର୍ଦ୍ଦେଶ ସମ୍ପର୍କରେ ପୁରୀ ପୌରସଂସ୍ଥା ନିର୍ବାହି ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ଉକ୍ତ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମେ ମୋଟର ଭେଇକିଲ ଆକ୍ଟର ନିୟମ ଅନୁଯାୟୀ ୫୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ଯାହା ଶୁଣିବାକୁ ମିଳୁଛି ହାଇକୋର୍ଟ ମୃତ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏପର୍ଯ୍ୟନ୍ତ ଅର୍ଡର କପି ହସ୍ତଗତ ହୋଇନାହିଁ। ଅର୍ଡର କପି ମିଳିବା ପରେ ପରବର୍ତ୍ତୀ କ'ଣ ପଦକ୍ଷେପ ନିଆଯିବ ଓ କୋର୍ଟଙ୍କ ନିର୍ଦ୍ଦେଶ କିପରି ପାଳନ କରାଯିବ ସେ ନେଇ ଆଲୋଚନା କରାଯିବ ବୋଲି ସ୍ୱାଇଁ କହିଛନ୍ତି।

# ପରକୀୟା ପ୍ରୀତିକୁ ନେଇ ହତ୍ୟା କରିଥିଲେ ମହିଳା

## ଯୁବ ବିଜେଡି ଉପସଭାପତି ସଞ୍ଜିତଙ୍କ ମୃତ୍ୟୁ ଘଟଣା

ଫୁଲବାଣୀ,୧୩।୧୨
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଯୁବ ବିଜେଡି ଉପସଭାପତି ସଞ୍ଜିତ ମଲ୍ଲିକ(୩୨)ଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ପରକୀୟା ପ୍ରୀତି, ବ୍ଲାକମେଲିଂ, ଅର୍ଥ କାରବାରକୁ ନେଇ ସଞ୍ଜିତଙ୍କୁ ହତ୍ୟା କରାଯାଇଛି। ଏହି କାଣ୍ଡ ଭିଆଇଥିବା ଜଣେ ମହିଳାଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ କାନକାଡି ଗ୍ରାମର ସୌଦାମିନୀ ମଲ୍ଲିକ(୪୨)। ନିଶାସକ୍ତ ଥିବା ସଞ୍ଜିତ ଶୋଇ ପଡ଼ିବା ପରେ ସୌଦାମିନୀ ତକିଆରେ ତାଙ୍କ ମୁହଁକୁ ଚାପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ବୁଧବାର ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି।

ସଞ୍ଜିତଙ୍କ ସହ ପ୍ରାୟ ୨ ବର୍ଷ ହେବ ସୌଦାମିନୀଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ତାହା କ୍ରମେ ଦୈହିକ ସମ୍ପର୍କର ସ୍ଥାନ ନେଇଥିଲା। ସୌଦାମିନୀ କିଛି ଦିନ ହେବ ଏଥିରୁ ନିବୃତ୍ତ ହେବାକୁ ଚାହୁଁଥିଲେ। ହେଲେ ସଞ୍ଜିତ ତାଙ୍କୁ ବ୍ଲାକମେଲିଂ କରି ବାରମ୍ବାର ପାଖକୁ ଡାକୁଥିଲେ। ସେହିପରି ଗ୍ରୁପରୁ ଲୋନ କରି ସୌଦାମିନୀ ୪ ହଜାର ଟଙ୍କା ତାଙ୍କୁ ଦେଇଥିଲେ। ହେଲେ ସଞ୍ଜିତ ଏହାକୁ ଫେରାଉ ନ ଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଗତ ୩୦ ତାରିଖ ରାତିରେ ସଞ୍ଜିତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଶୋଇବାକୁ ଆସି ସୌଦାମିନୀଙ୍କୁ ଫୋନରେ ଡାକିଥିଲେ। ସେଠାରେ ପ୍ରାୟ ରାତି ସାଢ଼େ ୧୦ଟାରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ହୋଇଥିଲା। ଅତ୍ୟଧିକ ନିଶାସକ୍ତ ଥିବା ସଞ୍ଜିତ ଶୋଇଯିବା ପରେ ତକିଆରେ ସୌଦାମିନୀ ତାଙ୍କ ମୁହଁକୁ ଚାପି ହତ୍ୟା କରିଥିଲେ। ଫୋନ କଲ୍ ବିଷୟରେ କିଏ ଜାଣିବ ଭାବି ଫୋନକୁ ନେଇ ଘର ପାଖରେ ମାଟି ତଳେ ପୋତି ଦେଇଥିଲେ। କଲ୍ ରେକର୍ଡ ଯାଞ୍ଚ ଏବଂ ତଦନ୍ତ ବେଳେ ସୌଦାମିନୀଙ୍କୁ ଘରୁ ଆଣି ପଚରାଉଚରା କରିବାରୁ ସେ ସମସ୍ତ କଥା ମାନିଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଶ୍ୱାସରୁଦ୍ଧ ଏବଂ ପେଟରେ ଅତ୍ୟଧିକ ମଦ ଥିବା ରିପୋର୍ଟ ଆସିଛି। ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ସଦର ଥାନାଧିକାରୀ ସିତାଂଶୁ ଶେଖର ମାନ୍ଧାତା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ସଞ୍ଜିତଙ୍କ ମୃତଦେହ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ଏବଂ ବାପା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ନଂ.୧୯୭/୨୩ରେ ମାମଲା ରୁଜୁ ହୋଇଥିଲା।


ପ୍ରତାପ କେଶରୀ ଦେବ
ମନ୍ତ୍ରୀ
ଶିଳ୍ପ, ଅତିକ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ,
ଶକ୍ତି, ଓଡିଶା



ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେମାନ୍ୟବର ଶକ୍ତିମନ୍ତ୍ରୀ ଙ୍କ ବାର୍ତ୍ତା

ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ବର୍ତ୍ତମାନ ସମୟରେ ବିଦ୍ୟୁତ୍ ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଉଛି । ଆଧୁନିକ ଯୁଗର ନିଆଁ, ପାଣି, ପବନ ପରି ବିଦ୍ୟୁତ୍ ମନୁଷ୍ୟର ଏକ ଆବଶ୍ୟକତା ଭାବେ ଉଭା ହୋଇଛି । ସୀମିତ ପ୍ରାକୃତିକ ସମ୍ବଳକୁ ଦୃଷ୍ଟିରେ ରଖି ଶକ୍ତି ଚାହିଦା ଏବଂ ଏହାର ଅଭିବୃଦ୍ଧିକୁ ପୂରଣ କରିବା ପାଇଁ ସମସ୍ତ ବିକଳ୍ପ ଅନୁସରଣ କରିବା ଅପରିହାର୍ଯ୍ୟ ହୋଇପଡିଛି । ଏହି ସମସ୍ୟାର ପ୍ରମୁଖ ବିକଳ୍ପ ହେଉଛି "ଶକ୍ତି ସଂରକ୍ଷଣ" । ଶକ୍ତି ସଂରକ୍ଷଣର ଗୁରୁତ୍ୱ ଏବଂ ଶକ୍ତି ସଂରକ୍ଷଣ ନିମନ୍ତେ ଅଧିକ ଜନ ସଚେତନତା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି । ଜୀବନଶୈଳୀରେ ଆମେ ଛୋଟ ଛୋଟ ପରିବର୍ତ୍ତନ ଆଣି ବହୁ ପରିମାଣରେ ଶକ୍ତି ସଂରକ୍ଷଣ କରିପାରିବା

- ଘରେ ଯଥାସମ୍ଭବ ସୂର୍ଯ୍ୟାଲୋକ ଏବଂ ଖୋଲା ପବନର ବ୍ୟବହାର କରିବା, ଆବଶ୍ୟକ ନଥିଲେ ଲାଇଟ୍, ଏସି, ଫ୍ୟାନ, ଟିଭି ଓ କମ୍ପ୍ୟୁଟର ବନ୍ଦ ରଖିବା ।
- ପାରମ୍ପରିକ ବିଦ୍ୟୁତ୍ ପଙ୍ଖା ବଦଳରେ ବି.ଏଲ୍.ଡି.ସି. ପଙ୍ଖା ବ୍ୟବହାର କରିବା, ବିଦ୍ୟୁତ୍ ଶକ୍ତି ସଞ୍ଚୟ ଏବଂ ଅର୍ଥ ସଞ୍ଚୟ କରିବା ।
- ଓଡ଼ିଶା ଶକ୍ତି ସଂରକ୍ଷଣ ଗୃହ ନିର୍ମାଣ ସଂହିତା-୨୦୨୨ ଅନୁଯାୟୀ ବ୍ୟାବସାୟିକ କୋଠା ନିର୍ମାଣକରିବା ।
- କୃଷି କ୍ଷେତ୍ରରେ ଉଚ୍ଚ ଦକ୍ଷତାସମ୍ପନ୍ନ ସୌର ଶକ୍ତି ଚାଳିତ ପମ୍ପସେଟ୍ ଏବଂ ବି.ଇ.ଇ. ତାରକା ଚିହ୍ନିତ ବିଦ୍ୟୁତ୍ ମୋଟର/ ପମ୍ପ ବ୍ୟବହାର କରିବା ।
- ପେଟ୍ରୋଲ୍ ଓ ଡିଜେଲ ଚାଳିତ ଯାନବାହନ ପରିବର୍ତ୍ତେ ବିଦ୍ୟୁତ୍ ଚାଳିତଯାନର ବ୍ୟବହାର କରିବା ।

ଶକ୍ତି ଦକ୍ଷ ଉପକରଣ ବ୍ୟବହାର ସହ ଶକ୍ତି ଅପଚୟକୁ ରୋକିବା ଦ୍ୱାରା ଶକ୍ତି ସଂରକ୍ଷଣ ଅଭିଯାନକୁ ସଫଳ କରାଯାଇପାରିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଶକ୍ତି ସଂରକ୍ଷଣ ଅଭିଯାନକୁ ଫଳଦାୟୀ କରିବାପାଇଁ ଶକ୍ତି ବିଭାଗ ନିରନ୍ତର ପ୍ରୟାସ ଜାରି ରଖିଛି । ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କ ସହଯୋଗ କାମନା କରୁଛି।

(ପ୍ରତାପ କେଶରୀ ଦେବ)
ଶକ୍ତିମନ୍ତ୍ରୀ

OIPR-04025/13/0029/2324





"ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ–ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ। –ଶ୍ରୀଅରବିନ୍ଦ



# ଏକାକୀ ବୁଦ୍ଧ



ଦେବଦତ୍ତ ପଟ୍ଟନାୟକ

ବୌଦ୍ଧ ଧର୍ମର ଆଧ୍ୟାତ୍ମିକ ପୃଷ୍ଠଭୂମିକୁ ଲକ୍ଷ୍ୟ କଲେ ସେଥିରୁ ଅନେକ କିଛି ଜାଣିବାକୁ ମିଳେ। ଏହି ଧର୍ମରେ ପାସେକା ବୁଦ୍ଧର ଧାରଣା ରହିଛି। ପାସେକା–ବୁଦ୍ଧ ସଂସ୍କୃତ ଶବ୍ଦ 'ପ୍ରତ୍ୟେକ ବୁଦ୍ଧ'ରୁ ଆସିଛି। ପ୍ରତ୍ୟେକ ବୁଦ୍ଧ କହିଲେ ଜଣ(ଏକ)କୁ ବୁଝାଏ, ଅର୍ଥାତ୍ ଏକାକୀ ବୁଦ୍ଧ (ବିନା ଗୁରୁ ଓ କୌଣସି ଅଧ୍ୟାତ୍ମ ଅନୁଷ୍ଠାନର ସାହାଯ୍ୟ ନ ନେଇ ନିଜ ସାଧନା ବଳରେ ଏକାକୀ ଜ୍ଞାନ ପ୍ରାପ୍ତ ହୋଇଥା'ନ୍ତି), ଯେଉଁମାନେ ବିଭିନ୍ନ ବୌଦ୍ଧଧର୍ମ ମଧ୍ୟରେ ସୃଷ୍ଟି ହୁଅନ୍ତି। ଯେତେବେଳେ କୌଣସି ଗୁରୁ କିମ୍ବା ସନ୍ନ୍ୟାସ ଧର୍ମ ଅଭ୍ୟାସ ପାଇଁ କୌଣସି ଅଧ୍ୟାତ୍ମ ଅନୁଷ୍ଠାନ ନ ଥାଏ, ସେହି ସମୟରେ ସେମାନଙ୍କର ଉତ୍‌ଥାନ ହୋଇଥାଏ। ଉଲ୍ଲେଖନୀୟ, ସେମାନଙ୍କର କୌଣସି ଗୁରୁ କିମ୍ବା ଆଧ୍ୟାତ୍ମିକ ଶିକ୍ଷକ ନ ଥା'ନ୍ତି ଏବଂ ସେମାନେ କେବେବି ଗୁରୁ ହେବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ଏକାକୀ ତଥା ବୈରାଗ୍ୟ ଜୀବନଯାପନ କରନ୍ତି, ତଥାପି ସେମାନଙ୍କ ଉପସ୍ଥିତି ଲୋକଙ୍କୁ ପ୍ରେରଣା ଦେଇଥାଏ। ସେମାନେ କଦାପି ଗୁରୁକୁଳ ପ୍ରତିଷ୍ଠାନର ଅଂଶ ହୁଅନ୍ତିନି ଏବଂ କୌଣସି ଶିକ୍ଷାନୁଷ୍ଠାନର ଅଂଶ ହେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି।

କେବଳ ବୌଦ୍ଧଧର୍ମ ନୁହେଁ, ହିନ୍ଦୁ ପରମ୍ପରାରେ ମଧ୍ୟ ଏପରି ବିଚାର ଦେଖିବାକୁ ମିଳେ। ଏହାର ଏକ ଉଦାହରଣ ହେଉଛନ୍ତି ଦତ୍ତାତ୍ରେୟ। ଅତ୍ରି ଏବଂ ଅନସୂୟାଙ୍କ ପୁତ୍ର ଥିଲେ ଦତ୍ତାତ୍ରେୟ। ତାଙ୍କର କୌଣସି ଗୁରୁ ନ ଥିଲେ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। କୁହାଯାଏ, ପ୍ରକୃତି ହିଁ ସବୁଠୁ ଭଲ ଗୁରୁ ଓ ଦତ୍ତାତ୍ରେୟ ଏହାର ମହତ୍ତ୍ୱକୁ ପ୍ରତିପାଦିତ କରିଛନ୍ତି। ସେ ନିଜେ ପ୍ରକୃତିରୁ ଶିଖିଛନ୍ତି ଏବଂ ତାଙ୍କ ଚାରିପାଖରେ ଶିଷ୍ୟ ପାଇବାକୁ ମଧ୍ୟ ଚେଷ୍ଟା କରିନାହାନ୍ତି। ହିମାଚଳପ୍ରଦେଶ ପାହାଡ଼ରେ ବାବା ବାଲକ୍ ନାଥଙ୍କୁ ପୂଜା କରାଯାଏ। ସେ ଜଣେ ଶିଶୁ ସାଧୁ ଭାବରେ ପୂଜନୀୟ। କିନ୍ତୁ ସେ ନାଥ ଯୋଗୀ ପଥ (ଯେଉଁଥିରେ ସନ୍ନ୍ୟାସୀମାନଙ୍କର କାନଫୋଡ଼ା ବିଧି ରହିଥାଏ) ସହିତ ଜଡ଼ିତ ହେବାକୁ ଚାହିଁନାହାନ୍ତି। ବାଲକ୍ ନାଥ ଜଣେ ଦିବ୍ୟ ବା ଅନନ୍ତ ଶକ୍ତିଙ୍କ ସନ୍ତାନ ଭାବରେ ଦୃଶ୍ୟମାନ ହୋଇଛନ୍ତି। ତାଙ୍କୁ ଏକ ମୟୂର



ଉପରେ ବସିଥିବା ଦେଖାଯାଏ। ସେ ସମସ୍ତ ସିଦ୍ଧ ଶକ୍ତି ପାଇଛନ୍ତି ବୋଲି ବର୍ଣ୍ଣନା ରହିଛି। କିନ୍ତୁ ଅନ୍ୟ ସିଦ୍ଧ ଯୋଗୀଙ୍କ ସହିତ ସେ କେବେବି ତାଲିକାଭୁକ୍ତ ହୋଇନାହାନ୍ତି।

ତଥାପି, ପାସେକା ବୁଦ୍ଧଙ୍କ ସମ୍ପର୍କରେ ଅନେକ କାହାଣୀ ଉଲ୍ଲେଖ କରାଯାଇଛି। ଏଥିରେ ପାସେକା ବୁଦ୍ଧଙ୍କୁ ଜଣେ ଅଲୌକିକ ତଥା ଦିବ୍ୟଜ୍ଞାନ ପ୍ରାପ୍ତ ପୁରୁଷ ଭାବେ ବର୍ଣ୍ଣନା କରାଯାଇଛି। ଏହାର ଉଦାହରଣ ବୌଦ୍ଧ ଧର୍ମଗ୍ରନ୍ଥ ସୂତ୍ତ ନିପାତରେ ଦେଖିବାକୁ ମିଳେ। ଏଥିରୁ ଆମେ ବ୍ରହ୍ମଦତ୍ତ ନାମକ ଜଣେ ରାଜାଙ୍କ ବିଷୟରେ ଶୁଣିଥାଉ, ଯାହାଙ୍କୁ ସାତଜଣ ପାସେକା ବୁଦ୍ଧ ସାକ୍ଷାତ୍ କରିଥିଲେ। ସେମାନେ କିଏ ବୋଲି ରାଜା ବ୍ରହ୍ମଦତ୍ତ ପଚାରିଥିଲେ। ସେହି ସାତଜଣ ବୁଦ୍ଧ ଉତ୍ତର ଦେଇଥିଲେ, ସେମାନେ ବହୁତ ଜ୍ଞାନୀ। ଏହା ଶୁଣିବା ପରେ ରାଜା ସେମାନଙ୍କୁ ଜ୍ଞାନ ମାଗିଥିଲେ ଏବଂ ସେମାନେ ପ୍ରତ୍ୟେକ ତାଙ୍କୁ କେବଳ ଗୋଟିଏ ପଦ କହିଥିଲେ। ପ୍ରଥମ ଜଣକ ରାଜାଙ୍କୁ କହିଛନ୍ତି ଯେ, ଖୁସି ହେବା ପାଇଁ ଆବେଗକୁ ନଷ୍ଟ କରିବାକୁ ପଡ଼ିବ। ଦ୍ୱିତୀୟ ଜଣକ କହିଛନ୍ତି ଯେ, ଖୁସି ହେବା ପାଇଁ ଘୃଣାକୁ ନଷ୍ଟ କରିବାକୁ ପଡ଼ିବ। ଅବଶିଷ୍ଟ ପାଞ୍ଚଜଣ ପାସେକା ବୁଦ୍ଧ କହିଛନ୍ତି, ଖୁସି ହେବା ପାଇଁ ମୋହ ନଷ୍ଟ କରିବାକୁ, ପରିବର୍ତ୍ତନକୁ ଗ୍ରହଣ କରିବାକୁ, ଆଗକୁ ବଢ଼ିବାକୁ, ଆଲିଙ୍ଗନ ଏବଂ ଲୋଭ ଛାଡ଼ିବାକୁ ପଡ଼ିବ। ସେମାନଙ୍କ କଥା ଶୁଣିବା ପରେ ରାଜା ଟିକିଏ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, ସେ ସାତଜଣଙ୍କଠାରୁ କେବଳ ସାତ ଧାଡ଼ି ଶୁଣିଛନ୍ତି। କିନ୍ତୁ ସେ ଯେତେବେଳେ ସାତ ପାସେକା ବୁଦ୍ଧଙ୍କ ସାତ ଧାଡ଼ି କଥା ଉପରେ ଧ୍ୟାନ କରିଛନ୍ତି, ସେତେବେଳେ ସେ ନିଜେ ଜ୍ଞାନ ପ୍ରାପ୍ତ ହୋଇଛନ୍ତି ଓ ଏକାକୀ ବୁଦ୍ଧ ପାଲଟି ଯାଇଛନ୍ତି। କାରଣ ସେ ଜଗତର ଅସଲ ସ୍ୱରୂପକୁ ଦେଖିପାରିଛନ୍ତି।

ବୌଦ୍ଧଧର୍ମର ତାଳପତ୍ର ଜାତକରେ ଜଣେ ଯୁବ ରାଜକୁମାର ତଥା ବୋଧିସତ୍ତ୍ୱଙ୍କ କାହାଣୀ ରହିଛି। ସେ ୫୦୦ ଏକାକୀ ବୁଦ୍ଧଙ୍କ ଏକ ଦଳକୁ ପଚାରିଛନ୍ତି ଯେ, ତାଙ୍କର ସବୁଦିନ ପାଇଁ ରାଜା ହେବାର ସମ୍ଭାବନା ଅଛି କି ନାହିଁ। ତାଙ୍କର ବହୁ ସଂଖ୍ୟକ ଭାଇ ଥିବାରୁ ସେହି ବୁଦ୍ଧମାନଙ୍କୁ ସେ ଏଭଳି ପ୍ରଶ୍ନ କରିଛନ୍ତି। ଜଙ୍ଗଲରେ ଅନ୍ୟ ଏକ ରାଜ୍ୟ ଖୋଜିବାକୁ ସେମାନେ ରାଜକୁମାରଙ୍କୁ ପରାମର୍ଶ ଦେଇଛନ୍ତି। କିନ୍ତୁ ସେମାନେ ସତର୍କ କରିଦେଇଛନ୍ତି ଯେ, ଏହି ଜଙ୍ଗଲ ଯକ୍ଷୀରେ ପରିପୂର୍ଣ୍ଣ, ଯେଉଁମାନେ ସେହି ଜଙ୍ଗଲ ଦେଇ ଯାଉଥିବା ପୁରୁଷମାନଙ୍କୁ ସେମାନଙ୍କ ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଆକର୍ଷିତ କରି ଫସାଇଦିଅନ୍ତି। ସେମାନେ ପୁରୁଷମାନଙ୍କୁ ଏକ ଶଯ୍ୟା ଯୋଗାଇବେ। ସେମାନେ ଅତର, ଖାଦ୍ୟ, ସୌନ୍ଦର୍ଯ୍ୟ ଯୋଗାଇବା ସହ ଗୀତ ଗାଇବେ ଏବଂ ପରେ ବନ୍ଦୀ ଭାବେ ରଖି ସେମାନଙ୍କୁ ନଷ୍ଟ କରିବେ। ରାଜକୁମାର ସେମାନଙ୍କଠାରୁ ଏହା ଶୁଣିବା ପରେ ୫ଜଣ ସାଥୀଙ୍କ ସହିତ ସେହି ଜଙ୍ଗଲ ଦେଇ ଯାଇଛନ୍ତି ଓ ସେମାନେ ପ୍ରତ୍ୟେକ ଏହି ଇନ୍ଦ୍ରିୟାସକ୍ତ ପ୍ରଲୋଭନରେ ପଡ଼ିଛନ୍ତି। କେବଳ ବୋଧିସତ୍ତ୍ୱ ଜଙ୍ଗଲ ଅତିକ୍ରମ କରି ଜୀବନ୍ତ ପହଞ୍ଚିଛନ୍ତି ଆରପାଖରେ ଓ ସେଠାରେ ଏକ ନୂତନ ରାଜ୍ୟ ପାଇଛନ୍ତି। ଲୋଭର ସାଗର ପାର ହେବାର ଏହା ଏକ ସ୍ପଷ୍ଟ ପ୍ରତୀକ।

ଶେଷରେ, ଭଗବତ ପୁରାଣରେ ଦତ୍ତାତ୍ରେୟଙ୍କ କାହାଣୀ ପରି ଅନ୍ୟ ଏକ କାହାଣୀର ବର୍ଣ୍ଣନା ଦେଖିବାକୁ ମିଳେ। ବାର୍ଦ୍ଧକ୍ୟ, ରୋଗ, ମୃତ୍ୟୁ ଓ ବୈରାଗ୍ୟର ବାସ୍ତବ ଅନୁଭବ କିଭଳି ଜଣେ ବୋଧିସତ୍ତ୍ୱଙ୍କୁ କେବଳ ଏକାକୀ ବୁଦ୍ଧରେ ପରିଣତ କରେ ତାହା ସେଥିରେ ଉଲ୍ଲେଖ କରାଯାଇଛି। ଗୋଟିଏ କପୋତକୁ ଛଞ୍ଚାଣ କିପରି ଧରି ହତ୍ୟା କରିଛି ତାହା ସେ ଦେଖିଛନ୍ତି ଏବଂ ସେଥିରେ ସେ ତାଙ୍କର ଲାଳସାକୁ ଜୟ କରିଛନ୍ତି। କ୍ରୋଧରେ ଏକ ସାପ ଏକ ଷଣ୍ଢକୁ ହତ୍ୟା କରେ ଏବଂ ତା'ପରେ ସେ କରିଥିବା କର୍ମ ପାଇଁ ଅନୁତାପ କରେ। ଏକ ଶୃଗାଳ ତା' ଆସକ୍ତି ପାଇଁ ଅନୁତାପ କରେ, ଯେଉଁଥିରେ ସେ ଏକ ମୃତ ହାତୀ ମୋଟା ଚମଡ଼ା ତଳେ ଫସି ନ ରହିବା ଯାଏ ମାଂସ ଖାଇଚାଲିଥାଏ। ଲୋଭ ଭାଲୁଟିକୁ ଏକ ଗାଁରେ ପ୍ରବେଶ କରାଏ ଏବଂ ସେ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୁଏ। ଲୋଭ, ଆସକ୍ତି, କ୍ରୋଧ ଆଦି ଜୟ କରିବା ହିଁ ଜଣଙ୍କୁ ବିନା ଗୁରୁରେ ବି ବୁଦ୍ଧ କରିପାରେ।

–devduttofficial@gmail.com

## ଏଇ ଭାରତରେ

ଗୋରକ୍ଷା ପାଇଁ ଗଳା ଫଟେଇ କହୁଥିବା ଲୋକମାନେ ମୁଜାଫର ନଗରର ଜସ୍ମିନ ମଲିକଙ୍କଠାରୁ କିଛି ଶିଖିବା ଦରକାର। ଜସ୍ମିନ ନିଜେ ଏକ ଗୋଶାଳା କରି ୫୫ ଗୋରୁ ରଖିଛନ୍ତି। ଏକ ଜାଗା ଭଡାରେ ନେଇ ଏହି ଗୋଶାଳା କରିଛନ୍ତି। ଗାଈ କ୍ଷୀର ଦେବା ବନ୍ଦ କରିଦେବା ପରେ ସେମାନଙ୍କୁ ଲୋକେ ଅସହାୟ ଅବସ୍ଥାରେ ରାସ୍ତାରେ ଛାଡ଼ିଦିଅନ୍ତି। ଜସ୍ମିନ ସେମାନଙ୍କୁ ଉଦ୍ଧାର କରି ତାଙ୍କ ଗାଶାଳାରେ ରଖୁଛନ୍ତି। ଏହା ବ୍ୟତୀତ ରୋଗଗ୍ରସ୍ତ କିମ୍ବା ଦୁର୍ଘଟଣାରେ ଆହତ ଷଣ୍ଢମାନଙ୍କୁ ମଧ୍ୟ ଉଦ୍ଧାର କରି ସେ ଗୋଶାଳାରେ ଚିକିତ୍ସା କରୁଛନ୍ତି। ସେ ଏହି ଗୋଶାଳାର ନାମ 'ଶିବ କେ ନନ୍ଦିୟୋଁକା ଘର୍' ରଖିଛନ୍ତି। ଜସ୍ମିନଙ୍କ ବୟସ ୨୯ ବର୍ଷ। ପେସାରେ ସେ ଜଣେ ଆକାଉଣ୍ଟାଣ୍ଟ। ସେ ତାଙ୍କ ଦରମାରେ ଗାଶାଳା ପରିଚାଳନା କରୁଛନ୍ତି। ଗୋରୁଙ୍କ ଖାଦ୍ୟ, ଚିକିତ୍ସା ଆଦି ଖର୍ଚ୍ଚ ସେ ନିଜେ ବହନ କରନ୍ତି। ଜସ୍ମିନଙ୍କର ଏହି କାର୍ଯ୍ୟ ଦେଖି କିଛି ବ୍ୟକ୍ତି ସାହାଯ୍ୟ କରୁଥିଲେ ମଧ୍ୟ ତାହା ଅଭାବ ପୂରଣ ହୋଇପାରୁନାହିଁ ବୋଲି କହନ୍ତି ଜସ୍ମିନ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

୧୪ ଡିସେମ୍ବର ୧୯୭୪

- କୋଇଲା ଉତ୍ପାଦନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ନେଇ ପେଟ୍ରୋଲିୟମ୍ ଓ ରାସାୟନିକ ବିଭାଗ ମନ୍ତ୍ରୀ କେ.ଡି. ମାଳବୀୟଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ ମନ୍ତ୍ରିମଣ୍ଡଳ କମିଟି ଗଠିତ।
- ରୋମଠାରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ସମ୍ମିଳନୀର ପରିକଳ୍ପନା ଅନୁଯାୟୀ ୩୬ଟି ଦେଶକୁ ନେଇ ଏକ ଖାଦ୍ୟ କାଉନ୍‌ସିଲ ଗଠନ କରାଯିବା ନିମନ୍ତେ ଜାତିସଂଘର ଅର୍ଥନୈତିକ କମିଟି ଏକ ପ୍ରସ୍ତାବ ଗ୍ରହଣ କରିଛନ୍ତି।
- ଜାତିସଂଘର ପୂର୍ବତନ ସଚିବ ପ୍ରଧାନ ସ୍ୱର୍ଗତ ଉ. ଥାଣ୍ଟଙ୍କ ଶବକୁ କବର ଦିଆଯିବା ସଂକ୍ରାନ୍ତ ବିବାଦରୁ ତୁମୁଳ ସଂଘର୍ଷ ଓ ହିଂସାକାଣ୍ଡର ଉଦ୍ଭବ ହେବା ଫଳରେ ରେଙ୍ଗୁନ ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମରିକ ଆଇନ ତଥା କର୍ଫ୍ୟୁ କଟକଣା ଜାରି କରାଯାଇଛି।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 4 | 9 |
| 7 | | | | | | | 2 | |
| | | 5 | | 9 | | | | |
| | | 8 | | | 2 | | | |
| | | 9 | | 4 | 8 | 5 | | 1 |
| 3 | | | | | 9 | 8 | | |
| 1 | 4 | | | | | | 7 | |
| | | | | | | | | 4 |
| | | | 3 | | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 5 | 6 | 9 | 7 | 2 | 1 |
| 9 | 7 | 5 | 3 | 2 | 1 | 4 | 6 | 8 |
| 6 | 1 | 2 | 4 | 7 | 8 | 5 | 3 | 9 |
| 7 | 9 | 3 | 1 | 4 | 2 | 6 | 8 | 5 |
| 5 | 4 | 8 | 6 | 9 | 3 | 2 | 1 | 7 |
| 2 | 6 | 1 | 7 | 8 | 5 | 9 | 4 | 3 |
| 1 | 2 | 7 | 8 | 5 | 4 | 3 | 9 | 6 |
| 3 | 5 | 9 | 2 | 1 | 6 | 8 | 7 | 4 |
| 4 | 8 | 6 | 9 | 3 | 7 | 1 | 5 | 2 |

ଗତକାଲିର ଉତ୍ତର

# ବେନାମୀ ଧନର ମୂଳ ଉତ୍ସ କେଉଁଠି



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଝାଡ଼ଖଣ୍ଡରୁ ଜଣେ ରାଜ୍ୟ ସଭା ସଦସ୍ୟ ଓ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବାସଭବନରେ ଆୟକର ବିଭାଗ ୫ଦିନ ଧରି ଚଢ଼ାଉ କରିଥିଲା। ଏହି ଚଢ଼ାଉ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସାହୁ ଗ୍ରୁପ୍‌ର କମ୍ପାନିରେ ହୋଇଥିଲା। ଆୟକର ବିଭାଗର ଅଧିକାରୀମାନେ ଓଡ଼ିଶା ଓ ଝାଡ଼ଖଣ୍ଡରୁ ଏପର୍ଯ୍ୟନ୍ତ ମୋଟ ୪୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଜବତ ହୋଇଥିବା କଳାଟଙ୍କା ଉପରେ ଆଭିମୁଖ୍ୟ ଦେଖାଇଛନ୍ତି ପ୍ରଧାନମନ୍ତ୍ରୀ। ଜନତାଙ୍କଠାରୁ ହରିଲୁଟ ହେଉଥିବା ଟଙ୍କା ଗୋଟି ଗୋଟି ଅସୁଲ କରାଯିବ ବୋଲି ମୋଦି କହିବା ପରେ ଜଣେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି। ଏହା ସହ କିଛି ମୌଳିକ ପ୍ରଶ୍ନ ଉଠାଇ ସେ ପଚାରିଛନ୍ତି, ଏହି ବେନାମୀ ଧନର ମୂଳ ଉତ୍ସ କେଉଁଠି? ଜଣେ ଲୋକଠାରୁ ଏତେ ମାତ୍ରାରେ କଳାଟଙ୍କା ଆୟକର ବିଭାଗ ଉଦ୍ଧାର କରିବା ସୂଚାଉଛି ଯେ ଆମ ଶାସନ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ଏବଂ ବିମୁଦ୍ରୀକରଣ ଦୁର୍ନୀତି ଓ କଳାଟଙ୍କା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଅବଶ୍ୟ ଆଗରୁ ଏପରି ଆୟକର ବିଭାଗ ତରଫରୁ ରେଡ୍ ହେଉଥିଲା। ଏଣୁ ଏବେ ରେଡ୍ ହେବାରେ କିଛି ନୂତନତ୍ୱ ନାହିଁ। ଦେଶବାସୀ ମୋଦିଙ୍କଠାରୁ ଏପରି ଗ୍ୟାରେଣ୍ଟି ଚାହାନ୍ତି– ଏପରି ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବେ, ଯେପରି ଦୁର୍ନୀତିର ସମ୍ପୂର୍ଣ୍ଣ ବିଲୋପ ଘଟିବ ଏବଂ କଳାଟଙ୍କା ସୃଷ୍ଟି ହେବନି କି ବିଦେଶକୁ ସ୍ଥାନାନ୍ତର ହେବନି। କିନ୍ତୁ ବର୍ତ୍ତମାନ କଳାଟଙ୍କା ଆଗ ଅପେକ୍ଷା ବେଶି ବୃଦ୍ଧିପାଇଛି। ଦୁର୍ନୀତି ଭିନ୍ନ ରୂପ ନେଇଛି। ଦୁର୍ନୀତିର ମୁଖ୍ୟ ଉତ୍ସ ହେଉଛି ଆମ ନିର୍ବାଚନ ପ୍ରକ୍ରିୟା। ନିର୍ବାଚନରେ ଲଢ଼ିବାକୁ ହେଲେ କୋଟି କୋଟି ଟଙ୍କା ଆବଶ୍ୟକ। ଅନେକ ଭୋଟର ମଧ୍ୟ ଭୋଟ ଦେବାପାଇଁ ଅର୍ଥ ନେଉଛନ୍ତି ବା ତାଙ୍କୁ ଲାଞ୍ଚୁଆ କରିଦିଆଯାଇଛି। ଏଣୁ ଆମ ବ୍ୟବସ୍ଥାରେ ଯେଉଁ ତ୍ରୁଟି ରହିଛି ତାହାର ପରିବର୍ତ୍ତନ ଆବଶ୍ୟକ। କିନ୍ତୁ ସେହି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାରେ ଲାଭବାନ୍ ଯେଉଁମାନେ ହେଉଛନ୍ତି, ସେମାନେ ପରିବର୍ତ୍ତନ ଚାହୁଁ ନାହାନ୍ତି।

ଚିନ୍ତାର ବିଷୟ ହେଉଛି ଅଧିକାଂଶ ନେତା ଓ ପ୍ରଶାସକ ଦୁର୍ନୀତିକୁ ଗୋଟିଏ ପଟେ ପ୍ରୋତ୍ସାହନ ଦିଅନ୍ତି, ସାଧାରଣଲୋକଙ୍କୁ ଭୁଲେଇବା ପାଇଁ ଦୁର୍ନୀତି ବିରୋଧରେ ସର୍ବଦା କହିଥାନ୍ତି। ଯଦି କିଏ ଧରାପଡ଼ିଲା ତେବେ ତାହାକୁ କଠୋର ସମାଲୋଚନା କରନ୍ତି। ଏହାର ଅର୍ଥ, ଯେପର୍ଯ୍ୟନ୍ତ ଜଣକର ଦୁର୍ନୀତି ଓ କଳାଟଙ୍କା ଧରା ନ ପଡ଼ିଛି ବା ଧରିବାକୁ ଚେଷ୍ଟା କରାଯାଇନି, ସେପର୍ଯ୍ୟନ୍ତ ସେ ସାଧୁ ଓ ଦୁର୍ନୀତିମୁକ୍ତ। ବର୍ତ୍ତମାନ ଦେଶରେ ଏକ ଭୟଙ୍କର ଟ୍ରେଣ୍ଡ୍ ଦେଖାଦେଇଛି। ତାହା ହେଲା ଯିଏ ଶାସକ ଶ୍ରେଣୀର ଗୁଣଗାନ କଲା, ପ୍ରଶଂସା କଲା, ସବୁ ଦଳକୁ ଖୁସି କରି ରଖିଲା, ସେ ଯେତେ କଳାଟଙ୍କାର ପାହାଡ଼ ସୃଷ୍ଟି କଲେ ବା ବ୍ୟାଙ୍କ ଋଣ ନେଇ ନ ଶୁଝିଲେ ମଧ୍ୟ ଧରାପଡ଼ିବା ସମ୍ଭାବନା କମ। ଧରାପଡ଼ିଲେ ଦଣ୍ଡ ପାଇବାର ସମ୍ଭାବନା ବହୁତ କମ। ମୁକୁଳିବା ପାଇଁ ମଧ୍ୟ ଅନେକ ଚେଷ୍ଟା କରିବେ। କିନ୍ତୁ ଶାସକ ଶ୍ରେଣୀକୁ ସନ୍ତୁଷ୍ଟ ନ କଲେ ଧରାପଡ଼ି ଦଣ୍ଡ ପାଇବାର ସମ୍ଭାବନା ବହୁତ ଅଧିକ। ଏଣୁ ବହୁ ଲୋକ କଳାଟଙ୍କାର ପାହାଡ଼ ସୃଷ୍ଟି କଲେ ମଧ୍ୟ କ୍ୱଚିତ ଧରାପଡୁଛନ୍ତି ବା ଦଣ୍ଡିତ ହେଉଛନ୍ତି।

ବାସ୍ତବରେ ବେଶି ଦୁର୍ନୀତି ଘଟୁଛି ବ୍ୟାଙ୍କ ଋଣ ରାଇଟଅଫ୍ କରିବା ଯୋଗୁ। ୨୦୧୪–୧୫ରୁ ୨୦୨୨–୨୩ ଗତ ୯ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ୧୪.୫୬ ଲକ୍ଷ କୋଟି ଟଙ୍କାର ଖରାପ ଋଣ ରାଇଟଅଫ୍ କରିଛନ୍ତି। ସେହି ଟଙ୍କାରୁ ବୃହତ୍ ଶିଳ୍ପ ଏବଂ ସେବା ସଂସ୍ଥାଗୁଡ଼ିକର ପରିମାଣ ୭.୪୦ ଲକ୍ଷ କୋଟି ଟଙ୍କା। ପ୍ରାୟ ଯେତିକି ଋଣ ରାଇଟଅଫ୍ ହେଉଛି ତାହାର ମାତ୍ର ୧୫%ରୁ ୧୮%



ଫେରୁଛି। ଅବଶିଷ୍ଟ ଫେରୁନାହିଁ। ଏହାର ଅର୍ଥ ଗତ ୯ ବର୍ଷରେ ୧୨ ଲକ୍ଷ କୋଟି ଟଙ୍କା କାହା ପକେଟ୍‌କୁ ଯାଇଛି। କେତେଜଣ ବିଦେଶରେ ଆରାମ ଜୀବନ ବିତାଉଛନ୍ତି। ଏମାନେ କ'ଣ କମ ଦୋଷୀ ? ଏମାନେ କେବେ ଶାସକଶ୍ରେଣୀ ଓ କ୍ଷମତାଶାଳୀଙ୍କ ବିନା ସହଯୋଗରେ ଏପରି ଲୁଟିପାରିବେ?

ସେହିପରି ବିଭିନ୍ନ ପ୍ରକଳ୍ପର ଧାର୍ଯ୍ୟ ବ୍ୟୟଠାରୁ ବହୁ ଅଧିକ ଖର୍ଚ୍ଚ କରାଯାଉଛି, ଯାହା ବେଆଇନ ଏବଂ ସେହି ବର୍ଦ୍ଧିତ ବ୍ୟୟ ଏକପ୍ରକାର ସ୍କାମ୍ କହିଲେ ଭୁଲ୍ ହେବନି। ଭାରତର ସିଏଜଙ୍କ ଏକ ଅଡିଟ୍ ରିପୋର୍ଟ ଅନୁଯାୟୀ ଭାରତମାଲା ପରିଯୋଜନାରେ ୨୦୧୭–୧୮ରୁ ୨୦୨୦–୨୧ପର୍ଯ୍ୟନ୍ତ ଧାର୍ଯ୍ୟ ବ୍ୟୟଠାରୁ ମୂଲ୍ୟ ବୃଦ୍ଧି ଯୋଗୁ ୭.୫ ଲକ୍ଷ କୋଟି ଅଧିକ ବ୍ୟୟ ହେବ। ବାସ୍ତବରେ କିଛି ଲୋକଙ୍କର ହାତ ଚିକ୍କଣ ପାଇଁ ଏହା ବୃଦ୍ଧି କରାଯାଇନି ତ? ଏହା ଏକପ୍ରକାର ସ୍କାମ୍। ସେହିପରି ଷ୍ଟକ୍ ମାର୍କେଟରେ ଅନିୟମିତତା ଯୋଗୁ ରାତାରାତି କିଛି କମ୍ପାନୀଙ୍କ ମାର୍କେଟ କ୍ୟାପିଟାଲାଇଜେଶନ ବୃଦ୍ଧି ଘଟି ସମ୍ପଦ ଅହେତୁକ ବୃଦ୍ଧି ପାଉଛି। ନିକଟରେ ଗୋଟିଏ ସପ୍ତାହରେ ଆଦାନୀଙ୍କ ସମ୍ପଦ ୫.୬ ବିଲିୟନ ଡଲାର ବା ୪୬,୪୮୦ କୋଟି ଟଙ୍କା ବୃଦ୍ଧି ପାଇଛି।

ଜିଏସ୍‌ଟି ପ୍ରଚଳନ ପୂର୍ବରୁ ଏହା ଟିକସ ଫାଙ୍କି ରୋକିବ ବୋଲି କୁହାଯାଉଥିଲା। କିନ୍ତୁ ଦେଶରେ ଜିଏସ୍‌ଟି ଟିକସ ଫାଙ୍କି ୪.୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ମାତ୍ର ୧.୧ ଲକ୍ଷ କୋଟି ଟଙ୍କା ପୁନରୁଦ୍ଧାର ହୋଇଛି, ଯାହା ସମୁଦାୟ ଟିକସ ଫାଙ୍କିର ପ୍ରାୟ ୨୫%। ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର ସୁଦ୍ଧା ଟିକସ ଫାଙ୍କି ୧.୫୧ ଲକ୍ଷ କୋଟି ଟଙ୍କା। ଯଦି ଆମେ ଆୟକର ବକେୟା ବିଷୟରେ କହିବା, ତେବେ ୨୦୧୩–୧୪ପର୍ଯ୍ୟନ୍ତ ଏହି ପରିମାଣ ୫ ଲକ୍ଷ ୭୫ ହଜାର କୋଟି ଟଙ୍କା ଥିଲା, ଯାହା ୨୦୧୭–୧୮ ସୁଦ୍ଧା ୧୧, ୧୪,୧୮୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୩–୧୪ରେ ୯୬% ବକେୟା ଟିକସ 'ପୁନରୁଦ୍ଧାର କରିବା କଷ୍ଟକର' ବୋଲି ବିବେଚନା କରାଯାଉଥିବାବେଳେ ୨୦୧୭–୧୮ ସୁଦ୍ଧା ୯୮% ବକେୟା ଟିକସ 'ପୁନରୁଦ୍ଧାର କରିବା କଷ୍ଟକର' ବୋଲି ବିବେଚନା କରାଯାଉଛି। ସେହିପରି ଷ୍ଟେଟ୍ ଅଫ୍ ଟ୍ୟାକ୍ସ ଜଷ୍ଟିସ ରିପୋର୍ଟରେ କୁହାଯାଇଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଟିକସ ଆଇନ ଅପବ୍ୟବହାର ଏବଂ ବ୍ୟକ୍ତିଗତ ଟିକସ ଫାଙ୍କି ଯୋଗୁ ଭାରତ ପ୍ରତିବର୍ଷ ୧୦.୩ ବିଲିୟନ ଡଲାରରୁ ଅଧିକ ଟିକସ ହରାଉଛି।

ବିଭିନ୍ନ ଟିକସ ଭୂସ୍ୱର୍ଗ ବା ଆଶ୍ରୟସ୍ଥଳୀ ଯଥା ମରିସସ, ସ୍ୱିଜରଲାଣ୍ଡ, ଲିଚଟେଷ୍ଟାଇନ, ବ୍ରିଟିଶ ଭର୍ଜିନ ଦ୍ୱୀପପୁଞ୍ଜ ଇତ୍ୟାଦିରେ କଳାଟଙ୍କା ରଖିଲେ ନାମ ଲୁକ୍କାୟିତ ରୁହେ ଏବଂ ଟିକସ ପଡ଼େନା କିମ୍ବା ବହୁତ କମ ଟିକସ ପଡ଼େ। ଧନୀ, କ୍ଷମତାଶାଳୀ ଟିକସ ଫାଙ୍କିବା ପାଇଁ ଏହାର ସୃଷ୍ଟି। କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ(ସିବିଆଇ) ଅନୁଯାୟୀ ୨୦୧୨ ବେଳେ ବିଦେଶରେ ଟିକସ ଭୂସ୍ୱର୍ଗରେ ଭାରତୀୟ ୫୦୦ ବିଲିୟନ କଳାଟଙ୍କା ରଖିଥିଲେ। ବର୍ତ୍ତମାନ ଏହା ବହୁ ଅଧିକ। ଏହିପରି ଟିକସ ଭୂସ୍ୱର୍ଗରେ ଟଙ୍କା ରଖିବାରେ ୨୦୧୬ରେ ପାନାମା ପେପର୍ସରେ ପ୍ରାୟ ୫୦୦ ଭାରତୀୟଙ୍କ ନାମ ଉଲ୍ଲେଖ ହୋଇଥିଲା, ଯେଉଁମାନେ ୨୦,୦୭୮ କୋଟି ଟଙ୍କା ରଖିଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଅମିତାଭ ବଚ୍ଚନ, ତାଙ୍କ ବୋହୂ ଐଶ୍ୱର୍ଯ୍ୟା ରାୟ, ଅଭିନେତା ଅଜୟ ଦେବଗନ, ବ୍ୟବସାୟୀ ବିଜୟ ମାଲ୍ୟା ଓ ଭାରତର ପୂର୍ବତନ ସଲିସିଟର ଜେନେରାଲ ହରିଶ ସାଲ୍‌ଭେ। ସେହିପରି ୨୦୨୧ 'ପାଣ୍ଡୋରା ପେପର୍ସ'ରେ ୩୮୦ରୁ ଅଧିକ ଭାରତୀୟଙ୍କ ନାମ ଉଲ୍ଲେଖ ହୋଇଥିଲା। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କଠାରୁ ଆରମ୍ଭ କରି ଅଭିନେତା ଜ୍ୟାକି ଶ୍ରଫ ଏବଂ ଅନିଲ ଅମ୍ବାନୀ ଏବଂ କିରଣ ମଜୁମଦାର ଖାଁଙ୍କ ଭଳି ଉଦ୍ୟୋଗୀଙ୍କ ନାମ ଉଲ୍ଲେଖ ରହିଥିଲା। ବାସ୍ତବରେ ଯେଉଁମାନେ ଦୁର୍ନୀତିର ମୂଳ ଉତ୍ସ ତାଙ୍କୁ ଆଇନ ସ୍ପର୍ଶ କରିପାରୁନି। ଦୁର୍ନୀତି ବିରୋଧୀ ସ୍ଲୋଗାନ କେବଳ ଲୋକଙ୍କୁ ଭୁଆଁବୁଲାଇବା ସଦୃଶ।

ମୋ:୯୪୩୭୨୦୮୭୬୨

# ବେହିସାବୀଙ୍କୁ ପଦେ



ଦେବେନ୍ଦ୍ର କର

ଯୁଗଳବାବୁ କହିଲେ, ଯାହା କୁହନ୍ତୁ ଦରଦାମ ଯାହା ହେଲାଣି ଘର ଚଳେଇବା ବଡ଼ ମୁସ୍କିଲ। ବିକାଶବାବୁ ଚୁପ୍ ହୋଇ ଶୁଣୁଥାନ୍ତି। ଯୁଗଳବାବୁ ପୁଣି କହିଲେ, ସେ ଖବର କାଗଜବାଲାକୁ ବନ୍ଦ କରିଦେଲେ। ଏତେ ଖର୍ଚ୍ଚ ଭିତରେ ଆଉ ଖବରକାଗଜ ରଖିବା ସମ୍ଭବ ନୁହେଁ। ବିକାଶବାବୁ କହିଲେ ଖବରକାଗଜ ବାବଦରେ କେତେ ଖର୍ଚ୍ଚ ପଡେ ଯେ। ଆପଣଙ୍କ ପିଲାମାନେ କଲେଜରେ ପଢୁଛନ୍ତି। ଚାକିରିବାକିରି ବିଜ୍ଞାପନ, ପରୀକ୍ଷା ସୂଚନା କିମ୍ବା ରେଜଲ୍ଟ ସବୁକିଛି ତ ଖବରକାଗଜରୁ ଜାଣି ହୁଏ। ଯୁଗଳବାବୁ କହିଲେ, ସବୁ ତ ଏବେ ମୋବାଇଲରୁ ଜାଣି ହେଉଚି ଆଉ କିଏ କ'ଣ ଖବରକାଗଜ ପଢୁଛନ୍ତି। ବିକାଶବାବୁ କହିଲେ, ଖବରକାଗଜ ସ୍ଥାନ କାହିଁ କେତେ ଉଚ୍ଚରେ। ଖଣ୍ଡିଏ କାଗଜ ପୂରା ପରିବାରର ଆବଶ୍ୟକତା ପୂରଣ କରେ। କଥା ମଝିରେ ଯୁଗଳ ବାବୁ କହିଲେ, ହିସାବ କରି ଦେଖନ୍ତୁ ତ ଗୋଟେ ମାସରେ ପେପର ପିଛା ଖର୍ଚ୍ଚ କେତେ ପଡୁଚି, ଅତି କମ୍‌ରେ ମାସକୁ ଦୁଇ ଶହ। ସେଇ ହିସାବରେ ବର୍ଷକୁ କେତେ ହେଲାଣି କହିଲେ! ବିକାଶବାବୁ କହିଲେ, ଗୋଟେ ମୋବାଇଲରେ ଅତି କମ୍‌ରେ ଦୁଇ ଶହ ଟଙ୍କା ରିଚାର୍ଜ ହେଉଥିବେ, ଆପଣଙ୍କ ଘରେ ପାଞ୍ଚଟା ମୋବାଇଲ। ତା' ତୁଳନାରେ ଖବରକାଗଜ ମୂଲ୍ୟ କିଛି ବି ନୁହେଁ। ଯୁଗଳବାବୁ ଏବେ ଚୁପ ପଡ଼ିଗଲେ। ଆଜିର ସମୟରେ ନିଜେ ସମ୍ପୂର୍ଣ୍ଣ ଠିକ୍ ବୋଲି ସମସ୍ତେ ସବୁ ସମୟରେ ଯୁକ୍ତି ବାଢ଼ନ୍ତି। ଆଉ ଯେବେ ନିଜ ଭୁଲକୁ କେହି ସାମ୍ନାରେ କହିଦିଏ ତେବେ ତ କଥା ସରିଲା। ଏକଥାଟି ଅପ୍ରିୟ ସତ ଯେ ନିଜକୁ ଘଣ୍ଟ ଘୋଡ଼େଇବାକୁ ଆମେ ସଭିଏଁ ବ୍ୟାକୁଳ। କଥା ବଢ଼ିଲେ ଯୁକ୍ତିତର୍କରୁ ଯାଏ କଳି ପର୍ଯ୍ୟନ୍ତ। ହେଲେ ସତ ସବୁବେଳେ ସତ। ନିଜ ଦୋଷତ୍ରୁଟି ପାଇଁ ପରବର୍ତ୍ତୀ ସମୟରେ ନିଜକୁ ହିଁ ଏହାର କ୍ଷତି ଭରଣା କରିବାକୁ ପଡ଼ିବ ଏଥିରେ ଆଦୌ ଦ୍ୱିମତ ନାହିଁ।

ଆମ ଦୋଷ ଦୁର୍ବଳତାର ତାଲିକା ଖୁବ୍ ଲମ୍ବା। ହିସାବରେ ଅନ୍ୟଠାରୁ କାମ ହାସଲ କରିପାରୁ, ହେଲେ ଅନ୍ୟକୁ ସାହାଯ୍ୟ ସହଯୋଗ ବେଳେ ପଛଘୁଞ୍ଚା ଦେଉ। ନିଜ ଆଖପାଖରେ କିଏ ଠକ, ଚୋର, ଟାଉଟର ଧୋକାବାଜ, ମତଲବି, ଗର୍ବୀ, ଅହଂକାରୀ ଖୁବ୍ ଭଲ ହିସାବ ରଖିପାରୁ। ହେଲେ ନିଜେ କ'ଣ ତାହା ପରଖିବାକୁ ସମୟନାହିଁ। ଆୟ ଦେଖି ବ୍ୟୟ କରିବା ଉପଦେଶ ଅନ୍ୟକୁ ଦେବା ପରିବର୍ତ୍ତେ ବରଂ ନିଜେ ପାଳନ କଲେ ଉଚିତ ହେବ। ଆଉ ଯେବେ କିଛି ପରିବର୍ତ୍ତନ ଚାହୁଁଛ ପ୍ରଥମେ ନିଜଠାରୁ ଆରମ୍ଭ ହେଲେ ଅନ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି ହେବ। ହିସାବୀ ଲୋକ ସବୁର ହିସାବ ରଖେ ଆଉ ବେହିସାବୀ ଲୋକ କେତେ ଆଇଲା କେତେ ଗଲା ତା'ର ପରବାଏ ନ ଥାଏ। ଆଉ ସେଇ ହିସାବୀ ଲୋକଙ୍କ ଭିତରେ ଅନେକ ଅଛନ୍ତି ନିଜ ଦୈନନ୍ଦିନ ବଦଖର୍ଚ୍ଚକୁ ସାମାନ୍ୟ କହି ଏଡ଼ାଇ ଦିଅନ୍ତି। ସାମାନ୍ୟ କହୁଥିବା ଖର୍ଚ୍ଚ ଧୀରେ ଧୀରେ ପାଲଟି ଯାଏ ବିଶାଳ ବୋଝ। ଖର୍ଚ୍ଚକୁ ଯେତେ ଜଗିଲେ କ'ଣ ହେବ ଯଦି ନିଶାପାଣିରେ ଅଭ୍ୟସ୍ତ, ଟଙ୍କା ସଞ୍ଚୟ ବଡ଼ କଷ୍ଟକର। ବଦ ଅଭ୍ୟାସରେ ଟଙ୍କା ଉଡ଼ାଇବା ଅର୍ଥ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା। କଥାରେ ଅଛି 'ପାନବିଡ଼ି ନୁହେଁ ଛୋଟିଆ ନିଶା ଜଣାପଡ଼େ ନାହିଁ ଟାଣେ ପଇସା'। ନିଶାଦ୍ରବ୍ୟ ଯେବେ ଜଟିଳ ରୋଗକୁ ନିମନ୍ତ୍ରଣ କଲା ତେବେ ତ କଥା ସରିଲା। ଜୀବନ ତମାମ ଖଟିଖଟି ସଞ୍ଚିଥିବା ଧନ ଶେଷରେ ଯିବ ଡାକ୍ତର ପେଡ଼ିକୁ। ଫିଲ୍ମ ଦେଖା, ବୁଲାବୁଲି, ହୋଟେଲ ଖିଆପିଆ ଅନେକଙ୍କ ସଉକ। ଏସବୁ କେବଳ ବ୍ୟୟଭାର ବୃଦ୍ଧିର ମୂଳ କାରଣ। ଆୟ ତୁଳନାରେ ବ୍ୟୟ ବୃଦ୍ଧି ଚିନ୍ତା ଓ ଦୁଃଖର ହୁଏ ଆଗମନ। ଏମିତିରେ ମଧ୍ୟବିତ୍ତ ପରିବାରରେ ଅଭାବଅନଟନ ଅତି ସାଧାରଣ କଥା। ହିସାବୀ ପ୍ରକୃତରେ ସିଏ ଯିଏ ପଇସାର ଠିକ୍ ମୂଲ୍ୟ ବୁଝେ ଆଉ ନିଜ ଆୟ ଦେଖି ବ୍ୟୟ କରେ। ଆଜିର ମଣିଷ ସମ୍ପୂର୍ଣ୍ଣ ଓଲଟା ସ୍ୱଭାବର। ବଦଖର୍ଚ୍ଚରୁ ନିବୃତ୍ତ ନ ହୋଇ ଜରୁରୀ ଆବଶ୍ୟକତା ବାଦ୍ ଦିଏ। ଉଦାହରଣ ଆଜି ପଇସା ଅଛି ପୁଳାଏ କ'ଣ ମଗେଇ ଖାଇଦେବା, ଭଲମନ୍ଦ କିଣି ପିନ୍ଧିଦେବା। ବଦଭ୍ୟାସ କେବଳ ଆମ ଅହଂ ଭାବନା ଓ ବେପରୁଆ ମନୋଭାବର ପରିଚୟ ଦିଏ। ସେପଟେ ଜରୁରୀ ଆବଶ୍ୟକତା ପୂରଣ କଲା ବେଳକୁ ପକେଟ ଖାଲି। ଏଣୁତେଣୁ ଖର୍ଚ୍ଚବାର୍ଚ୍ଚରେ ଆନନ୍ଦ ଅଧିକ ଆଉ ହିସାବ ବେଳକୁ ବଢ଼ଇ ଚିନ୍ତା। ମଧ୍ୟବିତ୍ତ ପରିବାରର ଏସବୁ ସାଧାରଣ କଥା। ପ୍ରତ୍ୟେକ ମାସର ଶେଷ ସପ୍ତାହକୁ ଦରମା ଖାଲି ଆଉ ଘରେ ବିଶୃଙ୍ଖଳା। ଏଣୁ ବେହିସାବୀ ହୋଇ ଖର୍ଚ୍ଚବାର୍ଚ୍ଚ ନ କରି ବରଂ ଜଣେ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ଭାବରେ କାର୍ଯ୍ୟ କଲେ ନିଜର ତଥା ନିଜ ପରିବାରର ମଙ୍ଗଳ ହିଁ ହେବ।

ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦

## ଚିରନ୍ତନୀ

ଉଭା ହେଲ ହେ ମାନବ ! ଉଚ୍ଚତମ ଗିରିରୂପେ ଆଜି
ମୌସୁମୀ ସମାନ ତହିଁ ଶତ ଯୁକ୍ତି ଲେଉଟଇ ବାଜି।
କେତେ ବଜ୍ର କେତେ ଝଞ୍ଜା ଅଙ୍ଗେ ତବ କରିଛି ନିନାଦ
ଜଳ ହୋଇ ଫେରିଅଛି କେତେ ତର୍କ କେତେ ପ୍ରତିବାଦ।
–(ଜାଗ ଜାଗ ଗାନ୍ଧି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରଗ୍ସ କାରବାର ବୃଦ୍ଧି ଚିନ୍ତାର ବିଷୟ

ମହାଶୟ,

ଡ୍ରଗ୍ସ କାରବାର ବୃଦ୍ଧି ଯୁବବର୍ଗଙ୍କ ମେରୁଦଣ୍ଡ ଭାଙ୍ଗିଦେବ। ଯେଉଁପରି ଭାବରେ ଡ୍ରଗ୍ସ କାରବାର ଚାଲିଛି, ତାହା ସମାଜର ଭବିଷ୍ୟତକୁ ଧ୍ୱଂସସ୍ତୂପରେ ପରିଣତ କରିଦେବ। ପୋଲିସ, ଏସ୍‌ଟିଏଫ୍‌ର ମିଳିତ ଚଢ଼ାଉ ସତ୍ତ୍ୱେ ଓଡ଼ିଶାରେ ଏହାର ମାତ୍ରା ବୃଦ୍ଧି ଚିନ୍ତାଜନକ ପାଲଟିଲାଣି। ଡ୍ରଗ୍ସ ବନ୍ଦ କରିବା ଲାଗି ସରକାର ଆହୁରି ଚରମ ପଦକ୍ଷେପ ନିଅନ୍ତୁ। ଡ୍ରଗ୍ସ ସମାଜକୁ କବଳିତ କରିବା ପୂର୍ବରୁ ଆମକୁ ମିଳିତ ଭାବରେ ଏହାର ମୁକାବିଲା କରିବା ଉଚିତ। ନିଶା କବଳରୁ ମୁକ୍ତି ପାଇବାକୁ ହେଲେ ସମସ୍ତ ନାଗରିକ ସଚେତନ ହୋଇ ନିଶାକୁ ନା କୁହନ୍ତୁ।

–ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୭୬ ଅକାମୀ ଆଇନ ଉଚ୍ଛେଦକୁ ସଂସଦର ମଞ୍ଜୁରୀ**

ଦେଶର ୭୬ଟି ପୁରୁଣାକାଳିଆ ଓ ଅନାବଶ୍ୟକ ଆଇନକୁ ଉଚ୍ଛେଦ କରିବା ପାଇଁ ଉଦ୍ଦିଷ୍ଟ ଏକ ବିଲ୍ ବୁଧବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ରିପିଲିଂ ଆଣ୍ଡ୍ ଅମେଣ୍ଡିଂ ବିଲ୍, ୨୦୨୩ ରାଜ୍ୟ ସଭାରେ ଧ୍ୱନିମତରେ ପାରିତ ହୋଇଥିଲା। ଏହି ବିଧେୟକ ଗତ ଜୁଲାଇ ୨୭ରେ ଲୋକ ସଭାର ମଞ୍ଜୁରୀ ପାଇଥିଲା। ଜୀବନ ଧାରଣ ଓ ବ୍ୟବସାୟିକ କାର୍ଯ୍ୟ ପ୍ରଣାଳୀରେ ଉନ୍ନତି ଆଣିବାରେ ଏହା ସହାୟକ ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି।

ସଂସଦ ସୁରକ୍ଷା

# ବିନା ନିଯୁକ୍ତିରେ ୧୦ ବର୍ଷ



ପାର୍ଲାମେଣ୍ଟ ଆକ୍ରମଣର ୨୨ ବର୍ଷ ପୂର୍ତ୍ତି ଅବସରରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିକଟରେ ଅଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା।

**ଭାରତୀୟ ପାର୍ଲାମେଣ୍ଟକୁ ଗଣତନ୍ତ୍ରର ମନ୍ଦିର ଆଖ୍ୟା ଦିଆଯାଇଛି। ସାରା ଦେଶର ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଏଠାରେ ନିଜ ନିଜ ଅଞ୍ଚଳର ସମସ୍ୟା ଓ ଜାତୀୟ ପ୍ରସଙ୍ଗ ଉଠାଇଥାଆନ୍ତି। ୨୦୦୧ରେ ପୁରୁଣା ପାର୍ଲାମେଣ୍ଟ ଉପରେ ପାକିସ୍ତାନୀ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ସେହି ପାର୍ଲାମେଣ୍ଟ ହାଉସ୍ ଏବେ ଇତିହାସ ପାଲଟିଯାଇଥିବାବେଳେ ୨୦୨୩ ମେ' ୨୮ରେ ଉଦ୍‌ଘାଟିତ ନୂଆ ସଂସଦ ଭବନରେ ବୁଧବାର ଅନୁପ୍ରବେଶକାରୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ପୂର୍ବ ଆକ୍ରମଣର ୨୨ ବର୍ଷ ପରେ ବି ସଂସଦରେ କାଣ୍ଡ ଭିଆଇବାକୁ ସୁଯୋଗ ମିଳୁଛି। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଂସଦର ସୁରକ୍ଷା ପାଇଁ କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଯିବା ଏହାର କାରଣ ହୋଇଥାଇପାରେ।**

**ଗିରଫ**
ଡି. ମନୋରଞ୍ଜନ (ମହୀଶୂର, କର୍ନାଟକ)
ସାଗର ଶର୍ମା (ଲକ୍ଷ୍ନୌ, ଉତ୍ତର ପ୍ରଦେଶ)
ନୀଲମ ଦେବୀ (ହିସାର, ହରିୟାଣା)
ଅମୋଲ ସିନ୍ଦେ (ଲାତୁର, ମହାରାଷ୍ଟ୍ର)

■ ଇଣ୍ଡିଆ ବ୍ଲକ୍‌ର ବୈଠକ ଆଜି
■ ଶାହାଙ୍କୁ ବିବୃତି ମାଗିଲେ ବିରୋଧୀ

**ନୂଆଦିଲ୍ଲୀ,୧୩।୧୨**

ପାର୍ଲାମେଣ୍ଟ ସୁରକ୍ଷାରେ ବୁଧବାର ଦେଖାଦେଇଥିବା ବଡ଼ ଧରଣର ତ୍ରୁଟିକୁ ନେଇ ବିରୋଧୀ ଦଳଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପକ୍ଷରୁ ଏନେଇ ଗୁରୁବାର ସକାଳେ ଏକ ବୈଠକ କରାଯିବ। ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ବିରୋଧୀ ନେତାମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବି କରିଛନ୍ତି।

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକରେ ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟର ସୁରକ୍ଷାକୁ ନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ୨ ଅଭିଯୁକ୍ତ ଡି. ମନୋରଞ୍ଜନ ଓ ସାଗର ଶର୍ମାଙ୍କୁ ଲୋକ ସଭା ଭିଜିଟର୍ସ ଗ୍ୟାଲେରିରେ ବସିବା ଲାଗି ୪୫ ମିନିଟ୍ ପାଇଁ ଅନୁମତି ମିଳିଥିଲା। କିନ୍ତୁ ଦୁହେଁ ସେଠାରେ ପ୍ରାୟ ୨ ଘଣ୍ଟା ଧରି ରହିଥିଲେ, ଯାହାକି ନିୟମର ଉଲ୍ଲଂଘନ। ସଂସଦର ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ ନିର୍ଦ୍ଧାରିତ ସମୟ ଶେଷ ହେବା ପୂର୍ବରୁ ଭିଜିଟର୍ସ ଗ୍ୟାଲେରିରୁ ଦର୍ଶକମାନଙ୍କୁ ସ୍ଥାନ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି। କିନ୍ତୁ ବୁଧବାର ସିକ୍ୟୁରିଟି ଷ୍ଟାଫ୍‌ଙ୍କ ଉପସ୍ଥିତି ନଗଣ୍ୟ ଥିଲା। ସ୍ପେଶାଲ ଡାଇରେକ୍ଟର (ସିକ୍ୟୁରିଟି)ଙ୍କଠୁ ନେଇ ସିକ୍ୟୁରିଟି ଆସିଷ୍ଟାଣ୍ଟ ଗ୍ରେଡ୍-୨ ପର୍ଯ୍ୟନ୍ତ ପ୍ରାୟ ୩୦୧ ଜଣ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ରହିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ୧୭୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଅବଶିଷ୍ଟ ୧୨୫ ପଦବୀ ଖାଲି ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖାଲି ପଡ଼ିଥିବା ପଦବୀ ମଧ୍ୟରୁ ସର୍ବାଧିକ ହେଉଛି ଏଣ୍ଟ୍ରି-ଲେଭେଲ ପୋଷ୍ଟ୍। ମଞ୍ଜୁର ହୋଇଥିବା ୭୨ ସିକ୍ୟୁରିଟି ଆସିଷ୍ଟାଣ୍ଟ ଗ୍ରେଡ୍-୨ କର୍ମଚାରୀଙ୍କ ସ୍ଥାନରେ କେବଳ ୯ ଜଣଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସିକ୍ୟୁରିଟି ଆସିଷ୍ଟାଣ୍ଟ ଗ୍ରେଡ୍-୧ ପଦରେ ୬୯ ଜଣଙ୍କୁ ନିଯୁକ୍ତି ମିଳିବା ସ୍ଥାନରେ ରହିଛନ୍ତି ମାତ୍ର ୨୪ ଜଣ। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାହାକୁ ନିଯୁକ୍ତି ଦିଆଯାଇ ନ ଥିବା ସୂତ୍ରରୁ ଜଣାପଡ଼ିଛି। ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ୨୨ ବର୍ଷ ପୂର୍ତ୍ତି ଅବସରରେ ଘଟିଥିବା ଏହି କାଣ୍ଡ ପରିପ୍ରେକ୍ଷୀରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପରେ କଡ଼ା ବନ୍ଦୋବସ୍ତ କରାଯିବ ବୋଲି ସର୍ବଦଳୀୟ ବୈଠକରେ ବାଚସ୍ପତି ସୂଚନା ଦେଇଛନ୍ତି। ଏହି ଘଟଣା ପରେ ପାର୍ଲାମେଣ୍ଟ ହାଉସ୍ ପରିସରରେ ଭିଜିଟର୍ସଙ୍କ ପ୍ରବେଶକୁ ବନ୍ଦ କରିଦିଆଯାଇଛି।

ଟିଏମ୍‌ସି ନେତା ସୁଦୀପ ବନ୍ଦ୍ୟୋପାଧ୍ୟାୟ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ଗୁରୁବାର ସକାଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ବୈଠକ କରିବେ। ସଂସଦ ସୁରକ୍ଷାରେ ତ୍ରୁଟିକୁ ନେଇ ଉକ୍ତ ବୈଠକରେ ଆଲୋଚନା ହେବ। ସେମାନେ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସଙ୍ଗରେ ଦୃଷ୍ଟି ଆକର୍ଷଣ କରିବା ନେଇ ଚିନ୍ତା କରୁଛନ୍ତି। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ଏପରି ଘଟି ନ ଥାଆନ୍ତା। ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ବିବୃତି ରଖନ୍ତୁ ବୋଲି କଂଗ୍ରେସ କହିଛି। ଅନ୍ୟ ଦଳଗୁଡ଼ିକର ସଦସ୍ୟମାନେ ମଧ୍ୟ ଶାହାଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

## ପୁଟିନ୍ ସହଯୋଗୀଙ୍କ ରହସ୍ୟଜନକ ମୃତ୍ୟୁ

**ମସ୍କୋ,୧୩।୧୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରିୟ ଖବରକାଗଜର ଡେପୁଟି ଏଡିଟର-ଇନ୍ ଚିଫ୍ ଆନ୍ନା ସରେଭାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ୩୫ ବର୍ଷୀୟା ଆନ୍ନାଙ୍କ ମୃତଦେହ ମସ୍କୋର ବୋଲ୍‌ଶୋୟ ଚିଶିନ୍‌ସ୍କି ଲେନ୍ ବାସଭବନରେ ଠାବ ହୋଇଛି। ଆନ୍ନା 'କୋମ୍‌ସୋମୋଲ୍‌ସ୍କାୟା ପ୍ରଭ୍‌ଡା'ର ୱେବ୍‌ସାଇଟ୍ କଣ୍ଟେଣ୍ଟ ଦାୟିତ୍ୱରେ ଥିଲେ ଏବଂ ୟୁକ୍ରେନ୍ ବିରୋଧରେ ପୁଟିନ୍‌ଙ୍କ ଯୁଦ୍ଧ ଉପରେ ଲେଖୁଥିଲେ। 'କୋମ୍‌ସୋମୋଲ୍‌ସ୍କାୟା ପ୍ରଭ୍‌ଡା' ରୁଷିଆର ଏକ ବହୁଳ ପ୍ରସାରିତ ଖବରକାଗଜ ହୋଇଥିବାବେଳେ ଏହାର ୱେବ୍‌ସାଇଟ୍‌ର ୮୩.୯ ନିୟୁତ ପାଠକ ରହିଛନ୍ତି। ପୁଟିନ୍ ଏହି ଖବରକାଗଜକୁ ନିଜର ପ୍ରିୟ ବୋଲି କହୁଥିବା ୟୁରୋପୀୟ କମିଶନର ଏକ ଦସ୍ତାବିଜରେ ଉଲ୍ଲେଖ ରହିଛି। ଖବରକାଗଜର ମୁଖ୍ୟ ସମ୍ପାଦକ ଭ୍ଲାଡିମିର ସୁଙ୍ଗୋରକିନ୍ (୬୮)ଙ୍କ ମୃତ୍ୟୁର ପ୍ରାୟ ବର୍ଷେ ପରେ ପୁଟିନ୍‌ଙ୍କ ଆଉ ଜଣେ ସହଯୋଗୀଙ୍କ ମୃତ୍ୟୁ ଅନେକ ପ୍ରଶ୍ନ ଛିଡ଼ା କରାଇଛି। କାରଣ ଆନ୍ନାଙ୍କ ମୃତଦେହରେ କୌଣସି କ୍ଷତଚିହ୍ନ ନାହିଁ। କେହି ତାଙ୍କ ଆପାର୍ଟମେଣ୍ଟକୁ ଅନୁପ୍ରବେଶ କରିଥିବାର ପ୍ରମାଣ ମଧ୍ୟ ମିଳିନାହିଁ।



ଆନ୍ନା ସରେଭା

DADLS-59



ଓଡ଼ିଶା ସରକାର

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
୧୪ ଡିସେମ୍ବର, ୨୦୨୩

ସକାଳ ଘ.୮.୩୦ ମିନିଟ୍ ସମୟରେ ଜୟଦେବ ବିହାର ଛକ, ଭୁବନେଶ୍ୱରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସାଧାରଣ ସଭା
ସନ୍ଧ୍ୟା ୬ ଘଟିକା — ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ, ବଡ଼ମ୍ବା
ବିଶିଷ୍ଟ ଅତିଥି - ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ
ପୂର୍ବତନ ବିଧାୟକ ତଥା ସଭାପତି,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର
ସମ୍ମାନନୀୟା ଅତିଥି - କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା - ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମିଶ୍ର, ପ୍ରାକ୍ତନ ସଚିବ,
ଓଡ଼ିଶା ସାହିତ୍ୟ ଏକାଡ଼େମୀ
ସମ୍ମାନନୀୟ ବକ୍ତା - ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସଂପାଦକ,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0216/2324

## କିଏ ଦିଅନ୍ତି ଭିଜିଟର୍ସ ପାସ୍



ବିକ୍ଷୋଭକାରୀ ସାଗର ଶର୍ମାଙ୍କୁ ଦିଆଯାଇଥିବା ପାସ୍

ପାର୍ଲାମେଣ୍ଟ ଭିତରକୁ ଯିବା ପାଇଁ ଭିଜିଟର୍ସମାନଙ୍କ ଉଦ୍ଦେଶ୍ୟରେ ପାସ୍ ଜାରି କରାଯାଇଥାଏ। ରୁଲ୍ସ ଅଫ୍ ପ୍ରୋସିଡ୍ୟୁର ଆଣ୍ଡ୍ କଣ୍ଡକ୍ଟ ଅଫ୍ ବିଜ୍‌ନେସ୍ ଇନ୍ ଲୋକ ସଭାର ରୁଲ୍ସ ୩୮୬ ଅନୁସାରେ ଏହି ପାସ୍ ଜାରି ଏବଂ ପ୍ରତ୍ୟାହାର କରାଯାଇଥାଏ। ବାଚସ୍ପତିଙ୍କ ପକ୍ଷରୁ ଜାରି ଅର୍ଡର ଅନୁସାରେ ଏହି ପ୍ରକ୍ରିୟା ହୋଇଥାଏ। ଜଣେ ଏମ୍‌ପି କେବଳ ବ୍ୟକ୍ତିଗତ ଭାବେ ଭଲ ରୂପେ ଜାଣିଥିବା ଲୋକଙ୍କୁ ପାସ୍ ଦେବା ପାଇଁ ସୁପାରିସ କରିପାରିବେ। ଭିଜିଟର୍ସଙ୍କ କାର୍ଡ ପାଇଁ ଆବେଦନ କରିବା ସମୟରେ ସମ୍ପୃକ୍ତ ଏମ୍‌ପିଙ୍କୁ ଏନେଇ ଏକ ସାର୍ଟିଫିକେଟ୍ ଦେବାକୁ ପଡ଼ିଥାଏ। ସେଥିରେ ଉଲ୍ଲେଖ ଥାଏ, ଉପରୋକ୍ତ ଭିଜିଟର ମୋର ସମ୍ପର୍କୀୟ/ବ୍ୟକ୍ତିଗତ ବନ୍ଧୁ/ପରିଚିତ ଏବଂ ତାଙ୍କ ପାଇଁ ମୁଁ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବି। ସୁରକ୍ଷା କାରଣରୁ ଦର୍ଶକମାନଙ୍କୁ ନିଜ ନିଜ ଫଟୋ ପରିଚୟ ପତ୍ର ସାଙ୍ଗରେ ନେଇ ଯିବାକୁ ପଡ଼ିଥାଏ।

## ସୁରକ୍ଷା ପ୍ରୋଟୋକଲ ବଦଳିଲା

ଲୋକ ସଭାରେ ବୁଧବାର ଘଟାଯାଇଥିବା କାଣ୍ଡ ପରେ ଏମ୍‌ପି ଓ ଦର୍ଶକମାନଙ୍କ ମଧ୍ୟରେ ଯୋଗସୂତ୍ର ହ୍ରାସ ପାଇଁ ସୁରକ୍ଷା ପ୍ରୋଟୋକଲରେ କେତେକ ପରିବର୍ତ୍ତନ କରାଯାଇଛି। ଏମ୍‌ପି, ଷ୍ଟାଫ୍ ଓ ପ୍ରେସ୍ ପାଇଁ ପୃଥକ୍ ପ୍ରବେଶଦ୍ୱାରର ବ୍ୟବସ୍ଥା କରାଯିବ। ଭିଜିଟର୍ସ ଗ୍ୟାଲେରିରୁ ଚାମ୍ବରକୁ ଯେପରି ଦର୍ଶକ ଡେଇଁ ପାରିବେ ନାହିଁ, ତାହା ସୁନିଶ୍ଚିତ କରିବା ଲାଗି ଗ୍ୟାଲେରିକୁ କାଚରେ ଆବଦ୍ଧ କରାଯିବ। ବଡି ସ୍କାନ୍ ମେଶିନ୍ ସାହାଯ୍ୟରେ ସମସ୍ତଙ୍କୁ ଯାଞ୍ଚ କରାଯିବ ଏବଂ ସୁରକ୍ଷା କର୍ମୀଙ୍କ ସଂଖ୍ୟା ମଧ୍ୟ ବଢ଼ାଯିବ ବୋଲି କେତେକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

## କପ୍୨୮: ଜୀବାଶ୍ମ ଇନ୍ଧନ ହ୍ରାସ ପାଇଁ ସହମତି

**ଦୁବାଇ,୧୩।୧୨**

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ନଭେମ୍ବର ୩୦ରୁ ଚାଲିଥିବା ଜାତିସଂଘର ଜଳବାୟୁ ସମ୍ମିଳନୀ କପ୍୨୮ ବୁଧବାର ଉଦ୍‌ଯାପିତ ହୋଇଛି। ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ ପାଇଁ ଏଥିରେ ସହମତି ପ୍ରକାଶ ପାଇଛି। କପ୍ସ ଇତିହାସରେ ପ୍ରଥମ ଥର ପାଇଁ ଗ୍ଲୋବାଲ ଷ୍ଟକ୍‌ଟେକ୍ (ବୈଶ୍ୱିକ ଅଗ୍ରଗତିର ସମୀକ୍ଷା) ଦସ୍ତାବିଜରେ ପକ୍ଷମାନେ ଜୀବାଶ୍ମ ଇନ୍ଧନର ବ୍ୟବହାର ଉପରେ ସହମତି ପ୍ରକାଶ କରିଛନ୍ତି। ଦସ୍ତାବିଜରେ ଜୀବାଶ୍ମ ଇନ୍ଧନକୁ ଜଳବାୟୁ ସଙ୍କଟ ପାଇଁ ମୁଖ୍ୟତଃ ଦାୟୀ କରାଯାଉଛି। ସର୍ବାଧିକ ବାୟୁ ପ୍ରଦୂଷଣ ସୃଷ୍ଟିକାରୀ ତୈଳ ଓ ବାଷ୍ପ ସମେତ ଫୋସିଲ୍ ଫୁଏଲ୍‌ଗୁଡ଼ିକରୁ ଅବସ୍ଥାନ୍ତରଣ ଲାଗି ବିକଶିତ ରାଷ୍ଟ୍ରଗୁଡ଼ିକୁ ଅନେକ ଉତ୍ତରଦାୟିତ୍ୱରୁ ମୁକ୍ତ କରାଯାଇଛି। ସମୟବଦ୍ଧ ଭାବେ ଜଳବାୟୁ ପାଣ୍ଠିକୁ ଅର୍ଥ ପ୍ରଦାନ ଉପରେ ମଧ୍ୟ ଏହି ସମିଟ୍‌ରେ ଗୁରୁତ୍ୱ ଦିଆଯାଇଛି। ସୁଲତାନ୍ ଅଲ୍ ଜବେରଙ୍କ ଅଧ୍ୟକ୍ଷତାରେ ୨ ସପ୍ତାହରୁ ଊର୍ଦ୍ଧ୍ୱସମୟ ଧରି ଅନୁଷ୍ଠିତ କପ୍୨୮ରେ ପ୍ରାୟ ୨୦୦ ଦେଶର ନେତା ଓ ପ୍ରତିନିଧିମାନେ ଯୋଗଦେଇଥିଲେ। କପ୍୨୮କୁ ବିଭିନ୍ନ ଦୃଷ୍ଟିକୋଣରୁ ଐତିହାସିକ କୁହାଯାଉଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନର ଦୁଷ୍ପରିଣାମରୁ ବିଶ୍ୱକୁ ବଞ୍ଚାଇବା ପାଇଁ ପଦକ୍ଷେପର ରୋଡ୍‌ମ୍ୟାପରେ ସ୍ପଷ୍ଟତା ନାହିଁ ବୋଲି ସମାଲୋଚକମାନେ ମତ ଦେଉଛନ୍ତି।

## ବିଷ୍ଣୁ, ମୋହନ ଶପଥ ନେଲେ

**ରାୟପୁର/ ଭୋପାଳ,୧୩।୧୨(ପି.ଟି.)**

ଛତିଶଗଡ଼ ଭାଜପା ବିଧାୟକ ଦଳ ନେତା ବିଷ୍ଣୁ ଦେଓ ସାଏ ବୁଧବାର ରାଜ୍ୟର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ରାୟପୁରରେ କୁନ୍‌କୁରି ବିଧାୟକ ବିଷ୍ଣୁଙ୍କୁ ରାଜ୍ୟର ୪ର୍ଥ ମୁଖ୍ୟମନ୍ତ୍ରୀ ଏବଂ ଭାଜପା ମୁଖ୍ୟ ଅରୁଣ ସାଓ ଓ ବିଧାୟକ ବିଜୟ ଶର୍ମାଙ୍କୁ ଉପମୁଖ୍ୟମନ୍ତ୍ରୀ ରୂପେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେହିପରି ଭୋପାଳର ଲାଲ ପରେଡ୍ ଗ୍ରାଉଣ୍ଡରେ ଉଜ୍ଜୟିନୀ ଦକ୍ଷିଣ ଏମ୍‌ଏଲ୍‌ଏ ତଥା ଭାଜପା ବିଧାୟକ ଦଳ ନେତା ମୋହନ ଯାଦବ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ରୂପେ ରାଜ୍ୟପାଳ ମଙ୍ଗୁଭାଇ ପଟେଲ ଶପଥ ପାଠ କରାଇଛନ୍ତି। ତାଙ୍କ ସହ ମହଲଗଡ଼ ବିଧାୟକ ଜଗଦୀଶ ଦେବଡ଼ା ଓ ରେୱା ବିଧାୟକ ରାଜେନ୍ଦ୍ର ଶୁକ୍ଳା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ ଓ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ।



ବିଷ୍ଣୁ ଦେଓ ସାଏ



ମୋହନ ଯାଦବ

## ନଡ଼ାପୋଡ଼ି ବନ୍ଦକର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ଦିଲ୍ଲୀ-ଏନ୍‌ସିଆର୍‌ରେ ବଢୁଥିବା ବାୟୁ ପ୍ରଦୂଷଣକୁ ନେଇ ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରଦୂଷଣ ରୋକିବା ପାଇଁ ନଡ଼ାମୂଳି ପୋଡ଼ିବା ବନ୍ଦ କରାଯିବା ଜରୁରୀ। ପ୍ରତି ଶୀତଋତୁରେ ଲୋକେ ଯେପରି ସମାନ ଅସୁବିଧା ନ ଭୋଗିବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ସମସ୍ୟାର ବିଚାରବିଭାଗୀୟ ନିରୀକ୍ଷଣର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ସୁଧାଂଶୁ ଧୂଳିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଏ ସମ୍ପର୍କିତ ଏକାଧିକ ଆବେଦନର ଶୁଣାଣି କରି କହିଛନ୍ତି, ଚାଷଜମିର ନିଆଁ ଏବେ ବି ଉଦ୍‌ବେଗର ବିଷୟ। ଏହାକୁ ରୋକିବା ପାଇଁ ପଞ୍ଜାବ ଓ ହରିୟାଣାର ସରକାରମାନେ ଆବଶ୍ୟକ ପଦକ୍ଷେପ ନିଅନ୍ତୁ।

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ





ଫସଲ ବୀମା କରାନ୍ତୁ
ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ
ଚାଷୀଙ୍କ ବ୍ୟାଙ୍କ ଏକାଉଣ୍ଟରେ ସିଧାସଳଖ ବୀମା ଦାବି ପରିଶୋଧ
ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ ଅମଳର ଭଲ ପୂର୍ବାନୁମାନ

7 ବର୍ଷର ପ୍ରମୁଖ ସଫଳତା
55 କୋଟିରୁ ଅଧିକ ଚାଷୀଙ୍କ ଆବେଦନ ପ୍ରାପ୍ତ
16.06 କୋଟିରୁ ଅଧିକ ଚାଷୀ ଆବେଦନ ବାବଦରେ ଫସଲ କ୍ଷତିପୂରଣ ପ୍ରଦାନ
₹1.50 ଲକ୍ଷ କୋଟି ଟଙ୍କାରୁ ଅଧିକ ବୀମା ଦାବି ପରିଶୋଧ

ପଞ୍ଜିକରଣର ଶେଷ ତାରିଖ 15 ଡିସେମ୍ବର, 2023

ନୂତନ ସୁବିଧା — ଆପଣଙ୍କ ଘରେ ବସି ଏଡ୍ ଆପ୍ ଦ୍ୱାରା ବୀମା କମ୍ପାନିର ପ୍ରତିନିଧିଙ୍କଠାରୁ ଫସଲ ବୀମା କରାନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ AIC | Chola MS | Future Generali | HDFC ERGO | ICICI Lombard | Kshema | Oriental Insurance | Reliance General Insurance | SBI general | Universal Sompo General Insurance

ନିଜର ଫସଲକୁ ଆଜି ହିଁ ବୀମାଭୁକ୍ତ କରିବା ପାଇଁ ଯୋଗାଯୋଗ କରନ୍ତୁ | ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY | QR କୋଡ ସ୍କାନ କରନ୍ତୁ

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ପୋଡ଼ି ମାରିବା ଉଦ୍ୟମ ଘଟଣା: ବର୍ଷକ ପରେ ସ୍ୱାମୀ ଗିରଫ



ଭୁବନେଶ୍ୱର,୧୩।୧୨(ସୂର୍ଯ୍ୟକାନ୍ତ ବେହେରା)

ଘର ଭିତରେ ଗ୍ୟାସ ଟାଙ୍କି ଖୋଲି ନିଆଁ ଲଗାଇ ସ୍ତ୍ରୀଙ୍କୁ ପୋଡ଼ି ମାରିବା ଉଦ୍ୟମ କରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀଙ୍କୁ ବର୍ଷେ ପରେ ବୁଧବାର ଭରତପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଲେନ-୧ ଅଞ୍ଚଳରେ ରହୁଥିବା କୁଳମଣି ସାହୁ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ପୀଡ଼ିତା ପ୍ରଭାତୀ ପାଇକରାୟ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ଜଣେ ବ୍ୟକ୍ତିଙ୍କ ଘରେ ଘରୋଇ ସହାୟିକା ଓ ତାଙ୍କ କୁଳମଣି ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ୨୦୧୫ ଜୁଲାଇରେ ଭୁବନେଶ୍ୱରର ଏକ ମନ୍ଦିରରେ ପରସ୍ପରକୁ ବିବାହ କରିଥିଲେ। ଉଭୟଙ୍କର ୩ ବର୍ଷର ଶିଶୁକନ୍ୟା ଅଛି। ବିବାହର କିଛିଦିନ ପରେ କୁଳମଣି ନିଶା ସେବନ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରାୟ ସମୟ କଳହ ଲାଗିରହିଥିଲା। ଫଳରେ କୁଳମଣି ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହିତ ମାଡ ମାରୁଥିଲେ । ଗତ ୨୦୨୨ ସେପ୍ଟେମ୍ବର ରାତିରେ କୁଳମଣି ତାଙ୍କ ସ୍ତ୍ରୀ ପ୍ରଭାତୀଙ୍କୁ ରୋଷେଇ ଘରକୁ ଡାକି ଗ୍ୟାସ ଖୋଲି ନିଆଁ ଲଗାଇ ଦେବା ସହିତ ବାହାର ପଟୁ କବାଟ ବନ୍ଦ କରି ଫେରାର ହୋଇଯାଇଥିଲେ। ଏଥିରେ ପ୍ରଭାତୀଙ୍କ ଶରୀରର ୭୦ ରୁ ୮୦ ଭାଗ ପୋଡ଼ିଯାଇଥିଲା। ପଡୋଶୀ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ପ୍ରଭାତୀ ଦୀର୍ଘ ଦେଢମାସ ପର୍ଯ୍ୟନ୍ତ ଚିକିତ୍ସିତ ହେବା ପରେ ପ୍ଲାଷ୍ଟିକ ସର୍ଜରି ଦ୍ୱାରା ସୁସ୍ଥ ହୋଇ ଘରକୁ ଫେରି ଥାନାରେ ଅଭିଯୋଗ କରିଥିଲେ ।

### ହାଟରେ ପନିପରିବା କିଣାବିକା ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

ବାଲିଅନ୍ତା,୧୩।୧୨(ନୀଳମାଧବ ସାହୁ)

ପ୍ରି- ଭୋକେଶନାଲ ଏଜୁକେଶନ ପରିପ୍ରେକ୍ଷୀରେ ବାଲିଅନ୍ତା ଉଚ୍ଚ ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବୁଧବାର ସ୍ଥାନୀୟ ହାଟକୁ ପରିଦର୍ଶନରେ ଆସିଥିଲେ। ହାଟରେ ପନିପରିବା କିଣାବିକା ଉପରେ ଛାତ୍ରୀଛାତ୍ର ଜ୍ଞାନ ଆହରଣ କରିଥିଲେ। ହାଟର ବ୍ୟବସାୟୀଙ୍କ ପାଖକୁ ଯାଇ ବିଭିନ୍ନ ପରିବା ଦର ବିଷୟରେ ପଚାରିଥିଲେ। କେଉଁ ପରିବାର ମୂଲ୍ୟ କେତେ, ପରିବା କେଉଁଠୁ ଆସୁଛି, ଚାଷୀଙ୍କଠାରୁ କେତେ ଦରରେ ପରିବା କିଣୁଛନ୍ତି ଆଦି ବିଷୟରେ ବ୍ୟବସାୟୀଙ୍କଠାରୁ ପଚାରି ବୁଝିଥିଲେ। ଛାତ୍ରୀଛାତ୍ର ହାଟ ବଜାରର ସାମଗ୍ରୀ ଦର ସମ୍ପର୍କରେ ଜାଣିଲେ ସେମାନଙ୍କ ଆଗାମୀ ଦିନରେ ବୃତ୍ତିଗତ କୋର୍ସ ଅଧ୍ୟୟନରେ ସହାୟକ ହେବ ବୋଲି ଶିକ୍ଷକ ଉମାକାନ୍ତ ଦାସ ଓ ଶିକ୍ଷୟିତ୍ରୀ ପ୍ରୀତି ପୁଷମିତା ରାଉତ କହିଥିଲେ।

# ସ୍ୱପ୍ନରେ ରହିଗଲା ବିଜୁଳି ଉତ୍ପାଦନ

## ବର୍ଜ୍ୟବସ୍ତୁ ପରିଚାଳନାରେ ବିଫଳ



ଭୁବନେଶ୍ୱର,୧୩।୧୨(ଅନିଲ ଦାସ)

ଭୁବନେଶ୍ୱର ମହାନଗର ନିଗମର ବର୍ଜ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦୈନିକ ସହରରୁ ବାହାରୁଥିବା ୮୦୦ ଟନ୍ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରିବା ଭୁବନେଶ୍ୱର ମହାନଗର ନିଗମ ଏବଂ ନଗର ଉନ୍ନୟନ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଗତ ୧ଦଶନ୍ଧି ଧରି ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଥିଲେ ମଧ୍ୟ ସଫଳତା ଅପହଞ୍ଚ ହୋଇଛି। ଅପରପକ୍ଷରେ ଆବର୍ଜନା ଦୁର୍ଗନ୍ଧରେ ସହରବାସୀ ଅସ୍ତବ୍ୟସ୍ତ ହେଉଛନ୍ତି।

ଏକ ଆକଳନରୁ ଜଣାପଡ଼ିଛି ଯେ, ବଡ଼ ବଡ଼ ସହରରେ ରହୁଥିବା ପ୍ରତ୍ୟେକ ଲୋକ ପିଛା ଦୈନିକ ୫୦୦ ଗ୍ରାମ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ। ଭୁବନେଶ୍ୱର ମହାନଗର ନିଗମରେ ପ୍ରାୟ ୧୫ଲକ୍ଷ ଲୋକ ବାସ କରୁଛନ୍ତି। ଜନସଂଖ୍ୟାକୁ ହିସାବକୁ ନେଲେ ସହରରୁ ଦୈନିକ ପ୍ରାୟ ୭୦୦ରୁ ୮୦୦ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ଏତେ ପରିମାଣ ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା ନେଇ ଆନ୍ତରିକତା ଅଭାବରୁ ଭୁବନେଶ୍ୱର ମହାନଗର ନିଗମ ହେବାର ୨୮ବର୍ଷ ପରେ ମଧ୍ୟ ଏକ ଦୀର୍ଘମିଆଦୀ ବ୍ୟବସ୍ଥା ହୋଇପାରି ନାହିଁ । ଏହାର କୁପରିଣାମ ସହରବାସୀଙ୍କୁ ଭୋଗିବାକୁ ପଡୁଛି। ବିଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ଯେଉଁ ପଦକ୍ଷେପ ନିଆଯାଉଛି ତାହା ସଫଳ ହେଉ ନ ଥିବାରୁ ବର୍ଜ୍ୟବସ୍ତୁର କୁପରିଣାମ ସମଗ୍ର ସହରକୁ ଭୋଗିବାକୁ ପଡୁଛି। ୨୦୧୪ରେ ବିଏମ୍‌ସି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦାରୁଠେଙ୍ଗ ଡମ୍ପିଂ ୟାର୍ଡଠାରେ ୱେଷ୍ଟ ଟୁ ଏନର୍ଜି(ବର୍ଜ୍ୟରୁ ବିଜୁଳି ) ନାମରେ ଏକ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏସ୍‌ଏଲ୍ ମ୍ୟୁନିସିପାଲ ସଲିଡ୍ ୱେଷ୍ଟ (ଏମ୍‌ଏସ୍‌ଡବ୍ଲ୍ୟୁ) ଭୁବନେଶ୍ୱର ଲିମିଟେଡ ନାମକ ସଂସ୍ଥା ସହିତ ଚୁକ୍ତିନାମା କରିଥିଲା। ଏଥିପାଇଁ ୨୦୦କୋଟି ଟଙ୍କାର ବଜେଟ ଅଟକଳ ମଧ୍ୟ ହୋଇଥିଲା। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରି ୧୧ ମେଗାୱାଟ ଶକ୍ତି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରୀ ଉଦାସୀନତା ଏଥିରେ ବାଧା ସୃଷ୍ଟି କରିଥିଲା। ୨୦୧୮ରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭୁଆସୁଣୀଠାରେ ବର୍ଜ୍ୟବସ୍ତୁ ପକାଇବା ଉପରେ ରୋକ ଲଗାଇବା ଫଳରେ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଆଶା ମଉଳି ଗଲା। ଏସ୍‌ଏଲ୍ ସଂସ୍ଥା ଏହି ଚୁକ୍ତିନାମାରୁ ଓହରିଗଲା ପରେ ଦାରୁଠେଙ୍ଗଠାରେ ଆବର୍ଜନା ପାହାଡ଼ ଠିଆ ହେଲା। ଏପରି କି ସୈନିକ ସ୍କୁଲଠାରୁ ଦାରୁଠେଙ୍ଗ ବର୍ଜ୍ୟବସ୍ତୁ ପରିବହନ ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଯୋଗୁ ଜୀବନହାନୀ ମଧ୍ୟ ହେଲା। ପରେ ଦାରୁଠେଙ୍ଗ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ୨୦୨୩ ମେ' ୧୫ ତାରିଖରେ ସୈନିକ ସ୍କୁଲ ଡମ୍ପିଂ ୟାର୍ଡରୁ ଦାରୁଠେଙ୍ଗକୁ ଅଳିଆବୁହା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଦାରୁଠେଙ୍ଗ ଗ୍ରାମବାସୀ ବିଜୟ ଉତ୍ସବ ପାଳନ କଲେ। ଏଭଳି ପରିସ୍ଥିତିରେ ବିଏମ୍‌ସି ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ସୈନିକ ସ୍କୁଲ ନିକଟରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡରେ ସହରର ସମସ୍ତ ୮୦୦ ଟନ୍ ଆବର୍ଜନା ଗଦାହୋଇ ପାହାଡ଼ ଆକାର ଧାରଣ କରିଛି। ଏଥିରୁ ନିର୍ଗତ ହେଉଥିବା ପଚାପାଣି ଦୁର୍ଗନ୍ଧ ଯୋଗୁ ଭିଏସ୍‌ଏସ୍ ନଗର, ଗଜପତି ନଗର, ଗାଡ଼କଣ, ଚନ୍ଦ୍ରଶେଖରପୁର, ଚକେଇସିହାଣି, ରସୁଲଗଡ଼, ଆଚାର୍ଯ୍ୟବିହାର, ଆଇଆର୍‌ସି ଭିଲେଜ ଆଦି ଅଞ୍ଚଳର ଜନସାଧାରଣ ଅସ୍ତବ୍ୟସ୍ତ ହୋଇଛନ୍ତି। ଡମ୍ପିଂୟାର୍ଡ ନିକଟବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବତନ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି, କମ୍ପାନୀକୁ ୧୦୦ ଏକର ଜମି ବ୍ୟାଙ୍କ ବନ୍ଧକ ମାଗିବାରୁ ୱେଷ୍ଟ ଟୁ ଏନର୍ଜି ପ୍ରକଳ୍ପ କାର୍ଯ୍ୟ ଆଗେଇପାରି ନ ଥିଲା। ଏପରି କି ଉକ୍ତ କମ୍ପାନୀ ଚୁକ୍ତିନାମାରୁ ମଧ୍ୟ ଓହରି ଯାଇଥିଲା ବୋଲି ମିଶ୍ର କହିଛନ୍ତି।

ପ୍ରକାଶ ଯେ, ରାଜଧାନୀର ବର୍ଜ୍ୟବସ୍ତୁ ପରିଚାଳନା ଅସମ୍ଭାଳ ହେଉଥିବାରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ସମସ୍ୟାର ସମାଧାନ ପାଇଁ ନଗର ଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଏମ୍‌ସି ଅଣ୍ଟା ଭିଡ଼ି ବର୍ଜ୍ୟବସ୍ତୁ ପରିଚାଳନାର ବିକେନ୍ଦ୍ରୀକରଣ କରିଥିଲା। ସହରର ୪୩ସ୍ଥାନରେ ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର) ଏବଂ ମ୍ୟାଟେରିଆଲ ରିକୋଭରି ଫାସିଲିଟି(ଏମ୍‌ଆର୍‌ଏଫ୍) ନିର୍ମାଣ କରାଯାଇଛି। ଏଥିରେ ନିଜ ନିଜ ୱାର୍ଡର ଅଳିଆ ଆବର୍ଜନାକୁ ଖତରେ ପରିଣତ କରାଯିବ। ତେବେ ବିଏମ୍‌ସିର ଏହି ଯୋଜନା ବିଭିନ୍ନ କାରଣରୁ ଫେଲ୍ ହୋଇଛି। ସେଥିରୁ ଅଧିକାଂଶ ଅଚଳ ହୋଇପଡ଼ିଛି। କ୍ଷୁଦ୍ର ଏମ୍‌ସିସି ବିଫଳ ହେବା ପରେ ବିଏମ୍‌ସି ପକ୍ଷରୁ ପଲାଶୁଣିଠାରେ ୩୫୦ଟନ୍‌ର ମେଗା ଏମ୍‌ସିସି କରିବା ପାଇଁ ଯୋଜନା ହୋଇଛି। ଏହା କେତେଦୂର ସଫଳ ହେବ ଏବଂ ସହରବାସୀଙ୍କୁ ଦୁର୍ଗନ୍ଧରୁ ରକ୍ଷା ମିଳିବ ତାହା ଆଗାମୀ ଦିନରେ ଜଣାପଡ଼ିବ। ଏନେଇ ବିଏମ୍‌ସି ଡେପୁଟି କମିଶନର(ପରିମଳ) ମନୋରଞ୍ଜନ ସାହୁ କହିଛନ୍ତି, ସହରରେ ୩୫ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଜରିଆରେ ଦୈନିକ ପ୍ରାୟ ୨୦୦ ଟନ୍ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଉଛି। ପଲାଶୁଣିଠାରେ ୩୫୦ ଟନ୍‌ର ଏମ୍‌ସିସି ନିର୍ମାଣ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ଟ୍ରମ୍ମେଲ ଲାଇନ ସ୍ଥାପନ କରାଯାଇ କଠିନ ବର୍ଜ୍ୟବସ୍ତୁକୁ ଅଲଗା କରାଯାଉଛି। ପଲିଥିନକୁ ରାଜଗାଙ୍ଗପୁର ପଠାଯାଉଛି। ସୈନିକ ସ୍କୁଲ ଡମ୍ପିଂୟାର୍ଡରୁ ବର୍ଜ୍ୟବସ୍ତୁ ହ୍ରାସ ପାଇବାରେ ଲାଗିଛି। ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

### ୧୫ରେ ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୧୩।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୫ ତାରିଖରେ ଏକାମ୍ର ନିର୍ବାଚନମଣ୍ଡଳୀରେ ପ୍ରାୟ ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ। ପୂର୍ତ୍ତ ବିଭାଗ ପକ୍ଷରୁ ଦୟା ଦକ୍ଷିଣ ପାର୍ଶ୍ୱ ନଦୀ ବନ୍ଧର ସାଢ଼େ ଆଠ କିଲୋମିଟର ରାସ୍ତାର ସୁଦୃଢ଼ୀକରଣ ଓ ପ୍ରଶସ୍ତିକରଣ ପାଇଁ ୨୨ କୋଟି ଟଙ୍କା, ଜଳ ସମ୍ପଦ ବିଭାଗ ପକ୍ଷରୁ ୯୧ କୋଟି ଟଙ୍କାରେ ଧଉଳି ନିକଟ ଦୟା ନଦୀ ଗର୍ଭରେ ଜଳ ସଂରକ୍ଷଣ ବ୍ୟବସ୍ଥା ଗଠନ ତଥା ଇନ ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର୍ ନିର୍ମାଣ କରାଯିବ। ଏହା ଦ୍ୱାରା ଆଖପାଖ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ଚାଷ ପାଇଁ ଜଳ ସମସ୍ୟା ଦୂର ହେବ। ସେହିପରି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୪୨ କୋଟି ଟଙ୍କାରେ ବାସୁଆଘାଇ, ଧଉଳି, ଲିଙ୍ଗିପୁର, ଶିଶୁପାଳ ଗଡ, ଇଟିପୁର, ଟିକରପଡ଼ା ଆଦି ୬ଟି ପଞ୍ଚାୟତରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ବାସୁଅଘାଇ ଦୟା ନଦୀଠାରେ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ, ଇଟିପୁରଠାରେ ଟିପିସିଏଲ ପକ୍ଷରୁ ୧୭ କୋଟି ଟଙ୍କାର ଏକ ୩୩ କେଭିର ଗ୍ରୀଡ ସବଷ୍ଟେସନ ନର୍ମାଣ କାର୍ଯ୍ୟ ଶିଳାନ୍ୟାସ କରାଯିବ। ଏନେଇ ରବିବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ବାସଭବନରେ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମ କିପରି ସଫଳ ହେବ ଏଥିପାଇଁ ସମସ୍ତ ସରପଞ୍ଚ, ସମିତି ସଭ୍ୟ, କର୍ପୋରେଟର, ଜିଲାପରିଷଦ ସଭ୍ୟ ଏବଂ ଦଳୀୟ ପଦାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି।

# ରାମ ମନ୍ଦିରରେ ଜଳିଲା ପାଞ୍ଚ ହଜାର ଦୀପ



ଦେବ ଦୀପାବଳୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ରାମ ମନ୍ଦିର ପରିସରରେ ହାପି ଲିଭିଂ ଫାଉଣ୍ଡେଶନ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଉଛି।

ଭୁବନେଶ୍ୱର,୧୩।୧୨( ଶର୍ମିଷ୍ଠା ପାଣିଗ୍ରାହୀ)

ଦେବ ଦୀପାବଳୀ ଉପଲକ୍ଷେ ବୁଧବାର ଭୁବନେଶ୍ୱର ରାମ ମନ୍ଦିରଠାରେ ୫ହଜାର ଦୀପ ଜଳାଯାଇଛି। ହାପି ଲିଭିଂ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପରିବହନ ନିଗମ ଅଧ୍ୟକ୍ଷ ଅମିତାଭ ଠାକୁର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋଜ ଲେଙ୍କା, ମାଳିକା ପ୍ରବଚକ ଦିବାକର ଦାସ ମହାରାଜ, ଶିଶୁ ପ୍ରବଚକ କେଶବ ଦାସ, ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର, ପ୍ରତିଭା ପଣ୍ଡା, ଅଂଶୁମୋଚନ ମହାନ୍ତି, ଆଇନଜୀବୀ ବନ ମହାନ୍ତି, ଏବଂ ଲୋପାମୁଦ୍ରା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଦେବ ଦୀପାବଳି ଉତ୍ସବ ୩ ଦିନ ଧରି ଶ୍ରୀମନ୍ଦିରରେ ପାଳନ କରାଯାଇଥାଏ। ୬ ବର୍ଷ ହେବ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱଶାନ୍ତି ପାଇଁ ତଥା ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ପାଇଁ ଦୀପ ଦାନ କରାଯାଉଛି। ସାମାଜିକ କର୍ମୀ ମନୋଜ ପାଳ ଏହାର ସଂଯୋଜନା କରିଥିଲେ।

### ବିଏମ୍‌ସି ଗୋଶାଳା ପରିଦର୍ଶନ କଲେ ମେୟର

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

ଜାମୁକୋଲିସ୍ଥିତ ବିଏମ୍‌ସି ଗୋଶାଳାକୁ ବୁଧବାର ମେୟର ସୁଲୋଚନା ଦାସ ପରିଦର୍ଶନ କରିଛନ୍ତି। ମେୟରଙ୍କ ସହ ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ପ୍ରୀତିନନ୍ଦା ରାଉତ, ଅମରେଶ ଜେନା, ମିହିର କୁମାର ରାଉତ, ଭାରତୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ପିପୁଲ ଫର୍ ଆନିମଲ ଦ୍ୱାରା ପରିଚାଳିତ ଜାମୁକୋଲିସ୍ଥିତ ଗୋଶାଳାରେ ଦୈନିକ ଗାଈ ଓ ଷଣ୍ଢମାନଙ୍କୁ ଚୁନି, ଚୋକଡ, ପରିବା, ନଡା ଆଦି ସୁଷମ ଖାଦ୍ୟ ସାମଗ୍ରୀ ଦିଆଯାଉଛି । ସେମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଦୁଇଜଣ ଡାକ୍ତର ଓ ଦୁଇ ଜଣ ପାରାଭେଟ ନିୟୋଜିତ ହୋଇଛନ୍ତି। ଗାଈ, ବଳଦ ଓ ଷଣ୍ଢମାନଙ୍କର ଯତ୍ନ ନେବାକୁ ୪୬ ଜଣ କର୍ମଚାରୀ, ଜଣେ ସୁପରଭାଇଜର ଓ ଜଣେ ମ୍ୟାନେଜର ରହିଛନ୍ତି । ଏହି ଗୋଶାଳାରୁ ବାହାରୁ ଥିବା ଗୋବର ଖତ କରାଯାଉଛି । ଏହି ସବୁ ଖତ ଏବେ ଜମା ରହିଛି, ଭବିଷ୍ୟତରେ ସେଗୁଡିକ ନିଲାମ କରାଯିବ ବୋଲି ମେୟର କହିଛନ୍ତି । ଆଗାମୀ ଦିନରେ ସହର ନିକଟ ବିଭିନ୍ନ ପ୍ରାନ୍ତରେ ଏହିପରି ଗୋମଙ୍ଗଳ କେନ୍ଦ୍ର ଖୋଲି ବାହାରକୁ ଛଡ଼ାଯାଉଥିବା ଗୋରୁଙ୍କୁ ଉଦ୍ଧାର କରି ରଖିବା ପାଇଁ ଉଦ୍ୟମ ଜାରି ରହିଛି ।

# ଦକ୍ଷତା ବିକାଶ ଶିକ୍ଷାର ମାନ ବୃଦ୍ଧି କରେ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଭୁବନେଶ୍ୱର,୧୩।୧୨(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଏକାଦଶ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଆଇସିଆର୍‌ର ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର ଯୋଗଦେଇ ଶିକ୍ଷାର ମାନ ତଥା ବିଭିନ୍ନ ବୈଷୟିକ ଗବେଷଣା ଉପରେ ମତ ରଖିଥିଲେ। ଉନ୍ନତ ଶିକ୍ଷାଦାନ ସହ ଦକ୍ଷତା ବିକାଶ ଶିକ୍ଷାର ମାନକୁ ବୃଦ୍ଧି କରିଥାଏ। ନୂତନ ଶିକ୍ଷା ନୀତିକୁ ଆପଣାଇବାକୁ ହେଲେ ଶିକ୍ଷକଙ୍କୁ ପ୍ରତି କ୍ଷେତ୍ରରେ ଆଗରେ ରହିବାକୁ ହେବ ବୋଲି ଡ. ମହାପାତ୍ର କହିଥିଲେ। ସମସ୍ତଙ୍କ ସହଯୋଗରେ ବିଶ୍ୱବିଦ୍ୟାଳୟରେ କିପରି ଉନ୍ନତର ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ, ଏଥିସହ ଛାତ୍ରୀଛାତ୍ର ପ୍ରତିଟି କ୍ଷେତ୍ରରେ ମନଯୋଗ କରିବେ ସେ ନେଇ ସମସ୍ତେ ଚେଷ୍ଟା କରିବାକୁ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ସମ୍ମାନିତ ଅତିଥି ଭାବେ ରାଉରକେଲାସ୍ଥିତ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗଦେଇ ନାକ୍ ଅଧିସ୍ୱୀକୃତି ପାଇଁ ପୂର୍ବ ପ୍ରସ୍ତୁତି ଉପରେ ମତ ରଖିଥିଲେ। ନାକ୍‌ର ଉପଯୋଗିତା ତଥା ଏହାର ନିୟମାବଳୀ ସମ୍ପର୍କରେ ସେ କହିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀପାଳନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁଶେନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, ନିର୍ଦ୍ଦେଶକ, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ସୃଜନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପରିବେଷିତ ନାଟକ ଜୀବନ୍ୟାସର ଏକ ଦୃଶ୍ୟ।

# ମନ ଛୁଇଁଲା ନାଟକ ଜୀବନ୍ୟାସ, ବାଜି

## ନାରାୟଣ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

ଭୁବନେଶ୍ୱର,୧୩।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନାରାୟଣ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବୁଧବାର ନାଟକ ଜୀବନ୍ୟାସ ଓ ବାଜି ମଞ୍ଚସ୍ଥ ହୋଇଯାଇଛି। ଶତାବ୍ଦୀର କଳାକାର ପକ୍ଷରୁ ନାଟକ ଜୀବନ୍ୟାସ ପ୍ରଥମେ ପରିବେଷିତ ହୋଇଥିଲା। ଏହାର ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ନାଟ୍ୟକାର ଧୀର ମଲ୍ଲିକ। ଯୁଗେଯୁଗେ ଗରିବଙ୍କ ଉପରେ ଧନୀଙ୍କ ଅତ୍ୟାଚାର ଚାଲିଆସିଛି। ସବୁ ସମୟରେ ଦେଖାଯାଇଛି ଧନୀ ଲୋକେ ପୋଲିସ ଓ ବାବାଙ୍କ ସହାୟତାରେ ଗରିବଙ୍କୁ ଶାସନ କରିଆସୁଛନ୍ତି। ସେହିପରି ବାଜି ଜୀବନର ଗତିପଥକୁ ବଦଳାଇଦେଇ ପାରେକି। ଯଦି ବଦଳାଇ ପାରେ ତେବେ କିପରି। ସମୟ ସବୁର ଶ୍ରେଷ୍ଠ ବିଚାରକ। ଏହି ଉପରେ ରଚିତ ନାଟକ ବାଜି ପରିବେଷଣ କରିଥିଲେ ଅର୍ପଣ ଅନୁଷ୍ଠାନର କଳାକାର। ଏହାର ନିର୍ଦ୍ଦେଶକ ଗୋବିନ୍ଦ କୁମାର ଜେନା। ନାଟ୍ୟ ରୂପାନ୍ତର କରିଥିଲେ ସଞ୍ଜୟ କୁମାର ହାତୀ। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ବିନାୟକ ଆଚାର୍ଯ୍ୟ, ରାଜୀବ ସାହୁ, ଅନୁଷ୍ଠାନର ଉପଦେଷ୍ଟା ସୂର୍ଯ୍ୟନାରାୟଣ ଦାସ, ଉପସଭାପତି ପ୍ରସନ୍ନ ରଥ, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଓ ସଭାପତି ଶରତ ରାଉତ ଉପସ୍ଥିତ ଥିଲେ।

# ବିଏମ୍‌ସିର ଜ୍ଞାନକୌଶଳ ଆପଣାଇବ କେରଳ




ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ ଅନ୍ୟ ଅଧିକାରୀଙ୍କ ସହ କେରଳର ପ୍ରତିନିଧି ଦଳ।

- ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟ ବୁଲି ଦେଖିଲେ ୨ ପ୍ରତିନିଧି ଦଳ
- ବର୍ଜ୍ୟ ପୃଥକୀକରଣ, ମଳପଙ୍କ ପରିଚାଳନା ସମ୍ପର୍କରେ ଜାଣିଲେ

ଭୁବନେଶ୍ୱର, ୧୩।୧୨(ଅନୁରାଧା ମହାରଣା)

କେରଳର ଦୁଇଟି ମହାନଗର ନିଗମର ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧି ଦଳ ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ କାର୍ଯ୍ୟ ବୁଲି ଦେଖିଛନ୍ତି। କେରଳ କନ୍ନୁର ମହାନଗର ନିଗମର ମେୟର ଟିଓ ମହାନନଙ୍କ ନେତୃତ୍ୱରେ ଡେପୁଟି ମେୟର ସାବିନା କେଙ୍କ ସହ ୧୫ଜଣିଆ ଏବଂ କୋଚି ମହାନଗର ନିଗମର ବରିଷ୍ଠ କାଉନସିଲର ଅଭିଲାଷ ଟିପିଙ୍କ ନେତୃତ୍ୱରେ ୧୨ ଜଣିଆ ପ୍ରତିନିଧି ଦଳ ଏହି ପରିଦର୍ଶନରେ ଆସିଛନ୍ତି। ଗତ ୩ଦିନ ଧରି ସେମାନେ ଭୁବନେଶ୍ୱରର ବିଭିନ୍ନ ୱେଲଥ୍ ସେଣ୍ଟର, ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ୍) ଏବଂ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ବୁଲି ଦେଖିଛନ୍ତି। ବିଏମ୍‌ସିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ପାନୀୟଜଳ ଯୋଗାଣ, ବର୍ଜ୍ୟ ପୃଥକୀକରଣ, ସଂଗ୍ରହ ଓ ପ୍ରକ୍ରିୟା କରଣକୁ ଏହି ପ୍ରତିନିଧି ଦଳ ପ୍ରଶଂସା କରିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି । ବିଶେଷକରି ଟ୍ରାନ୍ସଜେଣ୍ଡରଙ୍କ ଦ୍ୱାରା ସେସ୍‌ପୁଲ୍ ଏବଂ ମଳପଙ୍କ ପରିଚାଳନାରେ ଗୋଷ୍ଠୀ ଅଂଶଗ୍ରହଣ ପ୍ରକ୍ରିୟା ସମ୍ପର୍କରେ ଏହି ୨ ପ୍ରତିନିଧି ଦଳ ଜାଣିବାକୁ ପାଇଛନ୍ତି। ବିଏମ୍‌ସି ପକ୍ଷରୁ ପ୍ରୟୋଗ କରାଯାଇଥିବା ଅନେକ ନୂତନ ଜ୍ଞାନକୌଶଳକୁ କେରଳରେ କାର୍ଯ୍ୟକାରୀ କରାଯିବ ବୋଲି କନ୍ନୁର ମେୟର କହିଛନ୍ତି।

ଅନ୍ୟପଟେ ବିଏମ୍‌ସି ମୁଖ୍ୟାଳୟରେ ବୁଧବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ କେରଳ ପ୍ରତିନିଧିଦଳଙ୍କ ସହ ଭାବ ଓ ଅଭିଜ୍ଞତା ବିନିମୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଏମ୍‌ସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ଏବଂ ପରିମଳ ବ୍ୟବସ୍ଥା ସମ୍ପର୍କରେ ଏକ ବୃତ୍ତଚିତ୍ର ପ୍ରଦର୍ଶନ ପୂର୍ବକ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ପ୍ରତିନିଧିଦଳଙ୍କୁ ବୁଝାଇଥିଲେ । ଅପରପକ୍ଷେ ଏହି ପ୍ରତିନିଧି ଦଳ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପରେ ପ୍ରତିନିଧିଦଳର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ କଫି ଟେବଲ ବହି ସ୍କିଙ୍କ ଷ୍ଟୋନ୍ସ ଏବଂ ଭୁବନେଶ୍ୱର ପ୍ରତିଷ୍ଠାର ୭୫ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ଏପିକ୍ ଶାଗା ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମେୟର ଦାସ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି, ନାଗରିକଙ୍କ ସହଯୋଗ ଏବଂ ଟିମ୍ ବିଏମ୍‌ସିର ସମ୍ମିଳିତ ସହଯୋଗ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ସଫଳ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଜୋନାଲ ଡେପୁଟି କମିଶନର ପ୍ରିୟବ୍ରତ ପାଢୀ, ସହକାରୀ ଡେପୁଟି କମିଶନର ଏନ୍. ଗଣେଶ ବାବୁଙ୍କ ସହ ବିଏମ୍‌ସିର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ‘ଜିଜ୍ଞାସା ରହିଲେ ସଫଳତା ମିଳିବ’

**ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୦ ବ୍ଲକରୁ ୫ଟି ବିଭାଗରେ ମୋଟ୍ ୫୦ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ମିଲେଟ୍ ସମ୍ବନ୍ଧରେ ଏକ କର୍ମଶାଳା ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନ ସମ୍ବଳିତ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ପୌର ପରିଷଦର ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ଜିଲା କୃଷି ଅଧିକାରୀ ଶରତ କୁମାର ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦର ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ ମୁଖ୍ୟ ଅତିଥି, ନାଇଜର ପ୍ରଫେସର ଶୁଭଙ୍କର ବେଦାନ୍ତ ମୁଖ୍ୟବକ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅମ୍ରିତା ପ୍ରୀତିନନ୍ଦା ଅତିଥିଭାବେ ଯୋଗଦେଇ



ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ପିଲାମାନଙ୍କୁ ଜିଜ୍ଞାସୁ ମନୋଭାବ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ହେଲ୍‌ଥ ସବ୍‌ଥିମ୍‌ରେ ରୂପାରି ମଙ୍ଗରାଜ ପ୍ରଥମ, ଶ୍ରଦ୍ଧା ସରିତା ସାହୁ ଦ୍ୱିତୀୟ ଓ ସନ୍ଦୀପ୍ ଶୁଭଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲାଇଫ୍ ସବ୍‌ଥିମରେ ରୋହନ ଲାଲ ମହାନ୍ତି ପ୍ରଥମ, ସ୍ୱରୂପ ନାୟକ ଦ୍ୱିତୀୟ ଓ ବିଦ୍ୟୁତ୍‌ସ୍ମିତା ଘଡ଼େଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃଷି ବିଭାଗରେ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରଥମ, ସୁଦୀପା ପ୍ରିୟଦର୍ଶିନୀ ଦ୍ୱିତୀୟ, ଅର୍ପିତା ପଟ୍ଟନାୟକ ତୃତୀୟ ସ୍ଥାନରେ ରହିଛନ୍ତି। କମ୍ୟୁନିକେଶନ ଓ ଟ୍ରାନ୍ସପୋର୍ଟରେ ବିଶ୍ୱବନ୍ଦିତା ରାଉତବର୍ମା ପ୍ରଥମ, ଅର୍ପିତା ରାଉତରାୟ ଦ୍ୱିତୀୟ, ସୌମ୍ୟରଞ୍ଜନ ସାହୁ ତୃତୀୟ ସ୍ଥାନରେ ରହିଛନ୍ତି। କମ୍ପ୍ୟୁଟେଶନାଲ ଥିଙ୍କିଙ୍ଗରେ ତନିରିକା ପଣ୍ଡା ପ୍ରଥମ, ଶେକ୍ ଆରସାଦ ଦ୍ୱିତୀୟ, ସଂଗ୍ରାମ ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ବିଭାଗର ପ୍ରତିଯୋଗୀମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବିଜ୍ଞାନ କୁଇଜ୍ ବରିଷ୍ଠ ବିଭାଗରେ ରୁଦ୍ର ପ୍ରକାଶ ଦାସ, ପୀୟୂଷ କୁମାର ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ ଏବଂ କନିଷ୍ଠ ବିଭାଗରେ ଶୁଭ୍ରସ୍ମିତା ସାମନ୍ତରାୟ, ତନରିକା ପଣ୍ଡା, ରୋହନ୍ ଲାଲ ମହାନ୍ତି ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ବିଜେବି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଞ୍ଜନ କୁମାର ରାୟ, ନବ କିଶୋର ମିଶ୍ର, ତୋଫାନ୍ କୁମାର ରାଉତରାୟ, ଚିନ୍ମୟୀ ମାର୍ଥା, ନିରଞ୍ଜନ ସାହୁ, ବିଚିତ୍ରାନନ୍ଦ ମହାନ୍ତି, ଅଗାଧୁ ସେଠୀ, ଗଣେଶ୍ୱର ମିଶ୍ର, ସୁଧାକର ମହାପାତ୍ର, ଶରତ କୁମାର ରାଉତ, ରବି ନାରାୟଣ ପଣ୍ଡା, ସୁରେଶ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୧ କେଜି ଗୋମାଂସ ଜବତ

**ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦ ଅଞ୍ଚଳରୁ ବୁଧବାର ପୋଲିସ ୧କେଜି ଗୋମାଂସ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ପଟାଇ ସେକ୍ (୩୦) ଓ ସଲିମ ସେକ୍ (୨୮)। ସୂଚନା ଅନୁସାରେ, ପଶ୍ଚିମବଙ୍ଗ ଅଞ୍ଚଳର ପଟାଇ ଓ ସଲିମ ଜଟଣୀ ଅଞ୍ଚଳରେ ରହି କାମ କରନ୍ତି। ଖୋର୍ଦ୍ଧା ଅଞ୍ଚଳରୁ ଖାଇବା ନିମନ୍ତେ ପଟାଇ ଓ ସଲିମ ୧କେଜି ଗୋମାଂସ କିଣି ଦଧିବାମନ ସାହି ଦେଇ ଯାଉଥିବାବେଳେ ସେମାନଙ୍କୁ ଦେଖି ସ୍ଥାନୀୟ ଲୋକଙ୍କର ସନ୍ଦେହ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଧରିବା ସହ ତାଙ୍କଠାରୁ ପଲିଥିନରେ ବନ୍ଧା ହୋଇଥିବା ୧କେଜି ଗୋମାଂସ ଜବତ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୮/୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ତେବେ କେଉଁଠାରୁ ଏଭଳି ପ୍ୟାକେଟ ଗୋମାଂସ ଚାଲାଣ ହେଉଛି ତାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ବନ ବିଭାଗ ପକ୍ଷରୁ ସମୁଦ୍ରରେ ପଇଁତରା

**କୃଷ୍ଣପ୍ରସାଦ, ୧୩।୧୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାଲୁଗାଁ ବନଖଣ୍ଡୀୟ ଅଧିକାରୀ ଅମ୍ଲାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକର ଅରଖକୁଦାଠାରୁ ରାଜହଂସ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ନିଷିଦ୍ଧାଞ୍ଚଳରେ ଟ୍ରଲର ପ୍ରବେଶକୁ ବାରଣ କରାଯିବା ସହିତ ଅବାଧ ପ୍ରବେଶ ଉପରେ ନଜର ରଖାଯାଇଥିବା ସାତପଡ଼ା ରେଞ୍ଜର ଶରତ ଜାନି କହିଛନ୍ତି। ଯଦି ଯନ୍ତ୍ରଚାଳିତ ବୋଟକୁ ନେଇ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ ଦେଖାଦିଏ, ତେବେ ନିକଟ ବନ୍ୟପ୍ରାଣୀ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଜଣାଇବାକୁ ଆବଶ୍ୟକ। ସାତପଡ଼ା ରେଞ୍ଜର ଶରତ ଜାନିଙ୍କ ନେତୃତ୍ୱରେ ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ କାଳି ଚରଣ ମହାନ୍ତି, ବନରକ୍ଷୀ ଅର୍ଜୁନ ପ୍ରଧାନ, ୱାଚର ମୁଖ୍ୟ କୁନା ଦଉଙ୍କ ସମେତ ସୁରକ୍ଷା କର୍ମୀ ଏହି ପାଟ୍ରୋଲିଂରେ ସାମିଲ ହୋଇଥିଲେ।



ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ପାଟ୍ରୋଲିଂ କରାଯାଉଛି।

### ବିଦ୍ୟାମନ୍ଦିରରେ ଅଭିଭାବକଙ୍କ ବୈଠକ

**ଟାଙ୍ଗୀ, ୧୩।୧୨ (ରଘୁନାଥ ସାହୁ)**

ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରଠାରେ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କିଶୋର କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଡ. ମୋନାଲିସା ମାନସିଂହ, ପରିଚାଳନା କମିଟି ସଦସ୍ୟ ମନୋରଞ୍ଜନ ବେହେରା, ବିଜୟ କୁମାର ରାଉତ, ଅଜୟ କୁମାର ମଙ୍ଗରାଜଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶିକ୍ଷାଦାନ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାବକମାନେ ମତବ୍ୟକ୍ତ କରିଥିଲେ।

# ମୁକୁଳା ପଡ଼ିଛି ଅଧାପନ୍ତରିଆ ଡ୍ରେନ୍

## ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି

**ଗମ୍ଭାରୀମୁଣ୍ଡା, ୧୩।୧୨ (ଦିଲିପ ସ୍ୱାଇଁ)**

ସରକାର ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍ଥାନୀୟସ୍ତରରେ ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା ଠିକାଦାରଙ୍କ ବେପରୁଆ ମନୋଭାବ ଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବାଣପୁର ତହସିଲ ଅଞ୍ଚଳରେ ଦେଖିବାକୁ ମିଳିଛି। ବାଣପୁର ତହସିଲ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ବାମପାର୍ଶ୍ୱରେ ଦୀର୍ଘ ପାଞ୍ଚମାସ ହେବ ଡ୍ରେନ ନିର୍ମାଣ ପାଇଁ ଖୋଲା ହୋଇ ପଡିରହିଛି। ଡ୍ରେନ୍ ନିର୍ମାଣ କାର୍ଯ୍ୟ ସରି ନ ଥିବା ବେଳେ ଖୋଲା ହୋଇଥିବା ସ୍ଥାନରେ ଅନେକ ସମୟରେ ଜନସାଧାରଣ ପଡ଼ି ଆହତ ହେଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବର୍ଷା ସମୟରେ ପାଣି ଜମି ରହୁଥିବାରୁ ମୁଖ୍ୟ ରାସ୍ତା ସାନକେନାଲ ଠାରୁ ପାଣ୍ଡେରିପଦର ଛକ ପର୍ଯ୍ୟନ୍ତ କେତେକ ସ୍ଥାନରେ ଗାତ ଖୋଳିଦେଲେ। କିନ୍ତୁ କାମ ନ ହେବାରୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି



ଡ୍ରେନରେ ପ୍ରତ୍ୟେକ ଦିନ ଯାନବାହନରୁ ପଡି ଆହତ ହେଉଥିବା ନଜିର ରହିଛି। ବାଣପୁର ତହସିଲ ମୁଖ୍ୟରାସ୍ତା ବାମପଟ ଜାଭିୟର ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋଲାଯାଇଥିବା ଡ୍ରେନରେ ଆବର୍ଜନା ପାଣି ଜମିରହଛି। ରାସ୍ତାକଡର ଦୋକାନୀ ପାଞ୍ଚ ମାସ ହେବ ଦୋକାନ ବନ୍ଦକରି ଥିବା ବେଳେ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପାଖରେ ଗୁହାରି କରିଥିଲେ ମଧ୍ୟ ସମାଧାନ ହୋଇନାହିଁ। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କଂଗ୍ରେସ କମିଟି ସଭାପତି ବିଜୟ ରଥ କହିଛନ୍ତି, ୧୫ଦିନ ମଧ୍ୟରେ ଡ୍ରେନ କାମ ଆରମ୍ଭ କରାନଗଲେ ବାଣପୁର ତହସିଲ ରୋଡ୍ ଅବରୋଧ କରାଯିବ। ଅନ୍ୟପଟେ ୭ଦିନ ମଧ୍ୟରେ ଡ୍ରେନ୍ କାମ ଆରମ୍ଭ ହେବ ବୋଲି ବିଭାଗୀୟ ଜେଇ ସନ୍ତୋଷ କୁମାର ସାହୁ ପ୍ରତିଶ୍ରୁତି ଦେଇଛନ୍ତି।

### ଫେରାର ୨ ଅଭିଯୁକ୍ତ ଗିରଫ

**ଜଟଣୀ, ୧୩।୧୨ (ରବୀନ୍ଦ୍ରନାଥ ମହାକୁଡ଼)**

ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ହରେକୃଷ୍ଣପୁର ଗ୍ରାମର ଯୋଗୀ ଓରଫ ଯୋଗେନ୍ଦ୍ର ମହାରଣା(୫୩) ଏବଂ ବାବାଜୀ ଓରଫ ବିଜେନ୍ଦ୍ର ମହାରଣା (୪୮)। ସୂଚନାଥାଉ କି, ୨୦୨୧ ମାର୍ଚ୍ଚ ୩ରେ ଦୁର୍ଗାପ୍ରସାଦ ମିଶ୍ର ତାଙ୍କ ବାପାଙ୍କ ସହିତ ହରେକୃଷ୍ଣପୁରରେ ଥିବା ତାଙ୍କର ଏକ ପ୍ଲଟକୁ ଯାଇଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ପ୍ଲଟ ନିକଟକୁ ଯାଇ ଦୁର୍ଗାପ୍ରସାଦଙ୍କୁ ୫୦ଲକ୍ଷ ଟଙ୍କା ମାଗିବା ସହିତ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଅଭିଯୁକ୍ତଦ୍ୱୟ ଦୁର୍ଗାପ୍ରସାଦଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୬୫/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

### କମ୍ୟୁନିଷ୍ଟ ନେତା ନୀଳାଚଳ ପଣ୍ଡାଙ୍କ ପରଲୋକ

**ଜଟଣୀ, ୧୩।୧୨ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର କମ୍ୟୁନିଷ୍ଟ ନେତା ନୀଳାଚଳ ପଣ୍ଡାଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ଏଲ୍.ଡି. ମହାନ୍ତି, କମ୍ୟୁନିଷ୍ଟ ନେତା ହରିହର ବେହେରା, ବେଣୁଧର ନାୟକ, ନିରଞ୍ଜନ ବେହେରା, ଏ.କେ. ଚୌଧୁରୀ, ସାରଙ୍ଗଧର ବେହେରା ପ୍ରମୁଖ ବାସଭବନରେ ପହଞ୍ଚି ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ।

# ଉଦ୍ୟାନ କୃଷି କର୍ମଶାଳା

**ବୋଲଗଡ଼, ୧୩।୧୨ (ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଚୁକୁଳି କଲ୍ୟାଣ ମଣ୍ଡପଠାରେ ବୁଧବାର ସହକାରୀ ଉଦ୍ୟାନ ଅଧିକାରୀ ବିକ୍ରମ ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ପିଚୁକୁଳି ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ସମବାୟ ଡାଇରେକ୍ଟର ପବିତ୍ର ମୋହନ ମାଝି ପ୍ରମୁଖ ଯୋଗଦେଇ ଏସ୍‌ଏଚ୍‌ଜି ମହିଳାମାନେ ଏହି ଯୋଜନା ଗୁଡ଼ିକର ସଫଳ ରୂପାୟନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପରିବର୍ତ୍ତିତ ଜଳବାୟୁରେ ଉଦ୍ୟାନ କୃଷି ହିଁ ଏକମାତ୍ର ଭରସା। ତେଣୁ ଚାଷୀମାନେ ପାରମ୍ପରିକ କୃଷିକୁ ପରିବର୍ତ୍ତନ କରି ଉଦ୍ୟାନ କୃଷିକୁ ଆପଣାଇବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ସରକାର ମଧ୍ୟ ଏନେଇ ବିଭିନ୍ନ ଯୋଜନାରେ ସବ୍‌ସିଡି ସହାୟତା ଯୋଗାଇ ଦେଉଛନ୍ତି। ଉନ୍ନତ କୃଷି ଯନ୍ତ୍ରପାତି ଓ ଜୈବିକ ସାର ବ୍ୟବହାର କରି ଆୟ ଦ୍ୱିଗୁଣିତ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷକ ଭାବେ ସହକାରୀ ମତ୍ସ୍ୟ ଅଧିକାରୀ ଦୀନବନ୍ଧୁ ବେହେରା, ସହକାରୀ କୃଷି ଅଧିକାରୀ ସୀତା ରତ୍ନମାଳା, ଓଡ଼ିଶା ଜୀବିକା ମିଶନ ସଂଯୋଜକ ଈଶ୍ୱର ପରିଡା ପ୍ରମୁଖ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଯୁବଚାଷୀ ସୁରେଶ ମାନସିଂହ, ସୁଧାକର ବରାଡ ଜମିକୁ ଜଳସେଚନ ସୁବିଧା ଯୋଗାଇଦେଲେ ସଫଳ ରୂପାୟନ ହୋଇପାରିବ ବୋଲି ପ୍ରକାଶ କରିବା ସହ ପ୍ରତି ବ୍ଲକରେ ଦୁଇଟି ଶୀତଳଭଣ୍ଡାର କରିବା ପାଇଁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତ ପିଚୁକୁଳି, ସାନପଦର, ଗୋପାଳପୁର ଓ କଡବ ପଞ୍ଚାୟତର ବହୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ଅଗ୍ରଣୀ ଚାଷୀ ଯୋଗଦେଇଥିଲେ। ଶେଷରେ ଚାଷୀ ସାରଙ୍ଗଧର ମାର୍ଥା ଧନ୍ୟବାଦ ଦେଇଥିଲେ।



ଉଦ୍ୟାନ କୃଷି କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

### ମହୋତ୍ସବରେ ୨୦ ସିସି କ୍ୟାମେରା ଖଞ୍ଜାଯିବ

**ଖୋର୍ଦ୍ଧା, ୧୩।୧୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ମହୋତ୍ସବ ଆସନ୍ତା ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାବେଳି ପଡ଼ିଆରେ ଅନୁଷ୍ଠିତ ହେବ। ମହୋତ୍ସବକୁ ଶୃଙ୍ଖଳିତ ପାଇଁ ୨୦ଟି ସିସି କ୍ୟାମେରା ଖଞ୍ଜାଯିବ। ସାମାଜିକ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶା, କେରଳ, ମଣିପୁର, ଆସାମ, ପଞ୍ଜାବ ଆଦି ରାଜ୍ୟର କଳାକାର ଲୋକନୃତ୍ୟ ପରିବେଷଣ କରିବେ ବୋଲି ଆୟୋଜକ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି। ଏଥିସହିତ ରାଜସ୍ଥାନ, କୋଲକାତା, ଗୁଜରାଟ, ଓଡ଼ିଶାର ବିଭିନ୍ନ ଜିଲାର ବସ୍ତ୍ର, ହସ୍ତଶିଳ୍ପ ପ୍ରଦର୍ଶନୀ ସ୍ଥାନ ପାଇବ। ପିଲାମାନଙ୍କ ମନୋରଞ୍ଜନ ପାଇଁ ରାମଦୋଳି, ମୀନାବଜାର ବ୍ୟବସ୍ଥା କରାଯିବ। ମହୋତ୍ସବର ସଫଳତା ପାଇଁ ପ୍ରଶାସନ, ବୁଦ୍ଧିଜୀବୀ, କଳା ଓ ସଂସ୍କୃତିପ୍ରେମୀ, ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ସେମିରେ ମା’ମଙ୍ଗଳା କ୍ଲବ କଟକ



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ଟମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ଯାଁଳା, ୧୩।୧୨ (ବୁଲା ବାରିକ)**

ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ଟମାଣ୍ଡୋ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୨୮ତମ ଟମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ଗ୍ରୁପ ବି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଓ ମା’ମଙ୍ଗଳା କ୍ଲବ କଟକ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ୧୯, ୩୦, ୬୦ ମିନିଟରେ ମା’ମଙ୍ଗଳା କ୍ଲବ ପକ୍ଷରୁ ବାବୁଲା ରାଉତ, ଗଣେଶ ସେଠୀ ଓ ରାକେଶ ସାହୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଜଗା ୟୁନାଇଟେଡ୍ ପକ୍ଷରୁ ରାକେଶ ସେଠୀ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଜଗା ୟୁନାଇଟେଡ୍ ଟିମ୍ ଆଉ ଗୋଲ ଦେଇ ନ ପାରିବାରୁ ମା’ମଙ୍ଗଳା କ୍ଲବ କଟକ ୩-୧ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଶିବ ଶଙ୍କର ପଣ୍ଡା, ଅମିରା ପ୍ରଧାନ, ରୀନା ତୀର୍କି ଓ ସୁଜିତ କୁମାର ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥିଭାବେ ପାଣ୍ଡବ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ମା’ମଙ୍ଗଳା କ୍ଲବର ରାକେଶ ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସମସ୍ତ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଯାଜପୁରର ଡିଏଫ୍‌ଏ ବିଜୟୀ

**ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ**

**ବୋଲଗଡ଼, ୧୩।୧୨ (ଦେବବ୍ରତ ହୋତା)**

ବୋଲଗଡ଼ ମହୋତ୍ସବର ପ୍ରତିଷ୍ଠାତା ଜାନକୀବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ସ୍ଥାନୀୟ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଡିଏଫ୍‌ଏ ଓ ଆୟୋଜକ ଫ୍ରେଣ୍ଡସ୍ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଫ୍ରେଣ୍ଡସ୍ କ୍ଲବର ଆସଫକ୍ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଯାଜପୁରର ୧୦ ନମ୍ବର ଖେଳାଳି ରାମ ସ୍ୱାଇଁ ଓ ୭ ନମ୍ବର ଖେଳାଳି ବବୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଫ୍ରେଣ୍ଡସ କ୍ଲବ ଆଉ ଗୋଲ ନ ଦେଇପାରିବାରୁ ଯାଜପୁର ଟିମ୍ ୨-୧ ଗୋଲରେ ବିଜୟୀ ହୋଇଥିଲା। ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ମଲ୍ଲିକ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିବା ବେଳେ ପୂର୍ବତନ ଜିଲାପରିଷଦ ସଭ୍ୟ ଅଶ୍ୱିନୀ ପଟ୍ଟନାୟକ, ସାମାଜିକ କର୍ମୀ ଜିତେନ୍ଦ୍ର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିଲେ। ଲାଇନ୍ସରେ ଆଲୋକ ଦେହୁରୀ ଓ ଲକ୍ଷ୍ମୀଧର ଚୌଧୁରୀ ସହାୟତା କରିଥିବା ବେଳେ ଭଞ୍ଜକିଶୋର ଯତି ଚତୁର୍ଥ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ସେମିଫାଇନାଲରେ ଇଲାମ ବଜାର ଆସୋସିଏଶନ କୋଲକାତା

**ନିରାକାରପୁର, ୧୩।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ନିରାକାରପୁର ଫ୍ରେଣ୍ଡସ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କ୍ଷେତ୍ରବାସୀ କଲେଜ ଷ୍ଟାଡିୟମରେ ଚାଲିଥିବା ୩୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର କମଲ ଫୁଟ୍‌ବଲ କ୍ଲବ ଛତିଶଗଡ଼ ଓ ଇଲାମ ବଜାର ଆସୋସିଏଶନ କୋଲକାତା ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ ୩ଟି ଲେଖାଏ ଗୋଲ ଦେଇଥିଲେ। ଫଳରେ ଟ୍ରାଇବ୍ରେକରରେ ଇଲାମ ବଜାର ଆସୋସିଏଶନ କୋଲକାତା ୭-୬ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କୋଲକାତା ଟିମର ସଞ୍ଜୀବ ହାଁସଦା ଓ ଛତିଶଗଡ଼ର ରୋହିତସିଂ ଉତ୍ତମ ଖେଳ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଯୁନୁଷ ବେଗ, ଅବିନାଶ ପଟ୍ଟନାୟକ, ସୁଶାନ୍ତ କୁମାର ମିଶ୍ର, ହୃଦାନନ୍ଦ ମହତରାୟ, ଓମ୍‌ପ୍ରକାଶ ମିଶ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅକ୍ଷୟ କୁମାର ପଟ୍ଟନାୟକ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିବା ବେଳେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ଜିଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଭାଜପା ପ୍ରବକ୍ତା ସୋନାଲି ସାହୁ, ଭାଜପା ନେତା କେଳୁଚରଣ ଜଗଦ୍ଦେବ, ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ସାମାଜିକ କର୍ମୀ କିଶୋର ବରାଳ, ରୋଟାରିଆନ ନୀହାର ରଞ୍ଜନ ଭୂୟାଁ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ କମଳଲୋଚନ ପ୍ରଧାନ ପରିଚାଳନା କରିଥିଲେ। ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତରାୟ, ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ରମାକାନ୍ତ ପୁରୋହିତ, ମନୋଜ ପ୍ରଧାନ, କୋଷାଧ୍ୟକ୍ଷ ହରିବନ୍ଧୁ ସିଂ, ମହେଶ୍ୱର ବେହେରାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଗୁରୁବାର ଯୁବ ଉତ୍କଳ କଟକ ଓ ଇଲାମ ବଜାର ଆସୋସିଏଶନ କୋଲକାତା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭାଗୀରଥି ପ୍ରଧାନ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ସଂକ୍ଷେପରେ

### ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଚୌଦ୍ୱାର,୧୩।୧୨(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ସ୍ୱପ୍ନା ନାୟକ ଉଦ୍‌ଘାଟନ କରିଥିଲେ। ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଡିସ୍କସ୍, ସଟ୍‌ପୁଟ୍ ଆଦି ବିଭିନ୍ନ ପ୍ରତିଯୋଗିତାରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ଉତ୍ସବରେ ଇମ୍ଫାର ଲୋକ ସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ଶାଖାୱାତ୍ ଖାନ୍ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ମାନସ କୁମାର ସାହୁ, କୋଷାଧ୍ୟକ୍ଷ ଯଜ୍ଞେଶ୍ୱର ଦାସ, ହିମାଂଶୁ ଭୂଷଣ ସାହୁ ଯୋଗଦେଇଥିଲେ। ଆଚାର୍ଯ୍ୟ ବାଣୀଭୂଷଣ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ସ୍ନିଗ୍ଧା ନାୟକ ସ୍ୱାଗତ ଭାଷଣ, ରମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ସାରଦା ପ୍ରସାଦ ମହାନ୍ତି, ପ୍ରମୋଦ ପୃଷ୍ଟି, ଜୟନ୍ତ ସାହୁ, ଆରତି ମହାପାତ୍ର, କବିତା ଜେନା, ରଶ୍ମିତା ଧଳ, ସୁଷମା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ

କଟକ,୧୩।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ତେଲେଙ୍ଗାପେଣ୍ଠସ୍ଥିତ ଅନନ୍ତ ବଳିଆ କଲେଜ ପରିସରରେ ରାଜ୍ୟ ସରକାରଙ୍କ 'ମୋ ଓଡ଼ିଶା' ପକ୍ଷରୁ ରାଜ୍ୟସ୍ତରୀୟ କ୍ରୀଡ଼ା ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବ୍ଲକର ବରିଷ୍ଠ ଅଧିକାରୀ ଖାଡେଶ୍ୱର ଦାସ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆୟୁର୍ବେଦ ସେବାସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣା ଓ ମୁଖ୍ୟବକ୍ତା ଭାବେ କର୍ପୋରେଟର ଜନାର୍ଦ୍ଦନ ପରିଡା ଯୋଗଦେଇଥିଲେ। ସାମାଜିକ କର୍ମୀ ବିକ୍ରମ କୁମାର ଶତପଥି, ତ୍ରୈଲୋକ୍ୟ ପ୍ରଧାନ, କାଳନ୍ଦୀ ରାଉତରାୟ, ଶିକ୍ଷାବିତ୍ ନନ୍ଦିକା ନାୟକ, ସ୍ନେହଲତା ମହାନ୍ତି, ସାରଙ୍ଗଧର ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, କଳ୍ପନା ମହାପାତ୍ର, ଗୋପୀନାଥ ପଣ୍ଡା, ପ୍ରଦୀପ କୁମାର ସାହୁ, ଜମେଶ୍ୱର ଦେହୁରୀ ପ୍ରମୁଖ ଯୋଗଦେଇ ମଣିଷ ପ୍ରତିଦିନ ସିଝା ପାଣି ପିଇବା, ବ୍ୟାୟାମ କରିବା ଏବଂ ଅଖାଦ୍ୟ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ।

### ସହରାଞ୍ଚଳରେ ବର୍ଜ୍ୟଜଳ ପରିଚାଳନା ପ୍ରଶିକ୍ଷଣ ଶିବିର

ଚୌଦ୍ୱାର,୧୩।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପରିଷଦ ପକ୍ଷରୁ ବର୍ଜ୍ୟଜଳ ପରିଚାଳନା ସମ୍ପର୍କିତ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ବୁଧବାର ଚଷାପଡ଼ାସ୍ଥିତ ଆଦିତ୍ୟ ନେଚର ରିସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗ ସହ ସଚିବ ସୌରେନ୍ଦ୍ର ରାଉତରାୟ, ଯୁଗ୍ମ ସଚିବ ସଞ୍ଜୟ ରାଉତ, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସହରାଞ୍ଚଳରେ ବର୍ଜ୍ୟଜଳର ଠିକ୍ ପରିଚାଳନା ପାଇଁ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଶିବିରରେ ବାଙ୍କୀ ଓ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜଗତ୍‌ସିଂହପୁର, ପାରାଦୀପ, ଦେଓଗଡ଼ ଏବଂ ଚୌଦ୍ୱାର ପୌରପାଳିକାର ନିର୍ବାଚିତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପାରିଷଦ, ନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ, ମୁକ୍ତା ବିଭାଗର କର୍ମଚାରୀ, ଗୋଷ୍ଠୀ ସଙ୍ଗଠିକା, ସାନିଟେସନ ଏକ୍ସପର୍ଟ, ସ୍ୱଚ୍ଛସାଥୀ, ସୁପରଭାଇଜର ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଚିନ୍ମୟ ସ୍ୱାଇଁ ବର୍ଜ୍ୟଜଳ ପରିଚାଳନା ଉପରେ ତାଲିମ୍ ପ୍ରଦାନ କରିଥିଲେ। ଏହି ଅବସରରେ ଚାରା ବଣ୍ଟନ କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ପ୍ରେମ୍‌ଚାନ୍ଦ ନାୟକ, ବିଧାୟକ ପ୍ରତିନିଧିଙ୍କ ବିଷ୍ଣୁ ଚରଣ ପରିଡ଼ାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ସଞ୍ଜିବ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ସିଟି ହସ୍ପିଟାଲରେ ଅବ୍ୟବସ୍ଥା, ରୋଗୀ ଅସନ୍ତୁଷ୍ଟ

କଟକ,୧୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)


ନଗର କଂଗ୍ରେସ କମିଟିର ପ୍ରତିନିଧି ମଣ୍ଡଳୀ ସିଡିଏମ୍‌ଓଙ୍କ ସହିତ ଆଲୋଚନା କରୁଛନ୍ତି।

କଟକ ସିଟି ହସ୍ପିଟାଲରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ବିଶେଷକରି ରୋଗ ନିରୂପଣ ପାଇଁ ଥିବା ଅଟୋ ଆନାଲାଇଜର ମେଶିନରେ ରାସାୟନିକ ପଦାର୍ଥ ନ ଥିବାରୁ ତାହା କାମରେ ଲାଗୁନି। ବର୍ହିର୍ବିଭାଗକୁ ଆସୁଥିବା ବହୁ ରୋଗୀ ରକ୍ତନମୁନା ପରୀକ୍ଷା କରି ନ ପାରି ନିରାଶ ହୋଇ ଫେରୁଛନ୍ତି। ବର୍ହିର୍ବିଭାଗ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମଧ୍ୟାହ୍ନ ୧୨ଟା ପରେ ଡାକ୍ତର କିମ୍ବା କର୍ମଚାରୀ ଉପସ୍ଥିତ ରହୁ ନ ଥିବା ଦେଖିବାକୁ ମିଳିଛି। ନିଦାନ ବିଭାଗରେ ରୋଗୀଙ୍କୁ ସେବା ମିଳୁନାହିଁ। ମ୍ୟାଲେରିଆ ରୋଗୀଙ୍କ ପାଇଁ କ୍ୟୁବିସି ପରୀକ୍ଷା ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ବନ୍ଦ ରହିଛି। ସେହିପରି ବିଭିନ୍ନ ପରୀକ୍ଷା ବନ୍ଦ ରହୁଥିବାରୁ ଉକ୍ତ କାର୍ଯ୍ୟରେ ନିୟୋଜିତ ଅନେକ କର୍ମଚାରୀ ଠିକ୍ ସମୟରେ ବିଭାଗକୁ ଆସୁନାହାନ୍ତି। ଫଳରେ ରୋଗୀମାନେ ଘରୋଇ ହସ୍ପିଟାଲକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କିଛିଦିନ ହେବ ନାଶା, ଗଳା, ଚର୍ମ ଓ ଅସ୍ଥିଶଲ୍ୟ ବିଭାଗର ବହିଃ ବିଭାଗ ଅପରାହ୍ନ ୨ଟାରୁ ବନ୍ଦ ରହୁଛି। ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ବହିଃ ବିଭାଗ ଅପରାହ୍ନ ୩ଟାରୁ ବନ୍ଦ ହୋଇଯାଉଥିବାରୁ ରୋଗୀମାନେ ସେବା ନ ପାଇ ଫେରି ଯାଉଛନ୍ତି। ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ଓ ଟେକ୍ନିସିଆନ୍ ନ ଥିବାରୁ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଯାଇପାରୁ ନାହିଁ। ଫଳରେ ରୋଗୀମାନେ ବାଧ୍ୟ ହୋଇ ଘରୋଇ ହସ୍ପିଟାଲ, ନର୍ସିଂହୋମ୍‌କୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଅପରପକ୍ଷରେ ସହରରେ ଥିବା ବେଆଇନ ନର୍ସିଂହୋମ୍‌କୁ ଚିହ୍ନଟ କରି ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ରେଜିଷ୍ଟ୍ରିଭୁକ୍ତ ନର୍ସିଂହୋମ, ପାଥୋଲାବ୍‌ର ତାଲିକା ସର୍ବସାଧାରଣରେ ପ୍ରକାଶ କରାଯିବା ପାଇଁ କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ଦାବି କରିଛନ୍ତି।

ଏ ନେଇ ମହାପାତ୍ରଙ୍କ ନେତୃତ୍ୱରେ କମିଟିର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ମକରନ୍ଦ ବେଉରାଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସିଟି ହସ୍ପିଟାଲରେ ଦେଖାଦେଇଥିବା ଅବ୍ୟବସ୍ଥାରେ ସୁଧାର ଆଣିବା ଓ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କମିଟିର ସଦସ୍ୟମାନେ ଦାବି କରିଛନ୍ତି। ହସ୍ପିଟାଲରେ ସେଭଳି କିଛି ଅସୁବିଧା ନାହିଁ। ତେବେ ସମସ୍ତ ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସିଡିଏମ୍‌ଓ ବେଉରା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ନଗର କଂଗ୍ରେସ କମିଟି ସଭାପତି ମହାପାତ୍ର ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ଉପସଭାପତି ବିଶ୍ୱନାଥ ଶତପଥି, ବ୍ଲକ୍ କଂଗ୍ରେସ ସଭାପତି ବିପିନ ପଶାୟତ, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ମାନସ ନାଏକଙ୍କ ସମେତ ଅନ୍ୟମାନେ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଚାଷୀଙ୍କ ସମସ୍ୟା ନେଇ ଆନ୍ଦୋଳନ ହେବ

ଖୁଣ୍ଟୁଣୀ,୧୩।୧୨(ସଚ୍ଚିଦାନନ୍ଦ ପଣ୍ଡା)

**ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ବୈଠକ**

କଟକ ଜିଲ୍ଲା ରାଜାଆଠଗଡ ଷ୍ଟେଶନ ନିକଟ ଖୁଣ୍ଟୁଣୀ ଫାର୍ମ ହାଉସ୍‌ରେ ବୁଧବାର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ଏକ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୩୬ଟି ସାଙ୍ଗଠନିକ ଜିଲ୍ଲାରୁ ୨୦୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦ ଯୋଗ ଦେଇଥିଲେ। ଓଡ଼ିଶାରେ ଆଗାମୀ ଦିନରେ ଚାଷୀମାନଙ୍କ ସମସ୍ୟାକୁ ନେଇ ଭାଜପା କୃଷକ ମୋର୍ଚ୍ଚା ଆନ୍ଦୋଳନକୁ ଜୋରଦାର କରିବ। ଧାନର ଅଭାବୀ ବିକ୍ରିକୁ ନେଇ କୃଷକ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ ସଭାପତି ସାହୁ କହିଥିଲେ। କେନ୍ଦ୍ରର ଅନେକ କୃଷକ କଲ୍ୟାଣ ଯୋଜନାକୁ ଆଧାର କରି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟର ସମସ୍ତ ଗ୍ରାମକୁ ଯାଇ କୃଷକ ପଞ୍ଚାୟତ ଗଠନ କରି ଚାଷୀଙ୍କୁ ସଚେତନ କରାଇବ। ରାଜ୍ୟ ସରକାର ଚାଷୀଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବା ନେଇ ଚାଷୀଙ୍କୁ ଅବଗତ କରାଯିବ। ଏହି କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ, ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ସୂର୍ଯ୍ୟ ନାରାୟଣ ମହାପାତ୍ର, ପ୍ରଦୀପ କୁମାର ପତ୍ରି, ଅଶୋକ ରଥ, ବିକ୍ରମ କେଶରୀ ରାଉତରାୟ, ରାଜ୍ୟ ଭାଜପା ମୁଖପାତ୍ର ଲକ୍ଷ୍ମଣ ପଣ୍ଡା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶୁଭ୍ରାଂଶୁ ପାଢୀ, ଆଠଗଡ଼ ଭାଜପା ନେତା ବ୍ରଜେନ୍ଦ୍ର କୁମାର ରାୟ, ସଂକର୍ଷଣ ମହାନ୍ତି, ପ୍ରକାଶ ସେଠୀ ଓ ନନ୍ଦିନୀ ଶତପଥୀ, ସତ୍ୟଭାମା ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା

କଟକ ସଦର,୧୩।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକସ୍ତରୀୟ ବିଜ୍ଞାନମେଳା ମଙ୍ଗଳବାର ୪୨ ମୌଜାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଶିକ୍ଷାଧିକାରୀ ସରସ୍ୱତୀ କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। ତେଲଦିଆ ଉଚ୍ଚ ବିଦ୍ୟାଳୟର ଜୟପ୍ରକାଶ ରାଉତରାୟ, ବରାଳ ଉଚ୍ଚ ବିଦ୍ୟାଳୟର ଦେବୀଦତ୍ତ ଭୋଳ, ଲକ୍ଷେଶ୍ୱର ଉଚ୍ଚ ବିଦ୍ୟାଳୟର ଆକାଂକ୍ଷା ବେହୁରା, ଉରାଳି ଉଚ୍ଚ ବିଦ୍ୟାଳୟର ସାଇ ଶଙ୍କର ନାୟକ ଓ ସଇନ୍ଦା ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ନାୟକଙ୍କର ପ୍ରକଳ୍ପ ଶ୍ରେଷ୍ଠ ଭାବେ ବିବେଚିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଯୋଗଦେଇଥିଲେ।

# ବାର୍ଷିକ ଖେଳକୁଦ ସମାରୋହ ଉଦ୍‌ଯାପିତ



ବାର୍ଷିକ ଖେଳକୁଦ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ସଦର,୧୩।୧୨(ସୁଶାନ୍ତ କୁମାର ଜେନା)

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଖେଳକୁଦ ସମାରୋହ ସ୍ଥାନୀୟ ନେତାଜୀ ପଡିଆରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ ଡ. ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ କଟକ ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ କ୍ରୀଡାର ଗୁରୁତ୍ୱ ବିଷୟରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ଅତିଥି ପରିଚୟ, ଶିକ୍ଷକ ପ୍ରକାଶ କୁମାର ରଣା ବୃତ୍ତ କଥନ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଏବଂ ଆଚାର୍ଯ୍ୟ ସୁଶାନ୍ତ କୁମାର ଜେନା ସମସ୍ତ ବିଭାଗର କ୍ରୀଡା ପରିଚାଳନା କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡା ସମାରୋହରେ ଶିଶୁବାଟିକା ବିଭାଗରେ ୧୫୪ ଜଣ, କନିଷ୍ଠ ଓ ଶିଶୁ ବର୍ଗରେ ୩୪୩, ବାଲ୍ ବର୍ଗରେ ୨୧୭ ଓ କିଶୋର ବର୍ଗରେ ୧୮୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କନିଷ୍ଠ ବର୍ଗରେ ୫ମ ଶ୍ରେଣୀର ବାବା ଗୌରବ ଆଚାର୍ଯ୍ୟ, ବାଲ୍ ବର୍ଗରେ ୬ଷ୍ଠ ଶ୍ରେଣୀର ଆଦ୍ୟାସା ଦାସ ଓ ୮ମ ଶ୍ରେଣୀର ଇପ୍‌ସିତା ପ୍ରିୟଦର୍ଶିନୀ ବେହେରା ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଶିଶୁମାନଙ୍କ ଦ୍ୱାରା ବ୍ୟାୟାମ, ଯୋଗ, ପିରାମିଡ ଓ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ନିବେଦିତା ଜେନା ଧନ୍ୟବାଦ ଦେଇଥିଲେ। ଉକ୍ତ ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଉପସଭାପତି ପ୍ରଦୀପ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, ଲଳିତେନ୍ଦୁ କାନୁନ୍‌ଗୋ ଏବଂ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ଡା. ବିଦ୍ୟୁତ୍ ଦାଶଙ୍କୁ ବାରବାଟୀ ସମ୍ମାନ

**ମୋ କଟକ ସୁରକ୍ଷା ମଞ୍ଚର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ**

କଟକ, ୧୩।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ମୋ କଟକ ସୁରକ୍ଷା ମଞ୍ଚର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଡା. ବିଦ୍ୟୁତ୍ ଦାଶ, ସମ୍ମାନିତ ଅତିଥି ଭାବେ ମଞ୍ଚର ଉପଦେଷ୍ଟା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସାମାଜିକ କର୍ମୀ ଅଶୋକ ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ନାରୀନେତ୍ରୀ ରୂପାଲି ଲେଙ୍କା, ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ ଓ ସ୍ଥାନୀୟ କର୍ପୋରେଟର ଜେ. କାମେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କୁମାର ଜାନୁ ମଞ୍ଚ ପରିଚାଳନା, ଜିତେନ୍ଦ୍ର କୁମାର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ସୁନାମଧନ୍ୟ ପ୍ରଫେସର ଡା. ବିଦ୍ୟୁତ୍ ଦାଶଙ୍କୁ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ କଟକ ସହରର ପୂଜାକମିଟି, ବିଭିନ୍ନ ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀ, ସୂଚନାଧିକାର କର୍ମୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିତା ସାହୁ, ଆଶୁତୋଷ ମହାନ୍ତି, କ୍ଷୀରୋଦ କୁମାର ସାହୁ, କୁନି ପ୍ରତିଭା ଜ୍ୟୋତିଷା ସାହୁ, ସତିଶ ରାଓ ଉପସ୍ଥିତ ଥିଲେ। ଯୁବନେତା ଲୋକନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ୫ ଦଫା ଦାବି ନେଇ ଗ୍ରାମୀଣ ଡାକସେବକଙ୍କ ଧାରଣା


କୋଟସାହି ଉପଡାକଘର ସମ୍ମୁଖରେ ଡାକ ସେବକମାନେ ଧାରଣାରେ ବସିଛନ୍ତି।

ମଙ୍ଗୁଳି-ଜଗତପୁର,୧୩।୧୨(ମାନସ ସାମଲ)

ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘର ଆହ୍ୱାନକ୍ରମେ ୫ଦଫା ଦାବିନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ଉପଡାକଘର ସମ୍ମୁଖରେ ଗ୍ରାମୀଣ ଡାକସେବକମାନେ ମଙ୍ଗଳବାରଠାରୁ ଧାରଣାରେ ବସିଛନ୍ତି। ଗ୍ରାମୀଣ ଡାକସେବକଙ୍କ କାର୍ଯ୍ୟନିର୍ଘଣ୍ଟ ଦୈନିକ ୮ ଘଣ୍ଟା ସ୍ଥିର କରିବା, ପ୍ରତି ୧୨ ବର୍ଷରେ ଆର୍ଥିକ ପଦୋନ୍ନତି ଦେବା ସୁପାରିସକୁ ଶୀଘ୍ର ଲାଗୁ କରିବା, ସମସ୍ତ ଗ୍ରାମୀଣ ଡାକ ସେବକଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ସ୍ୱାସ୍ଥ୍ୟବୀମା, ପେନ୍‌ସନ୍, ଗ୍ରାଚ୍ୟୁଇଟି ପ୍ରଦାନ, ଟାର୍ଗେଟ ନାଁରେ ଅଧିକାରୀମାନଙ୍କ ଜୁଲମ ବନ୍ଦ କରିବାକୁ ଧାରଣାରତ ଡାକସେବକମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି, ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କାମ କରୁଥିଲେ ମଧ୍ୟ ନ୍ୟାର୍ଯ୍ୟ ଦାବି ପ୍ରତି କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ବିଭିନ୍ନ ସମୟରେ ଆନ୍ଦୋଳନ ଓ ଆଲୋଚନା ପରେ ମଧ୍ୟ ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ଏଥିପାଇଁ ଧାରଣାରେ ବସିବାକୁ ବାଧ୍ୟହେଲୁ ବୋଲି ଅକ୍ଷୟ କୁମାର ବେହେରା, ଅନାଦି ଚରଣ ନାୟକ, ସୁନୀଲ କୁମାର ବେହେରା, ଦେବୀ ପ୍ରସାଦ ଷଡ଼ଙ୍ଗୀ, ବିକାଶ ମଲ୍ଲିକ, କୃଷ୍ଣଚନ୍ଦ୍ର କାରୁଆ, ଶୁଭମ୍ ଶ୍ରୀଚନ୍ଦନ ସ୍ୱାଇଁ, ପ୍ରୀତିରଞ୍ଜନ ମହାନ୍ତି, ପିଣ୍ଟୁ ବେହେରା, ରୁଦ୍ରନାରାୟଣ ନାୟକ, ସୁରେନ୍ଦ୍ର ମୁଦୁଲି, ରମାକାନ୍ତ ଦାସ ପ୍ରମୁଖ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# 'ବାଲ୍ ବୈଜ୍ଞାନିକରୁ ବୈଜ୍ଞାନିକ ହେବାକୁ ଚେଷ୍ଟା ଜାରି ରଖ'

ମଙ୍ଗୁଳି-ଜଗତପୁର,୧୩।୧୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶଙ୍କରପୁରସ୍ଥିତ ଗାନ୍ଧୀ ବିଦ୍ୟାପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଭବିଷ୍ୟତରେ କିପରି ବାଲ୍ ବୈଜ୍ଞାନିକରୁ ବୈଜ୍ଞାନିକ ହେଇପାରିବେ ସେଥିପାଇଁ ଚେଷ୍ଟା ଜାରି ରଖ। ସେମାନଙ୍କୁ ସରକାରଙ୍କ ତରଫରୁ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ୧୦ଜଣ ବିଜେତା ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଶେଖ୍ ସାହାଜାନ, ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ, ସମିତି ସଭ୍ୟ ସୁକାନ୍ତ କୁମାର ରାଉତ, ବ୍ଲକ ଶିକ୍ଷା ଅଧିକାରୀ ସରୋଜିନୀ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁଷମା କୁମାରୀ ଦେଇ ଯୋଗଦେଇଥିଲେ। କଟକ ଜିଲ୍ଲା ଶିକ୍ଷା ସଭାପତି ଶଙ୍କର୍ଷଣ ବେହେରା ସଭା ପରିଚାଳନା ଏବଂ ସିଆର୍‌ସିସି ପ୍ରକାଶ ତରେଇ ଧନ୍ୟବାଦ ଦେଇଥିଲେ।

# 'ପରିବେଶ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ'

କଟକ,୧୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର ଭାଜପା ପକ୍ଷରୁ ବୁଧବାର ବାଲିଯାତ୍ରା ପଡ଼ିଆରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବାଲିଯାତ୍ରା ସରିଥିଲେ ମଧ୍ୟ ପଡିଆରେ କୁଢ କୁଢ ଆବର୍ଜନା ଜମି ରହି ପରିବେଶକୁ ପ୍ରଦୂଷିତ କରୁଛି। ପରିବେଶ ସ୍ୱଚ୍ଛ ରଖିବା ପ୍ରତ୍ୟେକ ନାଗରିକଙ୍କ ଗୁରୁଦାୟିତ୍ୱ ବୋଲି ଉକ୍ତ କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା, ଲକ୍ଷ୍ମୀଧର ବେହେରା, ଦୀପକ ଦାସ, ସ୍ୱଚ୍ଛ ଭାରତ ସଂଯୋଜକ କାମାକ୍ଷା ପ୍ରସାଦ ମିଶ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ହରିଚନ୍ଦନ ନାୟକ, ବାଇମୁଣ୍ଡି ମଣ୍ଡଳ ସଭାପତି କବିରଞ୍ଜନ ମହାନ୍ତି, ମିଡ଼ିଆ ସଂଯୋଜକ ଶରତ ଭୋଳ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଶିବ ନାରାୟଣ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ ନଗର ଭାଜପା କର୍ମୀମାନେ ବାଲିଯାତ୍ରା ପଡ଼ିଆ ସଫେଇ କରୁଛନ୍ତି।

# ମହିଳା ହିଂସା ରୋକିବାକୁ ପଦକ୍ଷେପ ନିଆଯାଉ

କଟକ,୧୩।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)



ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଜିଲ୍ଲାସ୍ତରୀୟ ଜାତୀୟ ଲିଙ୍ଗଗତ ଅଭିଯାନ**

କଟକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ଲିଙ୍ଗଗତ ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗ ଆଧାରିତ ଭେଦଭାବ ଦୂର କରିବା, ସମସ୍ତଙ୍କୁ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା, ସାମାଜିକ ସୁରକ୍ଷା ଯୋଗାଇଦେବା, କୁପୋଷଣ ଦୂର କରିବା, ବାଲ୍ୟବିବାହ ରୋକିବା ଓ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ମହିଳା ହିଂସା ରୋକିବା ଦିଗରେ ପୋଲିସ ପଦକ୍ଷେପ ଗ୍ରହଣ କରିବା, ନିର୍ଯାତନା ତଥା ଯୌନ ଉତ୍ପୀଡନର ଶିକାର ହେଉଥିବା ମହିଳାଙ୍କ ପାଇଁ ଆଇନ ସହାୟତା, କନ୍ୟାଭ୍ରୂଣ ହତ୍ୟା ରୋକିବା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମହିଳାଙ୍କ ପାଇଁ ରୋଜଗାରର ପ୍ରାବଧାନ, ମହିଳା ଓ କିଶୋରୀମାନଙ୍କ ସୁରକ୍ଷା ଦିଗରେ ଆଲୋକପାତ କରାଯାଇଥିଲା। ମିଶନ୍ ଶକ୍ତି ଜିଲ୍ଲା ସଂଯୋଜିକା ସ୍ୱାଗତିକା ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ମହିଳା ଶିଶୁ ବିକାଶ ବିଭାଗର ଜିଲ୍ଲା ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣମୟୀ ଦାସ, ଜିଲ୍ଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂଯୋଜିକା ସନ୍ଧ୍ୟାରାଣୀ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ଦିପ୍ତୀମୟୀ ଶୁଭଦର୍ଶିନୀ, ସହକାରୀ ଶ୍ରମ ଅଧିକାରୀ ସୁବାସିନୀ ବିଶ୍ୱାଳ, ୟୁନିସେଫ ଏଫ୍‌ଏନ୍‌ଏଚ୍‌ଡବ୍ଲ୍ୟୁର ଜିଲ୍ଲା ସଂଯୋଜିକା ରଶ୍ମିରେଖା ପଣ୍ଡା, ସୁଦୀପ ଦାସ ଓ ଶିବାନୀ ପାଣିଗ୍ରାହୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ପର୍ଯ୍ୟଟନ କ୍ଷେତ୍ରରେ ସ୍ୱଚ୍ଛତା ଓ ଆବର୍ଜନା' ସନ୍ଦର୍ଭରେ ରୁଦ୍ର ପ୍ରଥମ

ପୁରୀ, ୧୩।୧୨(ଅଜିତ୍ ମହାନ୍ତି) : ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ତରଫରୁ ମଥୁରାଠାରେ ଆୟୋଜିତ ଅଖିଳ ଭାରତୀୟ ସଂସ୍କୃତି ମହୋତ୍ସବର ତାତ୍କାଳିକ ଭାଷଣ (ତରୁଣ ବର୍ଗ)ରେ ରୁଦ୍ର ପ୍ରସାଦ ଦାଶ ସର୍ବଭାରତୀୟ ସ୍ତରରେ ପ୍ରଥମ ହୋଇ ବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଛନ୍ତି। ଶେଷ ପର୍ଯ୍ୟାୟରେ 'ପର୍ଯ୍ୟଟନ କ୍ଷେତ୍ରରେ ସ୍ୱଚ୍ଛତା ଓ ଆବର୍ଜନା' ସନ୍ଦର୍ଭରେ ନିଜ ବଳିଷ୍ଠ ତତ୍କାଳିକ ଭାଷଣ ପ୍ରଦାନ କରି ସେ ଉପସ୍ଥିତ ବିଚାରକଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ଶ୍ରେଷ୍ଠ ପ୍ରତିଭାଗୀ ଘୋଷିତ ହୋଇଥିଲେ। ବିଦ୍ୟାଳୟସ୍ତରରୁ ସଂକୁଳ, ବିଭାଗ, ସଂଭାଗ, ପ୍ରାନ୍ତ, କ୍ଷେତ୍ର ଓ ସର୍ବୋପରି ଅଖିଳ ଭାରତୀୟସ୍ତରକୁ ଉନ୍ନୀତ ହୋଇ ସେ ଏହି ସମ୍ମାନ ଲାଭ କରିଛନ୍ତି। ଗତବର୍ଷ ମଧ୍ୟ ରୁଦ୍ର ଏହି ସମାନ ପୁରସ୍କାର ଲାଭ କରି ବିଦ୍ୟାଳୟର ଉତ୍କର୍ଷ ବୃଦ୍ଧି କରିଥିଲେ। ପୁରୀ ରେଳଷ୍ଟେଶନ ନିକଟରେ ବିଦ୍ୟାଳୟ ପରିଚଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ, ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ ସମେତ ଆଚାର୍ଯ୍ୟାଆଚାର୍ଯ୍ୟ ମାନଙ୍କ ଦ୍ୱାରା ରୁଦ୍ରଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ତାଙ୍କର ଏହି ସଫଳତାର ଶ୍ରେୟ ସେ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସମେତ ନିଜ ପିତା ନେତ୍ରାନନ୍ଦ ଦାଶ ଓ ମାତା ସୁହିତା ଦାଶଙ୍କୁ ଦେଇଛନ୍ତି।

### ଷଣ୍ଢ ବୋଝେଇ ଟ୍ରକ୍ ଜବତ

କଣାସ,୧୩।୧୨(ବିଭୂତି ଭୂଷଣ ତ୍ରିପାଠୀ)– କଣାସ ବ୍ଲକ ଗଡ଼ବଡ଼ପୁଟ ଗ୍ରାମଠାରୁ ମଙ୍ଗଳବାର ଏକ ଷଣ୍ଢ ବୋଝେଇ ଟ୍ରକ୍ ପୋଲିସ ଜବତ କରିଛି। ଟ୍ରକ୍‌କୁ ଅଟକାଇବା ସମୟରେ ଚାଳକ ଏବଂ ବେପାରୀ ଘଟଣାସ୍ଥଳରୁ ଖସି ପଳାଇଥିଲେ। ପୋଲିସ ଟ୍ରକ୍‌ରୁ ୭ ଷଣ୍ଢ ଜବତ କରିବା ସହ ଗାଡ଼ିକୁ ଜବତ କରି ୨୨୬/୨୦୨୩ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ଉଦ୍ଧାର ୭ ଷଣ୍ଢଙ୍କୁ ଖୋର୍ଦ୍ଧାର ଗୋସେବକଙ୍କ ଜିମା ଦିଆଯାଇଛି। ବୁଧବାର ଗଡ଼ବଡ଼ପୁଟରୁ ଏକ ଟ୍ରକ୍ ଖୋର୍ଦ୍ଧା ଆଡ଼କୁ ଯାଉଥିବା ନେଇ ଜଣେ ବ୍ୟକ୍ତି କଣାସ ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କୁ ଖବର ଦେଇଥିଲେ। ତ୍ରିପାଠୀ ତୁରନ୍ତ ମନ୍ଦାରବସ୍ତ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଜଣାଇବା ପରେ ସେ ଟ୍ରକ୍‌କୁ ପିଛା କରି ଧରିବାରେ ସଫଳ ହୋଇଥିଲେ।

### ମୁରାରି ଆମ୍ବୁଲାନ୍ସ କମାଣ୍ଡର ଲକ୍ଷ୍ମଣ ପାତ୍ରଙ୍କ ପରଲୋକ

ପୁରୀ, ୧୩।୧୨(ଅଜିତ୍ ମହାନ୍ତି): ପୁରୀରେ ଆମ୍ବୁଲାନ୍ସ ସେବାର ଅଗ୍ରଣୀ ସେନାପତି ତଥା ମୁରାରି ଆମ୍ବୁଲାନ୍ସର ପୂର୍ବତନ କମାଣ୍ଡର ଲକ୍ଷ୍ମଣ ପାତ୍ରଙ୍କ ୮୨ ବର୍ଷରେ ପରଲୋକ ଘଟିଛି। ପୁରୀ ସେବା ସମିତିର ସେବା ସହ ଦୀର୍ଘ ୫୦ବର୍ଷଧରି ଜଡ଼ିତ ଥିବା ସ୍ୱର୍ଗତ ପାତ୍ରଙ୍କ ମରଶରୀର ବଡ଼ଦାଣ୍ଡରେ ପହଞ୍ଚିବାପରେ ସେବା ସମିତିର କର୍ମକର୍ତ୍ତା ବିମଳ ପ୍ରସାଦ ମହାନ୍ତି, ରବୀନ୍ଦ୍ର ସେନାପତି, ସେଣ୍ଟ ଜନ୍ ଆମ୍ବୁଲାନ୍ସର ଉପଦେଷ୍ଟା ବଦ୍ରି ମିଶ୍ର, ସମାଜସେବୀ ସୌମେନ୍ଦ୍ର ଦାସ ପ୍ରମୁଖ ମାଲ୍ୟାର୍ପଣ କରିବା ପରେ ସ୍ୱର୍ଗଦ୍ୱାରଠାରେ ସାହିଭାଇର ଅଜ୍ଜୁ ମିଶ୍ର, ତନ୍ମୟ ଚାଟାର୍ଜୀ, ଆମ୍ବୁଲାନ୍ସ ଜଗନ୍ନାଥ ଧାମ୍‌ର ଲାଲା ଅନନ୍ତସିଂହ, ପୁତୁରା ଶିଳ୍ପପତି ନୁରି ପାତ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ପୁତ୍ର ବିବେକାନନ୍ଦ ପାତ୍ର ଶବାଧାରରେ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପାତ୍ରଙ୍କ ବିୟୋଗରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଓ ସେଣ୍ଟ ଜନ୍ ଆମ୍ବୁଲାନ୍ସର ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ଶୋକପ୍ରକାଶ କରିଛନ୍ତି।

# ସ୍ୱପ୍ନରେ ରହିଗଲା ବିଜୁଳି ଉତ୍ପାଦନ

## ବର୍ଜ୍ୟବସ୍ତୁ ପରିଚାଳନାରେ ବିଫଳ

ଭୁବନେଶ୍ୱର,୧୩।୧୨(ଅନିଲ ଦାସ)

ଭୁବନେଶ୍ୱର ମହାନଗର ନିଗମର ବର୍ଜ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦୈନିକ ସହରରୁ ବାହାରୁଥିବା ୮୦୦ ଟନ୍ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରିବା ଭୁବନେଶ୍ୱର ମହାନଗର ନିଗମ ଏବଂ ନଗର ଉନ୍ନୟନ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଗତ ୧ଦଶନ୍ଧି ଧରି ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଥିଲେ ମଧ୍ୟ ସଫଳତା ଅପହଞ୍ଚ ହୋଇଛି। ଅପରପକ୍ଷରେ ଆବର୍ଜନା ଦୁର୍ଗନ୍ଧରେ ସହରବାସୀ ଅସ୍ତବ୍ୟସ୍ତ ହେଉଛନ୍ତି।

ଏକ ଆକଳନରୁ ଜଣାପଡ଼ିଛି ଯେ, ବଡ଼ ବଡ଼ ସହରରେ ରହୁଥିବା ପ୍ରତ୍ୟେକ ଲୋକ ପିଛା ଦୈନିକ ୫୦୦ ଗ୍ରାମ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ। ଭୁବନେଶ୍ୱର ମହାନଗର ନିଗମରେ ପ୍ରାୟ ୧୫ଲକ୍ଷ ଲୋକ ବାସ କରୁଛନ୍ତି। ଜନସଂଖ୍ୟାକୁ ହିସାବକୁ ନେଲେ ସହରରୁ ଦୈନିକ ପ୍ରାୟ ୭୦୦ରୁ ୮୦୦ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ଏତେ ପରିମାଣ ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା ନେଇ ଆନ୍ତରିକତା ଅଭାବରୁ ଭୁବନେଶ୍ୱର ମହାନଗର ନିଗମ ହେବାର ୨୮ବର୍ଷ ପରେ ମଧ୍ୟ ଏକ ଦୀର୍ଘମିଆଦୀ ବ୍ୟବସ୍ଥା ହୋଇପାରି ନାହିଁ । ଏହାର କୁପରିଣାମ ସହରବାସୀଙ୍କୁ ଭୋଗିବାକୁ ପଡୁଛି। ବିଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ଯେଉଁ ପଦକ୍ଷେପ ନିଆଯାଉଛି ତାହା ସଫଳ ହେଉ ନ ଥିବାରୁ ବର୍ଜ୍ୟବସ୍ତୁର କୁପରିଣାମ ସମଗ୍ର ସହରକୁ ଭୋଗିବାକୁ ପଡୁଛି। ୨୦୧୪ରେ ବିଏମ୍‌ସି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦାରୁଠେଙ୍ଗ ଡମ୍ପିଂ ୟାର୍ଡଠାରେ ୱେଷ୍ଟ ଟୁ ଏନର୍ଜି(ବର୍ଜ୍ୟରୁ ବିଜୁଳି ) ନାମରେ ଏକ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏସ୍‌ଏଲ୍ ମ୍ୟୁନିସିପାଲ ସଲିଡ୍ ୱେଷ୍ଟ (ଏମ୍‌ଏସ୍‌ଡବ୍ଲ୍ୟୁ) ଭୁବନେଶ୍ୱର ଲିମିଟେଡ ନାମକ ସଂସ୍ଥା ସହିତ ଚୁକ୍ତିନାମା କରିଥିଲା। ଏଥିପାଇଁ ୨୦୦କୋଟି ଟଙ୍କାର ବଜେଟ ଅଟକଳ ମଧ୍ୟ ହୋଇଥିଲା। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରି ୧୧ ମେଗାୱାଟ ଶକ୍ତି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରୀ ଉଦାସୀନତା ଏଥିରେ ବାଧା ସୃଷ୍ଟି କରିଥିଲା। ୨୦୧୮ରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭୁଆସୁଣୀଠାରେ ବର୍ଜ୍ୟବସ୍ତୁ ପକାଇବା ଉପରେ ରୋକ ଲଗାଇବା ଫଳରେ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଆଶା ମଉଳି ଗଲା। ଏସ୍‌ଏଲ୍ ସଂସ୍ଥା ଏହି ଚୁକ୍ତିନାମାରୁ ଓହରିଗଲା ପରେ ଦାରୁଠେଙ୍ଗଠାରେ ଆବର୍ଜନା ପାହାଡ଼ ଠିଆ ହେଲା। ଏପରିକି ସୈନିକ ସ୍କୁଲଠାରୁ ଦାରୁଠେଙ୍ଗ ବର୍ଜ୍ୟବସ୍ତୁ ପରିବହନ ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଯୋଗୁ ଜୀବନହାନୀ ମଧ୍ୟ ହେଲା। ପରେ ଦାରୁଠେଙ୍ଗ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ୨୦୨୩ ମେ'



୧୫ ତାରିଖରେ ସୈନିକ ସ୍କୁଲ ଡମ୍ପିଂ ୟାର୍ଡରୁ ଦାରୁଠେଙ୍ଗକୁ ଅଳିଆବୁହା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଦାରୁଠେଙ୍ଗ ଗ୍ରାମବାସୀ ବିଜୟ ଉତ୍ସବ ପାଳନ କଲେ। ଏଭଳି ପରିସ୍ଥିତିରେ ବିଏମ୍‌ସି ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ସୈନିକ ସ୍କୁଲ ନିକଟରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡରେ ସହରର ସମସ୍ତ ୮୦୦ ଟନ୍ ଆବର୍ଜନା ଗଦାହୋଇ ପାହାଡ଼ ଆକାର ଧାରଣ କରିଛି। ଏଥିରୁ ନିର୍ଗତ ହେଉଥିବା ପଚାପାଣି ଦୁର୍ଗନ୍ଧ ଯୋଗୁ ଭିଏସ୍‌ଏସ୍ ନଗର, ଗଜପତି ନଗର, ଗାଡ଼କଣ, ଚନ୍ଦ୍ରଶେଖରପୁର, ଚକେଇସିହାଣି, ରସୁଲଗଡ଼, ଆଚାର୍ଯ୍ୟବିହାର, ଆଇଆର୍‌ସି ଭିଲେଜ ଆଦି ଅଞ୍ଚଳର ଜନସାଧାରଣ ଅସ୍ତବ୍ୟସ୍ତ ହୋଇଛନ୍ତି। ଡମ୍ପିଂୟାର୍ଡ ନିକଟବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବତନ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି, କମ୍ପାନୀକୁ ୧୦୦ ଏକର ଜମି ବ୍ୟାଙ୍କ ବନ୍ଧକ ମାଗିବାରୁ ୱେଷ୍ଟ ଟୁ ଏନର୍ଜି ପ୍ରକଳ୍ପ କାର୍ଯ୍ୟ ଆଗେଇପାରି ନ ଥିଲା। ଏପରି କି ଉକ୍ତ କମ୍ପାନୀ ଚୁକ୍ତିନାମାରୁ ମଧ୍ୟ ଓହରି ଯାଇଥିଲା ବୋଲି ମିଶ୍ର କହିଛନ୍ତି।

ପ୍ରକାଶ ଯେ, ରାଜଧାନୀର ବର୍ଜ୍ୟବସ୍ତୁ ପରିଚାଳନା ଅସମ୍ଭାଳ ହେଉଥିବାରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ସମସ୍ୟାର ସମାଧାନ ପାଇଁ ନଗର ଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଏମ୍‌ସି ଅଣ୍ଟା ଭିଡ଼ି ବର୍ଜ୍ୟବସ୍ତୁ ପରିଚାଳନାର ବିକେନ୍ଦ୍ରୀକରଣ କରିଥିଲା। ସହରର ୪୩ସ୍ଥାନରେ ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର) ଏବଂ ମ୍ୟାଟେରିଆଲ ରିକୋଭରି ଫାସିଲିଟି(ଏମ୍‌ଆର୍‌ଏଫ୍) ନିର୍ମାଣ କରାଯାଇଛି। ଏଥିରେ ନିଜ ନିଜ ୱାର୍ଡର ଅଳିଆ ଆବର୍ଜନାକୁ ଖତରେ ପରିଣତ କରାଯିବ। ତେବେ ବିଏମ୍‌ସିର ଏହି ଯୋଜନା ବିଭିନ୍ନ କାରଣରୁ ଫେଲ୍ ହୋଇଛି। ସେଥିରୁ ଅଧିକାଂଶ ଅଚଳ ହୋଇପଡ଼ିଛି। କ୍ଷୁଦ୍ର ଏମ୍‌ସିସି ବିଫଳ ହେବା ପରେ ବିଏମ୍‌ସି ପକ୍ଷରୁ ପଲାଶୁଣିଠାରେ ୩୫୦ଟନ୍‌ର ମେଗା ଏମ୍‌ସିସି କରିବା ପାଇଁ ଯୋଜନା ହୋଇଛି। ଏହା କେତେଦୂର ସଫଳ ହେବ ଏବଂ ସହରବାସୀଙ୍କୁ ଦୁର୍ଗନ୍ଧରୁ ରକ୍ଷା ମିଳିବ ତାହା ଆଗାମୀ ଦିନରେ ଜଣାପଡ଼ିବ। ଏନେଇ ବିଏମ୍‌ସି ଡେପୁଟି କମିଶନର(ପରିମଳ) ମନୋରଞ୍ଜନ ସାହୁ କହିଛନ୍ତି, ସହରରେ ୩୫ଟି ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଜରିଆରେ ଦୈନିକ ପ୍ରାୟ ୨୦୦ ଟନ୍ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଉଛି। ପଲାଶୁଣିଠାରେ ୩୫୦ ଟନ୍‌ର ଏମ୍‌ସିସି ନିର୍ମାଣ କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ଟ୍ରମ୍ମେଲ ଲାଇନ ସ୍ଥାପନ କରାଯାଇ କଠିନ ବର୍ଜ୍ୟବସ୍ତୁକୁ ଅଲଗା କରାଯାଉଛି। ପଲିଥିନକୁ ରାଜଗାଙ୍ଗପୁର ପଠାଯାଉଛି। ସୈନିକ ସ୍କୁଲ ଡମ୍ପିଂୟାର୍ଡରୁ ବର୍ଜ୍ୟବସ୍ତୁ ହ୍ରାସ ପାଇବାରେ ଲାଗିଛି। ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ହେବ ବୋଲି ସେ କହିଛନ୍ତି।

## ଜାନୁୟାରୀରେ ଜିଲାସ୍ତରୀୟ ନୂଆ ଓଡ଼ିଶା ଉତ୍ସବ

ପୁରୀ, ୧୩।୧୨(ଅଜିତ ମହାନ୍ତି):

ପୁରୀ ଜିଲାସ୍ତରୀୟ ନୂଆ ଓଡ଼ିଶା ଉତ୍ସବ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆଗାମୀ ଜାନୁୟାରୀରେ ଅନୁଷ୍ଠିତ ହେବ। ଏହାକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମଜଭୁତ ଭାବେ ଷ୍ଟେଜ ନିର୍ମାଣ, ନିର୍ଦ୍ଧାରିତ ସମୟରେ କାମ ସାରିବା, ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଅଧ୍ୟକ୍ଷଙ୍କ ମାଧ୍ୟମରେ ସୂଚନା ଓ ପରିଚୟପତ୍ର ଦେବା, ଯାତାୟାତ ସୁବିଧା, ପାନୀୟଜଳ, ଶୌଚାଳୟ, ଶାନ୍ତିଶୃଙ୍ଖଳା ରକ୍ଷା, ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଚିକିତ୍ସା, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ପାଇଁ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ବିବିଧ ସୂଚନା ଦେଇଥିଲେ।




ଜଗନ୍ନାଥ ଚେତନା ସମ୍ପର୍କିତ ସର୍ବଭାରତୀୟ ପରୀକ୍ଷାର୍ଥୀ ସମାବେଶରେ ଉପସ୍ଥିତ ଅତିଥି।

## ଚାରଣ ଗୋଷ୍ଠୀର ସର୍ବଭାରତୀୟ ପୁରସ୍କାର ଉତ୍ସବ

ପୁରୀ, ୧୩।୧୨(ଅଜିତ୍ ମହାନ୍ତି)

ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ଚେତନାକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବାରେ ଚାରଣ ଗୋଷ୍ଠୀର ଉଦ୍ୟମକୁ ଏ ଜାତି ସ୍ମରଣ ରଖିବ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ପୁରୀ ମଙ୍ଗଳାହାଟ ନିକଟ ଚାରଣଗୋଷ୍ଠୀର ମୁଖ୍ୟ କାର୍ଯ୍ୟାଳୟ ଠାରେ ଜଗନ୍ନାଥ ଚେତନା ସମ୍ପର୍କିତ ସର୍ବଭାରତୀୟ ପରୀକ୍ଷାର୍ଥୀ ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷଡଙ୍ଗୀ କହିଥିଲେ, ବିଶ୍ୱଦେବତା ଜଗନ୍ନାଥଙ୍କ ଚେତନା ଓ ଦର୍ଶନରେ ଛାତ୍ରୀଛାତ୍ରଙ୍କୁ ସଂଶ୍ଲିଷ୍ଟ କରି ପରୀକ୍ଷା କରାଇବା ଏକ ମହତ କାମ। ଅନ୍ତର୍ଜାତୀୟ ଚାରଣଗୋଷ୍ଠୀର ଦଳପତି ପଣ୍ଡିତ ଗୋପାଳ ଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସେବାୟତ କୃଷ୍ଣଚନ୍ଦ୍ର ପୂଜାପଣ୍ଡା, ଲୋକନାଥ ଦାସ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଭ୍ୟ ମାଧବ ଚନ୍ଦ୍ର ମହାପାତ୍ର ଏବଂ ଗବେଷକ ବଦ୍ରି ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପରୀକ୍ଷା ନିୟନ୍ତ୍ରକ ସୁରେଶ ଚନ୍ଦ୍ର ବରାଡ ସଂଯୋଜନା ଓ ସାଧାରଣ ସମ୍ପାଦକ ହରିଶଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମର ବନ୍ଦନା କୁମାରୀ ନାୟକ, ଭଦ୍ରକର ସୌରଭ କୁମାର ମହାନ୍ତି ଏବଂ ବାଲେଶ୍ୱରର ଲିଜା ଦାସଙ୍କୁ ଅତିଥିମାନେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ସ୍ୱରୂପ ଅର୍ଥ ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର, ଶୁଖିଲା ମାହାର୍ଦ୍ଧ, ନିର୍ମାଲ୍ୟ, ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର ପ୍ରଦାନ କରାଯାଇଥିଲା।

## ସ୍କୁଟିରୁ ପଡ଼ି ମହିଳା ମୃତ

ଗୋପ,୧୩।୧୨(ଭାରତୀ ଭୂଷଣ ଉପାଧ୍ୟାୟ)– ଗୋପ– ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ଛକ ନିକଟରେ ବୁଧବାର ଅପରାହ୍ନରେ ଜଣେ ୬୫ ବର୍ଷୀୟା ସ୍କୁଟିରୁ ଖସି ପଡ଼ି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳ ଗଜପତି ନଗରର ମୀନା କୁମାରୀ ତ୍ରିପାଠୀ। ସ୍ଥାନୀୟ ପୋଲିସ ମହିଳାଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି। ମାତ୍ର ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ତଦନ୍ତକାରୀ ଅଧିକାରୀ ଭାସ୍କର ମାଣିଆ କହିଛନ୍ତି। ପ୍ରକାଶ ଯେ, ମୀନା ତାଙ୍କ ପୁଅଙ୍କ ସହିତ ଅପରାହ୍ନରେ ସ୍କୁଟିରେ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। କୌଣସି କାରଣରୁ ମୀନା ସୁବର୍ଣ୍ଣପୁର ଛକ ନିକଟରେ ସ୍କୁଟିରୁ ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ।

## ସମସ୍ତ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

### ଷଡାଙ୍ଗୋଇ ଡବଲ ମର୍ଡର ଘଟଣା

ପିପିଲି,୧୩।୧୨(ପ୍ରଭାତ କୁମାର ମହାପାତ୍ର)

ପୁରୀ ଜିଲା ପ୍ରଥମ ଅତିରିକ୍ତ ଜିଲାଜଜ୍ ମଙ୍ଗଳବାର ବହୁ ଚର୍ଚ୍ଚିତ ଷଡାଙ୍ଗୋଇ ଡବଲ ମର୍ଡର କେଶର ରାୟ ଶୁଣାଇଛନ୍ତି। ଘଟଣାର ଦୀର୍ଘ ୨୨ ବର୍ଷ ପରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ସମସ୍ତ ୧୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ୍ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୦୧ ସେପ୍ଟେମ୍ବର ୩୦ ପୂର୍ବାହ୍ନ ୧୧ଟା ସମୟରେ କେତେକ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଷଡାଙ୍ଗୋଇ ଗ୍ରାମର ବାବୁଲି ନାୟକ ଓ କୁବେର ଜେନା ଦୁଇ ଦୁର୍ଦ୍ଦାନ୍ତ ଯୁବକଙ୍କୁ ହତ୍ୟା କରିଥିବା ନେଇ ଡେଲାଙ୍ଗ ଥାନାରେ ଲକ୍ଷ୍ମୀଧର ନାୟକ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ପୁରୀ ଜିଲାକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ଏବଂ ଆଶୁତୋଷ ମହାପାତ୍ର, ସୁନିଲ ମହାପାତ୍ର ଏଥିରେ ସହାୟତା କରୁଥିଲେ। ଏଥିସହିତ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରଘୁନାଥ ବିଶ୍ୱାଳ ଏବଂ ଦୁର୍ଗାଚରଣ ମହାନ୍ତି ମକଦ୍ଦମା ବିଚାର ପ୍ରକ୍ରିୟାରେ ସହଯୋଗ କରୁଥିଲେ। ଏହି ମକଦ୍ଦମାରୁ ଖଲାସ ହୋଇଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଚାଇଁପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡ଼ା, ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ରଶ୍ମିରଞ୍ଜନ ପରିଡ଼ାଙ୍କୁ ଏହି କେଶ ନଂ. ଏସ୍‌ଟି ୪୬୭/୨୦୦୨, ୧୯୧/୨୦୦୩, ୧ଏସ୍‌ଟି ଏଡିଜେ, ପୁରୀରେ ଅନ୍ତର୍ଭୁକ୍ତ ଥିଲେ। ଦୀର୍ଘ ୨୨ ବର୍ଷର ବିଚାର ଶେଷ ବେଳକୁ ୩ ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଛି। ରାଜନୈତିକ ଆକ୍ରୋଶର ଶିକାର ହୋଇ ଏହି ମିଛ କେଶରେ ଫସିଥିଲେ ବୋଲି ଖଲାସ ହୋଇଥିବା ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି।

## ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି

ସାକ୍ଷୀଗୋପାଳ,୧୩।୧୨(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)

ମାର୍ଗଶିର ମାସ ଅମାବାସ୍ୟା ତିଥି ବୁଧବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି ପାଳିତ ହୋଇଯାଇଛି। ସନ୍ଧ୍ୟାଧୂପ ପୂର୍ବରୁ ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଇଥିଲା। ଏହି ଅବସରରେ ଦୀପଦାନ କରି ଦେବକୀ– ବସୁଦେବ, ନନ୍ଦ– ଯଶୋଦା, ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ଶ୍ରଦ୍ଧାର୍ପଣ କରାଯାଇଥିଲା। ମନ୍ଦିର ବେଢ଼ାରେ ପାର୍ଶ୍ୱ ଦେବଦେବୀ, ଗରୁଡ଼ ସ୍ତମ୍ଭ, ଅରୁଣ ସ୍ତମ୍ଭ, ସିଂହଦ୍ୱାର, ମଶାଣିଆ ମହାବୀର, ତ୍ରିନାଥ ମଣ୍ଡପ, ଜାଗା ମହାବୀର, ମା' ତାରିଣୀ, ମା' ଜାଗେଶ୍ୱରୀ, ଶ୍ରୀରାମ ମନ୍ଦିର, ସେବାୟତ ସଂଘ କାର୍ଯ୍ୟାଳୟ ଜାଗାଘର ଓ ପ୍ରାଚୀର ଉପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆଲୋକିତ କରାଯାଇଥିଲା। ଆଖପାଖ ବିଭିନ୍ନ ଦେବାଳୟ ମଠବାଡିରେ ଦେବ ଦୀପାବଳି ପାଳିତ ହୋଇଯାଇଛି।

## ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

ପୁରୀ,୧୩।୧୨(ଅଜିତ ମହାନ୍ତି)

ଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ସମାରୋହ ସ୍ଥାନୀୟ ମହନ୍ତ ଗଦାଧର ହାଇସ୍କୁଲ ପ୍ରାଙ୍ଗଣରେ ୧୦ତାରିଖଠାରୁ ଆରମ୍ଭ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅତିଥିଭାବେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ ସହ କ୍ରୀଡ଼ା ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଚନ୍ଦନପୁର ସରପଞ୍ଚ ନିରୁପମା ମଲ୍ଲିକ ଓ ସମିତିସଭ୍ୟା ବୀଣାପାଣି ସେଠୀ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ସନାତନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରିଚାଳନା ସମିତି ସଭାପତି ସଦାଶିବ ମହାପାତ୍ର, ଉପସଭାପତି ପ୍ରକାଶ ଚନ୍ଦ୍ର ପରିଡା, ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ସାମନ୍ତରା, ସଭ୍ୟା ରୀନାମଣି ବେହେରା, ବାସନ୍ତୀ ପ୍ରଧାନଙ୍କ ସମେତ ପ୍ରଧାନାଚାର୍ଯ୍ୟ ବିଜୟ କୁମାର ପଣ୍ଡା ଓ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ।

## କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଜୀବନରେ ଶୈକ୍ଷିକ ବାତାବରଣ ଆଣିଥାଏ

ପିପିଲି,୧୩।୧୨(ପ୍ରଭାତ ମହାପାତ୍ର)

ପିପିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ଦୁଇ ଦିନିଆ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଇନ୍ଦିରା ମୈଦାନ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପିପିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନା ଏହାର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ଅନୁଷ୍ଠାନ ପରିଚାଳନା କମିଟି ସମ୍ପାଦକ ରମାକାନ୍ତ ସାହୁ, ସଭାପତି ବିକ୍ରମ କେଶରୀ ସିଂ, ଯୁଗ୍ମ ସମ୍ପାଦକ ରମାକାନ୍ତ ନାୟକ, କୋଷାଧ୍ୟକ୍ଷ ତଥା ପିପିଲି ବଜାର ବ୍ୟବସାୟୀ ସଂଘ ସଭାପତି ରାକେଶ ମହାପାତ୍ର ପ୍ରମୁଖ




କ୍ରୀଡା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ସହ କ୍ରୀଡ଼ା ପ୍ରତି ମନୋଭାବ ବଢାଇବାକୁ ପ୍ରେରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ମାନସିକ ଓ ଶାରୀରିକସ୍ତରରେ ଅଭିବୃଦ୍ଧି ପାଇଁ କ୍ରୀଡ଼ା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଛାତ୍ରୀଛାତ୍ରଙ୍କ ଜୀବନରେ ଶୈକ୍ଷିକ ବାତାବରଣ ଆସିଥାଏ ବୋଲି ବରିଷ୍ଠ ଆଇନଜୀବୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ଜିଲା, ରାଜ୍ୟସ୍ତରୀୟ ଓ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତା କରିବାର ମୂଳଲକ୍ଷ୍ୟ ରଖାଯାଇଛି ବୋଲି ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ଶଙ୍କର୍ଷଣ ପ୍ରଧାନ, ସଦସ୍ୟା କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଡାକଘର ବାହାରୁ ଫେରିଗଲା ମେଲ୍ ଭ୍ୟାନ୍

ନିମାପଡ଼ା,୧୩।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

୫ ଦଫା ଦାବିରେ ଅଖିଳ ଗ୍ରାମୀଣ ଡାକ ସେବକଙ୍କ ପକ୍ଷରୁ ସମଗ୍ର ଦେଶ ବ୍ୟାପୀ ଧର୍ମଘଟ ଜାରି ରହିଛି। ବୁଧବାର ଏହି ଆନ୍ଦୋଳନର ଦ୍ୱିତୀୟ ଦିନରେ ପୁରୀ ଜିଲା ନିମାପଡ଼ାଠାରେ ଆନ୍ଦୋଳନସ୍ଥଳରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୀ (ଆର୍‌ଏମ୍‌ଏସ୍) ରେଲ୍‌ୱେ ମେଲ ସର୍ଭିସ ଅଫିସରୁ ନିମାପଡ଼ା ମୁଖ୍ୟ ଡାକ ଘରକୁ ଜରୁରୀ ମେଲ, ରେଜିଷ୍ଟ୍ରି ଡାକ, ସ୍ପିଡ ପୋଷ୍ଟ, କ୍ୟାଶ, ଆକାଉଣ୍ଟ ସାମଗ୍ରୀ ଆସିଥିବାବେଳେ ନିମାପଡ଼ାଠାରେ ଶତାଧିକ ଆନ୍ଦୋଳନକାରୀ ଭ୍ୟାନ୍‌କୁ ଅଟକ ରଖିବା ସହ ଡାକଘର ଭିତରକୁ ପୂରାଇ ଦେଇ ନ ଥିଲେ। ଶେଷରେ ମେଲ ଭ୍ୟାନ୍ ନିମାପଡ଼ା ଡାକଘରେ ମେଲ ଦେଇ ନ ପାରି ସନ୍ଧ୍ୟାରେ ନିରାଶ ହୋଇ ପୁରୀ ଫେରିଯାଇଛି। ପୋଷ୍ଟାଲ



ଉତ୍ତ୍ୟକ୍ତ ଆନ୍ଦୋଳନକାରୀ ମେଲ ଭ୍ୟାନକୁ ଅଟକ ରଖି ଆନ୍ଦୋଳନରେ ବସିଛନ୍ତି।

ଇନସପେକ୍ଟର ଶୁଭାଶିଷ ଆଚାର୍ଯ୍ୟ, ପୋଷ୍ଟମାଷ୍ଟର ପରମେଶ୍ୱର ଲେଙ୍କା ମେଲ ଭ୍ୟାନ୍‌କୁ ଛାଡ଼ିବା ବାବଦରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ତାଙ୍କ ଜିଦ୍‌ରୁ ଓହରି ନ ଥିଲେ। ମେଲ ଭ୍ୟାନ୍ ଫେରିଯିବା ଓ ଏହି ଆନ୍ଦୋଳନ ଯୋଗୁ ନିମାପଡ଼ା ଅଞ୍ଚଳରେ ଡାକସେବା ବହୁଳ ଭାବେ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନରତ ନେତୃବୃନ୍ଦ ନଳିନୀକାନ୍ତ ମହାପାତ୍ର, ପୀତାମ୍ବର ମହାପାତ୍ର, ପ୍ରଶାନ୍ତ ମହାନ୍ତି, ପବିତ୍ର ସେଠୀ, ବେଣୁଧର ବେହେରା, ପ୍ରିୟଙ୍କା ମୈତ୍ରୀ, ଭାଗ୍ୟଶ୍ରୀ ପଣ୍ଡା, ସୁକାନ୍ତି ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଛି।

## ସଂକ୍ଷେପରେ

### ଚକ୍ଷୁ ଚିକିତ୍ସା ଶିବିର

ସାଲେପୁର,୧୩।୧୨(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଜପକୁଦଠାରେ କଟକର ଜେପିଏମ୍ ରୋଟାରି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମା' ହେଲ୍‌ଥ କେୟାର ଓ ବି.ପି. ଲାବୋରୋଟୋରିର ସହଯୋଗରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଜଗନ୍ନାଥ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କ ମାଗଣା ଚକ୍ଷୁ ପରୀକ୍ଷା କରାଯାଇ ୨୮ଜଣଙ୍କ ଅସ୍ତ୍ରୋପଚାର ନିମନ୍ତେ କଟକର ରୋଟାରି ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି। ବିକାଶ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ବାନାମ୍ବର ମାର୍ଥା, ଡଲି ବାରିକ, ଦିବ୍ୟ ବେହେରା, ପରେଶ କୁମାର ସାହୁ, ସରୋଜ କୁମାର ଦାଶ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ବିଶ୍ୱ ରଞ୍ଜନ ସାହୁ ପରିଚାଳନା କରିଥିଲେ। ବିଚିତ୍ର କୁମାର ପ୍ରହରାଜ, ସୁନନ୍ଦ ମିଶ୍ର, ପ୍ରଭାତ ବେହେରା, ନଳିନୀକାନ୍ତ ପରିଜା, କ୍ଷୀରୋଦ ଚନ୍ଦ୍ର ଶତପଥୀ, ବସନ୍ତ କୁମାର ବେହେରା, ଭାନୁ ଶଙ୍କର ବେହେରା, ହରପ୍ରସାଦ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ସିଏମ୍‌ସି ମେୟର-ବିଧାୟକ କଥା କଟାକଟି

କଟକ,୧୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ମେୟର ସୁବାଷ ସିଂଙ୍କ କଳାପାହାଡ଼ ନେତା ମନ୍ତବ୍ୟର ଜବାବ ଦେଇଛନ୍ତି ବାରବାଟୀ ବିଧାୟକ ମହମ୍ମଦ ମୋକିମ। ବିଧାୟକ ମୋକିମ୍ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ ବୁଧବାର ଏକ କାର୍ଯ୍ୟକ୍ରମରେ ଯୋଗଦେବାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ହଁ ମୁଁ କଳାପାହାଡ଼ ହୋଇପାରେ। କାହିଁକି ନା ଲୋକମାନଙ୍କ ଟଙ୍କାକୁ କେବେ ବି ମୁ ହରିଲୁଟ କରାଇ ଦେବି ନାହିଁ। ଲୋକମାନେ ବିଶ୍ୱାସର ସହ ମତେ ଭୋଟ ଦେଇ ନିର୍ବାଚନରେ ଜିତାଇ ବିଧାୟକ କରିଛନ୍ତି। ଲୋକଙ୍କ ଅଧିକାର ପାଇଁ ଲଢ଼ିବା ମୋର କର୍ତ୍ତବ୍ୟ ରହିଛି। ତେବେ ସିଏମ୍‌ସି କୋଟିକୋଟି ଟଙ୍କାର ଦୁର୍ନୀତି କରିକି ଲୋକଙ୍କୁ ଭୁଆଁ ବୁଲୋଉଛି। ଏହାକୁ ମୋର ବିରୋଧର ସ୍ୱର ଯେପରି ରହିଛି ଏହା ଆଗକୁ ମଧ୍ୟ ରହିବ ବୋଲି ବିଧାୟକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ,ବାଲିଯାତ୍ରା ଇତିହାସରେ ଏପରି ଦୁର୍ନୀତି କେବେ ହୋଇ ନ ଥିଲା, ଯାହା ସୁବାସ ସିଂ ମେୟର ହେବା ପରେ ହୋଇଛି । ବାଲିଯାତ୍ରା ଦୁର୍ନୀତି ନେଇ ଯେଉଁ ତଦନ୍ତ କମିଟି ଗଠନ ହୋଇଛି ସେଥିରେ ସିଏମ୍‌ସିର ଅଧିକାରୀ ହିଁ ରହିଛନ୍ତି ଯାହା କେବେବି ଗ୍ରହଣୀୟ ନୁହେଁ। ପୂର୍ବରୁ ଦାବି ଅନୁସାରେ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ପାରିଥାନ୍ତା। ହେଲେ ଏଭଳି କାର୍ଯ୍ୟକ୍ରମ ଯାହା ବାଲିଯାତ୍ରା ନୁହେଁ ବରଂ କଟକକୁ ମଧ୍ୟ ବଦନାମ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ତେଜୁଛି ବାଲିଯାତ୍ରା ଦୁର୍ନୀତି



ସୂଚନାଅନୁଯାୟୀ, ଗତ ରବିବାର ସେଲ୍‌ଟରଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବାରବାଟୀ-ବିଧାୟକ ମୋକିମ ଖବରଦାତା ସମ୍ମିଳନୀରେ ବାଲିଯାତ୍ରା ଦୁର୍ନୀତି ନେଇ ଅଭିଯୋଗ କରିଥିଲେ । ଏପରିକି ମେୟର ସୁବାଷ ସିଂ ଓ ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣଙ୍କ ମଧୁଚନ୍ଦ୍ରିକାରେ ସବୁ ଦୁର୍ନୀତି ହୋଇଛି । ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଥିଲେ ଏବଂ ଯଦି ଠିକ ତଦନ୍ତ ନ ହୋଇ ଦାବି ପୂରଣ କରା ନଯାଏ ତେବେ ଆଗମୀ ଦିନରେ ନଗର କଂଗ୍ରେସ ସିଏମସି ଘେରାଉ କରିବା ନେଇ ଚେତାବନୀ ଦେଇଥିଲେ । ଏନେଇ ମଙ୍ଗଳବାର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଗଣମାଧ୍ୟମକୁ ପ୍ରତକ୍ରିୟାରେ ମେୟର ସୁବାଷ ସିଂ କହିଥିଲେ ଯେ, ଏପରି ନେତା କିଭଳି କଟକରେ ଜନ୍ମ ହୋଇଛନ୍ତି। କଳାପାହାଡ଼ ଯିଏ ସେ ଅନ୍ୟମାନଙ୍କ କାର୍ଯ୍ୟରେ କିପରି ମନ୍ତବ୍ୟ ଦେଉଛନ୍ତି। ବାରବାଟୀ ବିଧାୟକ ଭିଜିଲାନ୍ସ ଓ ହାଇକୋର୍ଟ ଦ୍ୱାରା ଭର୍ତ୍ସିତ ହୋଇଛନ୍ତି। କଟକରେ ହଜାର କୋଟି ଟଙ୍କାର ସମ୍ପତ୍ତି ନେଇ ବିଧାୟକଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି। ସରକାରଙ୍କ ୫-ଟି କାର୍ଯ୍ୟ ଚାଲିଛି ସମସ୍ତ କାର୍ଯ୍ୟର ଯାଞ୍ଚ ହେଉଛି । ସିଏମ୍‌ସି ଓ ବାଲିଯାତ୍ରାକୁ ବଦନାମ କରିବାକୁ ଏହା ଏକ ଷଡ଼ଯନ୍ତ୍ର ବୋଲି ମେୟର କହିଥିଲେ।

# ସହରର ପ୍ରତି ଛକରେ ଆନ୍ଦୋଳନ ଚେତାବନୀ

କଟକ,୧୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ କଟକ ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଥିବା କଟକ ନଗର ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହାର ତଦନ୍ତ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଟିମ୍ ଗଠନ କରାଯାଇଛି। ଦୁର୍ଭାଗ୍ୟର ବିଷୟ, ବାଲିଯାତ୍ରା ଆୟୋଜନରେ ଥିବା ନିର୍ବାହୀ ଯନ୍ତ୍ରୀଙ୍କୁ ବଦଳି କରାଗଲା। ଏବେ ତଦନ୍ତ ହେବ କେମିତି ଓ ସତ କିପରି ସାମ୍ନାକୁ ଆସିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ବାଲିଯାତ୍ରା ପାଇଁ କାହାକୁ ଟେଣ୍ଡର ଦିଆଯାଇଛି ଓ କେତେ ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ସିଏମ୍‌ସି ସ୍ପଷ୍ଟ କରୁ। ଯଥାଶୀଘ୍ର ଏ ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ନ ଆସିଲେ ଆଗାମୀ ଦିନରେ କଟକର ପ୍ରତି ଛକରେ ସିଏମ୍‌ସି ବିରୋଧରେ ବଡଧରଣର ଜନ ଆନ୍ଦୋଳନ କରାଯିବ ବୋଲି ବୁଧବାର ବାଦାମବାଡ଼ି ରକ୍ସିଲେନ୍‌ସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ନଗର ଭାଜପା ସଭାପତି ଲଲାଟେନ୍ଦୁ ବହୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ବାଲିଯାତ୍ରା ପାଇଁ ସିଏମ୍‌ସି ପକ୍ଷରୁ ସାଢେ ୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଚଳିତବର୍ଷ ଦୁଇଟି ସ୍ଥାନରେ ବାଲିଯାତ୍ରା ଗେଟ୍ ପାଇଁ ୩୨ ଲକ୍ଷ ଟଙ୍କାର ଟେଣ୍ଡର ହୋଇଥିବାବେଳେ ଏ ବାବଦରେ ୬ ଲକ୍ଷ ଖର୍ଚ୍ଚ ହୋଇଛି। ଏହାଛଡା ବାଣ ଫୁଟା, ପରିମଳ, ଲେଜର ଲାଇଟ୍ ଶୋ ବାବଦ ଖର୍ଚ୍ଚରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଛି। ପ୍ଲଟ୍ ଆବଣ୍ଟନଠାରୁ ଆରମ୍ଭ କରି ପଡିଆ ସଫେଇ ବାବଦ ସମସ୍ତ ଖର୍ଚ୍ଚର ହିସାବ ସହରବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉ। ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଭାଜପା ପକ୍ଷରୁ ଦାବି ହୋଇଛି। ଏନେଇ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ। ଏହି ଖବରଦାତା ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ମିଶ୍ର, କର୍ପୋରେଟର ଗୋପାଳ ବେହେରା, ଗଗନ ଓଝା, ଦୀପକ ଦାସ ଓ ଲକ୍ଷ୍ମୀଧର ପ୍ରଧାନ ଉପସ୍ଥିତ ରହିଥିଲେ।

## ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ପ୍ରସଙ୍ଗ

# କୃଷି ଉତ୍ପାଦକ ସଂଘର ସାଧାରଣ ପରିଷଦ ବୈଠକ

ବାଙ୍କୀ,୧୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଅଖଣ୍ଡେଶ୍ୱର କୃଷି ଉତ୍ପାଦକ ସଂଘର ସାଧାରଣ ବୈଠକ ଡମପଡ଼ା ବ୍ଲକ ଅନ୍ତର୍ଗତ ମା'ଅରାଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକମାନଙ୍କୁ ତାଲିମ୍ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଉତ୍କଳ ବିପନ୍ନ ସହାୟତା ସମିତିର ଅଧ୍ୟକ୍ଷ ଇଂ.ଅଭୟ କୁମାର ସାମନ୍ତରାୟ, ସମ୍ପାଦକ ଅଚ୍ୟୁତ ପାଣିଗ୍ରାହୀ, ନିର୍ଦ୍ଦେଶକ ବାମଦେବ ରାଉତରାୟ, ପ୍ରସନ୍ନ ପଣ୍ଡା, ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗଦେଇ ଆଗାମୀଦିନରେ କିଭଳି ଏହି ସଙ୍ଗଠନ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି, କୃଷି ଉତ୍ପାଦନ ଓ ଏହାର ବିକ୍ରିବଟା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକର କୃଷକମାନେ ଯୋଗଦେଇଥିଲେ।



ବୈଠକରେ ଯୋଗଦେଇଥିବା ଚାଷୀମାନେ।

# ସୁସ୍ଥ ଶରୀର, ବିକାଶ ଦିଗରେ କ୍ରୀଡ଼ା ହୁଏ ସହାୟକ



ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ବଡ଼ମ୍ବା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ବଡ଼ମ୍ବା,୧୩।୧୨(ମାୟାଧର ମଲ୍ଲିକ)

ବଡ଼ମ୍ବା ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ସ୍ଥାନୀୟ କଲେଜ ପଡ଼ିଆରେ ଅନୁଷ୍ଠିତ ୧୭ତମ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିପିନ ବିହାରୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କ୍ରୀଡାରେ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଯୋଗଦେଇଥିଲେ। ୫୦ ମିଟର, ୧୦୦ ମିଟର, ୨୦୦ ମିଟର ଦୌଡ଼ ସହ ଜିଲାପି ଦୌଡ଼, ଡିସ୍କସ ଫିଙ୍ଗା, ଶଟପୁଟ ଫିଙ୍ଗା, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଗଣିତ ଦୌଡ଼, ବାଟି ଚାମଚ, ବେଙ୍ଗ ଡିଆଁ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ମୋହନ ସୁବୁଦ୍ଧି ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରବୀଣ କୁମାର ଦେବ ଓ ସମୀର କୁମାର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମହେଶ କୁମାର ରାଉତ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଚମ୍ପେଇଦ୍ୱାର ଗଡ଼ା ପୋଖରୀ ଉନ୍ନୀତ ମଧ୍ୟ ଇଂରାଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ସୁସ୍ଥ ଶରୀର ଓ ବିକାଶ ଦିଗରେ କ୍ରୀଡା ସହାୟକ ହୋଇଥାଏ ବୋଲି କହିଥିଲେ। ପରେ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପିଲାମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପରିଚାଳନା ସମିତିର ସହସମ୍ପାଦକ ସୁଶାନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ଭକ୍ତ ଚରଣ ନାୟକ, ପ୍ରଧାନ ଆଚାର୍ଯ୍ୟା ଗିନାରାଣୀ ମିଶ୍ର, ଆଚାର୍ଯ୍ୟା ସସ୍ମିତା ସିଂହ, ସଂଯୁକ୍ତା ତରାସିଆ, ସରସ୍ୱତୀ ତରାସିଆ, ସରୋଜିନୀ ବେହେରା, ମାନସୀ ଶତପଥୀ, ସ୍ୱର୍ଣ୍ଣଲତା ରାଉତ, କଳ୍ପନା ମନ୍ତ୍ରୀ, ରକ୍ଷମେଶ୍ୱରୀ ଗୁରୁମା,ଶର୍ମିଷ୍ଠା ପଣ୍ଡା, ଆଚାର୍ଯ୍ୟ ପ୍ରହଲ୍ଲାଦ ମଲ୍ଲିକ, ସନ୍ତୋଷ କୁମାର ମଲ୍ଲିକ, ବିଜୟ କୁମାର ନାୟକ, ବିବେକାନନ୍ଦ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

# ୫ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ନିଶ୍ଚିନ୍ତକୋଇଲି,୧୩।୧୨ (ଅଶୋକ କୁମାର ମହାପାତ୍ର)

## ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର କଳିଙ୍ଗ ମଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୨୭ଟି ବିଦ୍ୟାଳୟରୁ ୧୨୭ ପ୍ରକଳ୍ପ ଛାତ୍ରୀଛାତ୍ର ପ୍ରଦର୍ଶିତ କରିଥିଲେ। ଶେଷରେ ବିଚାରକ ମଣ୍ଡଳୀ କୁନି ବୈଜ୍ଞାନିକଙ୍କ ଦକ୍ଷତାକୁ ଆଧାର କରି ୫ ପ୍ରକଳ୍ପକୁ ଜିଲାସ୍ତରକୁ ମନୋନୀତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ବିଡିଓ ଧର୍ମରଞ୍ଜନ ପଣ୍ଡା ଓ ତହସିଲଦାର ଦିଲୀପ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ନିଶ୍ଚିନ୍ତକୋଇଲି ବିଇଓ ଲକ୍ଷେହୀରା ଲାବଣ୍ୟବତୀ ବେହେରା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସମ୍ମାନିତ ଅତିଥି ଭାବେ ନରେନ୍ଦ୍ରପୁର ସରପଞ୍ଚ ନମିତା ରାୟ, ସମିତିସଭ୍ୟ ପ୍ରଫୁଲ୍ଲ ସାହୁ, ଏବିଇଓ ପାର୍ବତୀ ନନ୍ଦ, ଲକ୍ଷ୍ମୀନାରାୟଣ ରାଉତ, ପ୍ରଧାନ ଶିକ୍ଷକ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। କୁଳସୁକରପଡ଼ା ଉଚ୍ଚ ବିଦ୍ୟାଳୟର ଅନନ୍ୟା ଅମିତାଭ ସାମଲ, ଏ.ବି.ଏ. ଉଚ୍ଚ ବିଦ୍ୟାଳୟ ବିଶ୍ୱନାଥପୁରର ଓମ୍ ପ୍ରକାଶ ସାହୁ, ଅସୁରେଶ୍ୱର ଉଚ୍ଚ ବିଦ୍ୟାଳୟର ସାଇକ୍ରୀଷ୍ଟ ସ୍ୱାଇଁ, ଜଗନ୍ନାଥପୁର ନୋଡାଲ ବିଦ୍ୟାଳୟର ନଜିଆ ପରୱିନ, ସାଙ୍କିଲୋ ୟୁଜିଏମଇ ବିଦ୍ୟାଳୟର ବର୍ଷା ପ୍ରିୟଦର୍ଶିନୀ ରାଉତଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ବିସିଇ କଟକ ପକ୍ଷରୁ ଅନ୍ତର୍ଜାତୀୟ ବିଜ୍‌ନେସ୍ ମିଟ୍

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)

କଟକସ୍ଥିତ ବିଜ୍‌ନେସ୍ କ୍ଲବ୍ ଅଫ୍ ଏଣ୍ଟରପ୍ରେନ୍ୟୁ(ବିସିଇ)ର ଥାଇଲାଣ୍ଡରେ ଏକ ଅନ୍ତର୍ଜାତୀୟ ବିଜ୍‌ନେସ୍ ମିଟ୍ ଆୟୋଜନକରି ଏହାର ସଦସ୍ୟମାନଙ୍କ ସହ ବାଣିଜ୍ୟ କରିବାର ସୁଯୋଗ ପ୍ରଦାନ କରିଛି। ଭାରତ ଓ ଥାଇଲାଣ୍ଡ ପରସ୍ପର ପଡ଼ୋଶୀ ଦେଶ ହୋଇଥିବାବେଳେ ୨ ଦଶନ୍ଧି ଧରି ବାଣିଜ୍ୟ ତଥା ପୁଞ୍ଜି ବିନିଯୋଗ ପୂର୍ବକ ବାଣିଜ୍ୟିକ ସମ୍ପର୍କ ସୁଦୃଢ଼ ହେବାରେ ଲାଗିଛି। ଏ ଅବସରରେ ବିସିଇର ଏକଜିକ୍ୟୁଟିଭ୍ ଡାଇରେକ୍ଟର ରୋନୀ ଏସ୍. ଦାସ କହିଛନ୍ତି, ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଏବଂ ଭାରତୀୟ ଅର୍ଥନୀତିରେ ନବସୃଜନ ପ୍ରତ୍ୟେକ ବ୍ୟବସାୟ ମାଲିକଙ୍କର ସ୍ୱପ୍ନ। ଯେତେବେଳେ ଆମେ ବିସିଇ ପରିବାର ଭାବରେ ମିଶାଇଥାଉ ଆମେ ଏହାକୁ ଏକ ମିଶନ ବୋଲି କହିଥାଉ । ରୋଟାରିର ଉଦାହରଣ ସହ ଅନ୍ତର୍ଜାତୀୟ ବ୍ୟବସାୟ ସମ୍ପର୍କ ସ୍ଥାପନ ପାଇଁ କ୍ଲବ୍ ପଟ୍ଟାୟା ମିଶନ ସଫଳ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ରୋଟାରି କ୍ଲବ୍ ପଟ୍ଟାୟା ସଭାପତି ଜାହାଙ୍ଗୀର, କୃଷ୍ଣ କୋମଲ ଏବଂ ନିଲସ୍ କୋଲଭଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ। କ୍ଲବ୍ ସଭାପତି ପ୍ରୀତୀଶ୍ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ନୀରଜିତା ମହାନ୍ତି, କ୍ଲବ୍ ମେମ୍ବର ଏମ୍‌ଡି ଜିନ୍ଦଲ ହୋତା ଏବଂ କ୍ୟାପଟେନ୍ ପି.କେ. ମହାନ୍ତି ବିସିଇ କଟକ ଓ ବିସିଇ ଭୁବନେଶ୍ୱରର ୨୨ଜଣ ଯୋଗଦେଇଥିଲେ।



# ବାର୍ଷିକ କ୍ରୀଡ଼ା: ବାଙ୍କୀ କଲେଜରେ ଗଣଦୌଡ଼



ଗଣଦୌଡ଼ରେ ସାମିଲ ହୋଇଥିବା ଛାତ୍ରମାନେ।

ବାଙ୍କୀ,୧୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉପଲକ୍ଷେ ବୁଧବାର ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। କଲେଜଠାରୁ ରାମଚନ୍ଦ୍ରପୁର ଗ୍ରାମସ୍ଥ ଜାଡୁମଲ୍ଲ ଠାକୁରାଣୀ ପର୍ଯ୍ୟନ୍ତ ୮ କି.ମି. ଛାତ୍ରମାନେ ଗଣଦୌଡ଼ରେ ସାମିଲ୍ ହୋଇଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପତାକା ଦେଖାଇ ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ। ବାର୍ଷିକ କ୍ରୀଡ଼ା ଅବ୍ୟବହିତ ପୂର୍ବରୁ ଉକ୍ତ ଗଣଦୌଡ଼ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ବୃନ୍ଦାବନ ପ୍ରଧାନ, ଦିଲୀପ ସ୍ୱାଇଁ, ନିରଞ୍ଜନ ସାହୁ ଓ ଜିତେନ୍ଦ୍ର ଦେଓ ପ୍ରମୁଖ ଉପସ୍ଥିତ ରହିଥିଲେ। କୃତୀ ଛାତ୍ରମାନଙ୍କୁ ବାର୍ଷିକ କ୍ରୀଡ଼ା ଉତ୍ସବରେ ପୁରସ୍କୃତ କରାଯିବ ବୋଲି ମହାବିଦ୍ୟାଳୟ ସୂତ୍ରରୁ ପ୍ରକାଶ।

# ୪୪୦ ଲିଟର ଦେଶୀମଦ ଜବତ: ଜଣେ ଗିରଫ

ବାଙ୍କୀ,୧୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବାଙ୍କୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ କାର ଜବତ କରାଯିବା ସହ ସେଥିରେ ଥିବା ୪୪୦ ଲିଟର ଦେଶୀ ମଦକୁ ଜବତ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ, ଅବକାରୀ ବିଭାଗ ବୈଦ୍ୟେଶ୍ୱର ଟି-ସେତୁ ଆଡୁ ନୟାଗଡ଼ ଯାଉଥିବା ଏକ କାର ଓଡି ନଂ. ୦୨ ଏମ୍ ୩୪୬୮କୁ ପିଛା କରି ବାଙ୍କୀ ଭେଡ଼ା ଛକଠାରେ କାବୁ କରିଥିଲେ। କାରରୁ ୧୧ଟି ବସ୍ତା ଓ ଟିୟୁବ୍ ଭିତରେ ୪୪୦ଲିଟର ଦେଶୀ ମଦ ଜବତ କରାଯିବା ସହ ଗାଡ଼ି ଚାଳକ ଆଠଗଡ଼ ହରିଡାପୋଶି ଗାଁର ବିଚିତ୍ରା ବେହେରାଙ୍କୁ ଗିରଫ୍ କରାଯାଇଥିଲା। ବିଚିତ୍ରାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବା ସହ କାରକୁ ଅଟକ ରଖାଯାଇଛି ବୋଲି ଆଠଗଡ଼ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ ପଣ୍ଡା ପ୍ରକାଶ କରିଛନ୍ତି। ଏହି ଚଢାଉ ବାଙ୍କୀ ଅବକାରୀ ଅଧିକାରୀ ନିର୍ମଳ ବେହେରା, ଆଠଗଡ଼ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଅଭିରାମ ସାହୁ, ବାଙ୍କୀ ଅବକାରୀ ଏସ୍‌ଆଇ ଚୈତନ୍ୟ ମାଝି, ଅବକାରୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମାଝି, ଶଙ୍କର ସିଂ ଓ ରାଜଶ୍ରୀ ବେହେରା ସାମିଲ ହୋଇଥିଲେ। ଆଗକୁ ଏହି ପ୍ରକାର ଚଢ଼ାଉ ଜାରି ରହିବ ବୋଲି କଟକ ଜିଲା ଅବକାରୀ ଅଧୀକ୍ଷକ ପଟେଲ୍ କହିଛନ୍ତି।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ)/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରଓ୍ୱା/ବାକୁଡିହ/ତାଲଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍‌ୱେ ୱାଗନ/ହପରରେ ୫୦ ମିମି ମେଶିନ୍ କ୍ରସ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । ବିଡ୍ ଅମାନତ: ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-909)

# ଭାଇରାଲ ଭିଡିଓ ପରେ ବଢୁଛି ରାଜନୈତିକ ଛକାପଞ୍ଝା

ନିଶ୍ଚିନ୍ତକୋଇଲି,୧୩।୧୨ (ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ମାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଭାଇରାଲ ଭିଡିଓକୁ କେନ୍ଦ୍ର କରି ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ମାରପିଟ୍‌ରେ ୩ ଜଣ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଛକାପଞ୍ଝା ବୃଦ୍ଧି ପାଇଛି। ଅପରପକ୍ଷରେ ଭାଜପା ନେତା ପ୍ରକାଶ ସେଠୀଙ୍କ ଅଭିଯୋଗକ୍ରମେ କିଶନନଗର ଥାନାରେ ନଂ.୨୯୨/୨୩, ବିଜେଡି ନେତ୍ରୀ ଭାରତୀ ମହାରଣାଙ୍କ ଅଭିଯୋଗକ୍ରମେ ନଂ. ୨୯୪/୨୩ ଓ ମାଣପୁର ସରପଞ୍ଚ ରଞ୍ଜିତା ସେଠୀଙ୍କ ଅଭିଯୋଗ କ୍ରମେ ନଂ. ୨୯୫/୨୩ରେ ପୃଥକ୍ ଭାବେ ୩ ମାମଲା ରୁଜୁ ହୋଇଛି। ଦୁଇ ଦଳର ନେତା ଓ କର୍ମକର୍ତ୍ତାଙ୍କ ମଧ୍ୟରେ ରାଜନୈତିକ ହିଂସା, ଆରୋପ ଓ ପ୍ରତ୍ୟାରୋପକୁ ପୋଲିସ କଡ଼ାଦୃଷ୍ଟିରେ ଦେଖୁଛି ବୋଲି କିଶନନଗର ଆଇଆଇସି ରଶ୍ମିରଞ୍ଜନ ଦାସ କହିଛନ୍ତି।

କେନ୍ଦ୍ରର 'ମୋଦି ସରକାର ଗ୍ୟାରେଣ୍ଟି ରଥ' ଗତ ୮ ତାରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ମାଣପୁର ପଞ୍ଚାୟତ ପରିକ୍ରମା କରିଥିଲା। ଏହି ରଥ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା କଥା। ହେଲେ ଏହା ପରିବର୍ତ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ପକ୍ଷରୁ ସୁଚିନ୍ତିତ ଭାବେ ରଚା ଯାଇଥିବା ଷଡ଼ଯନ୍ତ୍ରରେ ସ୍ଥାନୀୟ କେତେଜଣ ବିଜେଡି ମହିଳା କର୍ମୀ 'ହେ ନବୀନବାବୁ ଆମେ ତୁମ ଫ୍ୟାନ' ଗୀତ ବଜାଇ ଗୀତର ତାଳେ ତାଳେ ନାଚୁଥିବା ଦେଖିବାକୁ ମିଳିଥିଲା। ଏହି ଭିଡିଓଟି ଭାଇରାଲ ହେବା ପରେ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର କଟକ ସଦର ଭାଜପା ନେତା ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଭାଜପା କର୍ମୀମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖକୁ ଯିବା କ୍ଷଣି ପୂର୍ବରୁ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ରହିଥିବା ମାଣପୁର ପଞ୍ଚାୟତ ବିଜେଡି ସଭାପତି ରୁସ୍ତମ ମହମ୍ମଦଙ୍କ ନେତୃତ୍ୱରେ କେତେଜଣ ବିଜେଡି କର୍ମୀ ଭାଜପା କର୍ମୀଙ୍କ ଉପରେ ଠେଙ୍ଗାବାଡ଼ି, ପଥର ଓ ଝାଡୁରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଭାଜପା ନେତା ସେଠୀ ଥାନାରେ ଅଭିଯୋଗ କରିଥିଲେ। ରକ୍ତମୁଖା ହୋଇପଡ଼ିଥିବା ବିଜେଡି କର୍ମୀଙ୍କ ଆକ୍ରମଣରେ ୩ ଜଣରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଗୁରୁତରମାନଙ୍କୁ ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୋଲିସ ଉପସ୍ଥିତିରେ ଏଭଳି ପରିସ୍ଥିତି ସୃଷ୍ଟି ହେବାରୁ ପଞ୍ଚାୟତ କାର୍ଯ୍ୟାଳୟ ଏକରକମ ରଣକ୍ଷେତ୍ରରେ ପରିଣତ ହୋଇଥିବା ଦେଖାଯାଇଥିଲା। ଏ ନେଇ ଭାଜପା ନେତା ସେଠୀ, କଟକ ଜିଲା ଭାଜପା ଅନୁସୂଚିତ ଜନଜାତିର ସଭାପତି ପ୍ରଦୀପ କୁମାର ବେହେରା, ନାରୀ ନେତ୍ରୀ ରଶ୍ମିରେଖା ଦାସଙ୍କ ନେତୃତ୍ୱରେ ବହୁ କର୍ମୀ କିଶନନଗର ଥାନା ସମ୍ମୁଖରେ ବିଜେଡି କର୍ମୀଙ୍କ ଗିରଫ ଦାବି ନେଇ ଧାରଣାରେ ବସିଥିଲେ। ସାଲେପୁର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ଭାଜପା କର୍ମୀମାନେ ଧାରଣାରୁ ଉଠିଥିଲେ। ଅପରପକ୍ଷରେ ମାଣପୁର ସରପଞ୍ଚ ରଞ୍ଜିତା ସେଠୀ ଓ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ପୃଥକ୍ ଭାବେ ଭାଜପା ନେତାଙ୍କ ନାମରେ ଥାନାରେ ୨ଟି ପାଲଟା ଅଭିଯୋଗ କରାଯାଇଥିଲା। ଭାଜପା ନେତାମାନେ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ କରିଥିଲେ।

## ପୃଥକ୍ ଭାବେ ୩ ମାମଲା ରୁଜୁ

### କଟକ ସଦର ନିର୍ବାଚନମଣ୍ଡଳୀ

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

(୧) **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୨୦୨୩-୪୧ । **ନିଲାମ ତାରିଖ:** ୨୬।୧୨।୨୦୨୩ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୪.୪୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ: ଖଡ଼ଗପୁର** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର,**
**ତାରିଖ: ୧୧।୧୨।୨୦୨୩** **ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ
(PR-914)

# ସ୍ୱପ୍ନରେ ରହିଗଲା ବିଜୁଳି ଉତ୍ପାଦନ

## ବର୍ଜ୍ୟବସ୍ତୁ ପରିଚାଳନାରେ ବିଫଳ



ଭୁବନେଶ୍ୱର,୧୩।୧୨(ଅନିଲ ଦାସ)

ଭୁବନେଶ୍ୱର ମହାନଗର ନିଗମର ବର୍ଜ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦୈନିକ ସହରରୁ ବାହାରୁଥିବା ୮୦୦ ଟନ୍ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରିବା ଭୁବନେଶ୍ୱର ମହାନଗର ନିଗମ ଏବଂ ନଗର ଉନ୍ନୟନ ବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଗତ ୧ଦଶନ୍ଧି ଧରି ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଥିଲେ ମଧ୍ୟ ସଫଳତା ଅପହଞ୍ଚ ହୋଇଛି। ଅପରପକ୍ଷରେ ଆବର୍ଜନା ଦୁର୍ଗନ୍ଧରେ ସହରବାସୀ ଅସ୍ତବ୍ୟସ୍ତ ହେଉଛନ୍ତି।

ଏକ ଆକଳନରୁ ଜଣାପଡ଼ିଛି ଯେ, ବଡ଼ ବଡ଼ ସହରରେ ରହୁଥିବା ପ୍ରତ୍ୟେକ ଲୋକ ପିଛା ଦୈନିକ ୫୦୦ ଗ୍ରାମ ବର୍ଜ୍ୟବସ୍ତୁ ଉତ୍ପନ୍ନ ହୋଇଥାଏ। ଭୁବନେଶ୍ୱର ମହାନଗର ନିଗମରେ ପ୍ରାୟ ୧୫ଲକ୍ଷ ଲୋକ ବାସ କରୁଛନ୍ତି। ଜନସଂଖ୍ୟାକୁ ହିସାବକୁ ନେଲେ ସହରରୁ ଦୈନିକ ପ୍ରାୟ ୭୦୦ରୁ ୮୦୦ଟନ୍ ବର୍ଜ୍ୟବସ୍ତୁ ବାହାରୁଛି। ଏତେ ପରିମାଣ ବର୍ଜ୍ୟବସ୍ତୁକୁ ଠିକ୍ ଢଙ୍ଗରେ ପରିଚାଳନା ନେଇ ଆନ୍ତରିକତା ଅଭାବରୁ ଭୁବନେଶ୍ୱର ମହାନଗର ନିଗମ ହେବାର ୨୮ବର୍ଷ ପରେ ମଧ୍ୟ ଏକ ଦୀର୍ଘମିଆଦୀ ବ୍ୟବସ୍ଥା ହୋଇପାରି ନାହିଁ । ଏହାର କୁପରିଣାମ ସହରବାସୀଙ୍କୁ ଭୋଗିବାକୁ ପଡୁଛି। ବିଏମ୍ସି ପକ୍ଷରୁ ବିଭିନ୍ନ ସମୟରେ ଯେଉଁ ପଦକ୍ଷେପ ନିଆଯାଉଛି ତାହା ସଫଳ ହେଉ ନ ଥିବାରୁ ବର୍ଜ୍ୟବସ୍ତୁର କୁପରିଣାମ ସମଗ୍ର ସହରକୁ ଭୋଗିବାକୁ ପଡୁଛି। ୨୦୧୪ରେ ବିଏମ୍ସି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦାରୁଠେଙ୍ଗ ଡମ୍ପିଂ ୟାର୍ଡଠାରେ ୱେଷ୍ଟ ଟୁ ଏନର୍ଜି(ବର୍ଜ୍ୟରୁ ବିଜୁଳି ) ନାମରେ ଏକ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏସ୍ଏଲ୍ ମ୍ୟୁନିସିପାଲ ସଲିଡ୍ ୱେଷ୍ଟ (ଏମ୍ଏସ୍ଡବ୍ଲ୍ୟୁ) ଭୁବନେଶ୍ୱର ଲିମିଟେଡ ନାମକ ସଂସ୍ଥା ସହିତ ଚୁକ୍ତିନାମା କରିଥିଲା। ଏଥିପାଇଁ ୨୦୦କୋଟି ଟଙ୍କାର ବଜେଟ ଅଟକଳ ମଧ୍ୟ ହୋଇଥିଲା। ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରି ୧୧ ମେଗାୱାଟ ଶକ୍ତି ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ସରକାରୀ ଉଦାସୀନତା ଏଥିରେ ବାଧା ସୃଷ୍ଟି କରିଥିଲା। ୨୦୧୮ରେ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭୁଆସୁଣୀଠାରେ ବର୍ଜ୍ୟବସ୍ତୁ ପକାଇବା ଉପରେ ରୋକ ଲଗାଇବା ଫଳରେ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଆଶା ମଉଳି ଗଲା। ଏସ୍ଏଲ୍ ସଂସ୍ଥା ଏହି ଚୁକ୍ତିନାମାରୁ ଓହରିଗଲା ପରେ ଦାରୁଠେଙ୍ଗଠାରେ ଆବର୍ଜନା ପାହାଡ଼ ଠିଆ ହେଲା। ଏପରି କି ସୈନିକ ସ୍କୁଲଠାରୁ ଦାରୁଠେଙ୍ଗ ବର୍ଜ୍ୟବସ୍ତୁ ପରିବହନ ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଯୋଗୁ ଜୀବନହାନୀ ମଧ୍ୟ ହେଲା। ପରେ ଦାରୁଠେଙ୍ଗ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ୨୦୨୩ ମେ' ୧୫ ତାରିଖରେ ସୈନିକ ସ୍କୁଲ ଡମ୍ପିଂ ୟାର୍ଡରୁ ଦାରୁଠେଙ୍ଗକୁ ଅଳିଆବୁହା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଦାରୁଠେଙ୍ଗ ଗ୍ରାମବାସୀ ବିଜୟ ଉତ୍ସବ ପାଳନ କଲେ। ଏଭଳି ପରିସ୍ଥିତିରେ ବିଏମ୍ସି ପାଖରେ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ସୈନିକ ସ୍କୁଲ ନିକଟରେ ଥିବା ଅସ୍ଥାୟୀ ଡମ୍ପିଂୟାର୍ଡରେ ସହରର ସମସ୍ତ ୮୦୦ ଟନ୍ ଆବର୍ଜନା ଗଦାହୋଇ ପାହାଡ଼ ଆକାର ଧାରଣ କରିଛି। ଏଥିରୁ ନିର୍ଗତ ହେଉଥିବା ପଚାପାଣି ଦୁର୍ଗନ୍ଧ ଯୋଗୁ ଭିଏସ୍ଏସ୍ ନଗର, ଗଜପତି ନଗର, ଗାଡ଼କଣ, ଚନ୍ଦ୍ରଶେଖରପୁର, ଚକେଇସିହାଣି, ରସୁଲଗଡ଼, ଆଚାର୍ଯ୍ୟବିହାର, ଆଇଆର୍ସି ଭିଲେଜ ଆଦି ଅଞ୍ଚଳର ଜନସାଧାରଣ ଅସ୍ତବ୍ୟସ୍ତ ହୋଇଛନ୍ତି। ଡମ୍ପିଂୟାର୍ଡ ନିକଟବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବତନ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି, କମ୍ପାନୀକୁ ୧୦୦ ଏକର ଜମି ବ୍ୟାଙ୍କ ବନ୍ଧକ ମାଗିବାରୁ ୱେଷ୍ଟ ଟୁ ଏନର୍ଜି ପ୍ରକଳ୍ପ କାର୍ଯ୍ୟ ଆଗେଇପାରି ନ ଥିଲା। ଏପରି କି ଉକ୍ତ କମ୍ପାନୀ ଚୁକ୍ତିନାମାରୁ ମଧ୍ୟ ଓହରି ଯାଇଥିଲା ବୋଲି ମିଶ୍ର କହିଛନ୍ତି।

ପ୍ରକାଶ ଯେ, ରାଜଧାନୀର ବର୍ଜ୍ୟବସ୍ତୁ ପରିଚାଳନା ଅସମ୍ଭାଳ ହେଉଥିବାରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ସମସ୍ୟାର ସମାଧାନ ପାଇଁ ନଗର ଉନ୍ନୟନ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଏମ୍ସି ଅଣ୍ଡା ଭିଡ଼ି ବର୍ଜ୍ୟବସ୍ତୁ ପରିଚାଳନାର ବିକେନ୍ଦ୍ରୀକରଣ କରିଥିଲା। ସହରର ୪୩ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ଏବଂ ମ୍ୟାଟେରିଆଲ ରିକୋଭରି ଫାସିଲିଟି ନିର୍ମାଣ କରାଯାଇଛି। ନିଜ ୱାର୍ଡର ଆବର୍ଜନାକୁ ଖତରେ ପରିଣତ କରାଯିବ। ବିଏମ୍ସିର ଏହି ଯୋଜନା ବିଭିନ୍ନ କାରଣରୁ ଫେଲ୍ ହୋଇଛି। କ୍ଷୁଦ୍ର ଏମ୍ସିସି ବିଫଳ ହେବା ପରେ ବିଏମ୍ସି ପକ୍ଷରୁ ପଳାଶୁଣିଠାରେ ୩୫୦ଟନ୍ର ମେଗା ଏମ୍ସିସି କରିବା ପାଇଁ ଯୋଜନା ହୋଇଛି। ଏହା କେତେଦୂର ସଫଳ ହେବ ଏବଂ ସହରବାସୀଙ୍କୁ ଦୁର୍ଗନ୍ଧରୁ ରକ୍ଷା ମିଳିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ସଂକ୍ଷେପରେ

### ମରଣାନ୍ତକ ଆକ୍ରମଣ ଘଟଣାରେ ୩ ଗିରଫ

ଜଟଣୀ,୧୩।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଚାନ୍ଦା ଆଦାୟକୁ ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ଥିବା ୩ ଅଭିଯୁକ୍ତଙ୍କୁ ଜଟଣୀ ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଅରଗୁଳ ଗ୍ରାମର ମିଟୁ ଭୋଇ ଓରଫ ନାଇକ (୨୫), ପଟୁ ଭୋଇ ଓରଫ ରିପିନ ବେହେରା(୩୧) ଏବଂ ସାମ ଭୋଇ ଓରଫ ସୋମନାଥ ନାୟକ(୩୬)। ସୂଚନା ମୁତାବକ, ୨୦୨୧ ମସିହାରେ ଅଭିଯୁକ୍ତମାନେ ଅରଗୁଳ ଭୁଆସୁଣୀ ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ଅଟକାଇ ମନ୍ଦିର ପାଇଁ ୧୦୦ ଟଙ୍କା ଚାନ୍ଦା ମାଗିଥିଲେ। ତେବେ ଯୁବକ ଜଣଙ୍କ ପୂର୍ବରୁ ଚାନ୍ଦା ଦେଇସାରିଛି ଆଉ ଦେବିନାହିଁ କହିବା ପରେ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଯୁବକଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ କରି ସେହି ସମୟରେ ଘଟଣାରେ ସମ୍ପୃକ୍ତ କାଳିଆ ଭୋଇକୁ ଗିରଫ କରିଥିଲା। ତେବେ ଉପରୋକ୍ତ ୩ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ଅଧାରୁ ପାଠ ଛାଡ଼ିଥିବା ଶିକ୍ଷାର୍ଥୀ ହେବେ ରୋଜଗାରିଆ

ବେଗୁନିଆ,୧୩।୧୨(ହର ପ୍ରସନ୍ନ ପଣ୍ଡା)

ଆଗକୁ ଆଉ ରହିବେ ନାହିଁ ବେରୋଜଗାରିଆ। ବିଶେଷକରି ଅଧାରୁ ପାଠ ଛାଡିଥିବା ଶିକ୍ଷାର୍ଥୀଙ୍କ ଆର୍ଥିକ ବିକାଶ ହେବ। ଏନେଇ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ଆଭିମୁଖ୍ୟକୁ ନେଇ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଅଧାରୁ ପାଠ ଛାଡିଥିବା ଶିକ୍ଷାର୍ଥୀମାନେ ନିଜର ନାମ ପଞ୍ଜୀକରଣ କରାଇ ତାଲିମ ଶିବିରରେ ଯୋଗଦିଅନ୍ତୁ। ଶିକ୍ଷାର୍ଥୀଙ୍କ ବୟସ ୧୮ରୁ ୩୨ ମଧ୍ୟରେ ହୋଇଥିବା ଆବଶ୍ୟକ। ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ୨୦ରୁ ବିନା ମୂଲ୍ୟରେ ତାଲିମ ପ୍ରଦାନ କରାଯିବ। ବିଭିନ୍ନ ଟ୍ରେଡର ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ୬ମାସ ପର୍ଯ୍ୟନ୍ତ ତାଲିମ ନେବେ। ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଶିକ୍ଷାର୍ଥୀଙ୍କୁ ବେସରକାରୀ ସଂସ୍ଥାରେ ନିଯୁକ୍ତି ସୁଯୋଗ ମିଳିବ ବୋଲି ବୈଠକରେ ସ୍ଥିର ହୋଇଛି। ସେହିପରି ବ୍ଲକର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସିଆର୍ସିସି, ଅଙ୍ଗନୱାଡି କର୍ମୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ସହଯୋଗ କରିବା ପାଇଁ ବିଇଓ ଲେଙ୍କା ଆହ୍ୱାନ ଦେଇଛନ୍ତି।

### ୧୭ରେ ପାଲାଗାୟକ ପରିଷଦର ବାର୍ଷିକ ସମ୍ମିଳନୀ

ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)

ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ଶାଖା ମା' ଉଗ୍ରତାରା ମଣ୍ଡଳର ବାର୍ଷିକ ସମ୍ମିଳନୀ ଆସନ୍ତା ୧୭ ତାରିଖରେ ଜଙ୍କିଆ ଗଡ଼ସାହି ହରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପାଲା ଗାୟକ, ସାହିତ୍ୟିକଙ୍କ ସମେତ ବହୁ ଜନପ୍ରତିନିଧି ଯୋଗଦେଇ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିବେ ବୋଲି ମଣ୍ଡଳ ସଭାପତି ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ ସୂଚନା ଦେଇଛନ୍ତି।

### ନୂଆ-ଓ କାର୍ଯ୍ୟକ୍ରମ

ନିରାକାରପୁର,୧୩।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ମଲିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଶୁଭ୍ରକାନ୍ତ ପଣ୍ଡା ଓ ଡ. ମଧୁସ୍ମିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଏବଂ ସୁସ୍ଥ ଜୀବନଯାପନ ନିମନ୍ତେ ସଚେତନ କରାଇଥିଲେ। କଲେଜ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଛାତ୍ରୀଛାତ୍ର ସାଇକେଲ ଶୋଭାଯାତ୍ରାରେ ମଲିପଡ଼ା, ପାଣିଛତ୍ର, ପାଟଣା ଓ ନରଣଗଡ଼ ଗ୍ରାମ ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କଲେଜର ନୋଡାଲ ଅଧିକାରୀ ପ୍ରାଣେଶ୍ୱର ଜୟସିଂହ, ସ୍କାଉଟ ଆଣ୍ଡ ଗାଇଡ୍ସ ଅଧିକାରୀ କିଶୋର ସାହୁ, ଜାତୀୟ ସେବା ସଂସ୍ଥା ଅଧିକାରିଣୀ ପ୍ରିୟଙ୍କା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ୧୫ରେ ବ୍ଲକ କାର୍ଯ୍ୟାଳୟ ଘେରିବ ଭାଜପା

କୃଷ୍ଣପ୍ରସାଦ,୧୩।୧୨
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରର ବିଲୋପ ପାଇଁ ଭାଜପା ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଭାଜପା ନେତ୍ରୀ ଉପାସନା ମହାପାତ୍ର, ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା କହିଛନ୍ତି। ଏହିକ୍ରମରେ କୃଷ୍ଣପ୍ରସାଦ ବ୍ଲକ ଅଧୀନ ୨୧ଟି ପଞ୍ଚାୟତରେ ଭାଜପା ପକ୍ଷରୁ ବ୍ଲକ ଘେରାଉ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୦ଟାରେ ଉପାସନାଙ୍କ ଆବାହକତ୍ୱରେ ହଜାର ହଜାର ଦଳୀୟ କର୍ମୀ ଓ ପଞ୍ଚାୟତ ଜନପ୍ରତିନିଧି, ସଙ୍ଗଠକମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯିବ। ଭାଜପାର ଆନ୍ଦୋଳନ ଡାକରା ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି କୃଷ୍ଣପ୍ରସାଦ ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।

# ଦକ୍ଷତା ବିକାଶ ଶିକ୍ଷାର ମାନ ବୃଦ୍ଧିକରେ

ଭୁବନେଶ୍ୱର,୧୩।୧୨(ଅସମାପିକା ସାହୁ)



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଏକାଦଶ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଆଇସିଆର୍ର ମହାନିର୍ଦ୍ଦେଶକ ଡ. ତ୍ରିଲୋଚନ ମହାପାତ୍ର ଯୋଗଦେଇ ଶିକ୍ଷାର ମାନ ତଥା ବିଭିନ୍ନ ବୈଷୟିକ ଗବେଷଣା ଉପରେ ମତ ରଖିଥିଲେ। ଉନ୍ନତ ଶିକ୍ଷାଦାନ ସହ ଦକ୍ଷତା ବିକାଶ ଶିକ୍ଷାର ମାନକୁ ବୃଦ୍ଧି କରିଥାଏ। ନୂତନ ଶିକ୍ଷା ନୀତିକୁ ଆପଣାଇବାକୁ ହେଲେ ଶିକ୍ଷକଙ୍କୁ ପ୍ରତି କ୍ଷେତ୍ରରେ ଆଗରେ ରହିବାକୁ ହେବ ବୋଲି ଡ. ମହାପାତ୍ର କହିଥିଲେ। ସମସ୍ତଙ୍କ ସହଯୋଗରେ ବିଶ୍ୱବିଦ୍ୟାଳୟରେ କିପରି ଉଚ୍ଚତର ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ, ଏଥିସହ ଛାତ୍ରୀଛାତ୍ର ପ୍ରତିଟି କ୍ଷେତ୍ରରେ ମନଯୋଗ କରିବେ ସେ ନେଇ ସମସ୍ତେ ଚେଷ୍ଟା କରିବାକୁ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ସମ୍ମାନିତ ଅତିଥି ଭାବେ ରାଉରକେଲାସ୍ଥିତ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗଦେଇ ନାକ୍ ଅଧିସ୍ୱୀକୃତି ପାଇଁ ପୂର୍ବ ପ୍ରସ୍ତୁତି ଉପରେ ମତ ରଖିଥିଲେ। ନାକ୍ର ଉପଯୋଗିତା ତଥା ଏହାର ନିୟମାବଳୀ ସମ୍ପର୍କରେ ସେ କହିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀପାଳନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁଶେନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, ନିର୍ଦ୍ଦେଶକ, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୋଲିସ ଅଧିକାରୀଙ୍କଠାରୁ ୨୦ ଲକ୍ଷ ଠକେଇ

ଭୁବନେଶ୍ୱର,୧୩।୧୨(ସୂର୍ଯ୍ୟକାନ୍ତ ବେହେରା)

ଜାତୀୟ ରାଜପଥ ପାର୍ଶ୍ୱରେ ଜମି ଯୋଗାଇ ଦେବା ଆଳରେ ଜଣେ ପୋଲିସ ଅଧିକାରୀ ୨୦ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏ ନେଇ ସମ୍ପୃକ୍ତ ପୋଲିସ ଅଧିକାରୀ ବିଭୂତି ଭୂଷଣ ରାଉତଙ୍କ ଅଭିଯୋଗ କ୍ରମେ ଭରତପୁର ଥାନା ପୋଲିସ ବୁଧବାର ଅଭିଯୁକ୍ତ ଜମି ମାଲିକ ଖୋର୍ଦ୍ଧା ବାଘମାରୀ ଥାନା ଅଞ୍ଚଳର ଦୁର୍ଗାଚରଣ ପ୍ରଧାନଙ୍କୁ ଗିରଫ କରିଛି। ଏହି ମାମଲାରେ ତାଙ୍କର କେତେଜଣ ସହଯୋଗୀ ଫେରାର ଥିବା ଖବରଦାତା ସମ୍ମିଳନୀରେ ଜୋନ-୩ର ଏସିପି ପ୍ରଦୀପ କୁମାର ରାଉତ ସୂଚନା ଦେଇଛନ୍ତି। ରାଜଧାନୀରେ ପୋଲିସ ଅଧିକାରୀ ଠକାମିର ଶିକାର ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ବିଭୂତି ଉକ୍ତ ଅଞ୍ଚଳର ଦୁର୍ଗାମାଧବ ନଗରରେ ରୁହନ୍ତି। ତାଙ୍କ ବଡ଼ଭାଇ ଉମେଶ ରାଉତ ଭୁବନେଶ୍ୱରରେ ଗୋଟିଏ ପ୍ଲଟ କିଣିବାକୁ ଚାହୁଁଥିଲେ। ବିଭୂତି ଏବଂ ରମେଶ ଯାଁଳା ଓ ଗଙ୍ଗପଡ଼ା ମଧ୍ୟସ୍ଥ ଜଟଣୀ ଗେଟ୍ ନିକଟରେ ଜମି ବିକ୍ରି ପାଇଁ ଥିବା ଗୋଟିଏ ଖବରକାଗଜରେ ବିଜ୍ଞାପନ ଦେଖି ଦୁର୍ଗାଚରଣଙ୍କୁ ଯୋଗାଯୋଗ କରିଥିଲେ। ପରେ ବିଭୂତିଙ୍କୁ ସାଙ୍ଗରେ ନେଇ ଦୁର୍ଗାଚରଣଙ୍କ ସହଯୋଗୀ ଅଭିଷେକ ଜଟଣୀ ଗେଟ ନିକଟରେ ରାଜପଥକୁ ଲାଗିଥିବା ଏକ ପ୍ଲଟ ଦେଖାଇଥିଲେ। ଦୁର୍ଗାଚରଣଙ୍କୁ ଜମି ମାଲିକ ବୋଲି ପରିଚୟ ଦେଇଥିଲେ। ପ୍ଲଟ କିଣାବିକା ନେଇ ଆଲୋଚନା ପରେ ଦର ଧାର୍ଯ୍ୟ ହୋଇଥିଲା।

## ଏସ୍ଆଇ ସ୍ୱାଗତିକା ବେହେରାଙ୍କ ମୃତ୍ୟୁକୁ ବର୍ଷେ ବିତିଲା

# ନ୍ୟାୟ ଦାବିରେ ଧାରଣା

ନିରାକାରପୁର,୧୩।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧ ଜିଲା ନିରାକାରପୁର ପଞ୍ଚାୟତ ଅଧୀନ ପାଣ୍ଡବପାଟଣା ଗ୍ରାମର ସ୍ୱାଗତିକା ବେହେରା ଫୁଲବାଣୀ ଜିଲାର ଜି-ଉଦୟଗିରି ଆଦର୍ଶ ଥାନାରେ ସବ୍ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିବା ବେଳେ ୨୦୨୨ ଅଗଷ୍ଟ ୨୭ରେ ଥାନା ପରିସରରେ ଥିବା କ୍ୱାର୍ଟରରେ ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ମୃତ୍ୟୁକୁ ବର୍ଷେ ବିତିଯାଇଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟ ମିଳିଲା ନାହିଁ। ଏପରିକି ପରିବାରର ଜଣଙ୍କୁ ଚାକିରି ଓ ତାଙ୍କ ବୋଉଙ୍କୁ ପେନସନ ମିଳିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ସ୍ଥାନୀୟ ଅଞ୍ଚଳକୁ ଏମ୍ପି ଅପରାଜିତା ଷଡ଼ଙ୍ଗୀ ଗାଡିରେ ଆସୁଥିବା ବେଳେ ମୃତାଙ୍କ ପରିବାର ଲୋକେ ନିରାକାରପୁର ଷ୍ଟେଶନ ରାସ୍ତାରେ ଧାରଣା ଦେଇଥିଲେ। ଏମ୍ପିଙ୍କ ଆଗରେ ଆସୁଥିବା ସୁରକ୍ଷା କର୍ମୀମାନେ ଧାରଣାକାରୀଙ୍କୁ ବୁଝାଶୁଝା କରି ଏମ୍ପିଙ୍କ ନିକଟକୁ ନେଇଥିଲେ। ପରେ ଏମ୍ପି ଷଡ଼ଙ୍ଗୀ ସେମାନଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହ କାର୍ଯ୍ୟାଳୟକୁ ଆସ ବୁଝିବା କହିବା ପରେ ରାସ୍ତାରୁ ହଟିଥିଲେ।

## ଧନୁମାସର ନୀତିନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର,୧୩।୧୨(ସୁବାସ ଚନ୍ଦ୍ର ପ୍ରଧାନ)

ଆସନ୍ତା ୧୬ ତାରିଖରେ ଧନୁ ସଂକ୍ରାନ୍ତି। ଏହି ଦିନଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସଅଳ ନୀତି ଅନୁଷ୍ଠିତ ହେବା ସହ ଧନୁମାସର ନୀତିନିର୍ଘଣ୍ଟ ସ୍ଥିର ହୋଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏନେଇ ସ୍ୱତନ୍ତ୍ର ନିର୍ଘଣ୍ଟ ପ୍ରସ୍ତୁତ କରାଯାଇ ବିଭିନ୍ନ ନିଯୋଗ ସେବାୟତଙ୍କ ନିକଟକୁ ପଠାଯାଇଛି। ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ନିର୍ଘଣ୍ଟ ସମୟ ଅନୁଯାୟୀ ଠାକୁରଙ୍କ ନୀତକାନ୍ତି ହେବ। ଧନୁ ମାସରେ ସୂର୍ଯ୍ୟ ସଅଳ ସୂର୍ଯ୍ୟାସ୍ତ ହୋଇଥାନ୍ତି। ମା'ପାର୍ବତୀ ତାଙ୍କ ପିତାଙ୍କ ଘରକୁ ଯାଇଥିବାରୁ ପ୍ରଭୁ ଲିଙ୍ଗରାଜ ମା'ଙ୍କ ରୋଷେଇରେ ସନ୍ତୁଷ୍ଟ ହେବାକୁ ପଡ଼ିଥାଏ। ଏଥିପାଇଁ ନୀତିକାନ୍ତି ସଅଳ ହୋଇଥାଏ ବୋଲି ସେବାୟତ ମଣ୍ଟୁ ପୂଜାପଣ୍ଡା କହିଛନ୍ତି।

## ବିଦ୍ୟୁତ୍ କର୍ମଚାରୀ ହଟହଟା

ବୋଲଗଡ଼,୧୩।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ୪ଟି ପଞ୍ଚାୟତକୁ ନୟାଗଡ ଜିଲା ଅନ୍ତର୍ଗତ ଇଟାମାଟି ନିକଟ ରାଜପାଟଣା ପାୱାର ଗ୍ରିଡରୁ ବିଦ୍ୟୁତ ସଂଯୋଗ କରାଯାଇଛି। ରାଜ୍ୟ ସରକାର ବଦ୍ୟୁତ୍ ଗ୍ରାହକଙ୍କୁ ଚବିଶ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିସିଓଡିଏଲ ସଂସ୍ଥା ଜରିଆରେ ବ୍ୟବସ୍ଥା କରିଛନ୍ତି। ତେବେ ଏହାର ବ୍ୟତିକ୍ରମ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମରେ ଲୋଭୋଲ୍ଟେଜ ଓ ଉତ୍ତମ ସେବା ପ୍ରଦାନରେ ବିଫଳତା ଯୋଗୁ ଗ୍ରାହକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ବିଦ୍ୟୁତ୍ କର୍ମଚାରୀ। ଏହି ଗ୍ରାମର ବିଦ୍ୟୁତ ଉପୋଭୋକ୍ତା ଶିବରାମ ମହାପାତ୍ର ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଉଚ୍ଚଦର (କମର୍ସିଆଲ)ରେ ବିଦ୍ୟୁତ ସଂଯୋଗ କରିଛନ୍ତି। ସାଧାରଣବର୍ଗଙ୍କ ଠାରୁ ଉଚ୍ଚ ଦରରେ ଅର୍ଥ ପ୍ରଦାନ କଲେ ମଧ୍ୟ ଉତ୍ତମ ବିଦ୍ୟୁତ୍ ସେବା ନ ପାଇ ବ୍ୟବସାୟରେ କ୍ଷତି ସହୁଛନ୍ତି। ତେବେ ବୁଧବାର ଅର୍ଥ ଆଦାୟ କରିବାକୁ ଆସିଥିବା ବଦ୍ୟୁତ୍ କର୍ମଚାରୀଙ୍କୁ ନିଜର ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟା ନେଇ ତୁରନ୍ତ ସମାଧାନ କରିବା ପାଇ କହିଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ବିଦ୍ୟୁତ୍ କର୍ମଚାରୀ ହଟହଟା ହୋଇଥିଲେ। ଏ ସମ୍ପର୍କରେ ଅର୍ଥ ଆଦାୟ ପାଇଁ ଆସିଥିବା ଟିପିସିଓଡିଏଲର ବୋଲଗଡ ବିଦ୍ୟୁତ୍ ସେକ୍ସନର ସିନିଅର ଚାର୍ଜମ୍ୟାନ ନବକିଶୋର ବେହେରା କହିଛନ୍ତି, ଏହି ସମସ୍ୟାର ସମାଧାନ ପାଇଁ ଏକ ନୂତନ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯିବା ଆବଶ୍ୟକ।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନାଲସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଦୁଇଦିନିଆ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ସନ୍ତୋଷ କୁମାର ଗୌଡ଼, ଆୟେଷା ତନୱାରୀ, ଟାଙ୍ଗୀ ଶିକ୍ଷା ଶିକ୍ଷକ ପ୍ରତିଷ୍ଠାନର ସୁବାସ କୁମାର ଜେନା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଦର୍ଶ ଶ୍ରେଣୀ ଗୃହ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୧୧ଟି କ୍ଲଷ୍ଟରରେ ମନୋନୀତ ହୋଇଥିବା ଜଣେ ଲେଖାଏ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଜଣେ ମନୋନୀତ ଶିକ୍ଷକ ଓ ସମସ୍ତ ସିଆରସିସି ପ୍ରଶିକ୍ଷଣ ଲାଭ କରିଥିଲେ। ପ୍ରଶିକ୍ଷଣପ୍ରାପ୍ତ ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ସିଆରସିସିମାନେ ସେମାନଙ୍କର କ୍ଲଷ୍ଟରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବେ। ଏଥିପାଇଁ ବଡ଼ପାରୀ କ୍ଲଷ୍ଟରରେ ବରିକୋ ବଧିପାଟଣା ପ୍ରାଥମିକ ବିଦ୍ୟାଳୟ, ଭୁଷଣ୍ଡପୁର କ୍ଲଷ୍ଟରର ବାଲିପାଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଚ୍ୟୁତପୁର କ୍ଲଷ୍ଟରର ନାଲସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୟମଙ୍ଗଳପୁର କ୍ଲଷ୍ଟରର ଜୟମଙ୍ଗଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛଣଗିରି କ୍ଲଷ୍ଟରର ସରପାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁସୁମି ରାଉତପଡା କ୍ଲଷ୍ଟରର କୁସୁମି ରାଉତପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲଳିତା ପାଟପୁର କ୍ଲଷ୍ଟରର ନିରାକାରପୁର ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀଧରପୁର କ୍ଲଷ୍ଟରର କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁକ୍ତେଶ୍ୱର କ୍ଲଷ୍ଟରର ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ, ରାମେଶ୍ୱର କ୍ଲଷ୍ଟରର ରାମେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସାନକୁସୁମି କ୍ଲଷ୍ଟରର ସାନକୁସୁମି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆଦର୍ଶ ବିଦ୍ୟାଳୟ ଭାବେ ମନୋନୀତ କରାଯାଇଛି। ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଙ୍ଗଠନ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ପଟ୍ଟନାୟକ ଓ ସିଆର୍ସିସି ବିଜୟ କୁମାର ମାନସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆର୍ସି-ସିଇ-ସି-ଏଚ୍କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ ।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏଚ୍କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍ସାଇଟ୍ www.ireps.gov.inରେ ଅପ୍ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରଓ୍ୱା/ବାକୁଡିହ/ତାଳଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍ୱେ ୱାଗନ୍/ହପର୍ରେ ୫୦ ମିମି ମେଶିନ୍ କ୍ରଶ୍ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । **ବିଡ୍ ଅମାନତ:** ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍ଲାଇନ୍ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-909)

**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍ସାଇଟ୍ରେ ଅଧିସୂଚିତ ଟ୍ରେନ୍ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍ଗୁଡ଼ିକର ଲିଜିଂ ।

(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୩-୪୧ । ନିଲାମ ତାରିଖ: ୨୬।୧୨।୨୦୨୩ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୪.୪୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ସ୍ଥାନ: ଖଡ଼ଗପୁର
ତାରିଖ: ୧୧।୧୨।୨୦୨୩

ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-914)

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ସତ୍ୟବାଦୀ ତ୍ରିପାଠୀଙ୍କ ଜୟନ୍ତୀ

କଣାସ,୧୩।୧୨(ବିଭୂତି ଭୂଷଣ ତ୍ରିପାଠୀ)- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁଙ୍କ ପଟ୍ଟଶିଷ୍ୟ ତଥା ସମାଜ ସମ୍ବାଦପତ୍ରର ପ୍ରଥମ ପ୍ରକାଶକ ସ୍ୱର୍ଗତ ସତ୍ୟବାଦୀ ତ୍ରିପାଠୀଙ୍କ ୧୨୮ତମ ଜୟନ୍ତୀ ବୁଧବାର ତାଙ୍କ ଜନ୍ମଭୂମି ପୁରୀ ଜିଲା କଣାସ ବ୍ଲକ ଅଧୀନ ତ୍ରିଲୋଚନପୁର ଗ୍ରାମରେ ତ୍ରିଲୋଚନପୁର ସଂଯୁକ୍ତ ଉ.ପ୍ରା. ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ସ୍ଥାପିତ ସ୍ୱର୍ଗତ ତ୍ରିପାଠୀ, ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥି, ଗ୍ରାମବାସୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ମାଲ୍ୟାର୍ପଣ କରିଥିଲେ। ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ରାୟ ଏହାର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ସଭାରେ ସାଧନକେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ, ପ୍ରଭାକର ତ୍ରିପାଠୀ, ତ୍ରିଲୋଚନପୁର ଗ୍ରାମ୍ୟ କମିଟି ସମ୍ପାଦକ, ରବିନାରାୟଣ ଦାସ, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରଥ, ବିଷ୍ଣୁପ୍ରିୟା ସ୍ୱାଇଁ, ଶିକ୍ଷକ ଅଜୟ ପରିଡ଼ା, ଅନିଲ ପଟ୍ଟନାୟକ ଓ ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ ତ୍ରିପାଠୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ତାଙ୍କର ପଥକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବ୍ଲକସ୍ତରୀୟ ଶିଶୁମେଳା

ସାକ୍ଷୀଗୋପାଳ,୧୩।୧୨(ଭରତ ରାଉତ): ଓଷ୍ଟା ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକସ୍ତରୀୟ ଶିଶୁମେଳା ଶ୍ରୀଶ୍ରୀ ଜଗନ୍ନାଥ ଆଦର୍ଶ ବିଦ୍ୟାପୀଠ, ଡାଙ୍ଗୁରାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନଳିନୀଲୋଚନ ଦଳାଇ ଏହାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଞ୍ଚ ସଖା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ମହୁରା ସରପଞ୍ଚ, ଓଷ୍ଟା ସଂଘ ପୁରୀ ଜିଲା ସମ୍ପାଦକ ପ୍ରତାପ ଚନ୍ଦ୍ର ପଲାଇ ଯୋଗଦେଇଥିଲେ। ବ୍ଲକ ସଭାପତି ବିଭୁପ୍ରସାଦ ମହାପାତ୍ର, ସମ୍ପାଦକ ସରୋଜ ନାୟକ, ଲିଙ୍ଗରାଜ ସାହୁ ଜିଲା ସଭ୍ୟ, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ବେହେରା ଉଦ୍‌ବୋଧନ ଦେଇଥିଲେ। ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

### କଂଗ୍ରେସ ସଭାପତିଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଡେଲାଙ୍ଗ,୧୩।୧୨(ରଶ୍ମି ରଞ୍ଜନ ପ୍ରଧାନ)- ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ଦାସଙ୍କ ବିୟୋଗରେ ମଙ୍ଗଳବାର ବ୍ଲକ କଂଗ୍ରେସ ପକ୍ଷରୁ ପ୍ରହ୍ଲାଦ ପ୍ରଧାନଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେରବୋଇ କଂଗ୍ରେସ କାର୍ଯ୍ୟାଳୟ ପରିସରରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଡେଲାଙ୍ଗ ବଜାର ଓ ବେରବୋଇ ବଜାର ପରିକ୍ରମା କରିବା ସହ ରବି ଦାସ ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରୋଜ ସ୍ୱାଇଁ, ଜୟମନ୍ୟୁ ସାମନ୍ତରାୟ, ଜବାହରଲାଲ ବିଶ୍ୱାଳ, ମାନସ ସ୍ୱାଇଁ, ଅଶୋକ ବେହେରା, ବିଶ୍ୱରଞ୍ଜନ ସିଂ, ରଞ୍ଜନ ରାଉତ, ଦୀନବନ୍ଧୁ ସାମନ୍ତରାୟ, ପ୍ରକାଶ ନାୟକ ପ୍ରମୁଖ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

### ହରଦୁର୍ଗା ୟୁଥ୍ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ପିପିଲି,୧୩।୧୨(ପ୍ରଭାତ ମହାପାତ୍ର): ପିପିଲି ରୁପୁଦେଇପୁର ପଞ୍ଚାୟତ ଅଲାରପୁର ଗ୍ରାମରେ ଥିବା ହରଦୁର୍ଗା ୟୁଥ୍ କ୍ଲବ ପକ୍ଷରୁ କ୍ଲବ ଗୃହ ପ୍ରସଙ୍ଗରେ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଆଖ ପାଖ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ଲୋକ ଆଖି ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱରସ୍ଥିତ କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିବା ଆସିଥିବା ଡା. ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ କ୍ଲବ ସମ୍ପାଦକ ଅଶ୍ୱିନୀ ସାହୁଙ୍କ ସହ ସମସ୍ତ ସଭ୍ୟମାନେ ପରିଚାଳନା କରିଥିଲେ।

# ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

## ସ୍ୱତନ୍ତ୍ର ବ୍ୟାରିକେଡ୍ ସ୍ଥିତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି

ପୁରୀ,୧୩।୧୨(ଅଜିତ୍ ମହାନ୍ତି)

କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ ବୁଧବାର ପୁରୀ ଆସି ମରିଚିକୋଟ ଛକ ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ନିର୍ମାଣ କରାଯାଉଥିବା ସ୍ୱତନ୍ତ୍ର ବାରିକେଡ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଆଗାମୀ ୨୫ତାରିଖ ମଧ୍ୟରେ ଏହି ସ୍ୱତନ୍ତ୍ର ବାରିକେଡ ବ୍ୟବସ୍ଥାର ନିର୍ମାଣ ଶେଷ ନେଇ ଲକ୍ଷ୍ୟ ରଖାଯାଇଛି। ବଡ଼ଦିନ ଏବଂ ନୂଆବର୍ଷ ଭିଡ଼ ନିୟନ୍ତ୍ରଣରେ ଏହା ସହାୟକ ହେବ ବୋଲି କୁହାଯାଉଛି। ୮୪ମିଟର ଲମ୍ବା ଏହି ଚଲାପଥରେ ୧୦ ଗୋଟି ଧାଡ଼ି ରହିବାକୁ ଥିବାବେଳେ ସମସ୍ତ ପ୍ରକାର ସୁବିଧା ଭକ୍ତମାନଙ୍କ ପାଇଁ ଉପଲବ୍ଧ ରହିବ। ବିଶେଷକରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଇଜି ସିଂ ସୂଚନା ଦେଇ କହିଛନ୍ତି, ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବରେ ଦର୍ଶନ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଉଛି। ଭକ୍ତମାନଙ୍କୁ କିପରି ନିୟନ୍ତ୍ରଣ କରାଯିବ, ପୋଲିସ ନିୟୋଜନ ଆଦି ବିଭିନ୍ନ



କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ ବଡଦାଣ୍ଡରେ ବ୍ୟାରିକେଡ୍ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

କାର୍ଯ୍ୟର ଅନୁଧ୍ୟାନ କରାଯାଇଛି। ପ୍ରତ୍ୟେକ ବର୍ଷ ଡିସେମ୍ବରର ଶେଷ ସପ୍ତାହରେ ପୋଲିସ ପକ୍ଷରୁ ଆରେଞ୍ଜମେଣ୍ଟ କରାଯାଇଥାଏ। ତେବେ ଚଳିତବର୍ଷ ନୂଆ ବ୍ୟାରିକେଡ ନିର୍ମାଣ ହେଉଛି। ଭକ୍ତମାନଙ୍କ ପାଇଁ ଏସିର ବ୍ୟବସ୍ଥା ମଧ୍ୟ ରହିବ। ଏହାଛଡା ଶୌଚାଳୟ, ପାଣି ସହ ବିଭିନ୍ନ ସୁବିଧା ରହୁଛି। ତେଣୁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଦୁଇଦିନ ପୂର୍ବରୁ ଅର୍ଥାତ ୨୩ତାରିଖରୁ ପୋଲିସ ନିୟୋଜିତ କରାଯିବ। ଯାହାଫଳରେ ଲୋକ ମାନେ ଏହି ବ୍ୟାରିକେଡର ସୁବିଧା ପାଇପାରିବେ ଓ ଖାପ ଖୁଆଇ ପାରିବେ। ତେଣୁ ଭକ୍ତଙ୍କ ଦୃଷ୍ଟିରେ ରଖି ୨୩ ତାରିଖ ଠାରୁ ୩୦ ତାରିଖ ଯାଏଁ ଗୋଟିଏ ପ୍ରକାର ପୋଲିସ ଆରେଞ୍ଜମେଣ୍ଟ ହେବ। ସେହିପରି ୩୧ରୁ ୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯିବ। ମୁଖ୍ୟତଃ ୩୧ ତାରିଖ ଓ ଜାନୁଆରୀ ୧ ତାରିଖରେ ଭକ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇବ। ତେଣୁ ୨୩ରୁ ଭକ୍ତଙ୍କୁ ନୂଆ ବ୍ୟାରିକେଡ ସହ ଖାପ ଖୁଆଇବା ପାଇଁ ବ୍ୟବସ୍ଥା କରାଯାଉଛି, ଯାହାଫଳରେ ୩୧ ତାରିଖ ବେଳକୁ ଭକ୍ତଙ୍କୁ କୌଣସି ସମସ୍ୟା ଭୋଗିବାକୁ ପଡ଼ିବନି ଓ ଭକ୍ତମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି ସିଂହ କହିଛନ୍ତି। ତେବେ ସିଂହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ପାନୀୟ ଜଳ ପରିମଳ ଆଦି ବିଭିନ୍ନ ଦିଗକୁ ଗୁରୁତ୍ୱ ଦେଇ ସମୀକ୍ଷା କରିଥିଲେ। ଆଇଜିଙ୍କ ଏହି ସମୀକ୍ଷା କାର୍ଯ୍ୟକ୍ରମରେ ପୁରୀ ଏସ୍‌ପି କେ ବିଶାଲ ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆଗମନର ଶତବାର୍ଷିକୀ ପ୍ରସ୍ତୁତି ବୈଠକ



ପୁରୀ,୧୩।୧୨(ଅଜିତ୍ ମହାନ୍ତି)

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପୁରୀ ଆଗମନର ୧୦୨ ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସଠାରେ ବୁଧବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ଆସନ୍ତା ଜାନୁୟାରୀ ୧୪ରେ ଏହି ଆଗମନ ଦିବସ ପାଳନ କରିବାକୁ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଉତ୍ସବ କମିଟି ପ୍ରଶାସନକୁ ଅନୁରୋଧ କରିଛନ୍ତି। ତେଣୁ ଏହାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ବିଭିନ୍ନ ବିଭାଗ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ତାଳବଣିଆଠାରେ ଆୟୋଜିତ ହେବ। ତେଣୁ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ଗାଡ଼ି ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ସେ ପରାମର୍ଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ବିଭିନ୍ନ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଉତ୍ସବ କମିଟିର ସମ୍ପାଦକ ଡମ୍ବରୁଧର ଦାସ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ପୁରୀ ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଡେପୁଟିକଲେକ୍ଟର ମନୋଜ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ପୁରୀ ୟୁଥ୍ ହୋଟେଲ ପରିସରରେ ଆରମ୍ଭ ଅନୁଷ୍ଠାନ ପକ୍ଷରୁ ୫ମ ଆରମ୍ଭ ମହୋତ୍ସବ-୨୦୨୪ ପାଇଁ ବ୍ରାଉଚର ଉନ୍ମୋଚନ କରାଯାଇଛି।

## 'ଜାତୀୟ ଶିକ୍ଷାନୀତି-୨୦୨୦' ଶୀର୍ଷକ ଜାତୀୟ ପାଠଚକ୍ର

ଚାରିଛକ,୧୩।୧୨(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗ ପକ୍ଷରୁ 'ଜାତୀୟ ଶିକ୍ଷା ନୀତି-୨୦୨୦' ଉଚ୍ଚଶିକ୍ଷାରେ ରୂପାନ୍ତରୀକରଣ ସଂସ୍କାର ଶୀର୍ଷକ ଜାତୀୟ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡକ୍ଟର ସନ୍ତୋଷ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥି ରୂପେ ଉତ୍ତର ପୂର୍ବ ଆଞ୍ଚଳିକ ଶିକ୍ଷା ଅନୁଷ୍ଠାନ ଓ ଏନ୍‌ସିଇଆର୍‌ର ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେଇ ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଇଗୋନ ଆଞ୍ଚଳିକ କେନ୍ଦ୍ର କୋରାପୁଟର ଉପଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା କୁମାରୀ ମିଶ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସ୍ୱର୍ଣ୍ଣରଶ୍ମି ସାହୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ. ଶ୍ରୀଲେଖା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ଜୀନ ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଯୋଗଦେଇଥିଲେ।

## ନିମାପଡ଼ା କଲେଜରେ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମ

ନିମାପଡ଼ା,୧୩।୧୨(ରଞ୍ଜନ ପଟ୍ଟନାୟକ)

ନୂଆ ଓଡ଼ିଶା ଯୋଜନା ରାଜ୍ୟ ସରକାରଙ୍କର ଏକ ଅଭିନବ ଓ ମହତ୍ତ୍ୱାକାଂକ୍ଷୀ ଯୋଜନା। ଏହା ଦ୍ୱାରା ଯୁବବର୍ଗ ମଧ୍ୟରେ ପ୍ରତିଭା ଅନ୍ୱେଷଣ ସହଜ ହୋଇ ପାରିଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା ସ୍ୱୟଂଶାସିତ କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ବୁଧବାର କଲେଜ ଗ୍ୟାଲେରିରେ 'ନୂଆ ଓଡ଼ିଶା' କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଗୀତା ଆବୃତ୍ତି ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସେଠୀ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପୁଷ୍ପିତା ରାଜଗୁରୁ ଏହାର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାବୁତ, ଡ. ରବୀନ୍ଦ୍ରନାଥ ପାଢୀ, ଚନ୍ଦ୍ରମଣି ସାହୁ, ଚିଫ୍ ନୋଡାଲ ଅଫିସର ଅମ୍ବିକା ପ୍ରସାଦ ଷଡ଼ଙ୍ଗୀ, ନୋଡାଲ ଅଫିସର ସ୍ୱପ୍ନାରାଣୀ ମିଶ୍ର, ସମ୍ବିତ ପାତ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ପ୍ରଣିତା ଆଚାର୍ଯ୍ୟ, ଶିଳ୍ପୀକା ମହାରଣା, ଅର୍ଚ୍ଚନା ନାୟକ, ଅବିନାଶ ମିଶ୍ର, ସୁଚରିତା ସାହୁ, ପ୍ରଜ୍ଞା ପରମିତା ଓ ଅଶୋକ ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ ଉଦ୍‌ଯାପିତ

କଣାସ,୧୩।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦୟାବିହାରର ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ପୁରୀ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ପର୍କିତ ୨ଦିନିଆ ପ୍ରଦର୍ଶନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଗତକାଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ବୁଧବାର ଦ୍ୱିତୀୟ ଦିବସରେ ପ୍ରଦର୍ଶନୀର ଶିବିରାର୍ଥୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ପ୍ଲାକାର୍ଡ ଓ ସ୍ଲୋଗାନ୍ ସହିତ ପଲିଥିନ୍‌ର ବ୍ୟବହାର ନ କରିବାକୁ ସଚେତନ ପାଇଁ ଗ୍ରାମ୍ୟ ଭ୍ରମଣ କରିଥିଲେ। ପରେ ପରେ ପୁରୀ ଜିଲାର ଉଚ୍ଚ ବିଦ୍ୟାଳୟରୁ ଆସିଥିବା ବିଜ୍ଞାନ ଶିକ୍ଷକଙ୍କ ସମ୍ମିଳନୀରେ ବିକ୍ରମ ସରା ଭାଇ ମହାକାଶ କେନ୍ଦ୍ର, ତ୍ରିଭେନ୍ଦ୍ରମ୍ ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଡ. ଅଶୋକ କୁମାର ରଥ ଓ ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ତଥା ପଠାଣିସାମନ୍ତ ପ୍ଲାନିଟାରିୟମ୍ ଭୁବନେଶ୍ୱରର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦ୍ର ପଟ୍ଟନାୟକ ଯୋଗଦେଇ ବିଜ୍ଞାନ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷକ ସୁଶାନ୍ତ



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ନରେନ୍ଦ୍ର ଏହାର ସଂଯୋଜନା କରିଥିଲେ। ଅତିଥି ରୂପେ ବରିଷ୍ଠ ବୈଜ୍ଞାନିକ ଡ. ରଥ, ଡ. ଶୁଭେନ୍ଦୁ ପଟ୍ଟନାୟକ, ସହଶିକ୍ଷାଧିକାରୀ ମମତା ମିଶ୍ର, ହିମାଂଶୁ ଭୂଷଣ ସମର୍ଥା, ଶୈଳଜାରାଜ ତନମୟା ଶତପଥୀ, କଣାସ ବିଡିଓ ନାରାୟଣ ସାହୁ, ଜିଲା ବିଜ୍ଞାନ ସୁପରଭାଇଜର ତାପସ ପ୍ରିୟଦର୍ଶୀ ଏବଂ ପୂର୍ବତନ ସୁପରଭାଇଜର ରବୀନ୍ଦ୍ରନାଥ ସ୍ୱାଇଁ, ପ୍ରଧାନ ଶିକ୍ଷକ ବିଜୟ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ପୁରୀ ଜିଲାର ୧୧ ବ୍ଲକରୁ ୫୫ ପ୍ରକଳ୍ପ ଅଂଶଗ୍ରହଣ କରିଥିବାବେଳେ ୫ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, କଣାସ ବ୍ଲକର ସମସ୍ତ ସାଧନକେନ୍ଦ୍ରରେ ସଂଯୋଜକ, ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

## ଏଡି ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବ୍ରହ୍ମଗିରି,୧୩।୧୨(ସ୍ୱାଧୀନ ଚମ୍ପତିରାୟ) ବ୍ରହ୍ମଗିରି ବ୍ଲକ ଅଧୀନ ଅଲାରନାଥ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉକ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ କୁମାର ପାଠୀଙ୍କ ଅଧ୍ୟକ୍ଷତାରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାମାଜିକ, ସାଂସ୍କୃତିକ ଓ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାକୁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉକ୍ତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଲାରନାଥ ମନ୍ଦିର ସଫେଇ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟାପିକା ଊର୍ମିଳା ସ୍ୱାଇଁ ଓ କଲ୍ୟାଣୀ ନନ୍ଦୀ ପରିଚାଳନା କରିଥିଲେ।

## ସମୁଦ୍ରରୁ ମୃତଦେହ ଉଦ୍ଧାର

ପୁରୀ,୧୩।୧୨(ଅଜିତ୍ ମହାନ୍ତି)

ପୁରୀ ବେଳାଭୂମିରୁ ପୋଲିସ ଏକ ଅଜଣା ମୃତଦେହକୁ ଜବତ କରିଛି। ମୃତକ ଜଣେ ପୁରୁଷ ହୋଇଥିବାବେଳେ ତାଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଚକ୍ରତୀର୍ଥ ରୋଡ ଅଞ୍ଚଳରେ ଏକ ଶବ ସମୁଦ୍ରରେ ଭାସୁଥିବା ନେଇ ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏନେଇ ଲୋକମାନେ ପୋଲିସକୁ ଖବର ଦେଇଥିଲେ।

# ବିଭୂତି ଭୂଷଣ ଚମ୍ପତିଙ୍କୁ ବିଶିଷ୍ଟ ଯୁବ ବୈଜ୍ଞାନିକ ପୁରସ୍କାର

## ସାମନ୍ତ ଚନ୍ଦ୍ରଶେଖର ଉଦ୍ଭିଦ ବିଜ୍ଞାନୀ ସଂଘର ୨ୟ ବାର୍ଷିକ ସମ୍ମିଳନୀ

ପୁରୀ, ୧୩।୧୨(ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ସାମନ୍ତ ଚନ୍ଦ୍ରଶେଖର ଉଦ୍ଭିଦ ବିଜ୍ଞାନୀ ସଂଘର ୨ୟ ବାର୍ଷିକ ସମ୍ମିଳନୀ ଉତ୍ସବ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରାଧ୍ୟାପକ ଡ. ବାମନ ଚନ୍ଦ୍ର ଆଚାର୍ଯ୍ୟଙ୍କ ପରିଚାଳନାରେ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ ପୂର୍ବକ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ପରେ ଅନୁଷ୍ଠିତ ସଭାରେ ସଂଘର ଯୁଗ୍ମ ସମ୍ପାଦକ ଡ. ବିଭୂତି ଭୂଷଣ ଚମ୍ପତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପିକା ଡ. ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଡ. ସୁନ୍ଦର ନାରାୟଣ ପାତ୍ର ମୁଖ୍ୟବକ୍ତା ଏବଂ ଡ. ଦେବଦାସ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ଗୁରୁ ଚରଣ ନାୟକ ଅତିଥି ପରିଚୟ ଓ ସଂଘ ସମ୍ପାଦକ ଉଦୟ ଶଙ୍କର ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ପ୍ରଫେସର ପ୍ରଦୀପ କୁମାର ଚାନ୍ଦ, ପ୍ରଫେସର



ବିଭୂତି ଭୂଷଣଙ୍କୁ ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଉଛି।

ଉମାବଲ୍ଲଭ ମହାପାତ୍ର ଓ ପ୍ରଫେସର ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ବିଶିଷ୍ଟ ବରିଷ୍ଠ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ପ୍ରାକ୍ତନ ପ୍ରଫେସର ସୁନ୍ଦର ନାରାୟଣ ପାତ୍ର ଏବଂ ପ୍ରଫେସର ବାମନଚନ୍ଦ୍ର ଆଚାର୍ଯ୍ୟଙ୍କୁ ଉଦ୍ଭିଦ ବିଜ୍ଞାନରେ ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରାଯାଇଥିଲା। ଡ. ଗୌରୀ ପ୍ରସାଦ ନାୟକ, ଡ. ଅଭିମନ୍ୟୁ ଭୂୟାଁ ଏବଂ ଡ. ହରିହର ପ୍ରସାଦ ଦାଶଙ୍କୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ସମେତ ଡ. ବିଭୂତି ଭୂଷଣ ଚମ୍ପତିଙ୍କୁ ବିଶିଷ୍ଟ ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ୨୦୧୦ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଉଦ୍ଭିଦ ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀ ଓ ଉତ୍ତମ ପାଠଚକ୍ର ଉପସ୍ଥାପକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କୁ ଉତ୍ତମ ସ୍ୱେଚ୍ଛାସେବକ ପୁରସ୍କାର ଦିଆଯାଇଥିଲା। ସଂଘର ଯୁଗ୍ମସମ୍ପାଦକ ଅଶୋକ କୁମାର ପୃଷ୍ଟି ଓ କାର୍ଯ୍ୟନିର୍ବାହୀ ସଦସ୍ୟା ଲିପ୍‌ସା ଧନ୍ୟବାଦ ଦେଇଥିଲେ। ୧୯୭୨ ବ୍ୟାଚ୍‌ର ଡ. ନିଖିଳ ଚନ୍ଦ୍ର ବେହେରା, ଡ. ଅଖିଳ ଚନ୍ଦ୍ର ପ୍ରଧାନ, ଡ. ପ୍ରଦୀପ କୁମାର ରଥ, ଡ. ଅନୱାର ହୁସେନଙ୍କ ସହିତ ସଂଘ ସମ୍ପାଦକ ଉଦୟ ଶଙ୍କର ଆଚାର୍ଯ୍ୟ, ଉପସଭାପତି ତଥା ବିଭାଗ ମୁଖ୍ୟ ଡ. ଗୁରୁ ଚରଣ ନାୟକ, କୋଷାଧ୍ୟକ୍ଷ ଅଶୋକ କୁମାର ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ. ସତ୍ୟନାରାୟଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୬୧-ଜିଆରସି-ସିଇ-ସି-ଏଚ୍‌କ୍ୟୁ-୪୪-୨୦୨୩, ତାରିଖ: ୧୨।୧୨।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ଏଚ୍‌କ୍ୟୁ, ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ୩ୟ ଲାଇନ୍ ପ୍ରୋଜେକ୍ଟ ପାଇଁ ବଡ଼ହରଗ୍ଧା/ବାକୁଡିହ/ତାଳଝରି/ ସାହିବଗଞ୍ଜ/ ପିନରଗଡ଼ିଆ/ ରାଜଗ୍ରାମ କ୍ୱାରି ବାଲାଷ୍ଟଠାରେ ଯେକୌଣସି ପ୍ରକାର ରେଲ୍‌ୱେ ୱାଗନ୍/ହପର୍‌ରେ ୫୦ ମିମି ମେଶିନ୍ କ୍ରଶ୍‌ଡ ହାର୍ଡ ଷ୍ଟୋନ୍ ଟ୍ରାକ୍ ବାଲାଷ୍ଟର ପ୍ରସ୍ତୁତି, ଯୋଗାଣ ଓ ବୋଝେଇ (ମାପ ଗନ୍ତବ୍ୟସ୍ଥଳରେ କରାଯିବ) । **ଆନୁମାନିକ ମୂଲ୍ୟ:** ₹୫.୬୮ କୋଟି । **ବିଡ୍ ଅମାନତ:** ₹୪,୩୪,୦୦୦/- । **ସମାପ୍ତି ଅବଧି:** ୦୬ ମାସ । **ସମାପ୍ତି ତାରିଖ:** ତା୦୫।୦୧।୨୦୨୪ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା www.ireps.gov.in ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ । (PR-909)

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୩-୪୧ ତାରିଖ: ୧୧।୧୨।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

**(୧) ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୦୨୩-୪୧ । ନିଲାମ ତାରିଖ: ୨୬।୧୨।୨୦୨୩ । ନିଲାମ ଆରମ୍ଭ ସମୟ: ୧୨.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୪.୪୦ ଘଟିକା ।**

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ: ଖଡ଼ଗପୁର** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
**ତାରିଖ: ୧୧।୧୨।୨୦୨୩**

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ
(PR-914)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧୨।୨୦୨୩

| ୩,୫୬, ୦୮୬ ଟଙ୍କା | |
|---|---|
| ସୁନା | ୧.୨୫୦ ଗ୍ରାମ୍ |
| ରୁପା | ୬୦୦ ମିଲିଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୬ତମ ଜୟନ୍ତୀ, ଜୟଦେବ ବିହାର ସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ପର୍ଯ୍ୟଟନ ପରିଚାଳନା କର୍ମଶାଳା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୨ଟା ୩୦।
- ଶିବ ଶକ୍ତି କ୍ଲବ ପକ୍ଷରୁ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ନାମେଣ୍ଟ, ମିନିଷ୍ଟାଡିୟମ୍, ତମାଣ୍ଡୋ, ଅପରାହ୍ନ ୩ଟା।
- ସୁଜନୀ ଭୁବନେଶ୍ୱର ଆୟୋଜିତ ରାଜ୍ୟସ୍ତରୀୟ ନାରାୟଣ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୫ଟା ୩୦।
- କଳିଙ୍ଗ କଳା କ୍ଷେତ୍ରର 'ସ୍ୱର ସୁଧା', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୧୪ତମ ଭରତ ମୁନି ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ହାବିଲଦାର ଆଣ୍ଡ ସିପଇ ଆସୋସିଏଶନର ୪୪ତମ ବାର୍ଷିକ ଉତ୍ସବ, ଓଏସ୍ଏପି ବାଟାଲିଅନ କ୍ୟାଣ୍ଟିନ ଗ୍ରାଉଣ୍ଡ, ସନ୍ଧ୍ୟା ୭ଟା।

କଟକ ସଦର
- କିରଣଜ୍ୟୋତି ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ପ୍ରତିଭା ପୂଜା ସମ୍ମାନ, ବାରଦା, ଅପରାହ୍ନ ୨ଟା।

ଟିଗିରିଆ
- ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୩, ମହେଶ୍ୱର ନୋଡାଲ ବିଦ୍ୟାପୀଠ, ପୁରୁଣା ଟିଗିରିଆ, ସକାଳ ୯ଟା।

# 'ଆର୍ଥିକ ବ୍ୟବସ୍ଥାର ସଫଳ ପରିଚାଳନା ପ୍ରଗତିର ଆଧାର'

## ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍‌ର ପ୍ରୋବେଶନର

ଭୁବନେଶ୍ୱର, ୧୩।୧୨
(ଅସମାପିକା ସାହୁ)



ରାଜ୍ୟପାଳ ରଘୁବର ଦାସ ଓ ତାଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ପ୍ରୋବେଶନର୍‌ମାନେ।

ସାଧାରଣ ଲୋକଙ୍କ ସେବା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ। ଆର୍ଥିକ ବ୍ୟବସ୍ଥାର ସଫଳ ପରିଚାଳନା ପ୍ରଗତିର ଆଧାର ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ବୁଧବାର ରାଜଭବନର ଅଭିଷେକ ହଲ୍‌ରେ ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍‌ର ୪୯ ଜଣ ପ୍ରୋବେଶନରଙ୍କୁ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଛନ୍ତି, ଯେକୌଣସି ରାଜ୍ୟ ପାଇଁ ଅର୍ଥ ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଯେଉଁ ରାଜ୍ୟ ଆର୍ଥିକ ସ୍ତରରେ ଯେତେ ସ୍ୱଚ୍ଛଳ ଓ ସଶକ୍ତ ହେବ ସେହି ରାଜ୍ୟର ବିକାଶ ସେତେ ତ୍ୱରାନ୍ୱିତ ହେବ। ତେଣୁ ଅର୍ଥ (ସମ୍ବଳ) ସଂଗ୍ରହ ଓ ଏହାର ଉପଯୁକ୍ତ ବିନିଯୋଗ ଦିଗରେ ରାଜ୍ୟ ଅର୍ଥସେବା ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ରହିଛି। ଯୋଜନା ପ୍ରଣୟନ ସମୟରେ ଅର୍ଥର ଯେପରି ଅଭାବ ନ ରହେ ଓ ଆବଣ୍ଟିତ ଅର୍ଥ ଯୋଜନାର ଉଦ୍ଦେଶ୍ୟ ସାଧନ ଦିଗରେ ଏହାର କାର୍ଯ୍ୟକାରିତାରେ କୌଣସି ବ୍ୟତିକ୍ରମ ନ ହୁଏ, ତାହା ସୁନିଶ୍ଚିତ କରିବା ଅର୍ଥସେବା ଅଧିକାରୀଙ୍କ ପାଇଁ ପ୍ରାଥମିକତା ରହିବ। ଦାୟିତ୍ୱ ନିର୍ବାହ ସମୟରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଚାପ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ ସେମାନଙ୍କୁ ନିୟମ କାନୁନ୍ ଓ ବ୍ୟବସ୍ଥା ସମ୍ପର୍କରେ ଅଭ୍ୟସ୍ତ ରହିବା ସହିତ ନିର୍ଭୀକ ଭାବେ ତଥ୍ୟ ଉପସ୍ଥାପନ କରିବାକୁ କହିଥିଲେ। ଉଭୟ ଆଭ୍ୟନ୍ତରୀଣ ଅଡିଟ୍ ଏବଂ ସିଏଜି ଅଡିଟ୍ ନିୟମିତ ଭାବେ କରାଗଲେ ଅର୍ଥର ଅପବ୍ୟୟ ରୋକାଯିବା ସହ ଖିଲାପକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରିବ। ରାଜ୍ୟର ଅର୍ଥସେବା ଅଧିକାରୀ ଭାବେ ପ୍ରଶିକ୍ଷାର୍ଥୀମାନେ ଏ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଖଣିଜ ସମ୍ପଦ ରାଜ୍ୟ ପାଇଁ ପ୍ରକୃତିର ଆଶୀର୍ବାଦ। ଏହାର ଉପଯୁକ୍ତ ବିନିଯୋଗ ଦ୍ୱାରା ରାଜ୍ୟର ସମ୍ବଳ ବୃଦ୍ଧି ହୋଇପାରିବ। କିନ୍ତୁ ଆର୍ଥିକ ଅବ୍ୟବସ୍ଥା କଦାପି ଗ୍ରହଣୀୟ ନୁହେଁ, ଯାହା ରାଜ୍ୟ ହିତର ବିପରୀତ। ତେଣୁ ଏ ଦିଗରେ ଅଧିକ ସତର୍କତା ଅବଲମ୍ବନ ଜରୁରୀ ବୋଲି ରାଜ୍ୟପାଳ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାଗତ ଅଭିଭାଷଣରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରୋବେସନରମାନଙ୍କୁ ନିଜ ବୁଦ୍ଧି ଓ ବିବେକ ଅନୁମୋଦିତ କାର୍ଯ୍ୟ କରିବା ସହ ପ୍ରତ୍ୟେକ ଆହ୍ୱାନର ଉଚିତ ମୁକାବିଲା କରିବାକୁ କହିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ଅର୍ଥସେବା-୨୦୨୦ ବ୍ୟାଚ୍‌ର ମୋଟ ୯୮ ପ୍ରୋବେଶନର୍‌ଙ୍କ ମଧ୍ୟରୁ ୪୯ ଜଣ ଭୁବନେଶ୍ୱରସ୍ଥିତ ମଧୁସୂଦନ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍‌ସିଆଲ୍ ମ୍ୟାନେଜ୍‌ମେଣ୍ଟରେ ଗତ ଜାନୁୟାରୀରୁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ପ୍ରଶିକ୍ଷଣ ଆସନ୍ତା ଜାନୁୟାରୀରେ ସମାପ୍ତ ହେବ। ପ୍ରଶିକ୍ଷଣ ଅଧୀନରେ ଆୟୋଜିତ ଏହି 'ଏକ୍ସପୋଜର୍ ଭିଜିଟ୍'ରେ ପ୍ରଶିକ୍ଷାର୍ଥୀମାନେ ରାଜ୍ୟପାଳଙ୍କୁ ଭେଟିଥିଲେ। ପ୍ରାରମ୍ଭରେ ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ବିଭୁଦତ୍ତ ଆଚାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦୁଇଜଣ ପ୍ରୋବେଶନର୍ ସେମାନଙ୍କ ପ୍ରଶିକ୍ଷଣ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ।



ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ଠାରେ ବୁଧବାର ଆୟୋଜିତ ୟଙ୍ଗ୍ ଆଷ୍ଟ୍ରୋନୋମର ଟ୍ୟାଲେଣ୍ଟ ସର୍ଚ୍ଚ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ନନ୍ଦନକାନନରେ ଶମ୍ବର ଅସୁସ୍ଥ

ବାରଙ୍ଗ,୧୩।୧୨(ଲିଙ୍ଗରାଜ ରାଉତ): ନନ୍ଦନକାନନ ପ୍ରାଣୀଉଦ୍ୟାନରେ ୨ ଦିନ ବ୍ୟବଧାନ ପରେ ପୁଣି ଗୋଟିଏ ଶମ୍ବର ଅସୁସ୍ଥ ହୋଇପଡ଼ିଛି। କିଛି ଦିନ ତଳେ ଚଉଶିଙ୍ଗା, ଜଳହସ୍ତୀ ଅସୁସ୍ଥ ହୋଇ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିବାବେଳେ ଶମ୍ବରର ଅସୁସ୍ଥତାକୁ ନେଇ କର୍ତ୍ତୃପକ୍ଷଙ୍କୁ ବ୍ୟଥିତ କରିଛି। ସୂଚନାଯୋଗ୍ୟ ଯେ, ପ୍ରାଣୀଉଦ୍ୟାନର ୩୭ ଓ ୩୮ ନଂ. ଏନ୍‌କ୍ଲୋଜରରେ ରହୁଥିବା ଶମ୍ବରମାନଙ୍କ ମଧ୍ୟରେ ବୁଧବାର ନିଜ ନିଜ ମଧ୍ୟରେ ମାରପିଟ୍ ହୋଇ ଗୋଟିଏ ଅଣ୍ଡିରା ସମ୍ବର ଖଣ୍ଡିଆ ଖାବରା ହୋଇ ଅସୁସ୍ଥ ହୋଇପଡ଼ିଥିଲା। ସେଠାରେ କାମ କରୁଥିବା କର୍ମଚାରୀ ଏହା ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ।

# ପୋଲିସ ଭ୍ୟାନ୍‌କୁ ବୋମାମାଡ଼, ୩ ଗିରଫ

ଖୁଣ୍ଟୁଣୀ, ୧୩।୧୨(ସଚ୍ଚିଦାନନ୍ଦ ପଣ୍ଡା)





ଫେରାର ଗୋଚାଲାଣକାରୀଙ୍କୁ ଧରିବା ପାଇଁ ଉଦ୍ୟମବେଳେ ଖୁଣ୍ଟୁଣୀ ପୋଲିସ ଭ୍ୟାନ୍ ଉପରକୁ ବୋମାମାଡ ହୋଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଟିଗିରିଆ ଥାନା ଅଧୀନ କରଡାପଲ୍ଲୀ ଗ୍ରାମର ଟିଶ ଓରଫ ସେକ୍ ଅବ୍‌ଦୁଲ୍ ଅଜିମ, ତାଙ୍କ ସହଯୋଗୀ ମୟୂରଭଞ୍ଜର ଦିଲ୍ଲୀପ ପାଣିଗ୍ରାହୀ ଓ କେଉଁଝରର ସୁମନ୍ତ କୁମାର ଶିଖର। ସେମାନେ ବ୍ୟବହାର କରୁଥିବା ଏକ କାର, ଅଫୁଟା ବୋମା, ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୩୭/୨୩) ରୁଜୁ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ଦୁଇମାସ ତଳେ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଖୁଣ୍ଟୁଣୀ ପୋଲିସ ଅଟକାଇବାବେଳେ ଗୋଚାଲାଣକାରୀ ଟିଶ ଫେରାର ହୋଇଯାଇଥିଲେ। ତାଙ୍କ ନାମରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଟିଶ ଏକ କାରରେ ଅନୁଗୋଳ ଆଡୁ ଆସୁଥିବା ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଖବର ପାଇଥିଲେ। ତାଙ୍କୁ କାବୁ କରିବା ପାଇଁ ଏସ୍ଆଇ ଶେଷଦେବ ରାଜ ଓ ବିକାଶ ସେଠୀଙ୍କୁ ଆଇଆଇସି ପଠାଇଥିଲେ। ପୋଲିସ ଭ୍ୟାନ୍ ୫୫ ନମ୍ବର ଜାତୀୟ ରାଜପଥର ଅଡ଼ାକ ଗଡ଼ାଠାରେ ଜଗି ରହିଥିଲା। ପୋଲିସକୁ ଦେଖି କାର ଚାଳକ ଦ୍ରୁତ ଗତିରେ ଖୁଣ୍ଟୁଣୀ ଆଡ଼କୁ ପଳାଇ ଯାଇଥିଲେ। ପରେ ପୋଲିସ କର୍ମଚାରୀ ଭ୍ୟାନ୍‌ରେ ଉକ୍ତ କାର୍‌ର ପିଛା କରିଥିଲେ। କାର ଚାଳକ ହଠାତ୍ ମହାଲକ୍ଷ୍ମୀପୁର ରାସ୍ତାରେ ପଳାଇ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇ ଦେଇଥିଲା। ହଠାତ୍ କାର ମଧ୍ୟରୁ ଜଣେ ଅଭିଯୁକ୍ତ ପୋଲିସ ଭ୍ୟାନ୍ ଉପରକୁ ବୋମା ଫିଙ୍ଗିଥିଲେ। ହେଲେ ପୋଲିସ ସେମାନଙ୍କୁ କାବୁ କରି ଥାନାକୁ ଆଣିଥିଲା।

## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)

ପୋଖରୀରେ ବୁଡ଼ିଯିବାରୁ ବୁଧବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ବାଉଁଶମୂଳ ଗ୍ରାମର ଗୋପାଳ ପ୍ରଧାନଙ୍କ ପୁଅ ସତ୍ୟବ୍ରତ। ସେ ଦାଶରଥି ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ। ସୂଚନା ମୁତାବକ, ସତ୍ୟବ୍ରତ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଜୟ


@ ଯୋଗେଶ୍ୱର


@ ପୂଜା


@ ଜିତେନ୍ଦ୍ର


@ ରକି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଡ. ଅରୁଣା ମହାନ୍ତିଙ୍କୁ ଆଚାର୍ଯ୍ୟ ନନ୍ଦିକେଶ୍ୱର ସମ୍ମାନ

ଭୁବନେଶ୍ୱର,୧୩।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)



ଅତିଥିମାନେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତିଙ୍କୁ ଆଚାର୍ଯ୍ୟ ନନ୍ଦିକେଶ୍ୱର ସମ୍ମାନରେ ସମ୍ମାନିତ କରୁଛନ୍ତି।

ପଦାମୃତ ନୃତ୍ୟ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଉର୍ଜା ନୃତ୍ୟ ଓ ସଙ୍ଗୀତ ମହୋତ୍ସବ-୨୦୨୩ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ବୁଧବାର ଆରମ୍ଭ ହୋଇଛି। ସନ୍ଧ୍ୟାରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସଞ୍ଜୀବ ଚନ୍ଦ୍ର ହୋତା, ଓଡ଼ିଶୀ ନୃତ୍ୟ ଗୁରୁ କୁମ୍‌କୁମ୍ ମହାନ୍ତି, ଗୁରୁ ନିରଞ୍ଜନ ରାଉତ, ସନ୍ଥ ଅରୁଣ କୁମାର ଗାଙ୍ଗୁଲି ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଗୁରୁ ଡ. ଅରୁଣା ମହାନ୍ତିଙ୍କୁ ଆଚାର୍ଯ୍ୟ ନନ୍ଦିକେଶ୍ୱର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ଦକ୍ଷିଣା ସ୍ୱରୂପ ତାଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଡ. ମହାନ୍ତିଙ୍କ ଛାତ୍ର ବିଜନ କୁମାର ପଲାଇ ମହୋତ୍ସବକୁ ପରିଚାଳନା କରିଥିଲେ। ପି. ଗୁଲସନ କୁମାର ଏବଂ ଜୟଗୁରୁ ପ୍ରଧାନଙ୍କ ଦ୍ୱାରା ଯତି ତାଳରେ ଆଧାରିତ ଯୁଗ୍ମ ମର୍ଦ୍ଦଳ ବାଦନରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଚନ୍ଦ୍ରଶେଖର ବିଶ୍ୱାଳଙ୍କ ଦ୍ୱାରା ଏକକ ଓଡ଼ିଶୀ ସଙ୍ଗୀତ ଗାୟନ, ଅନୁଷ୍ଠାନର କନିଷ୍ଠ ବର୍ଗର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଶାନ୍ତାକାରମ, ଦୀପମ ଜ୍ୟୋତି ଓ ଗଣେଶ ବନ୍ଦନା ନୃତ୍ୟ ପରିବେଷଣ ହୋଇଥିଲା। ଏହା ପରେ ଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାନ ଉଦ୍ଧାରଣ ନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଶା ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀ ଦୀପ୍ତିରଞ୍ଜନ ବରାଳ ଓ ଶ୍ରୀପୁଣ୍ୟା ମହାନ୍ତିଙ୍କ ଦ୍ୱାରା ଅର୍ଜୁନ ଦୁଇ ଅଧ୍ୟାୟ ନୃତ୍ୟ ପରିବେଷଣ ତଥା ଶେଷ ପର୍ଯ୍ୟାୟରେ ଗୁରୁ ଲିଙ୍ଗରାଜ ପ୍ରଧାନଙ୍କ ନୃତ୍ୟ ଦଳର ଛାତ୍ରଙ୍କ ଦ୍ୱାରା ରାମାଷ୍ଟକମ ଓ ମହାକାଳୀ ନୃତ୍ୟ ଉପସ୍ଥାପିତ ହୋଇଥିଲା। ସୌମ୍ୟା ସୁଚରିତା ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ଭିଜିଲାନ୍ସ ଜାଲରେ ନୟାଗଡ଼ ଜିଲା ସବ୍‌ରେଜିଷ୍ଟ୍ରାର

## ବାସଗୃହ ସମେତ ଏକକାଳୀନ ୫ ସ୍ଥାନରେ ଚଢ଼ାଉ, ବିପୁଳ ସମ୍ପତ୍ତି ଠାବ

ଭୁବନେଶ୍ୱର,୧୩।୧୨
(ସୂର୍ଯ୍ୟକାନ୍ତ ବେହେରା)


ଶାଶ୍ୱତ କୁମାର ପଟ୍ଟନାୟକ

ନୟାଗଡ଼ ଜିଲା ସବ୍‌ରେଜିଷ୍ଟ୍ରାର୍ ଶାଶ୍ୱତ କୁମାର ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ପୈତୃକ ବାସଭବନ ଓ କାର୍ଯ୍ୟାଳୟ ସମେତ ୫ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଭିଜିଲାନ୍ସ ଟିମ୍ କେନ୍ଦ୍ରାପଡ଼ାରେ ଥିବା ତାଙ୍କର ୨ଟି ଦୁଇମହଲା କୋଠା ଓ ୬ଟି ପ୍ଲଟ ଠାବ କରିଛି। ସେହିପରି ଏକ ଚାରିଚକିଆ ଯାନ, ୩ଟି ଦୁଇଚକିଆ ଯାନ ଓ ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ସମ୍ପତ୍ତି ଜବତ କରିଛି, ଯାହାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ ୧୧ ଲକ୍ଷ ଟଙ୍କା ରହିଥିବା ଜଣାପଡ଼ିଛି। ଶାଶ୍ୱତଙ୍କର କେନ୍ଦ୍ରାପଡ଼ା ସହର ତାଳବରଙ୍ଗାଠାରେ ୨.୩୫୦ ବର୍ଗଫୁଟ ବିଶିଷ୍ଟ ଏକ ଦୁଇମହଲା କୋଠା, କୁଦାନଗରୀ ଥାନା ଅନ୍ତର୍ଗତ ତଳଗାଁରେ ପ୍ରାୟ ୨,୧୦୦ ବର୍ଗଫୁଟର ଅନ୍ୟ ଏକ ଦୁଇମହଲା କୋଠା ସମେତ କଟକ, ଜଟଣୀ, ଖୋର୍ଦ୍ଧା ଏବଂ କେନ୍ଦ୍ରାପଡ଼ା ଟାଉନରେ ତାଙ୍କ ପରିବାର ନାଁରେ ପ୍ଲଟ ଥିବା ଭିଜିଲାନ୍ସ ଟିମ୍ ତଦନ୍ତ ବେଳେ ଜାଣିବାକୁ ପାଇଛି। ତେଣୁ ଏସବୁର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ ଅଧିକ ଖୋଳତାଡ଼ ଚଳାଇଛି। ଅପରପକ୍ଷେ ଶାଶ୍ୱତଙ୍କ ପକ୍ଷରୁ ଜମି ବେପାର କରୁଥିବା ୨ଜଣ ଏଜେଣ୍ଟଙ୍କୁ ୬ ଲକ୍ଷ ୫୪ ହଜାର ୫୦୦ ଟଙ୍କା ଅଗ୍ରିମ ପ୍ରଦାନ କରାଯାଇଛି ବୋଲି ଭିଜିଲାନ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭୁବନେଶ୍ୱର ଭିଜିଲାନ୍ସ ସ୍ପେଶାଲ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସର ୮ଜଣ ଡିଏସ୍‌ପି, ୬ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ନୟାଗଡ଼ର ଦେବୋତ୍ତର କଲୋନିରେ ଥିବା ଶାଶ୍ୱତଙ୍କ ଭଡ଼ା ଘର, କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲା ତାଳବରଙ୍ଗାସ୍ଥିତ ଘର, ତଳଗାଁରେ ଥିବା ପୈତୃକ ଘର ଏବଂ ପାଟକୁରାସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରେ ଏକକାଳୀନ ଚଢାଉ କରିଥିଲେ। ଚଢାଉ ଜାରି ରହିଥିବାରୁ ଅଧିକ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜାଲାନ୍ସ ପକ୍ଷରୁ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାମୂହିକ ଉଦ୍ୟମ ଲୋଡ଼ା

## ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ

ବିଶ୍ୱର ବଢୁଥିବା ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ଶକ୍ତି ଉତ୍ସ ସଞ୍ଚୟ ଦିଗରେ ପ୍ରୟାସକୁ ପ୍ରୋତ୍ସାହିତ କରାଯାଇଥାଏ। ଦୈନନ୍ଦିନ ଜୀବନରେ ଶକ୍ତି ବ୍ୟବହାର, ସଂରକ୍ଷଣ, ଅଭାବ ଓ ବିଶ୍ୱର ଇକୋସିଷ୍ଟମର ସ୍ଥାୟିତ୍ୱ ଉପରେ ଏହାର ପ୍ରଭାବକୁ ଦର୍ଶାଇବା ପାଇଁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯିବାର ମୁଖ୍ୟ ଲକ୍ଷ୍ୟ। ଶକ୍ତି ଉପରେ ମାନବଜାତିର ଭବିଷ୍ୟତ ସାମ୍ନା କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

ଶକ୍ତି ବ୍ୟବହାରକୁ ପ୍ରାୟତଃ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ବିବେଚନା କରାଯାଏ। ବିଶ୍ୱର ବିଭିନ୍ନ ଦେଶର ଅଗ୍ରଗତି ସହିତ ଶକ୍ତି ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ବ୍ୟବହାର ଅନୁପାତରେ ବର୍ତ୍ତମାନର ଗଚ୍ଛିତ ଥିବା ତୈଳ ପ୍ରାୟ ୪୫ ବର୍ଷ, ଗ୍ୟାସ ପ୍ରାୟ ୬୫ ବର୍ଷ, କୋଇଲା ପ୍ରାୟ ୨୦୦ ବର୍ଷ ପରେ ଶେଷ ହୋଇଯିବ ବୋଲି ଆକଳନ କରାଯାଇଛି। ତେଣୁ ସବୁଜ ବିକଳ୍ପ ଶକ୍ତି ଉତ୍ସ ବ୍ୟବହାର କରିବା ଅପରିହାର୍ଯ୍ୟ ହୋଇ ପଡିଛି। ଯାହା ଦ୍ୱାରା ବିଶ୍ୱତାପନ ଏବଂ ପ୍ରଦୂଷଣ ମାତ୍ରା ହ୍ରାସ ପାଇ ପାରିବ। ଶକ୍ତି ବ୍ୟବହାର ହେଉଛି ବିଶ୍ୱରେ ବୃଦ୍ଧି ପାଉଥିବା ତାପମାତ୍ରାର ଏକ ପ୍ରମୁଖ କାରଣ। ଯାହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଭାରତରେ ଶକ୍ତି ସଂରକ୍ଷଣ ଆଇନ, ୨୦୦୧ ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ)ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଶକ୍ତି ଦକ୍ଷତା ବ୍ୟୁରୋ ହେଉଛି ଏକ ସାମ୍ବିଧାନିକ ସଂସ୍ଥା ଯାହା ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରେ ଏବଂ ଶକ୍ତି ବ୍ୟବହାରକୁ ହ୍ରାସ କରିବା ପାଇଁ ନୀତି ତଥା ରଣନୀତିର ବିକାଶରେ ସାହାଯ୍ୟ କରେ।



## ଭିକ୍କିଙ୍କ ସହ ରୋମାନ୍ସ କରିବେ ତ୍ରିପ୍ତି



ମୁମ୍ବାଇ

ଅଭିନେତା ରଣବୀର କପୁରଙ୍କ ଫିଲ୍ମ 'ଆନିମଲ' ରିଲିଜ୍ ପରେ ଏବେ ବକ୍ସ ଅଫିସରେ ଧମାଲ କରୁଛି। ରଣବୀରଙ୍କ ସହ ମୁଭିରେ ମୁଖ୍ୟ ଚରିତ୍ରରେ ନଜର ଆସିଥିବା ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କ ବ୍ୟତୀତ ଅଭିନେତ୍ରୀ ତ୍ରିପ୍ତି ଡିମ୍ରି ଏବେ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ସେ ଫିଲ୍ମରେ କିଛି ସମୟ ପାଇଁ ଥିଲେ ମଧ୍ୟ ଦର୍ଶକଙ୍କ ମନକୁ ଜିଣି ପାରିଛନ୍ତି। ଚଳଚ୍ଚିତ୍ରର କିଛି ସିନ୍ ପାଇଁ ରାତାରାତି ଷ୍ଟାର ପାଲଟିଥିବା ତ୍ରିପ୍ତିଙ୍କୁ ଏବେ ଆଉ ଏକ ପ୍ରୋଜେକ୍ଟ ମିଳିଛି। ସେ ଅଭିନେତା ଭିକ୍କି କୌଶଲଙ୍କ ସହ ଆଗାମୀ ଫିଲ୍ମରେ ନଜରକୁ ଆସିବାକୁ ଯାଉଛନ୍ତି। ଭିକ୍କିଙ୍କ ସହିତ ତାଙ୍କର କିଛି ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଆନନ୍ଦ ତିୱାରୀଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମରେ ଦୁହେଁ ଏକାଠି ନଜରକୁ ଆସିବେ ବୋଲି ଜଣାପଡ଼ିଛି। ତେବେ ଗତ ବର୍ଷ କ୍ରୋସିଆରେ ଶୁଟ୍ କରାଯାଇଥିବା ଫିଲ୍ମର ଏକ ଗୀତର କିଛି ଫଟୋ ଏବେ ଭାଇରାଲ ହେଉଛି। ତ୍ରିପ୍ତି 'ଆନିମଲ'ରେ ଜୋୟା ଚରିତ୍ରରେ ନଜରକୁ ଆସିଥିଲେ। ଆନିମଲ ପାଇଁ ଏବେ ତ୍ରିପ୍ତିଙ୍କ ପାଖକୁ ବଡ଼ ବଡ଼ ଫିଲ୍ମର ଅଫର ଆସୁଥିବା ଜଣାପଡ଼ିଛି। ତ୍ରିପ୍ତି ୨୦୧୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଆଉ କିଛି ଫିଲ୍ମ କରିଥିଲେ ମଧ୍ୟ ବେଶି ଲୋକଲୋଚନକୁ ଆସିପାରି ନ ଥିଲେ। ଏବେ ତାଙ୍କ ପାଖରେ ଆଉ ୨ଟି ମୁଭି ରହିଛି।

## ଗର୍ଭବତୀ ହେବାକୁ ଆସନ୍ତି ବିଦେଶୀ ମହିଳା

ଲେହ

ପ୍ରତ୍ୟେକ ଦମ୍ପତି ଚାହାନ୍ତି ଯେ ତାଙ୍କ ସନ୍ତାନ ସୁସ୍ଥ, ସୁନ୍ଦର ହୋଇଥାନ୍ତୁ। ଏହି କାରଣରୁ କିଛି ଲୋକ ତାଙ୍କ ପିଲାଙ୍କ ରୂପ ରଙ୍ଗ ସୁଧାରିବାକୁ ଏପରି କିଛି କରିଥାନ୍ତି, ଯାହା ଅଜବ ହୋଇଥାଏ। ପ୍ରେଗ୍ନେସି ଟୁରିଜମ୍ ମଧ୍ୟ ଏପରି ଏକ ଅଜବ ଚିନ୍ତାଧାରା। ଭାରତରେ ଏପରି ଏକ ଅଞ୍ଚଳ ରହିଛି, ଯାହା କିଛି ବିଦେଶୀ ମହିଳାଙ୍କ ପାଇଁ ବେଶ୍ ପ୍ରସିଦ୍ଧ। ଏଠାକୁ ଏହି ମହିଳାମାନେ ଗର୍ଭବତୀ ହେବାକୁ ଆସିଥାନ୍ତି। ତେବେ ବର୍ତ୍ତମାନ ସମୟରେ ଏହି ଘଟଣା ଏକ କଳ୍ପନା ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଲଦାଖ ରାଜଧାନୀ ଲେହଠାରୁ ପାଖାପାଖି ୧୬୦ କି.ମି. ଦୂରରେ ବିୟାମା, ଡାହ, ହାନୁ, ଗାରକୋନ, ଦାରଚିକ ଭଳି କିଛି ଗାଁ ରହିଛି। ଯେଉଁଠାରେ ପ୍ରାୟ ୫ ହଜାର ଲୋକ ରୁହନ୍ତି। ଲଦାଖର ଏହି ଅଞ୍ଚଳରେ ବ୍ରୋକ୍‌ପା ନାମକ ସମୁଦାୟ ରହୁଥିଲେ। ବ୍ରୋକ୍‌ପା ସମୁଦାୟ ଲୋକଙ୍କ କହିବା କଥା, ସେମାନେ ଦୁନିଆର ସବୁଠୁ ଶୁଦ୍ଧ ଆର୍ଯ୍ୟ ସମ୍ପ୍ରଦାୟର। ପୂର୍ବରୁ ଇଣ୍ଡୋ-ଇରାନୀ ଅଞ୍ଚଳର ଲୋକଙ୍କୁ ଆର୍ଯ୍ୟ କୁହାଯାଉଥିଲା। ହେଲେ ପରେ ଇଣ୍ଡୋ-ୟୁରୋପିଆନ ଅଞ୍ଚଳର ଲୋକଙ୍କୁ ଆର୍ଯ୍ୟ କୁହାଗଲା। କୁହାଯାଏ କି ଏମାନେ ସିକନ୍ଦରଙ୍କ ସେନାରେ ସୈନିକ ଥିଲେ। ଯେତେବେଳେ ସିକନ୍ଦର ଭାରତ ଆସିଥିଲେ, ସେତେବେଳେ ତାଙ୍କର କିଛି ସୈନିକ ସିନ୍ଧୁ ଘାଟିରେ ରହିଯାଇଥିଲେ। ଲଦାଖର ଅନ୍ୟ ଲୋକଙ୍କଠାରୁ ତାଙ୍କ ଗଢ଼ଣ କିଛି ଅଲଗା ପ୍ରକାରର। ସେମାନେ ଅଧିକ ଉଚ୍ଚ, ଗୋରା ରଙ୍ଗ ହୋଇଥାନ୍ତି। ହେଲେ ଏ ପର୍ଯ୍ୟନ୍ତ ସେମାନେ ଶୁଦ୍ଧ ଆର୍ଯ୍ୟ ବୋଲି କୌଣସି ପ୍ରମାଣ ହୋଇନି। ତଥାପି ଜର୍ମାନୀ ସମେତ ୟୁରୋପର ଅନ୍ୟ ଦେଶରୁ ମହିଳାମାନେ ଏଠାକୁ ତାଙ୍କ ପିଲାଙ୍କ ରୂପ, ରଙ୍ଗ ପାଇଁ ଗର୍ଭବତୀ ହେବାକୁ ଆସୁଥିଲେ। ଏଥିପାଇଁ ଏହାକୁ ପ୍ରେଗ୍ନେସି ଟୁରିଜମ୍ ନାମ ଦିଆଯାଇଛି।




## ଦ୍ୱିତୀୟ ବୟସ୍କା ମହିଳା ତତ୍‌ସୁମିଙ୍କ ମୃତ୍ୟୁ

ମୁମ୍ବାଇ



ପୃଥିବୀର ଦ୍ୱିତୀୟ ବୟସ୍କା ମହିଳା ଜାପାନର ଫୁସା ତତ୍‌ସୁମିଙ୍କ ୧୧୬ ବର୍ଷ ବୟସରେ କାଶିୱାରା ସହରର ଏକ ନର୍ସିଂହୋମ୍‌ରେ ମଙ୍ଗଳବାର ପରଲୋକ ଘଟିଛି। ସେ ତାଙ୍କ ପସନ୍ଦର ଖାଦ୍ୟ 'ବିନ ପେଷ୍ଟ ଜେଲି' ଖାଇବା ପରେ ଦେହତ୍ୟାଗ କରିଥିଲେ। ବାର୍ଦ୍ଧକ୍ୟ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଗତବର୍ଷ ୧୧୯ ବର୍ଷୀୟା କେନ ତାନାକାଙ୍କ ମୃତ୍ୟୁ ପରେ ତତ୍‌ସୁମିଙ୍କୁ ସବୁଠାରୁ ବୟସ୍କା ଭାବେ ମାନ୍ୟତା ମିଳିଥିଲା। ଗତବର୍ଷ ଏପ୍ରିଲରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ତାନାକାଙ୍କୁ ଦୁନିଆର ସବୁଠୁ ବୟସ୍କ ବ୍ୟକ୍ତିର ମାନ୍ୟତା ଦେଇଥିଲା। ତତ୍‌ସୁମିଙ୍କୁ ପୃଥିବୀର ୨୭ତମ ଓ ଜାପାନର ୭ମ ବୟସ୍କା ମହିଳା ଭାବେ ଗଣାଯାଉଛି। ତତ୍‌ସୁମି ୧୯୦୭ ମସିହାରେ ଜନ୍ମ ହୋଇଥିବାବେଳେ ସେ ତାଙ୍କ ୩ ସନ୍ତାନ ଓ ସ୍ୱାମୀଙ୍କ ସହିତ ଓସାକାରେ ରହୁଥିଲେ। ବୃଦ୍ଧାବସ୍ଥା ଯୋଗୁ ସେ ନିକଟରେ ଅଧିକାଂଶ ସମୟ ଧରି ମେଡିକାଲ ଶଯ୍ୟାରେ ସମୟ ବିତାଇଥିଲେ। ରିପୋର୍ଟ ମୁତାବକ, ଆଗରୁ ତତ୍‌ସୁମିଙ୍କ ସେପରି କିଛି ସ୍ୱାସ୍ଥ୍ୟ ସମସ୍ୟା ନ ଥିଲା। ଏଥିସହ ସେ କେବେ ବିଗୁରୁତର ମଧ୍ୟ ହୋଇନାହାନ୍ତି। କିନ୍ତୁ ୭୦ ବର୍ଷ ବୟସରେ ସେ ପଡ଼ିଯାଇଥିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ତାଙ୍କୁ ଗଛ ଲଗାଇବା ସହ ଜାପାନିଜ୍ ଚା' ଉତ୍ସବ ଏବଂ ଫୁଲ ଗୁନ୍ଥିବା ବହୁତ ପସନ୍ଦ ଥିଲା। ୧୦୬ ବର୍ଷ ବୟସରେ ମଧ୍ୟ ସେ ମେଡିକାଲରେ ଥିବାବେଳେ ତାଙ୍କର ସେହି ଅଭ୍ୟାସ ଜାରି ରଖିଥିଲେ। ତତ୍‌ସୁମିଙ୍କ ବଡ଼ ପୁଅ ୭୬ ବର୍ଷୀୟ କାଞ୍ଜି କହିଛନ୍ତି, ତାଙ୍କ ମା' ଏହି ବୟସ ପର୍ଯ୍ୟନ୍ତ ବଞ୍ଚିକରି ଭଲ କରିଛନ୍ତି। ଓସାକା ରାଜ୍ୟପାଳ ହିରୋଫୁମି ୟୋସିମୁରା ତତ୍‌ସୁମିଙ୍କ ମୃତ୍ୟୁରେ ସୋସିଆଲ ମିଡିଆ 'ଏକ୍ସ'ରେ ସମବେଦନା ଜଣାଇଛନ୍ତି। ଚଳିତବର୍ଷ ସେପ୍ଟେମ୍ବରରେ ତତ୍‌ସୁମିଙ୍କ ଦୀର୍ଘାୟୁ ପାଳନ ଅବସରରେ ଆୟୋଜିତ ଏକ ପାର୍ଟିରେ ସେ ସୁସ୍ଥ ଥିବା ୟୋସିମୁରା ମନେ ପକାଇଥିଲେ।


# Classified Everyday 0674-2580101, 2549949


REAL ESTATE

**SALE**

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 8249310759. D-75282

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FOR RENT

Commercial Space at District Centre Chandrasekharpur, Bhubaneswar 1720 Sqft, Ground Floor, Suitable for Bank/Corporate/Reputed Company. Contact- 6370861890. D-2004


Healthcare

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

**Full Body massage by experience therapist @999 only- 9078484455 (Bhubaneswar).** D-1928

Relax, refresh your body, mind by expert therapist. Contact- 8338800330. D-75175

Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999

**Newly healthcare benefited SPA experience therapist in Bhubaneswar. Contact- 9938843929.** D-75177


BUSINESS

କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

**LOST**

Sale Deed & ROR Lost
It is hereby inform that Original Sales deed bearing No. 1095 dt.23.04.2001, Kahata No. 299, Plot No.11, executed by Bichitrananda Kanoongo in favour of Bairibandhu Behera & OLR Case No.1168/2009 has been lost by me on dt.05.12.2023 at 2.30 P.M. on the way while coming Badambadi Bus Stop at Badambadi to my house Plot No.B/1555, Sec.-6, Markatnagar, CDA, Bidanasi, Cuttack-753014, if found I request to handover me and not to missuse. Pawan Kumar Agarwal, Mob.: 9437010933. D-2013

**୧୪ତମ ଜନ୍ମଦିନ ଶୁଭେଚ୍ଛା**



ଶୁଭମ୍ ନନ୍ଦ
ବଲାଙ୍ଗୀର, ପାଟଣାଗଡ଼, କୁରିଆ
ଆଜି ତୋର ଜନ୍ମଦିନରେ ଆମ୍ଭେ ପ୍ରଭୁ ଦେବଦେବ ମହାଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଳାପଥ କୁସୁମିତ ହେଉ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ। ଶୁଭେଚ୍ଛା ସହ: ମା, ବଡ଼ବାପା, ବଡ଼ମା, ସାଥୀ, ବାପା, ବଡ଼ମାମୁ, ସାନମାମୁ, ବଡ଼ଅପା, ସାନଅପା, ରୀନା, ଟିନା, ମୁନା, ଲୁନା, ମୁକେଶ, ଶକ୍ତି ଓ ଶ୍ରୁତି।
ଧ-୧୯୯୫

**AFFIDAVIT**

ନାମ ପରିବର୍ତ୍ତନ- ମୁଁ ମଙ୍ଗରାଜ ଦାସ, ଗ୍ରାମ- ଖୋସାଲପୁର, ପୋଷ୍ଟ- ପୋରଗଦେଇ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁରର ଅଧିବାସୀ ଅଟେ। ମୁଁ ମଙ୍ଗୁଳି ଦାସ ନାମରେ ପରିଚିତ ଥିଲି, କିନ୍ତୁ ବର୍ତ୍ତମାନ ଆଇନ ଅନୁସାରେ ମୋର ନାମ ପରିବର୍ତ୍ତନ କରାଯାଇ ମଙ୍ଗରାଜ ଦାସ ନାମରେ ନାମିତ କରାଗଲା। ଧ-୨୦୧୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକ**



✓ଉଷାକିରଣ ମହାନ୍ତି
ଆବିର୍ଭାବ- ୧୦।୮।୧୯୪୪
ତିରୋଧାନ- ୧୧।୧୨।୨୦୧୬
(ମାର୍ଗଶିର ମାସ ଶୁକ୍ଳପକ୍ଷ ମାଣବସା ଗୁରୁବାର)
ମାଉସୀମା' ଛକ, ଭୁବନେଶ୍ୱର
ଆମର ପ୍ରିୟ ବୋଉ, ତୋର ଅନାବିଳ ସ୍ନେହ, ଆଦର ଆମମାନଙ୍କର ସର୍ବଦା ମନେପଡୁଅଛି। ଏ ଘର, ତୋ ଠାକୁରଘର ତୋତେ ଖୋଜୁଛି। ତୋର ପ୍ରତିଟି ସ୍ମୃତି ଆମ ଜୀବନକୁ କୁସୁମିତ କରୁ। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୋର ପବିତ୍ର ଆତ୍ମାକୁ ଶାନ୍ତି ଦିଅନ୍ତୁ।
ତୋର ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଝିଅ-ଜ୍ୱାଇଁ ଓ ନାତୁଣୀମାନେ।
ଧ-୨୦୧୧

**ଦଶାହ ଉପଲକ୍ଷେ**



✓ ହିରନ୍ମୟୀ ଛାଟୋଇ
ଦେବୀନଗର, ୧ମ ଲେନ୍, ଛତ୍ରପୁର
ଆବିର୍ଭାବ- ୨୫।୦୪।୧୯୫୧
ତିରୋଧାନ- ୦୫।୧୨।୨୦୨୩
ମା, ଚାହୁଁ ଚାହୁଁ ୧୦ ଦିନ ବିତିଗଲାଣି, ହେଲେ ତୁମର ପାର୍ଥିବ ଦେହ ପୁରୀ ସ୍ୱର୍ଗଦ୍ୱାର ମହୋଦଧିର ନୀଳ ଜଳରାଶିରେ ମିଶି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେହରେ ମିଶିଗଲାଣି। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ଜ୍ଞାନରଞ୍ଜନ (ବଡ଼), କୀର୍ତ୍ତିରଞ୍ଜନ (ସାନ), ବୋହୂ- ସବିତାରାଣୀ (ବଡ଼), ସବିତା (ସାନ), ନାତୁଣୀ- ସୁଜ୍ଞାନୀ ଓ ନାତି- ବାବୁ ଓ ଆତ୍ମୀୟସ୍ୱଜନ।
ଧ-୨୦୧୦


## ମେଣ୍ଢାର ମୂଲ୍ୟ ୫୦ ଲକ୍ଷ



ଜୟପୁର

ସାଧାରଣତଃ ଏକ ମେଣ୍ଢାର ମୂଲ୍ୟ ୧୦ରୁ ୨୦ ହଜାର ଟଙ୍କା ହୋଇଥାଏ। ରାଜସ୍ଥାନର ଗ୍ରାମାଞ୍ଚଳର ଅଧିକାଂଶ ଲୋକ ମେଣ୍ଢା ଓ ଛେଳି ପାଳନ କରି ରୋଜଗାର କରିଥାନ୍ତି। ମେଣ୍ଢାପାଳକ ପଶମ ଏବଂ କ୍ଷୀରରୁ ଭଲ ରୋଜଗାର କରନ୍ତି। ହେଲେ ନିକଟରେ ଏପରି ଏକ ମେଣ୍ଢା ଜନ୍ମ ହୋଇଛି, ଯାହାର ମୂଲ୍ୟ ଦାମୀ ଗାଡ଼ିଠାରୁ ବି ଅଧିକ। ଏହି ମେଣ୍ଢା ଉପରେ ଇଶ୍ୱରଙ୍କ ନାମ ଲେଖାହୋଇଛି। ଏହାକୁ କାଜୁ ବାଦାମ, କଦଳୀ ଏବଂ ସେଓ ଖାଇବାକୁ ଦିଆଯାଏ। ରାଜସ୍ଥାନ ସିକର ଜିଲାର ନେଚୱା ତହସିଲର କଲୱା ଗାଁର ମେଣ୍ଢାପାଳକ ଭବାନୀ ସିଂ କହିଛନ୍ତି, ଏହା ଏକ ବିଶେଷ ପ୍ରକାରର ମେଣ୍ଢା। ଯାହାର ଦାମ ୫୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଭବାନୀ ଗାଁର ଉତ୍ତର ଭାଗରେ ମେଣ୍ଢା ପାଳନ କରନ୍ତି। ତାଙ୍କ ଘରେ ଏକ ଅନନ୍ୟ ମେଣ୍ଢା ଜନ୍ମ ହୋଇଛି। ଯାହାର ବଜାର ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଅଧିକ ବୋଲି କୁହାଯାଉଛି। ଏହା ହେଉଛି ଏକ ବିଶେଷ ପ୍ରକାରର ଗୁଜରାଟୀ ପ୍ରଜାତିର ମେଣ୍ଢା। ଯାହାର ଓଜନ ଏବଂ ଗଠନ ସ୍ଥାନୀୟ ମେଣ୍ଢାଠାରୁ ବହୁତ ଅଧିକ। ମେଣ୍ଢା ପାଟିର ଉଭୟ ପାର୍ଶ୍ୱରେ ଆଲ୍ଲା ଶବ୍ଦ ଲେଖାହୋଇଛି। ଏହାର ଗୋଟିଏ ପଟେ ସ୍ପଷ୍ଟ ଜଣାପଡୁଛି ଯେ, ଆଲ୍ଲା ଉର୍ଦ୍ଦୁ ଭାଷାରେ ଲେଖା ହୋଇଥିବାବେଳେ ଅନ୍ୟ ପଟେ ଏକ ଚନ୍ଦ୍ର ଥିବା ଦେଖିବାକୁ ମିଳିଛି। ମୁସଲମାନଙ୍କ ପାଇଁ ଚନ୍ଦ୍ରର ଚିହ୍ନ ଶୁଭ ବୋଲି ବିବେଚନା କରାଯାଏ। ଯଦି ସେହି ମେଣ୍ଢାକୁ ତାଙ୍କଠାରୁ କେହି ୫୦ ଲକ୍ଷରୁ ଅଧିକ ମୂଲ୍ୟରେ ବି କିଣନ୍ତି, ତେବେ ମଧ୍ୟ ସେ ସେହି ମେଣ୍ଢାକୁ ବିକ୍ରି କରିବେନି।




ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ ହୀରା ଅଳଙ୍କାର ପ୍ରଦର୍ଶନୀ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ'କୁ ନିକଟରେ ସର୍ବଭାରତୀୟ ସ୍ତରରେ ଉନ୍ମୋଚନ କରାଯାଇଛି । ଏହି ପ୍ରଦର୍ଶନୀ ୨୦୨୪ ଜାନୁୟାରୀ ୧୪ ପର୍ଯ୍ୟନ୍ତ ଦେଶର ସମସ୍ତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଆଉଟ୍‌ଲେଟ୍‌ରେ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଭୁବନେଶ୍ୱରସ୍ଥିତ ଶହୀଦନଗର ଷ୍ଟୋର ପରିସରରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶହୀଦନଗର ଷ୍ଟୋରର ବରିଷ୍ଠ ଅଧିକାରୀ, ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

# ଆଲିଶାନ୍‌ର ସ୍ୱତନ୍ତ୍ର କଲେକ୍ସନ

**ଭୁବନେଶ୍ୱର,୧୩।୧୨ (ଅଭୟ ଦାଶ)**

Alishan
men's exclusive since 1996

ରାଜ୍ୟର ଅଗ୍ରଣୀ ପୁରୁଷ ପରିଧାନ ପ୍ରତିଷ୍ଠାନ ଆଲିଶାନ୍‌ର ସ୍ୱତନ୍ତ୍ର କଲେକ୍ସନ (ନୂତନ ସମ୍ଭାର)ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ବିଶେଷକରି ଚଳିତ ବର୍ଷ ବିବାହ ଓ ଶୀତଋତୁ ଉପଲକ୍ଷେ ପ୍ରତିଷ୍ଠାନ ପକ୍ଷରୁ ନୂତନ ସମ୍ଭାରର ବ୍ୟାପକ ଡିଜାଇନ ସଂଗ୍ରହ କରାଯାଇଛି । ୫,୦୦୦ ବର୍ଗଫୁଟ ବିଶିଷ୍ଟ ଉକ୍ତ ଶୋ'ରୁମ୍‌ରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ ବ୍ରାଣ୍ଡ୍‌ର ପୁରୁଷ ପରିଧାନ ଉପଲବ୍ଧ । ଏଠାରେ ସମସ୍ତ ପୁରୁଷ ବର୍ଗର ଏବଂ ସମସ୍ତ ଉତ୍ସବ ନିମନ୍ତେ ବିଭିନ୍ନ ଡିଜାଇନର ପରିପାଟୀର ବ୍ୟାପକ ସମ୍ଭାର ରହିଛି । ସେହିଭଳି ଆଲିଶାନ୍‌ର 'ଅନ୍‌ବିଟେବୁଲ ୱେଡିଂ ଷ୍ଟାଇଲ୍ସ କଲେକ୍ସନ'ରେ ଶେରୱାନି, ସୁଟ୍‌ସ, ଇଣ୍ଡୋ-ୱେଷ୍ଟର୍ନ କୁର୍ତ୍ତା, ଜ୍ୟାକେଟ, ବ୍ଲେଜର,ଜୋତା, ପଗଡ଼ି ଭଳି ବିଭିନ୍ନ ପ୍ରକାର ପୁରୁଷ ପରିଧାନ ଉପଲବ୍ଧ । ବିଶେଷକରି ଉପରୋକ୍ତ ପୋଷାକଗୁଡିକ ପୁରୁଷଙ୍କ ପାଇଁ ବିବାହ ଲୁକ୍‌ରେ ନୂତନତ୍ୱ ପ୍ରଦାନ କରିବ । ଏତଦ୍‌ବ୍ୟତୀତ ଚଳିତ ଶୀତ ଋତୁ ପାଇଁ 'କୁଲେଷ୍ଟ ୱିଣ୍ଟର ଟ୍ରେଣ୍ଡ'ରେ ଆଲିଶାନା ସ୍ୱେଟର,ମଫ୍‌ଲର ଏବଂ ଶୀତବସ୍ତ୍ରର ଷ୍ଟାଇଲିଷ୍ଟ କଲେକ୍ସନ ମଧ୍ୟ ଆଣିଛି । ଏପରିକି କାଜୁଆଲ ପୋଷାକଠାରୁ ଆରମ୍ଭକରି ପାରମ୍ପରିକ ପରିଧାନ, ଡିଜାଇନର ପୋଷାକ, କୁର୍ତ୍ତା ପାଇଜାମା, ଜିନ୍ସ୍-ଟି ଶାର୍ଟ, ଶୁଟିଂ ଶାର୍ଟିଂ, ରେଡିମେଡ୍ ଗାର୍ମେଣ୍ଟ, ଜ୍ୟାକେଟ, ୱେଷ୍ଟକୋଟ ଶୀତବସ୍ତ୍ର ଏବଂ ବିବାହ ଭଳି ବିଶେଷ ମୁହୂର୍ତ୍ତ ନିମନ୍ତେ ଶେରୱାନି ସହିତ ମ୍ୟାଚ୍ କରୁଥିବା ଟ୍ରେଣ୍ଡି ଆକ୍ସେସୋରିଜ୍ ମଧ୍ୟ ଉପଲବ୍ଧ ।

# ଶେୟାର ବଜାର କାରବାରରେ ଉତ୍ସାହ

**ଭୁବନେଶ୍ୱର,୧୩।୧୨**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି । ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି । ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪(୩୩.୫୭) ପଏଣ୍ଟ ବଢ଼ି ୬୯,୫୮୫ (୬୯,୫୮୪.୬୦) ଅଙ୍କରେ କାରବାର ବନ୍ଦ କରିଥିଲା । ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦ (୧୯.୯୫) ପଏଣ୍ଟ ବୃଦ୍ଧି ଘଟି ୨୦,୯୨୬ (୨୦,୯୨୬.୩୫) ଅଙ୍କରେ କାରବାର ବନ୍ଦ କରିଥିଲା । ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି । ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି ।

# ୧୭୩ତମ ଏସ୍‌ଏଲ୍‌ବିସି ବୈଠକ



**ଭୁବନେଶ୍ୱର,୧୩।୧୨(ଅନିଲ ଦାସ)**

ଲୋକସେବା ଭବନ ଠାରେ ୧୭୩ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ସରକାରଙ୍କର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡିକର ଆଶାନୁରୂପ ସଫଳତା ଦିଗରେ ବ୍ୟାଙ୍କଗୁଡ଼ିକର ନିଷ୍ଠାପର ସହଯୋଗ ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି । ସେହିଭଳି ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ବ୍ୟାଙ୍କଗୁଡ଼ିକର ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଜନକଲ୍ୟାଣକାରୀ ଯୋଜନାରେ ବ୍ୟାଙ୍କଗୁଡ଼ିକ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ବ୍ୟାଙ୍କଗୁଡ଼ିକ ଅଧିକ ଶାଖା ଓ ଅଧିକ ଏଟିଏମ୍ ଖୋଲିବା ଉପରେ ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ତଥା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକର ଆବାହକ ଗୌତମ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ୟୁକୋ ବ୍ୟାଙ୍କର ଚେୟାରମ୍ୟାନ ବିଜୟ କୁମାର ଏନ୍.କାମ୍ବଲେ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ମହାନ୍ତି, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସୁଧାଂଶୁ କେ.କେ. ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଅରବିନ୍ଦ ପାଢ଼ୀ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସଚିବ ଶାଶ୍ୱତ ମିଶ୍ର, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ସଚିବ ଏସ୍.କେ. ବଶିଷ୍ଠ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଏସ୍.କେ. ଲୋହାନୀ, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍‌ଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବ୍ୟାଙ୍କର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଷୟ ଉପରେ ମତବ୍ୟକ୍ତ କରିଥିଲେ ।

# ଟ୍ରୁଫିଟ୍ ଆଣ୍ଡ ହିଲ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର,୧୩।୧୨**

ଟ୍ରୁଫିଟ୍ ଆଣ୍ଡ ହିଲ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ବୁଧବାର ଭୁବନେଶ୍ୱରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଲୟଡ୍‌ସ ଲକ୍‌ଜୁରିସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଓଓ ପ୍ରଣୟ ଡୋକାନିଆ, ନାରାୟଣୀ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା, ଖାଟୋରେ ଆଇଟି ସଲ୍ୟୁଶନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଏବଂ ଟ୍ରୁଫିଟ୍ ଆଣ୍ଡ୍ ହିଲ୍‌ର ଫ୍ରାଞ୍ଚାଇଜି ମାଲିକ ଅଜୟ କୁମାର ଖାଟୋରେଙ୍କ ସହ ଓଡ଼ିଆ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ । ଉଲ୍ଲେଖଯୋଗ୍ୟ, ୧୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ଏକ ରୟାଲ ସୁଇଟ୍, ଗୋଟିଏ ବାର୍‌ବର୍ ଷ୍ଟେଶନ ସହ ପ୍ରାଇଭେଟ୍ ରୁମ୍ ଓ ୩ଟି ଚେୟାର ସହ ବାର୍‌ବର୍ ଷ୍ଟେଶନ, ପେଡିକ୍ୟୋର୍ ଏବଂ ମାନିକ୍ୟୋର ରୁମ୍ ସହ ବାଲେ ପାର୍କିଂ ଆଦି ସୁବିଧା ରହିଛି । ଏ ସମ୍ପର୍କରେ ଲୟଡ୍‌ସ ଲକ୍‌ଜୁରିସ୍ ଲିମିଟେଡ୍‌ର ଅଧ୍ୟକ୍ଷ ଶ୍ରୀକ୍ରିଷ୍ଣା ଗୁପ୍ତା କହିଛନ୍ତି, ଲକ୍‌ଜୁରି ଗ୍ରୁମିଂର ଅଭିବୃଦ୍ଧି ଆଜିର ଦୁନିଆରେ ପର୍ସନାଲ କେୟାର ବା ବ୍ୟକ୍ତିଗତ ଯତ୍ନର ଲାଭ ସମ୍ପର୍କରେ ଏକ ବର୍ଦ୍ଧିତ ସଚେତନତାକୁ ସୂଚିତ କରୁଛି । ଆମର ବ୍ରାଣ୍ଡ ଲକ୍‌ଜୁରି ଗ୍ରୁମିଂ ମାର୍କେଟ୍‌ରେ ଏକ ଉନ୍ନତ ଅନୁଭୂତି ପ୍ରଦାନ କରୁଛି । ସେହିଭଳି ଟ୍ରୁଫିଟ୍ ଆଣ୍ଡ ହିଲ୍‌ର ଭୁବନେଶ୍ୱର ଫ୍ରାଞ୍ଚାଇଜି ଓନର ଅଜୟ କୁମାର ଖାଟୋରେ କହିଛନ୍ତି, କ୍ରମାଗତ ୯ଟି ରାଜ ଶାସନ ସମୟରେ ଗ୍ରେଟ୍ ବ୍ରିଟେନର ଶାସକମାନଙ୍କୁ ସେବା ପ୍ରଦାନ କରିବାର ୨ ଦଶନ୍ଧିରୁ ଅଧିକ ସମୟର ଏକ ବିରାସତ ସହିତ ଟ୍ରୁଫିଟ୍ ଆଣ୍ଡ୍ ହିଲ୍ କାଳଜୟୀ ଷ୍ଟାଇଲ୍ ଓ ବିଳାସପୂର୍ଣ୍ଣତାର ଦୁର୍ଗ ଭାବେ ବଜାୟ ରହିଛି । ଲୟଡ୍‌ସ ଲକ୍‌ଜୁରିସ୍ ଲିମିଟେଡ୍ ସହ ଆମର ସହଭାଗିତା ଏକ ବିସ୍ତୃତ ଉପଭୋକ୍ତା ଆଧାର ପାଇଁ ରୟାଲ ଗ୍ରୁମିଂ ଅନୁଭୂତି ଆଣିବା ଲାଗି ଏକ ଉତ୍ସାହଜନକ ସୁଯୋଗ ଉପସ୍ଥାପନ କରୁଛି । ସେହିପରି ଲୟଡ୍‌ସ ଲକ୍‌ଜୁରିସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଓଓ ପ୍ରଣୟ ଡୋକାନିଆ କହିଛନ୍ତି, ବିଗତ ଦଶନ୍ଧି ପୁରୁଷଙ୍କ ଗ୍ରୁମିଂ ଧାରଣାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନର ସାକ୍ଷୀ ହୋଇଛି ।

# ଆଜି ଖୋଲିବ ଆଇନକ୍ସ ଇଣ୍ଡିଆ ଲିମିଟେଡ୍‌ର ଆଇପିଓ

**ଭୁବନେଶ୍ୱର,୧୩।୧୨**

ଆଇନକ୍ସ ଇଣ୍ଡିଆ ଲିମିଟେଡ୍ (ଆଇଆଇଏଲ୍)ର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଚଳିତ ବର୍ଷ ଡିସେମ୍ବର ୧୪ରେ ଖୋଲିବ । ଏପରିକି ଉକ୍ତ ଅଫର ୨୦୨୩ ଡିସେମ୍ବର ୧୮ରେ ବନ୍ଦ ହେବ । ଫଳରେ ଆଙ୍କର ନିବେଶକମାନେ ଅଫର ଖୋଲିବାର ଗୋଟିଏ ଦିନ ପୂର୍ବରୁ ୨୦୨୩ ଡିସେମ୍ବର ୧୩ରେ ବିଡ୍ ଦାଖଲ କରିପାରିବେ । ଉକ୍ତ ଅଫରରେ ଇକ୍ୱିଟି ଶେୟାରର ମୂଲ୍ୟ ୬୨୭ ରୁ ୬୬୦ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଛି । ସେହିଭଳି ସର୍ବନିମ୍ନ ୨୨ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରାଯାଇପାରିବ ଏବଂ ଏହା ପରେ ୨୨ଟି ଲେଖାଏଁ ଇକ୍ୱିଟି ଶେୟାର ଗୁଣିତକ ଭାବେ ଯୋଡ଼ାଯାଇପାରିବ । କମ୍ପାନୀ ଅଂଶଧନକାରୀମାନଙ୍କ ୨୨,୧୧୦,୯୫୫ ଇକ୍ୱିଟି ଶେୟାର ବିକ୍ରିକରି ପାଣ୍ଠି ଯୋଗାଡ଼ କରିବାକୁ ଯୋଜନା ରଖିଛି । କମ୍ପାନୀର ଇକ୍ୱିଟି ଶେୟାରଗୁଡ଼ିକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ଲାଗି ରେଡ୍ ହେରିଂ ପ୍ରୋସପେକ୍ଟସ୍‌ରେ ପ୍ରସ୍ତାବ ରହିଛି । ସେହିଭଳି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ(ସେବି) ର ନିୟମ ଅନୁସାରେ ଉକ୍ତ ଅଫରର ୫୦% ପର୍ଯ୍ୟନ୍ତ ଇକ୍ୱିଟି ଶେୟାର ସମାନୁପାତିକ ଭିତ୍ତିରେ ଯୋଗ୍ୟ ସଂସ୍ଥାଗତ ନିବେଶକ (କ୍ୟୁଆଇବି)ମାନଙ୍କ ଲାଗି ରହିବ । ବିଶେଷକରି ବୁକ୍ ରନିଂ ଲିଡ୍ ମ୍ୟାନେଜରଙ୍କ ପରାମର୍ଶରେ କ୍ୟୁଆଇବି ଭାଗର ୬୦% ଇକ୍ୱିଟି ଶେୟାରକୁ ଆଙ୍କର ନିବେଶକମାନଙ୍କ ଲାଗି ଉପଲବ୍ଧ କରାଯାଇପାରିବ । ସେଥିରୁ ଅତିକମ୍‌ରେ ଏକ ତୃତୀୟାଂଶ ଇକ୍ୱିଟି ଶେୟାରକୁ ସ୍ଥାନୀୟ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ପ୍ରଦାନ କରାଯିବ ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT, AT/P.O. : BARINIPUT; DISTRICT : KORAPUT, PIN - 764006**
PHONE: 06854 242001 FAX: 06854 242038; E-mail: sgmel_ukhep@ohpcltd.com, CIN: U401010R1995SGC003963
**E-Tender NOTICE No. - UKHEP - 11/2023-24, Dated 11.12.2023**

No. CAD-3255:- The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in Single Cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated Cost (in ₹) | E.M.D. (in ₹) | Cost of bid document | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Dismantling of old existing R.C.C. slabs laid on the cable trench and casting & laying new R.C.C. slabs for the same area from Anchor Block No.-1 to Anchor Block No.-4, UKHEP, Bariniput | 34,33,584/- | 34,336/- | 7080/- (Rs.6000+ 18% GST) | "B" & "C" Class | From 10.00 AM of 19.12.2023 to 13.00 Hrs of 02.01.2024 | At 11.30 Hrs. of 03.01.2024 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0056/2324
Sd./- Unit Head, UKHEP, Bariniput



**GOVERNMENT OF ODISHA** No. A-1003
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com
**e-Procurement Notice No. ACE, RBB - 12/2023-24**

1. Type of Work : System Improvement (Road Work)
2. Total No. of Works : 01 (One) No.
3. Amount put to Tender : Rs.819.63 lakh
4. Period of Completion : 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID) - 22/2023-24 | 819.63 | From 20.12.2023, 10.00 A.M. to 04.01.2024, 5.00 P.M. |

Date of Opening of the Technical Bid : 05.01.2024 at 11.30 A.M.
Further details can be seen from the Govt. website www.tendersodisha.gov.in.

Sd./- Additional Chief Engineer
OIPR-32411/11/0016/2324 Rushikulya Bahuda Basin, Berhampur



**ODISHA CONSTRUCTION CORPORATION LTD.**
No. CAD-3251
(A Govt. of Odisha Undertaking)
Central Workshop, Rasulgarh, Bhubaneswar - 751010 (Odisha)
Tel.: 0674-2580107, E-mail: gmoccicws@gmail.com (GSTIN: 21AAACO2571K2ZM)
**Tender Call Notice No. OCC/CWS/PROC/KBP-03/51/2023-24 Dtd. 12.12.2023**

Type of Work : Supply of Casting items for Barrage Bay & under sluice gate of Kusumi Barrage project.
Total No. of Work : 01 (One)
Period of Supply : 60 (Sixty) days

| Procurement Officer | Tender Call Notice No. | Cost of Tender document (Including GST) | Sale of Tender Document | Submission of Tender document (Offline Mode) |
|---|---|---|---|---|
| Senior Manager (Mech.), OCC Ltd., Central Workshop, Rasulgarh, Bhubaneswar | OCC/CWS/ PROC/KBP-03/51/2023-24 Dtd.12.12.2023 | Rs.4,720/- (Non-refundable) | 14.12.2023, 10.00 A.M. to 20.12.2023, 1.00 P.M. | 14.12.2023, 10.00 A.M. to 20.12.2023, 3.00 P.M. |

Date of opening of the Tender : 20.12.2023 at 4.00 P.M.
Further details can be seen from the Govt. website (www.odishaconstruction.com).
Amendment/Corrigendum/Cancellation, if any shall be posted Online only (OCCL Website).

Sd./- Senior Manager, (Mech.)-I
OIPR-34163/11/0016/2324 OCC Ltd., Bhubaneswar



**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
No. 14726 Dated: 12.12.2023
**Bid Identification No. MC/RMC/49/2023**

No. C-2075: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/48/2023 for 05 Nos. Civil work with value of Rs.21.12 lakh to Rs.26.83 lakh.

1. Bid documents will be available in website **www.tendersorissa.gov.in** from 13.12.2023.
2. Bids must be submitted on "Online" on or before 27.12.2023 by 17.00 hours.
3. Bids shall be opened at 11.00 hours on 28.12.2023 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0090/2324



**OFFICE OF THE MUNICIPAL COUNCIL, NAYAGARH**
**QUOTATION CALL NOTICE**
No. 4834 Date 13.12.2023

No.C-2081:- Sealed quotations are invited through **Registered Post / Speed Post / by hand** from the suppliers / manufacturers having updated GST / PAN Card / License for **Supply of Computer, Xerox machine for Nayagarh Municipality** as per detailed specification, terms and conditions in separate Schedule, which may be obtained from Office of the Municipal Council, Nayagarh, on any working days From **15.12.2023** to **21.12.2023** during Official hour on payment of cost of bid document of **Rs.600.00** and **EMD** of **Rs.1000.00** in shape of Cash Deposit Receipt of Nayagarh Municipality / Bank Draft / Pay Order, drawn on any Nationalised Bank, in favour of Executive Officer, Nayagarh Municipality, payable at Nayagarh. All quotations are to be received in the office of the undersigned during office hour up to **2.00 P.M.** on date **22.12.2023.** The quotations will be opened by the undersigned or authorised official on date **22.12.2023** at **4.00 P.M.** in the Office of the Executive Officer, Nayagarh Municipality in presence of the quotationers or their authorised representative who wish to remain present at that time. Other terms and conditions can be seen in the DTCN documents.

The authority reserves the right to reject any or all the tender without assigning any reason thereof.

Sd./- Executive Officer, Nayagarh Municipality
OIPR-13134/11/0025/2324



**e-procurement Notice**
**OFFICE OF THE NOTIFIED AREA COUNCIL, GOPALPUR**
**Tender Call Notice No.:- 3094 dt.: 13.12.23**
**Bid Identification No.:- 05/2023-24**

No. C-2080:- Bid document consisting of work, estimated cost, cost of Tender paper, time of completion, class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**

| | |
|---|---|
| Total Number of Civil works | 5 Nos. |
| Estimated Cost | Rs.4.0 Lakh to Rs.68.0 Lakh |
| Date & time of availability of Bid Documents in the portal | 10.00 A.M. of dt. 14.12.2023 to 16.00 P.M. of dt. 23.12.2023 for online bidding |
| Last Date of receive of Bid through Online | 16.00 P.M. of dt. 23.12.2023 |
| Date of opening of Bid | 11.00 A.M. on Dt. 26.12.2023 |

Sd./- Executive Officer, N.A.C., Gopalpur
OIPR-13186/11/0004/2324



**GOVERNMENT OF ODISHA** No. O-1796
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.6470 / Date: 08.12.2023
**"e" PROCUREMENT NOTICE FOR BRIDGE WORKS**

| | | | |
|---|---|---|---|
| 1. | Name of the Work | : | Bridge Projects under Biju Setu Yojana |
| 2. | Total No. of Works | : | 03 Nos. of Bridge Projects for the year 2023-24 |
| 3. | Estimated Cost of the Work | : | Varies from Rs.342.00 lakhs to Rs.628.00 lakhs |
| 4. | Class of Contractor | : | |
| | a) Estimated cost more than Rs.1.00 Crore upto Rs.20.00 Crores | : | **A Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.6.00 Crores upto Rs.50.00 Crores | : | **Special Class** (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.52 of 2023 | 16.12.2023 at 11.00 A.M. | 01.01.2024 upto 5.00 P.M. | 02.01.2024 at 11.00 A.M. | To be intimated later on |

Further details can be seen from the website: **www.tendersodisha.gov.in**.
Sd./- Chief Construction Engineer,
OIPR-25082/11/0042/2324 Central Rural Works Circle, Bhubaneswar



**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No. C.C.E.DKL (R&B) 25/2023-24**
E-mail Id: sedklpwd@gmail.com
**Letter No. 3789** **Dt.12.12.2023**

No. B-1436: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Road, Bridge and Building works as detailed below:

1. Name of the work : Road, Bridge and Building Works
2. No. of works : 05 (Four) Nos.
3. Estimated Cost : Rs.1.03 Crore to Rs.9.12 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A' & Special Class (as given in Column No. 07 of table)
6. Period of Completion of work : 06 (Six) to 11 (Eleven) Calendar Months (as given in Column No. 08 of table)
7. Date and time of availability of bid document in the website : From Dt.16.12.2023 to 5.00 P.M. of Dt.30.12.2023
8. Date of opening of bid : Dt.30.12.2023 at 05.30 P.M.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0032/2324



**OFFICE OF THE MUNICIPAL COUNCIL, TALCHER**
**DIST.:- ANGUL**
Phone No.(06760) 240259, E-Mail ID : e.o.talcher@gmail.com
No. 5387/ Date: 12.12.23
**TENDER CALL NOTICE**

**No. C-2079:-** The Executive Officer, Talcher Municipality on behalf of Talcher, Dist-Angul invites sealed tender from the intending registered firms/ authorized dealers/ distributors/ suppliers and manufacturers of Supplying, fitting fixing with install of decorative Pole with Lights & LED Streep at Jagannath Park of Talcher Municipality. The prescribed tender schedule can be obtained from the Cashier section of Talcher Municipality on payment of Rs. 2,000/- (Rupees Two Thousand) only including GST@18% (non-refundable) in shape of cash in favour of the Executive Officer, Talcher Municipality & EMD amount Rs. 10,000 /- (Rupees Ten Thousand) only in safe of demand draft to be drawn in favour of Executive Officer, Talcher Municipality from date 13.12.2023 to date 21.12.2023 up to 05.00 pm during office hour except holidays.

The tender paper along with all documents should reach the undersigned by Regd Post /Speed Post/Courier service or by person on or before date 22.12.2023 up to 01.30 PM and this office will in no way, be responsible for any delay in receipt of the tender documents. The tender will be opened on the same date at 03 30 PM in presence of the tenderer or their authorized representative if any. The tender received beyond the schedule date and time will not be considered at all.

All terms and conditions may be seen in the tender schedule The undersigned has rights to accept, cancel or reject any or all the tenders without assigning any reason thereof.

Sd./- Executive Officer
OIPR-13077/11/0050/2324 Talcher Municipality



**GOVERNMENT OF ODISHA** No. O-1795
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.6462 / Date: 08.12.2023
**"e" PROCUREMENT NOTICE FOR BUILDING WORKS**

| | | | |
|---|---|---|---|
| 1. | Name of the Work | : | Building Works |
| 2. | Total No. of Works | : | 11 Nos. of Building Work for the year 2023-24 |
| 3. | Estimated Cost of the Work | : | Varies from Rs.104.00 lakh to Rs.374.00 lakh |
| 4. | Class of Contractors | : | |
| | a) Estimated cost more than Rs.20.00 lakhs upto Rs.3.00 Crores | : | **B Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | : | **A Class** (of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.51 of 2023 | 16.12.2023 at 11.00 A.M. | 01.01.2024 upto 5.00 P.M. | 02.01.2024 at 11.00 A.M. | To be intimated later on |

Further details can be seen from the website: **www.tendersodisha.gov.in**.
Sd./- Chief Construction Engineer,
OIPR-25082/11/0041/2324 Central Rural Works Circle, Bhubaneswar



କଟକର ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ଟୁର୍ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ବୁଧବାର ମହିଳା ଡବଲ୍ସ ମ୍ୟାଚ ଅବସରରେ ଓଡ଼ିଶାର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା। (ଫଟୋ: ରାଜକିଶୋର ମହାନ୍ତି)

# ବୋଲିଂରେ ସୁଧାର ଲକ୍ଷ୍ୟରେ ଭାରତ

**ଜୋହାନ୍ସବର୍ଗ, ୧୩।୧୨ (ପି.ଟି.)**

ଗୁରୁବାର ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ। ପ୍ରଥମ ଟି୨୦ ମ୍ୟାଚ୍ ବର୍ଷାରେ ଧୋଇଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଥିଲା। ତୃତୀୟ ମ୍ୟାଚ୍ ପାଇଁ ସିରିଜ ବାଜିରେ ରହିଥିବା ବେଳେ ଭାରତ ଏହାର ବୋଲିଂ ଦୁର୍ବଳତା ସୁଧାରିବାକୁ ପ୍ରୟାସ କରିବ। ଜୋହାନ୍ସବର୍ଗରେ ଅନ୍ତିମ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଅର୍ଶଦୀପ ସିଂ ଓ ମୁକେଶ କୁମାର ନିଜ ଫର୍ମ ସୁଧାରିବାକୁ ଚାହିଁବେ। ମଙ୍ଗଳବାର ଖେଳା ଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଓଭର ପିଛା ୧୦ ହାରରେ ରନ୍ ସଂଗ୍ରହ କରିବାକୁ ଥିବାବେଳେ ଭାରତୀୟ ବୋଲରମାନେ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଥିଲେ। ଖାସ କରି ଅର୍ଶଦୀପ ଓ ମୁକେଶ କୁମାରଙ୍କ ଇକୋନୋମି ଚିନ୍ତାଜନକ ରହିଥିଲା। ଅର୍ଶଦୀପ ୧୫.୫୦ ଓ ମୁକେଶ ୧୧.୩୩ର ଇକୋନୋମିରେ ବୋଲିଂ କରିଥିଲେ। ଯଦିଓ ପୋର୍ଟ ଏଲିଜାବେଥ୍‌ରେ ବର୍ଷା ଓ କାକର ରନ୍‌ଚେଜ୍‌କୁ ଅତ୍ୟନ୍ତ ସହଜ କରି ଦେଇଥିଲା ତଥାପି ମୁକେଶ ଓ ଅର୍ଶଦୀପଙ୍କ ଲାଇନ୍ ଓ ଲେନ୍ଥ ଠିକ୍ ରହି ନ ଥିଲା। ବ୍ୟକ୍ତିଗତ କାରଣରୁ ଦୀପକ ଚହର ବାଦ୍ ପଡିବା ଭାରତୀୟ ଦଳର ସମସ୍ୟାକୁ ଦ୍ୱିଗୁଣିତ କରିଛି। ସମାନ ବୋଲିଂ ଲାଇନ୍‌ଅପ୍ ସହିତ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୪-୧ରେ ବିଜୟୀ ହୋଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଏହା ନିଷ୍ପ୍ରଭ ମନେହୋଇଛି। ବେଙ୍ଗାଲୁରୁରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌କୁ ଛାଡିଲେ ଅର୍ଶଦୀପଙ୍କ ବୋଲିଂ ବେଶ୍ ଦୁର୍ବଳ ମନେହେଉଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ମୁକେଶଙ୍କ ଇକୋନୋମି ମଧ୍ୟ ୯.୧୨ ରହିଥିଲା।

ଟି୨୦ ବିଶ୍ୱକପ୍ ପୂର୍ବରୁ ମାତ୍ର ୪ଟି ଟି୨୦ ମ୍ୟାଚ୍ ରହିଥିବା ବେଳେ ଭାରତୀୟ ଖେଳାଳି ଏହାର ଫାଇଦା ଉଠାଇ ଦଳରେ ନିଜ ସ୍ଥାନ ମଜଭୁତ କରିବାକୁ ଚାହିଁବେ। ଦୀର୍ଘ ୧୬ ମାସ ପରେ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ରବୀନ୍ଦ୍ର ଜାଡେଜା ମଧ୍ୟ ପ୍ରଭାବିତ କରିବାରେ ଅସଫଳ ରହିଛନ୍ତି। ତେବେ ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ଉପଅଧିନାୟକ ମିଳିଥିବା ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚାହିଁବେ। ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିବା ରିଙ୍କୁ ସିଂ ଅନ୍ତିମ ମ୍ୟାଚ୍‌ରେ ଦଳର ବିଜୟରେ ଯୋଗଦାନ କରିବାକୁ ଚାହିଁବେ। ପଦାର୍ପଣ ପରଠାରୁ ହିଁ ରିଙ୍କୁ ଚମତ୍କାର ବ୍ୟାଟିଂ କରିଛନ୍ତି। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ନିଜର ଚମତ୍କାର ଫର୍ମ ବଜାୟ ରଖି ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଯଦି ଋତୁରାଜ ଗାଏକ୍ୱାଡ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ କିଏ ବାଦ୍ ପଡିବେ ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଉଭୟ ଗିଲ୍ ଓ ଜୟସ୍ୱାଲ ଦକ୍ଷିଣ ଆଫ୍ରିକୀୟ ପରିବେଶର ବାଉନ୍ସକୁ ମୁକାବିଲା କରିବାରେ ବିଫଳ ହୋଇଥିଲେ। ତେବେ ପାରମ୍ପରିକ ଭାବରେ ଜୋହାନ୍ସବର୍ଗର ରେକର୍ଡ ଭାରତ ସପକ୍ଷରେ ରହିଛି। ଟି୨୦ରେ ଏହି ଭେନ୍ୟୁରେ ଉଭୟ ଦଳ ୪ ଥର ସାମ୍ନାସାମ୍ନି ହୋଇଥିବାବେଳେ ଭାରତ ୩ ଥର ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଠିକ୍‌ଠାକ୍ ରହିଥିବା ବେଳେ ଏହାର ବୋଲିଂ ବେଶ୍ ଦୁର୍ବଳ ରହିଛି। ଅନ୍ତିମ ମ୍ୟାଚ୍‌ରେ ଏହି ଦୁର୍ବଳତା ସୁଧାରିବାକୁ ଦଳ ପ୍ରୟାସ କରିବ।

**ଆଜି ତୃତୀୟ ଟି୨୦**
ମ୍ୟାଚ୍: ଜୋହାନ୍ସବର୍ଗ
ସମୟ: ରାତି ୮.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ସ୍ପିନ୍ ଉପରେ ଭାରତର ଭରସା

**ନବି ମୁମ୍ବାଇ, ୧୩।୧୨ (ପି.ଟି.)**

ଟି୨୦ ସିରିଜରେ ଆଖିଦୃଶିଆ ପ୍ରଦର୍ଶନ ଦେବାରେ ବିଫଳ ହେବା ପରେ ଇଂଲଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ଖେଳିବା ପାଇଁ ପ୍ରସ୍ତୁତ ହେଉଛି ଭାରତୀୟ ମହିଳା କ୍ରିକେଟ ଦଳ। ଭାରତ ନିକଟରେ ଏକ ଚମତ୍କାର ସ୍ପିନ୍ ଆକ୍ରମଣ ରହିଥିବା ବେଳେ ଦଳ ଏଥିରୁ ଫାଇଦା ଉଠାଇବାକୁ ଚେଷ୍ଟା କରିବ। ଗୁରୁବାରଠାରୁ ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଏକମାତ୍ର ୪ ଦିନିଆ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ଯଦି ଉଭୟ ଦଳ ମଧ୍ୟରେ ଓଭରଅଲ ରେକର୍ଡ ଉପରେ ନଜର ପକାଇବା ତେବେ ଏହା ଭାରତ ସପକ୍ଷରେ ରହିଛି। ଉଭୟ ଦଳ ମହିଳା ଟେଷ୍ଟ ଇତିହାସରେ ୧୪ ଥର ପରସ୍ପର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଭାରତ ୨ ଥର ବିଜୟୀ ହୋଇଥିବା ବେଳେ ଇଂଲଣ୍ଡ ମାତ୍ର ଥରୁଟିଏ ବିଜୟୀ ହୋଇଛି। ତେବେ ଇତିମଧ୍ୟରେ ଇଂଲଣ୍ଡ ନିୟମିତ ଭାବରେ ଟେଷ୍ଟ ସିରିଜ୍ ଖେଳୁଥିବା ବେଳେ ଭାରତ ଶେଷ ଥର ପାଇଁ ୨୦୨୧ରେ ଏକ ଟେଷ୍ଟ ସିରିଜ୍ ଖେଳିଥିଲା। ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ଡ୍ର'ରେ ଶେଷ ହୋଇଥିଲା। ଏହି ମ୍ୟାଚ୍ ଶେଷ ହେବାର ୧୦ ଦିନ ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଏକ ଟେଷ୍ଟ ମ୍ୟାଚ୍ ଖେଳିବ ଭାରତ। ଭାରତ ଏହାର ଶେଷ ଦୁଇଟି ଟେଷ୍ଟ ଡ୍ର ରଖିଥିବା ବେଳେ ନିକଟରେ ଇଂଲଣ୍ଡ ପରାଜିତ ହୋଇଥିଲା। ଏହା ଭାରତୀୟ ଦଳକୁ ସାମାନ୍ୟ ଆତ୍ମବିଶ୍ୱାସ ପ୍ରଦାନ କରିବ।

ଭାରତ ପକ୍ଷରୁ ଦଳରେ ବେଙ୍ଗଲ ସ୍ପିନର ସାଇକା ଇଶାକ୍‌ଙ୍କୁ ସାମିଲ କରାଯାଇଛି। ଓମେନ୍ସ ପ୍ରିମିୟର ଲିଗ୍‌ରେ ୧୫ ଉଇକେଟ ନେବା ପରେ ନିକଟରେ ତାଙ୍କୁ ଭାରତୀୟ ଦଳକୁ ଡାକରା ମିଳିଥିଲା। କର୍ଣ୍ଣାଟକର ଟପ୍ ଅର୍ଡର ବ୍ୟାଟର ଶୁଭା ସତୀଶ ମଧ୍ୟ ପ୍ରଥମ ଥର ପାଇଁ ଟେଷ୍ଟ ଟିମ୍‌କୁ ଡାକରା ପାଇଛନ୍ତି। ଜେମିମା ରୋଡ୍ରିଗୁଏଜ୍ ଓ ହରଲିନ୍ ଦେଓଲ ଟେଷ୍ଟ ମ୍ୟାଚ୍ ଖେଳି ନ ଥିବା ବେଳେ ରିଚା ଘୋଷଙ୍କ ସ୍ଥାନରେ ୟାସ୍ତିକା ଭାଟିଆଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଅଧିକ। ରେଣୁକା ସିଂ ଠାକୁରଙ୍କ ଉପରେ ପେସ୍ ବୋଲିଂର ଭାର ରହିଥିବା ବେଳେ ଅଭିଜ୍ଞ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ସହିତ ସାଇକା ଇଶାକ୍‌ଙ୍କ କାନ୍ଧରେ ସ୍ପିନ ବୋଲିଂର ଭାର ରହିବ। ଇଂଲଣ୍ଡ ଦଳର ଏମା ଲାମ୍ବ ଆହତ ହୋଇଥିବା ବେଳେ ତାଙ୍କ ସ୍ଥାନରେ ମାୟା ବୌଚିୟର ଓ କ୍ରିଷ୍ଟି ଗର୍ଡନଙ୍କୁ ସାମିଲ କରାଯାଇଛି। ତେବେ ଅଭିଜ୍ଞ ଖେଳାଳି ନାଟାଲି ସିଭର ବ୍ରଣ୍ଟ, ହିଥର ନାଇଟ୍, ଡାନିଏଲ ୱ୍ୟାଟ, କେଟ୍ କ୍ରସ୍ ଓ ସୋଫି ଏକେଲଷ୍ଟୋନଙ୍କ ନିକଟରୁ ଭଲ ପ୍ରଦର୍ଶନର ଆଶା କରିବ ଇଂଲଣ୍ଡ। ମହିଳା କ୍ରିକେଟରେ ଏହା ଇଂଲଣ୍ଡର ଶତକୀୟ ଟେଷ୍ଟ ହୋଇଥିବାରୁ ଦଳ ବିଜୟୀ ହେବାକୁ ପ୍ରୟାସ କରିବ।

**ମହିଳା ଟେଷ୍ଟ**
ମ୍ୟାଚ୍ ସ୍ଥାନ : ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମ
ସମୟ: ସକାଳ ୯.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮



ଟେଷ୍ଟ ଜର୍ସି ପରିହିତ ୟାସ୍ତିକା ଭାଟିଆ, ମେଘନା ସିଂ ଓ ସ୍ନେହ ରାଣା।

# ରାଉଣ୍ଡ ଅଫ୍-୧୬ରେ ଅଶ୍ୱିନୀ-ତନିଶା

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଯାଇଛି ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ୨୭ ଦେଶରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ଅଫ୍-୧୬ରେ ପ୍ରକାଶ କରିଛନ୍ତି ଭାରତୀୟ ମହିଳା ଡବଲ୍ସ ଯୋଡି ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ। ଏହା ବ୍ୟତୀତ ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଦା ଓ ପୁରୁଷ ସିଙ୍ଗଲ୍ସରେ କିରଣ ଜର୍ଜ ମଧ୍ୟ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

କ୍ରମାଗତ ଦୁଇଟି ସୁପର-୧୦୦ ସିରିଜ୍ ଟୁର୍ଣ୍ଣାମେଣ୍ଟ ବିଜୟୀ ହୋଇ ଆସିଥିବା ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋଙ୍କ ଯୋଡି ୟୁଏଇର ଏଲିନା ଖାତୁନ ଓ ନୟୋନିକା ରାଜେଶଙ୍କୁ ୨୧-୭ ଓ ୨୧-୧୪ ସେଟରେ ପରାସ୍ତ କରିଛନ୍ତି। ଅନ୍ୟତମ ମହିଳା ଡବଲ୍ସ ଯୋଡି ପଲକ ଅରୋରା ଓ ଉନ୍ନତି ହୁଦା ୨୧-୭ ଓ ୨୧-୧୩ରେ ନିଜ ଦେଶର ସିମରନ୍ ସିଙ୍ଘି ଓ ରିତିକା ଠାକେରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦିନର ପ୍ରଥମ ମିକ୍ସଡ ଡବଲ୍ସ ମ୍ୟାଚରେ ଅଶ୍ୱିନୀ ପୋନାପ୍ପା ଓ ରୋହନ କପୁର ବିଜୟ ହାସଲ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଥିଲେ। ଉଭୟ ଖେଳାଳି ମାଲେସିଆର ଟିଙ୍ଗ ଶି ୱି ଓୟେନ୍ ଓ ଗାନ ଜିଙ୍ଗ ଏର୍‌ଙ୍କୁ ୨୧-୧୯ ଓ ୨୧-୧୫ ସେଟରେ ପରାସ୍ତ କରିଥିଲେ। ମହିଳା ସିଙ୍ଗଲ୍ସରେ ଟୁର୍ଣ୍ଣାମେଣ୍ଟର ଟପ୍‌ସିଡ୍ ରହିଥିବା ଚାଇନିଜ ତାଇପେର ୱେନ୍ ଚି ହୁ ୨୧-୧୪, ୨୧-୧୪ରେ ଓ୍ୱିକ୍ଟୋରିଆ ଡାବଜିନସ୍କାଙ୍କୁ ପରାସ୍ତ କରିଥିଲେ।

ମହିଳା ସିଙ୍ଗଲ୍ସରେ ପ୍ରତିଭାବାନ ଉନ୍ନତି ହୁଦା ୨୧-୧୦ ଓ ୨୧-୮ରେ ଉଗାଣ୍ଡାର ହୁସିନା କୋବୁଗାବେଙ୍କୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସରେ ଚିରାଗ୍ ସେନ୍ ୨୧-୧୨ ଓ ୨୧-୯ ସେଟ୍‌ରେ ସନିଥ୍ ଦୟାନନ୍ଦ ସିମୋଗାଙ୍କୁ ହରାଇଥିଲେ। ଡିଫେଣ୍ଡିଂ ଚାମ୍ପିୟନ କିରଣ ଜର୍ଜ ୨୧-୧୨, ୧୦-୨୧ ଓ ୨୧-୧୨ ସେଟରେ ସତୀଶ କୁମାରଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ।

**ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ**

**ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ବିଜୟୀ**

ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚରେ ବିଜୟୀ ହୋଇଛନ୍ତି ଓଡ଼ିଶାର ଦୁଇ ଭଉଣୀ ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା। ଅନ୍ୟତମ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ୨୧-୧୯, ୧୭-୨୧ ଓ ୨୧-୧୭ ସେଟରେ ପରାସ୍ତ କରିଥିଲେ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା। ଏହି ମ୍ୟାଚ୍‌ଟି ୧ ଘଣ୍ଟା ୧୬ ମିନିଟ ଧରି ଚାଲିଥିଲା। ଉଭୟ ପରବର୍ତ୍ତୀ ରାଉଣ୍ଡରେ ସିମରନ୍ ସିଂଘି ଓ ରୀତିକା ଠାକେରଙ୍କୁ ଭେଟିବେ।



ମ୍ୟାଚ ଅବସରରେ ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ।

# ପ୍ରସିଦ୍ଧଙ୍କ ହ୍ୟାଟ୍ରିକ୍, ପ୍ରଦୋଷଙ୍କ ଶତକ

**ପୋଚେଫଷ୍ଟ୍ରମ୍, ୧୩।୧୨ (ପି.ଟି.)**

ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ଅନଫିସିଆଲ ଟେଷ୍ଟରେ ଭାରତର ପ୍ରସିଦ୍ଧ କ୍ରିଷ୍ଣା ୫ ଉଇକେଟ ନେଇଥିବା ବେଳେ ପ୍ରଦୋଷ ପଲ୍ ୧୬୩ ରନ୍ କରିଛନ୍ତି। ଫଳରେ ତୃତୀୟ ଦିନର ଖେଳ ଶେଷ ହେବା ସୁଦ୍ଧା ଭାରତ ୫୮ ରନ୍‌ରେ ଆଗୁଆ ରହିଛି। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୧୯ ରନ୍‌ରେ ସମସ୍ତ ଉଇକେଟ ହରାଇଥିବା ବେଳେ ଭାରତ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ଉଇକେଟ ହରାଇ ୩୭୭ ରନ୍ ସଂଗ୍ରହ କରିଛି।

ଦ୍ୱିତୀୟ ଦିନରେ ପ୍ରସିଦ୍ଧଙ୍କ ବୋଲିଂ ପ୍ରଭାବୀ ରହି ନ ଥିଲା। ତେବେ ତୃତୀୟ ଦିନ ଆରମ୍ଭରୁ ହ୍ୟାଟ୍ରିକ୍ ସହ ଉଇକେଟ ନେବାରୁ ଦକ୍ଷିଣ ଆଫ୍ରିକା ୨୧ ରନ୍‌ରେ ୫ ଉଇକେଟ ହରାଇଥିଲା। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟରେ ସୌରଭ କୁମାର ୩, ବିଦ୍ୱଥ୍ କାଭେରପ୍ପା ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ। ଭାରତ ପକ୍ଷରୁ ପ୍ରଦୋଷ ପଲ୍ ଚମତ୍କାର ଶତକ ହାସଲ କରିବା ସହିତ ଭାରତକୁ ଦୃଢ ସ୍ଥିତିରେ ରଖିଥିଲେ। ଦୁଇ ଓପନର ସାଇ ସୁଦର୍ଶନ(୧୪) ଓ ଦେବଦତ୍ତ ପାଡିକଲ(୩୦) ପ୍ରଥମ ଉଇକେଟରେ ୭୧ ରନ୍ ଯୋଡିଥିଲେ। ପଲ୍ ଓ ସର୍ଫରାଜ ଖାନ୍(୬୮) ତୃତୀୟ ଉଇକେଟରେ ୧୩୦ ରନ୍ ଯୋଡିଥିଲେ। ପ୍ରଦୋଷ ୨୦୯ ବଲ୍ ଖେଳି ୨୩ ଚୌକା ଓ ୧ ଛକା ମାରିଥିଲେ। ଅଧିନାୟକ ଶ୍ରୀକର ଭରତ(୬) ଓ ଧ୍ରୁବ ଜୁରେଲ(୦) ଖାତା ଖୋଲିବାରେ ବିଫଳ ହୋଇଥିବା ବେଳେ ଶାର୍ଦ୍ଦୁଳ ଠାକୁର(୭୦*) ରନର ଇନିଂସ ଖେଳିଥିଲେ। ୯୪ ବଲ୍ ଖେଳି ୯ ଚୌକା ଓ ୧ ଛକା ମାରଥିବା ଶାର୍ଦ୍ଦୁଳ ଷଷ୍ଠ ଉଇକେଟରେ ପ୍ରଦୋଷଙ୍କ ସହ ୧୫୨ ରନ୍ ଯୋଡିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏଥାନ୍ ବୋଶ୍ ଓ ଏଭାନ୍ ଜୋନ୍ସ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

# ପୂର୍ବୀ କ୍ଷେତ୍ର ଆଇସିଏଆର୍ କ୍ରୀଡ଼ା ଉଦ୍‌ଘାଟିତ

**ଭୁବନେଶ୍ୱର, ୧୩।୧୨**
**(ତପନ ସ୍ୱାଇଁ)**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଖେଳ ପଡ଼ିଆରେ ପୂର୍ବୀ କ୍ଷେତ୍ର ଆଇସିଏଆର କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ଚଳିତ ମାସ ୧୬ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୨ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶ ଓ ଉତ୍ତର-ପୂର୍ବର ସମସ୍ତ ରାଜ୍ୟରେ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନରେ ଥିବା ୨୬ ଅନୁଷ୍ଠାନରୁ ପାଖାପାଖି ୫୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ଉଦ୍ଭିଦ ବିବିଧତା ଏବଂ କୃଷକ ଅଧିକାର ପ୍ରାଧିକରଣର ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ତରରେ ତୀକ୍ଷ୍ଣ, ସନ୍ତୁଳିତ ଭାବପ୍ରବଣ ଏବଂ ସାମାଜିକ ଭାବରେ ସୁପରିଚାଳିତ ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶରେ ପରିଣତ ହୁଏ ବୋଲି ଏହି ଅବସରରେ ସେ ପ୍ରକାଶ କରିଥିଲେ। ଏନ୍‌ଆର୍‌ଆର୍‌ଆଇ କଟକର ନିର୍ଦ୍ଦେଶକ ଅମରେଶ କୁମାର ନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରତିଯୋଗିତାରେ ହାଇଜମ୍ପ, ଲଙ୍ଗଜମ୍ପ, ଆଥ୍‌ଲେଟିକ୍ସ, ଶଟ୍‌ପୁଟ୍, ଜାଭେଲିନ୍ ଥ୍ରୋ, ବାସ୍କେଟବଲ, ଫୁଟ୍‌ବଲ, ଭଲିବଲ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, କ୍ରିକେଟ, କବାଡ଼ି ଆଦି ଇଭେଣ୍ଟ ଅନୁଷ୍ଠିତ ହେବ। ଆୟୋଜକ କମିଟି ଅଧ୍ୟକ୍ଷ ଏମ୍.ଜେ. ବେଗ୍ ଅଂଶଗ୍ରହଣକାରୀ ଅନୁଷ୍ଠାନ ଏବଂ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସମ୍ପାଦକ ପ୍ରତାପ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଚିତ୍ତାକର୍ଷକ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା।







ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀଙ୍କ ମାର୍ଚ୍ଚପାଷ୍ଟ ଅବସରରେ ଅତିଥିମାନେ ଅଭିବାଦନ ଗ୍ରହଣ କରୁଛନ୍ତି।



ଅନୁଷ୍କା

# ପାଞ୍ଚ ବର୍ଷ ପରେ..

ଅନୁଷ୍କା ଶର୍ମାଙ୍କ ଖୁସି କହିଲେ ନ ସରେ। କାରଣ ସେ ଅଭିନୟ କରିଥିବା ବାୟୋପିକ୍ 'ଚକଡା ଏକ୍ସପ୍ରେସ୍' ଆସନ୍ତାବର୍ଷ ଜାନୁୟାରୀ ୧୦ରେ ରିଲିଜ ହେବାକୁ ଯାଉଛି। ଆଉ ସେ ବେଶ୍ ଉତ୍ସୁକତାର ସହ ଏହି ଦିନକୁ ଅପେକ୍ଷା କରି ରହିଛନ୍ତି। ଖାସ୍ କଥା ହେଲା ଦୀର୍ଘ ପାଞ୍ଚ ବର୍ଷର ଗ୍ୟାପ୍ ପରେ ସେ ବଡ଼ ପରଦାରେ ମୁହଁ ଦେଖାଇବେ। ଭାରତୀୟ ମହିଳା କ୍ରିକେଟ୍ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳି ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ଏହି ହିନ୍ଦୀ ସିନେମା। ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କୁହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଶଦ ଭାବେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି କର୍ଣ୍ଣେସ୍ ଶର୍ମା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପ୍ରୋସିତ୍ ରାୟ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ କରିଥିଲା। ତେବେ ଏଭଳି ଭୂମିକାରେ ସେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଅତୀତରୁ

- ପଞ୍ଚସଖା ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମାଣିକଯୋଡ଼ି'। ଧୀରେନ୍ଦ୍ର ନାଥ ବିଶ୍ୱାଳଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସଙ୍ଗୀତକାର ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି), ଡା. ସୁଖଲତା ଦାସ, ଯତୀନ ଦାସ, ଅକ୍ଷୟ ମହାନ୍ତି (କାଶ୍ୟପ) ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ସୌମେନ୍ଦ୍ର ମିଶ୍ରଙ୍କ ପ୍ରଯୋଜିତ ଏବଂ ପ୍ରଫୁଲ୍ଲ ସେନ୍‌ଗୁପ୍ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସୂର୍ଯ୍ୟମୁଖୀ'ର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଶାନ୍ତନୁ ମହାପାତ୍ର। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୌମେନ୍ଦ୍ର, ଅନନ୍ତ ଏବଂ ସୁଖଲତା ପ୍ରମୁଖ କଳାକାର।
- ଓଡ଼ିଆ ଚିତ୍ର 'ଜୀବନସାଥୀ'ର ପ୍ରଯୋଜନା କରିଥିଲେ ଶ୍ରୀନିବାସ ପାଇକରାୟ। ପ୍ରଭାତ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଶରତ ପୂଜାରୀ, ସାମୁଏଲ ସାହୁ (ବାବି), ଗୀତା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।

# କଥା ସମ୍ପର୍କର

ସମ୍ପର୍କ ଯେତେବେଳେ ମଧୁର ଥାଏ ସେତେବେଳେ ସେ ତାହାର ସ୍ନେହର ଡୋରିରେ ଅନେକଙ୍କୁ ବାନ୍ଧି ରଖିଥାଏ। ହେଲେ ଯେତେବେଳେ ଏଥିରେ ତିକ୍ତତା ଦେଖିବାକୁ ମିଳେ ସେତେବେଳେ ପରିସ୍ଥିତି ଅଲଗା ପ୍ରକାର ହୋଇଯାଏ। ସେଭଳି ଏକ ଭିନ୍ନଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'କେମିତି ଏ ସମ୍ପର୍କ'। ରୂପେଶ କୁମାର ଏହି ଫିଲ୍ମରୁ ନିଜର ବଡ଼ ପରଦାରେ ପ୍ରଯୋଜନା କ୍ୟାରିୟର ଆରମ୍ଭ କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡୀ)। ତା'ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଜେଜେଏନ୍‌ଜେ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଖାସ୍ କଥା ହେଲା, ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଆକାଶ ଦାସନାୟକ। ତାଙ୍କ ବ୍ୟତୀତ ଏହି ଫିଲ୍ମରେ ଏଲିନା ସାମନ୍ତରାୟ, ଲିପ୍ସା ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଣ୍ଟୁ, ସନ୍ତୁ, ମିଲନ ଏବଂ ଶିଶୁ କଳାକାର ଲତାଶା ଖୁରାନା ପ୍ରମୁଖ ଅଭିନୟ କରିଛନ୍ତି। ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁରହିଛି ଏବଂ ଆସନ୍ତା ଜାନୁୟାରୀରେ ଏହା ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।



ଏଲିନା

## ବିକିନି ପାଇଁ ଟେନ୍‌ସନ୍

ନୋରା ଫତେହି ଏବେ ପ୍ୟାରିସ ଯାଇଛନ୍ତି। ସେଠାରେ ସେ ପାଖାପାଖି ଦୁଇ ସପ୍ତାହ ରହିବେ। ହେଲେ ଅସଲ କଥା ହେଲା ବିକିନିକୁ ନେଇ ସେ ଟେନ୍‌ସନରେ ଅଛନ୍ତି। ନିକଟରେ ସେ ତାଙ୍କର କେତୋଟି ବୋଲ୍ଡ ଅବତାରବିଶିଷ୍ଟ ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ତା' ଭିତରେ କେତୋଟି ବିକିନିପିନ୍ଧା ଫଟୋ ରହିଛି। ବର୍ତ୍ତମାନ ସେହି ଫଟୋଗୁଡିକ ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ନୋରା କହନ୍ତି, 'ମୋର ବୋଲ୍ଡ ତଥା ବିକିନିପିନ୍ଧା ଫଟୋକୁ ନେଇ କାହିଁକି ଏତେ ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି ବୋଲି କେହି କେହି କହୁଛନ୍ତି। ହେଲେ ଅସଲ କଥା ହେଲା, ଏକ ବିଜ୍ଞାପନର ଶୁଟିଂ ସମୟରେ ମୋତେ ଏପରି ଗେଟ୍‌ଅପ୍ ନେବାକୁ ପଡିଥିଲା। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି। ଅନ୍ୟପକ୍ଷରେ ନୋରାଙ୍କ ହାତରେ ଏବେ ତିନୋଟି ସିନେମା–ମଡଗାଓଁ ଏକ୍ସପ୍ରେସ', 'କ୍ରାକ୍' ଏବଂ 'ମଟକା' ରହିଛି। ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ରୋର୍ : ଟାଇଗର୍ସ ଅଫ୍ ସୁନ୍ଦରବନ୍‌ସ'ରୁ। ତାଙ୍କ ଅଭିନୀତ ଶେଷ ଫିଲ୍ମଟି ହେଉଛି 'ଆକ୍ସନ ହିରୋ' ଯେଉଁଥିରେ ସେ ଏକ ଗୀତରେ ନାଚୁଥିବାର ଦେଖିବାକୁ ମିଳିଥିଲା।



ଜାହ୍ନବୀ

# ଜୁନିୟର ଏନ୍‌ଟିଆର୍‌ଙ୍କ ପ୍ରଶଂସାରେ ଜାହ୍ନବୀ

ଜାହ୍ନବୀ କପୁରଙ୍କ ମୁହଁରେ ଏବେ କେବଳ ଅନ୍ୟତମ ଲୋକପ୍ରିୟ ଅଭିନେତା ଜୁନିୟର ଏନ୍‌ଟିଆର୍‌ଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏହାର କାରଣ କ'ଣ ଜାଣନ୍ତି ? ଏହି ଯୋଡି ନିର୍ମାଣାଧୀନ ତେଲୁଗୁ ସିନେମା 'ଦେବାରା–୧'ରେ ଅଭିନୟ କରୁଛନ୍ତି। ଜୁନିୟର ଏନ୍‌ଟିଆର୍ ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏ ନେଇ ଜାହ୍ନବୀ କହନ୍ତି, 'ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ ମୁଁ କିଛି ଚିନ୍ତା ନ କରି ରାଜି ହୋଇଯାଇଥିଲି। କାରଣ ଏହାର କାହାଣୀ ମୋତେ ଏତେ ଇମ୍ପ୍ରେଶ କରିଥିଲା ଯେ, ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ଏହା ବ୍ୟତୀତ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି କୋରାଟାଲା ଶିବା। ସେ ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି। ଜୁନିୟର ଏନ୍‌ଟିଆର୍ ଏବଂ ଜାହ୍ନବୀଙ୍କ ବ୍ୟତୀତ ଏଥିରେ ସୈଫ ଅଲ୍ଲୀ ଖାଁ, ପ୍ରକାଶ ରାଜ, ଶ୍ରୀକାନ୍ତ, ମୁରଲୀ ଶର୍ମାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୫ରେ ପରଦା ଉପରକୁ ଆସିବ।

# ନୂଆ ଯୋଜନା

ଦିଶା ପଟାନିଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ସେ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଦିଶା କହନ୍ତି, 'କୋଭିଡ୍ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ଫିଲ୍ମ ଦେଖିଥିଲି। ବିଶେଷଭାବରେ ହଲିଉଡ୍‌ର ଆକ୍ସନଭିତ୍ତିକ ସିନେମା ମୋତେ ବେଶ୍ ପ୍ରଭାବିତ କରିଛି। ଅନ୍ୟପକ୍ଷରେ ଅକ୍ଷୟ କୁମାରଙ୍କ ଆକ୍ସନଭିତ୍ତିକ ସିନେମା ମୋତେ ମଧ୍ୟ ବେଶ୍ ପ୍ରେରଣା ଯୋଗାଇଛି। ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ମଧ୍ୟ ଦୁର୍ବଳତା ଥିଲା। ଆଉ ଏବେ ଯଦି ସେପରି ଭୂମିକା ମିଳେ ତେବେ ମୋର ଦୀର୍ଘ ଦିନର ଆଶା ପୂରଣ ହେବ। ତେବେ ଦିଶାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ବାକି ରହିଲା। ଦିଶାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଲୋଫର'ରୁ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଏମ.ଏସ.ଧୋନି: ଦ ଅନଟୋଲ୍ଡ ଷ୍ଟୋରି'।



ଦିଶା



ନୋରା

# ଖୋଜିବା ଚିଜ ମିଳିଗଲା

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ନିଜ ବଡ଼ ପରଦା କ୍ୟାରିୟରରେ ସେ ଯେଉଁଭଳି ଭୂମିକାଟିଏ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ହଁ, ସେ ହେଲେ ସମ୍ବିତ ଆଉ ସିନେମାଟି ହେଲା 'ହେ ରାମ: କର୍ମ ହିଁ ଭଗବାନ୍'। ଏହାର ପ୍ରଯୋଜନା କରିଛନ୍ତି ବିଜୟ କାଣ୍ଡୋଇ। ବିଦିଶା କ୍ରାଫ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମଟିକୁ ନେଇ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି ସେ। ଏଥିରେ ଦର୍ଶକ ତାଙ୍କୁ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବାସୁଦେବ ବାରାଦ। ଏ ସମ୍ପର୍କରେ ସମ୍ବିତ କହନ୍ତି, 'ଏହି ଫିଲ୍ମଟି ମୋ ପାଇଁ ବେଶ୍ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି। ମୋ ଅଭିନୀତ ସିନେମାଗୁଡିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ଧର୍ମାନ୍ତରୀକରଣକୁ ନେଇ ଏହାର କାହାଣୀ ଗତିଶୀଳ।' ଏଥିରେ ଆଲୀନ ଅଙ୍କିତା, ପପି ସନ୍ତୁକା, ଗୁଡ୍ଡୁ, ଜଗନ୍ନାଥ ସେଠ ଓ ଗୋପାଳ ପ୍ରକାଶ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।



ସମ୍ବିତ

ନୂଆ ସିନେମା

# ବାଉଁଶ ରାଣୀ

ଦିନ ଥିଲା ବାଉଁଶରାଣୀ ଖେଳ ଗାଁ ଗହଳିରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା। ଏହାକୁ ପେସା କରି କେତେଜଣ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସେହିଭଳି ଏକ ଶୀର୍ଷକ 'ବାଉଁଶ ରାଣୀ'କୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା। ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବିଗତ ଦିନର ଅଭିନେତା ମନୁ ଦ୍ୱିବେଦୀ। ପୂର୍ବରୁ ସେ ଓଡ଼ିଆ ଚିତ୍ର 'ଦାଦାଗିରି'ରେ ନାୟକ ଭୂମିକାରେ ଅଭିନୟ କରିଥିଲେ। ମନୁ ଦ୍ୱିବେଦୀ ଫିଲ୍ମ ବ୍ୟାନରରେ ଏହାର ନିର୍ମାଣ କରାଯାଇଛି। ଚିତ୍ରଟିର ଅନ୍ୟତମ ପ୍ରଯୋଜକ ଅଛନ୍ତି ଅନୁପ ଦ୍ୱିବେଦୀ। ଏହାର କାହାଣୀ ମଧ୍ୟ ରଚନା କରିଛନ୍ତି ମନୁ, ଯାହାକୁ ଆଧାର କରି ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ବରାଳ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଶାନ୍ତନୁ ନାୟକ। ସରୋଜ କାନ୍ତଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ବିଶ୍ୱରୂପ, ବୁଲବୁଲି, ବିଦୁସ୍ମିତା, ରାନୁ ପାଢ଼ୀ, କାଳୀଚରଣ ଏବଂ ଶିଶୁ କଳାକାର ବିଶ୍ୱନବି। ଖାସ୍ କଥା ହେଲା, ଏଥିରେ ଏକ ସ୍ୱତନ୍ତ୍ର ଭୂମିକାରେ ଦେଖାଦେବେ ମନୁ। ଫିଲ୍ମଟିର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି।



ମନୁ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୪/୨୦୨୩ Bhubaneswar, Thursday, December 14/ 2023

# ଜଗରନଟ୍ସ-ୱାରିୟର୍ସ ଉଦ୍‌ଘାଟନୀ ମ୍ୟାଚ୍

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ହେବାକୁ ଯାଉଥିବା ଅଲ୍‌ଟିମେଟ୍ ଖୋ ଖୋ (ୟୁକେକେ) ସିଜନ-୨ର କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ତଦନୁସାରେ ଚଳିତ ମାସ ୨୪ ତାରିଖରେ ଗତଥରର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୨୦୨୪ ଜାନୁୟାରୀ ୧୩ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ପ୍ରଥମ ଦିବସର ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ

**ଅଲ୍‌ଟିମେଟ ଖୋ ଖୋ**




ଖିଲାଡିଜ୍‌କୁ ଭେଟିବ ଗତ ସଂସ୍କରଣର ରନରଅପ୍ ତେଲଗୁ ଯୋଦ୍ଧାସ। ଜାନୁୟାରୀ ୯ରେ ଲିଗ୍ ପର୍ଯ୍ୟାୟ ଶେଷ ହେବ। ଏହା ମଧ୍ୟରେ ପ୍ରତି ଦଳ ପରସ୍ପରକୁ ୨ ଥର ଲେଖାଏ ଭେଟିବେ।

ସ୍ୱଦେଶୀ କ୍ରୀଡା ଖୋ ଖୋକୁ ପୁନର୍ଜୀବିତ ଓ ପ୍ରୋତ୍ସାହିତ କରିବା ପାଇଁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ଅମିତ ବର୍ମନଙ୍କ ଦ୍ୱାରା ପ୍ରୋତ୍ସାହିତ ୟୁକେକେ ଅଧିକ ଯୋଜନାବଦ୍ଧଭାବେ ଆୟୋଜନ ହେବାକୁ ଯାଉଛି। ବିଶେଷ କରି ପ୍ରଥମ ସଂସ୍କରଣର ସଫଳତା ଆୟୋଜକଙ୍କୁ ଅଧିକ ଉତ୍ସାହିତ କରିଛି। ୟୁକେ ଭିତ୍ତିକ ବିଏନ୍‌ବି ଗ୍ରୁପ୍ ସ୍ୱଦେଶୀ ବିକାଶର କାହାଣୀକୁ ସୁଦୃଢ କରିବା ପାଇଁ ଅଲ୍ଟିମେଟ ଖୋ ଖୋରେ ନିବେଶ କରିଛି। ଅଲ୍ଟିମେଟ ଖୋ ଖୋ ସିଜନ-୨ରେ ଭାରତର ଶୀର୍ଷ ୧୪୫ ଖେଳାଳି ସାମିଲ ହୋଇଛନ୍ତି। ୬ଟି ଫ୍ରାଞ୍ଚାଇଜ୍ ଦଳ ଡିଫେଣ୍ଡିଂ ଚାମ୍ପିଅନ ଓଡିଶା ଜଗରନଟ୍ସ (ଓଡ଼ିଶା ସରକାରଙ୍କ ମାଲିକାନା), ଚେନ୍ନାଇ କୁଇକ୍ ଗନ୍‌ସ (କେଏଲ୍‌ଓ ସ୍ପୋର୍ଟ୍ସ), ଗୁଜରାଟ ଜାଏଣ୍ଟ୍ସ (ଅଦାନି ସ୍ପୋର୍ଟ୍ସଲାଇନ୍), ମୁମ୍ବାଇ ଖିଲାଡିଜ୍ (ଜାହ୍ନବୀ ଧରିୱାଲ ବାଲାନ, ପୁନିତ ବାଲାନ ଓ ବାଦଶାହ), ରାଜସ୍ଥାନ ୱାରିୟର୍ସ (କାପ୍ରି ଗ୍ଲୋବାଲ ଗ୍ରୁପ୍) ଓ ତେଲୁଗୁ ଯୋଦ୍ଧାସ (ଜିଏମ୍‌ଆର୍ ସ୍ପୋର୍ଟ୍ସ) ୨ୟ ସିଜନରେ ଟାଇଟଲ ପାଇଁ ଲଢେଇ କରିବେ। ଲିଗ୍‌ର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏହା ଜାନୁୟାରୀ ୧୧ରେ ଅନୁଷ୍ଠିତ ହେବ। ମେଗା ଫାଇନାଲ ଜାନୁୟାରୀ ୧୩ରେ ଅନୁଷ୍ଠିତ ହେବ। '' ଅଲ୍‌ଟିମେଟ ଖୋ ଖୋ ସିଜନ-୨ର ଆରମ୍ଭକୁ ନେଇ ଆମେ ଉତ୍କଣ୍ଠାରେ ଅଛୁ। ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ, ନୂଆ ପ୍ରତିଭାଙ୍କ ସମାଗମ ଏବଂ ଦର୍ଶକଙ୍କ ଉପସ୍ଥିତିରେ ଆମେ ଏଥର ପ୍ରତିଯୋଗିତାକୁ ଅଧିକ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛୁ। ଏଥିରେ ଖେଳାଳିମାନେ ନିଜର ଦକ୍ଷତା ଏବଂ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ। ଭାରତରେ ସ୍ପୋର୍ଟ୍ସ ଇକୋସିଷ୍ଟମ ବିକାଶରେ ଏହା ନିଶ୍ଚିତ ସହାୟକ ହେବ'' ବୋଲି ଅଲ୍‌ଟିମେଟ ଖୋ ଖୋର ନିର୍ଦ୍ଦେଶକ ତଥା ସିଓଓ ବିଶାଲ ଶର୍ମା ପ୍ରକାଶ କରିଛନ୍ତି। ମ୍ୟାଚ ଗୁଡ଼ିକ ସୋନି ସ୍ପୋର୍ଟ୍ସ ନେଟୱର୍କ ଚ୍ୟାନେଲରେ ସନ୍ଧ୍ୟା ୭ଟାରୁ ପ୍ରସାରିତ ହେବ। ପ୍ରକାଶ ଯୋଗ୍ୟ ଯେ, ଗତବର୍ଷ ଏହାର ପ୍ରଥମ ସଂସ୍କରଣ ପୁଣେର ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

## ନୀତା ଏଫ୍ଏ, ଓଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା):** କଟକର ବିଡାନାସୀ ଗ୍ରାଉଣ୍ଡରେ ଚାଲିଥିବା ଫାଓ ୟୁଥ୍ ଲିଗ୍‌ରେ ବିଜୟୀ ହୋଇଛନ୍ତି ନୀତା ଏଫ୍ଏ ଓ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ୧୩ ବର୍ଷରୁ କମ୍ ବୟସ ବର୍ଗ ମ୍ୟାଚ୍‌ରେ ନୀତା ଏଫ୍ଏ ୬-୦ ଗୋଲରେ ଚାନ୍ଦ କ୍ଲବକୁ ପରାସ୍ତ କରିଥିବା ବେଳେ ୧୫ ବର୍ଷରୁ କମ୍ ବୟସ ବର୍ଗ ମ୍ୟାଚ୍‌ରେ ଓଏଫ୍‌ସି ୪-୦ ଗୋଲରେ କିଶୋର କ୍ଲବକୁ ହରାଇଛି। ପ୍ରଥମ ମ୍ୟାଚ୍‌ରେ ନୀତା ଏଫ୍ଏ ପକ୍ଷରୁ ଅମନ ଟପ୍ପୋ(୧୪, ୨୪) ଡବଲ୍ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ସୋଲେ(୨୦), ମୃତ୍ୟୁଞ୍ଜୟ ସିଂ ଗୁରୁଙ୍ଗ(୧୦), ସଞ୍ଜୀପ ନାଏକ(୪୯) ଓ ଦୀପକ କୁମାର ସିଂ ୪୫ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଏଫ୍‌ସି ଗଣେଶ ମାଝିଙ୍କ ହ୍ୟାଟ୍ରିକ୍ ବଳରେ ୪-୦ରେ ବିଜୟୀ ହୋଇଥିଲା। ଗଣେଶ ମ୍ୟାଚର ୩୯, ୪୮ ଓ ୫୯ ମିନିଟରେ ୩ଟି ଓ ଅଂଶୁ କୁମାର ବାରିକ ୨୩ ମିନିଟରେ ଗୋଲ ଦେଇଥିଲେ।




ନୂଆଦିଲ୍ଲୀରେ ଚାଲିଥିବା ଖେଲୋ ଇଣ୍ଡିଆ ପାରା ଗେମ୍ସର ଶକ୍ତି ଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି ଓଡ଼ିଶାର ଗଦାଧର ସାହୁ। ସେ ୫୯ କେଜି ବର୍ଗରେ ୧୪୦ କେଜି ଉତ୍ତୋଳନ କରି ପ୍ରଥମସ୍ଥାନ ଅଧିକାର କରିଥିଲେ। ଗେମ୍ସରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ପାଇଛି।

## ହଲ୍ ଅଫ୍ ଫେମ୍‌ରେ ପେସ୍, ଅମ୍ରିତରାଜ

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.)**

ଦୁଇ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଓ ବିଜୟ ଅମ୍ରିତରାଜଙ୍କୁ ଇଣ୍ଟରନ୍ୟାଶନାଲ ଟେନିସ୍‌ର ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଉଭୟ ପ୍ରଥମ ଏସୀୟ ପୁରୁଷ ଖେଳାଳି ଭାବେ ଏହି ତାଲିକାରେ ସାମିଲ ହୋଇଛନ୍ତି। ଏହି ଦୁଇ ଜଣଙ୍କ ବ୍ୟତୀତ ବରିଷ୍ଠ ସାମ୍ବାଦିକ ରିଚାର୍ଡ ଏଭାନ୍ସଙ୍କୁ ମଧ୍ୟ ଟେନିସ୍‌ର ଅଲ୍ଟିମେଟ୍ ଅନର ପାଇଁ ମନୋନୀତ କରାଯାଇଛି। ଡବଲ୍ସରେ ପୂର୍ବତନ ବିଶ୍ୱର ଏକ ନମ୍ବର ତଥା ୧୮ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ପେସ୍‌ଙ୍କୁ ଖେଳାଳି ଭାବରେ ସାମିଲ କରାଯାଇଥିବା ବେଳେ ଅମ୍ରିତରାଜଙ୍କୁ କ୍ରୀଡା ପ୍ରତି ଥିବା ଅବଦାନ ପାଇଁ ମନୋନୀତ କରାଯାଇଛି। ୨୭ ରାଷ୍ଟ୍ରର ୨୬୪ ଖେଳାଳି ଏହି ଏଲିଟ୍ ତାଲିକାରେ ସାମିଲ ଥିବାବେଳେ ୨୮ତମ ରାଷ୍ଟ୍ର ଭାବେ ଭାରତ ଏହି ତାଲିକାରେ ସାମିଲ ହୋଇଛି।

ଦୀର୍ଘ ୩୦ ବର୍ଷ ଧରି ଦେଶ ପାଇଁ ପ୍ରତିନିଧିତ୍ୱ କରିବା ପରେ ଏହି ସମ୍ମାନ ମୋ ପାଇଁ ବେଶ୍ ସ୍ୱତନ୍ତ୍ର। ଏହା କେବଳ ମୋ ପାଇଁ ନୁହେଁ ବରଂ କୋଟି କୋଟି ଭାରତୀୟଙ୍କ ପାଇଁ ସମ୍ମାନର ବିଷୟ ବୋଲି ପେସ୍ କହିଛନ୍ତି। ଜୀବନବ୍ୟାପୀ ସଂଘର୍ଷ ପାଇଁ ଏହା ପୁରସ୍କାର ବୋଲି ପେସ୍ କହିଛନ୍ତି। ଏହା ଏସିଆ ମହାଦେଶର ଅନ୍ୟ ଯୁବ ଖେଳାଳିମାନଙ୍କୁ ଟେନିସ୍‌ରେ କ୍ୟାରିୟର କରିବା ପାଇଁ ଆଗ୍ରହୀ କରିବ ବୋଲି ସେ କହିଛନ୍ତି। ୩୦ ବର୍ଷର ଲମ୍ବା କ୍ୟାରିୟରରେ ବିଶ୍ୱ ର୍‍ୟାଙ୍କିଂରେ ସେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ସମୁଦାୟ ୧୮ ଗ୍ରାଣ୍ଡ ସ୍ଲାମ ହାସଲ କରିଥିଲେ। ଏହା ମଧ୍ୟରେ ଡବଲ୍ସରେ ୮ ଓ ସିଙ୍ଗଲ୍ସରେ ୧୦ ଟାଇଟଲ୍ ସାମିଲ ରହିଛି। ବିଶ୍ୱର ମାତ୍ର ୩ ଜଣ ଖେଳାଳି କ୍ୟାରିୟର ଗ୍ରାଣ୍ଡ ସ୍ଲାମ ହାସଲ କରିଥିବା ବେଳେ ପେସ୍ ଏହା ମଧ୍ୟରେ ଅନ୍ୟତମ। ମାର୍ଟିନା ନାଭ୍ରାତିଲୋଭାଙ୍କ ସହିତ ସର୍ବାଧିକ ମିକ୍ସଡ ଡବଲ୍ସ ଟାଇଟଲର ରେକର୍ଡ ପାଇଁ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ବେଳେ ଓପନ ଏରାରେ କେବଳ ସେ ଓ ମାର୍ଟିନା ହିଙ୍ଗିସ୍ କ୍ୟାରିୟର ସ୍ଲାମ୍ ପୂରଣ କରିଛନ୍ତି। ପେସ୍ ଦୀର୍ଘ ୪୬୨ ସପ୍ତାହ ଟପ୍ ଟେନ୍ ମଧ୍ୟରେ ରହିଥିବା ବେଳେ ୩୭ ସପ୍ତାହ ଧରି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଏହା ମଧ୍ୟରେ ସେ ୫୫ଟି ଡବଲ୍ସ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଡେଭିସ୍ କପ୍‌ରେ ୪୫ଟି ଡବଲ୍ସ ମ୍ୟାଚ୍ ବିଜୟର ରେକର୍ଡ ନିଜ ନାମରେ ରଖିଥିବା ବେଳେ କ୍ରମାଗତ ୭ଟି ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ଏପରିକି ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସର ସିଙ୍ଗଲ୍ସ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଆଇଟିଏଚ୍‌ଏଫ୍‌ର ସଭାପତି କିମ୍ କ୍ଲାଇଷ୍ଟର୍ସ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ଲିଆଣ୍ଡର ପେସ୍, ବିଜୟ ଅମ୍ରିତରାଜ ଓ ରିଚାର୍ଡ ଏଭାନ୍ସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଲିଆଣ୍ଡର ପେସ୍



ବିଜୟ ଅମ୍ରିତରାଜ

## ଖେଳରତ୍ନ ପାଇଁ ସାତ୍ତ୍ୱିକ, ଚିରାଗଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.)**

ଚଳିତ ବର୍ଷର ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ପୁରସ୍କାର ପାଇଁ ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ନାମ

**ଶାମି ପାଇବେ ଅର୍ଜୁନ ପୁରସ୍କାର**



ସୁପାରିସ କରାଯାଇଛି। ସେହିପରି ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ତାଲିକାରେ ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ସାମିଲ କରାଯାଇଛି। ପୂର୍ବରୁ ଶାମିଙ୍କ ନାମ ନ ଥିଲା, ମାତ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସ୍ୱତନ୍ତ୍ର ଅନୁରୋଧ ପରିପ୍ରେକ୍ଷୀରେ ଏହି ଦ୍ରୁତ ବୋଲରଙ୍କ ନାମ ସୁପାରିସ କରାଯାଇଛି। ଗତ ଦିନିକିଆ କ୍ରିକେଟ ବିଶ୍ୱକପରେ ଶାମି ଚମତ୍କାର ବୋଲିଂ କରି ୨୪ଟି ଉଇକେଟ ଅକ୍ତିଆର କରିଥିଲେ। ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଭାରତ ରନରଅପ୍ ହୋଇଥିଲା।

**ଖେଳରତ୍ନ ପୁରସ୍କାର:** ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି (ବ୍ୟାଡମିଣ୍ଟନ)।

**ଅର୍ଜୁନ ପୁରସ୍କାର:** ମହମ୍ମଦ ଶାମି (କ୍ରିକେଟ), ଅଜୟ ରେଡ୍ଡୀ (ଦୃଷ୍ଟିବାଧିତ କ୍ରିକେଟ), ଓଜସ ପ୍ରବୀଣ ଦେଓତାଲେ (ଆର୍ଚେରୀ), ଶୀତଲ ଦେବୀ (ପାରା ଆର୍ଚେରୀ), ପାରୁଲ ଚୌଧାରୀ ଓ ମୁରଲୀ ଶ୍ରୀଶଙ୍କର (ଆଥଲେଟିକ୍ସ), ମହମ୍ମଦ ହୁସାମୁଦ୍ଦିନ (ବକ୍ସିଂ), ଆର. ବୈଶାଳୀ (ଚେସ୍), ଦିବ୍ୟକୀର୍ତ୍ତି ସିଂ ଓ ଅନୁଷ ଅଗ୍ରୱାଲା (ଇକ୍ୱେଷ୍ଟ୍ରିଆନ୍), ଦୀକ୍ଷା ଡଗର (ଗଲ୍ଫ), କ୍ରିଷନ୍ ବାହାଦୁର ପାଠକ ଓ ସୁଶୀଳା ଚାନୁ (ହକି), ପିଙ୍କି (ଲନ୍ ବଲ୍), ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମର (ଶୁଟିଂ), ଅନ୍ତିମ ପଙ୍ଘାଲ (କୁସ୍ତି), ଆହିକା ମୁଖାର୍ଜୀ (ଟେବୁଲ ଟେନିସ୍), ନାଓରେମ ରୋଶିବିନା ଦେବୀ (ଉଶୁ)।

**ଧ୍ୟାନଚାନ୍ଦ ଲାଇଫ ଟାଇମ ଆୱାର୍ଡ:** କବିତା (କବାଡ୍ଡି), ମଞ୍ଜୁଷା କନୱର (ବ୍ୟାଡମିଣ୍ଟନ), ବୀନିତ କୁମାର ଶର୍ମା (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର:** ଗଣେଷ ପ୍ରଭାକରନ (ମାଲଖମ୍ବ), ମହାବୀର ସିଂ (ପାରା ଆଥଲେଟିକ୍ସ), ଲଳିତ କୁମାର (କୁସ୍ତି), ଆର. ବି. ରମେଶ(ଚେସ୍), ଶିବେନ୍ଦ୍ର ସିଂ(ହକି)।

## ଅଲ୍‌ଟିମେଟ ଖୋ ଖୋ କାର୍ଯ୍ୟସୂଚୀ

### ଅଂଶଗ୍ରହଣକାରୀ ଦଳ

**ଓଡିଶା ଜଗରନଟ୍ସ, ଚେନ୍ନାଇ କୁଇକ୍ ଗନ୍‌ସ, ଗୁଜରାଟ ଜାଏଣ୍ଟ୍ସ, ମୁମ୍ବାଇ ଖିଲାଡିଜ୍, ରାଜସ୍ଥାନ ୱାରିୟର୍ସ, ତେଲୁଗୁ ଯୋଦ୍ଧାସ**

| ତାରିଖ | ମ୍ୟାଚ |
|---|---|
| ଡିସେମ୍ବର ୨୪ | ଓଡିଶା ଜଗରନଟ୍ସ ବନାମ ରାଜସ୍ଥାନ ୱାରିୟର୍ସ |
| | ତେଲୁଗୁ ଯୋଦ୍ଧାସ ବନାମ ମୁମ୍ବାଇ ଖିଲାଡିଜ୍ |
| ଡିସେମ୍ବର ୨୫ | ରାଜସ୍ଥାନ ୱାରିୟର୍ସ ବନାମ ଗୁଜରାଟ ଜାଏଣ୍ଟ୍ସ |
| | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ତେଲୁଗୁ ଯୋଦ୍ଧାସ |
| ଡିସେମ୍ବର ୨୬ | ଗୁଜରାଟ ଜାଏଣ୍ଟ୍ସ ବନାମ ମୁମ୍ବାଇ ଖିଲାଡିଜ |
| | ଓଡିଶା ଜଗରନଟ୍ସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| ଡିସେମ୍ବର ୨୭ | ତେଲୁଗୁ ଯୋଦ୍ଧାସ ବନାମ ରାଜସ୍ଥାନ ୱାରିୟର୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଓଡିଶା ଜଗରନଟ୍ସ |
| ଡିସେମ୍ବର ୨୯ | ରାଜସ୍ଥାନ ୱାରିୟର୍ସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| | ଗୁଜରାଟ ଜାଏଣ୍ଟ୍ସ ବନାମ ତେଲୁଗୁ ଯୋଦ୍ଧାସ |
| ଡିସେମ୍ବର ୩୦ | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ମୁମ୍ବାଇ ଖିଲାଡିଜ |
| | ଓଡିଶା ଜଗରନଟ୍ସ ବନାମ ଗୁଜରାଟ ଜାଏଣ୍ଟ୍ସ |
| ଡିସେମ୍ବର ୩୧ | ତେଲୁଗୁ ଯୋଦ୍ଧାସ ବନାମ ଓଡିଶା ଜଗରନଟ୍ସ |
| | ରାଜସ୍ଥାନ ୱାରିୟର୍ସ ବନାମ ମୁମ୍ବାଇ ଖିଲାଡିଜ |
| ଜାନୁୟାରୀ ୧ | ଗୁଜରାଟ ଜାଏଣ୍ଟ୍ସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| | ରାଜସ୍ଥାନ ୱାରିୟର୍ସ ବନାମ ତେଲୁଗୁ ଯୋଦ୍ଧାସ |
| ଜାନୁୟାରୀ ୨ | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ଓଡିଶା ଜଗରନଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଗୁଜରାଟ ଜାଏଣ୍ଟ୍ସ |
| ଜାନୁୟାରୀ ୩ | ମୁମ୍ବାଇ ଖିଲାଡିଜ୍ ବନାମ ତେଲୁଗୁ ଯୋଦ୍ଧାସ |
| | ରାଜସ୍ଥାନ ୱାରିୟର୍ସ ବନାମ ଓଡିଶା ଜଗରନଟ୍ସ |
| ଜାନୁୟାରୀ ୫ | ତେଲୁଗୁ ଯୋଦ୍ଧାସ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| | ଗୁଜରାଟ ଜାଏଣ୍ଟ୍ସ ବନାମ ରାଜସ୍ଥାନ ୱାରିୟର୍ସ |
| ଜାନୁୟାରୀ ୬ | ଗୁଜରାଟ ଜାଏଣ୍ଟ୍ସ ବନାମ ଓଡିଶା ଜଗରନଟ୍ସ |
| | ମୁମ୍ବାଇ ଖିଲାଡିଜ୍ ବନାମ ଚେନ୍ନାଇ କୁଇକ୍ ଗନ୍‌ସ |
| ଜାନୁୟାରୀ ୭ | ମୁମ୍ବାଇ ଖିଲାଡିଜ୍ ବନାମ ରାଜସ୍ଥାନ ୱାରିୟର୍ସ |
| | ଓଡିଶା ଜଗରନଟ୍ସ ବନାମ ତେଲୁଗୁ ଯୋଦ୍ଧାସ |
| ଜାନୁୟାରୀ ୮ | ତେଲୁଗୁ ଯୋଦ୍ଧାସ ବନାମ ଗୁଜରାଟ ଜାଏଣ୍ଟ୍ସ |
| | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ରାଜସ୍ଥାନ ୱାରିୟର୍ସ |
| ଜାନୁୟାରୀ ୯ | ଓଡିଶା ଜଗରନଟ୍ସ ବନାମ ମୁମ୍ବାଇ ଖିଲାଡିଜ୍ |
| | ଚେନ୍ନାଇ କୁଇକ୍ ଗନ୍‌ସ ବନାମ ଗୁଜରାଟ ଜାଏଣ୍ଟ୍ସ |
| ଜାନୁୟାରୀ ୧୧ | ପ୍ରଥମ ସେମିଫାଇନାଲ |
| | ଦ୍ୱିତୀୟ ସେମିଫାଇନାଲ |
| ଜାନୁୟାରୀ ୧୩ | ତୃତୀୟ ସ୍ଥାନପାଇଁ ମ୍ୟାଚ |

**ଫାଇନାଲ**

**(ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, କଟକ। ପ୍ରତି ଦିବସର ପ୍ରଥମ ମ୍ୟାଚ ସନ୍ଧ୍ୟା ୭ଟାରୁ ଆରମ୍ଭ। ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ)।**




ନେପାଳର ବିନିତାଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

## ତୃତୀୟ ଟି୨୦ରେ ଭାରତ ପରାସ୍ତ

**ଭୁବନେଶ୍ୱର, ୧୩।୧୨ (ତପନ ସ୍ୱାଇଁ):** ମୁମ୍ବାଇରେ ଚାଲିଥିବା ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ସିରିଜର ବୁଧବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭାରତ ୧୦ ଉଇକେଟରେ ନେପାଳଠାରୁ ହାରିଯାଇଛି। ଫଳରେ ଏହି ଦ୍ୱିପାକ୍ଷିକ ସିରିଜରେ ଭାରତ ଏବେ

**ଦୃଷ୍ଟିବାଧିତ ମହିଳା କ୍ରିକେଟ**

୨-୧ରେ ଅଗ୍ରଣୀ ରହିଛି। ପୋଲିସ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୧୭୪ ରନ କରିଥିଲା। ଦଳ ପକ୍ଷରୁ ସିମୁ ଦାସ ୮୪ ରନକରି ଅପରାଜିତ ରହିଥିଲେ। ଓଡ଼ିଶାର ଫୁଲ ସୋରେନଙ୍କ ସମେତ ଭାରତର ୪ ଜଣ ଯାକ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ଜବାବରେ ନେପାଳ କୌଣସି ଉଇକେଟ ନ ହରାଇ ୧୯.୧ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିନିତା ୭୮ ଓ ମୀନାକ୍ଷୀ ୭୫ ରନକରି ଅପରାଜିତ ରହିଥିଲେ। ଏ ଦୁଇଜଣଙ୍କ ଉପରେ ଭାରତୀୟ ବୋଲର କୌଣସି ପ୍ରଭାବ ପକାଇପାରି ନ ଥିଲେ। ବିନିତା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



## ଜନ୍ମଦିନ ବିଶେଷାଙ୍କ

## ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ: ୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର, ଖୋର୍ଦ୍ଧା, ପୁରୀ):**
ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:** ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:** ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:** ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:** ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:** ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ: ୦୬୭୪-୨୫୮୦୧୦୧, ୨୫୪୯୩୦୨**


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ